ଧରିତ୍ରୀ
DHARITRI
Digital Edition

Digital Edition | Monday, July 15 / 2024 | www.orissakhabar.com / www.dharitri.com



ଧରିତ୍ରୀ 50 Years

# ଧରିତ୍ରୀ DHARITRI

ଭୁବନେଶ୍ୱର, ସୋମବାର, ଜୁଲାଇ ୧୫/୨୦୨୪ (୧୬ ପୃଷ୍ଠା) | Bhubaneswar, Monday, July 15/2024 | Page 16 | ₹ 7.00 | DHENKANAL

୫୦ଶ ଭାଗ ୨୩୧ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 50 ISSUE 231 | ମୂଲ୍ୟ ₹୭/-




**ଟାଇଟଲ ବଜାୟ ରଖିଲେ ଅଲ୍‌କରାଜ**

ୱିମ୍ବଲଡନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସ ଟାଇଟଲ ବଜାୟ ରଖିଛନ୍ତି ସ୍ପେନର କାର୍ଲୋସ ଅଲ୍‌କାରାଜ।

୧୨

୧୧

**ୱିମ୍ବଲଡନ୍ ଫାଇନାଲ ଦେଖିଲେ କେଟ୍ ମିଡିଲଟନ୍**

ପ୍ରିନ୍ସେସ୍ ଅଫ୍ ୱେଲ୍ସ କେଟ୍ ମିଡିଲଟନ୍ କ୍ୟାନ୍ସରରୁ ଆରୋଗ୍ୟ ହେଉଥିବାବେଳେ ରବିବାର ୱିମ୍ବଲଡନ୍ ପୁରୁଷ ଫାଇନାଲ୍ ମ୍ୟାଚ୍ ଦେଖିବାକୁ ଆସିଥିଲେ।



# ତାଲା ଭାଙ୍ଗି ଖୋଲାଗଲା ରତ୍ନଭଣ୍ଡାର

**ପୁରୀ, ୧୪।୭ (ଅଜିତ୍ କୁମାର ମହାନ୍ତି)**

ଦୀର୍ଘ ୪୬ବର୍ଷ ପ୍ରତୀକ୍ଷାର ଅନ୍ତ ଘଟିଛି। ରବିବାର ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲିଛି। ରାଜ୍ୟ ସରକାରଙ୍କ ମଞ୍ଜୁରୀ ପରେ ଜାରି ହୋଇଥିବା ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡ୍ୟୁରର (ଏସ୍‌ଓପି) ଅନୁଯାୟୀ ରତ୍ନଭଣ୍ଡାର ଖୋଲାଯାଇଛି। ପ୍ରଥମ ଦିନରେ ବାହାର ରତ୍ନଭଣ୍ଡାର ଖୋଲାଯାଇ ଅଳଙ୍କାରଗୁଡ଼ିକୁ ଷ୍ଟ୍ରଙ୍ଗ୍‌ରୁମ୍‌କୁ ସ୍ଥାନାନ୍ତର କରାଯାଇଛି। ତେବେ ଟ୍ରେଜେରିରେ ରହିଥିବା ଚାବିରେ ତାଲାଗୁଡ଼ିକ ନ ଖୋଲିବାରୁ କଟର ମେଶିନ ଦ୍ୱାରା କଟାଯାଇଥିଲା। ଏହାପରେ ରତ୍ନଭଣ୍ଡାର ଖୋଲି ୧୧ ଜଣିଆ ଟିମ୍ ଭିତରକୁ ପ୍ରବେଶ କରିଥିଲେ। ତେବେ ଭିତର ରତ୍ନଭଣ୍ଡାର ତାଲା କଟାଯାଇଥିବାବେଳେ ସମୟ ଅଭାବରୁ ଭିତରକୁ କେହି ପ୍ରବେଶ ନ କରି ଫେରିଆସିଥିଲେ। ଭିତର ରତ୍ନ ଭଣ୍ଡାରରେ ପ୍ରବେଶ ପାଇଁ ପରେ ଦିନ ଧାର୍ଯ୍ୟ କରାଯିବ ବୋଲି ରତ୍ନଭଣ୍ଡାର ତଦାରଖ କମିଟି ପକ୍ଷରୁ ସୂଚନା ଦିଆଯାଇଛି।

ରବିବାର ରତ୍ନଭଣ୍ଡାରରେ ପ୍ରବେଶ ପୂର୍ବରୁ ପୂର୍ବାହ୍ନରେ ରତ୍ନଭଣ୍ଡାର ତଦାରଖ କମିଟି ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ, ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏବଂ ଅନ୍ୟମାନେ ଶ୍ରୀଗୁଣ୍ଡିଚା ମନ୍ଦିର ଯାଇ ମହାପ୍ରଭୁଙ୍କ ଶରଣାପନ୍ନ ହୋଇଥିଲେ। ମା' ମହଲକ୍ଷ୍ମୀ, ବିମଳାଙ୍କ ସମେତ ରତ୍ନଭଣ୍ଡାର ରକ୍ଷକ ଶ୍ରୀଲୋକନାଥଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇଥିଲା। ଶ୍ରୀଲୋକନାଥଙ୍କ ସେବାୟତମାନେ ଆଜ୍ଞାମାଳ ନେଇ ଶ୍ରୀମନ୍ଦିରକୁ ଆସିଥିଲେ। ପରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ କମିଟି ଅଧ୍ୟକ୍ଷ ଜଷ୍ଟିସ୍ ରଥଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଅପରାହ୍ନ ୧ଟା ୨୮କୁ ଶୁଭ ସମୟ ନିର୍ଦ୍ଧାରଣ କରାଯାଇଥିଲା। ମଧ୍ୟାହ୍ନ ପ୍ରାୟ ୧୨ଟାରେ ୧୧ ଜଣିଆ କମିଟି ରତ୍ନଭଣ୍ଡାର ଖୋଲିବା ପାଇଁ ଶ୍ରୀମନ୍ଦିରକୁ ପ୍ରବେଶ କରିଥିଲେ। ଏମାନଙ୍କ ମଧ୍ୟରେ କମିଟି ☞ପୃଷ୍ଠା-୨



ରତ୍ନଭଣ୍ଡାର ଖୋଲିବା ପାଇଁ ରତ୍ନଭଣ୍ଡାର ତଦାରଖ କମିଟିର ପ୍ରମୁଖ ସଦସ୍ୟମାନେ ଶ୍ରୀମନ୍ଦିର ପରିସରକୁ ପ୍ରବେଶ କରୁଛନ୍ତି।

## ବାହାର ରତ୍ନଭଣ୍ଡାରର ଅଳଙ୍କାର ସ୍ଥାନାନ୍ତର ସହ ଭିଡିଓଗ୍ରାଫି ହେଲା

# ରାଲିରେ ଟ୍ରମ୍ପଙ୍କୁ ଗୁଳି



ରିପବ୍ଲିକାନ ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପଙ୍କୁ ପେନ୍‌ସିଲଭାନିଆର ବଟ୍‌ଲର ସହରରେ ଗୁଳିମାଡ଼ ହେବା ପରେ ସିକ୍ରେଟ୍ ସର୍ଭିସ ଏଜେଣ୍ଟମାନେ ଉଦ୍ଧାର କରିନେଉଛନ୍ତି।

**ଶିକାଗୋ/ୱାଶିଂଟନ, ୧୪।୭ (ପି.ଟି.)**

ଆମେରିକାର ପୂର୍ବତନ ରାଷ୍ଟ୍ରପତି ତଥା ଆଗାମୀ ନିର୍ବାଚନ ପାଇଁ ରିପବ୍ଲିକାନ୍ ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପ୍ ଶନିବାର ପେନ୍‌ସିଲ୍‌ଭାନିଆର ବଟଲର ସହରରେ ଏକ ପ୍ରଚାର ରାଲିକୁ ସମ୍ବୋଧନ କରୁଥିବାବେଳେ ତାଙ୍କୁ ହତ୍ୟା ଉଦ୍ୟମ ହୋଇଛି। ଜଣେ ଯୁବ ଶୁଟର ଟ୍ରମ୍ପ୍‌ଙ୍କୁ ଟାର୍ଗେଟ କରି ଏକାଧିକ ଗୁଳିମାଡ଼ କରିଥିଲେ। ଟ୍ରମ୍ପଙ୍କ ଡାହାଣ କାନରେ ଗୁଳି ବାଜିଥିବାବେଳେ ଜଣେ ଦର୍ଶକଙ୍କ ମୃତ୍ୟୁ ଘଟିଛି ଓ ଅନ୍ୟ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ସିକ୍ରେଟ ସର୍ଭିସ୍ ଏଜେଣ୍ଟମାନେ ଟ୍ରମ୍ପ୍‌ଙ୍କୁ ଘେରିଯାଇ ତାଙ୍କୁ ସୁରକ୍ଷିତ ସ୍ଥାନକୁ ନେଇଯାଇଥିଲେ। ଗୁଳିକାଣ୍ଡ ପରେ ରାଲି ସ୍ଥଳରେ ଆତଙ୍କ ଖେଳିଯାଇଥିଲା ଓ ଟ୍ରମ୍ପ୍‌ଙ୍କ ପଛରେ ଛିଡ଼ାହୋଇଥିବା ଲୋକେ ନଇଁଯାଇଥିଲେ। ☞ପୃଷ୍ଠା-୨




## ସଂକ୍ଷେପରେ

### ମଣିପୁରରେ ଆତଙ୍କବାଦୀ ଆକ୍ରମଣ: ଯବାନଙ୍କ ମୃତ୍ୟୁ

ଇମ୍ଫାଲ,୧୪।୭(ପି.ଟି.)

ମଣିପୁରର ଜିରିବାମ୍ ଜିଲା ଅନ୍ତର୍ଗତ ମୋଙ୍ଗବୁଙ୍ଗ୍ ଗ୍ରାମରେ ରବିବାର ସକାଳେ ସନ୍ଦିଗ୍ଧ ଆତଙ୍କବାଦୀଙ୍କ ଗୁଳିମାଡ଼ରେ ସିଆରପିଏଫ୍‌ର ଜଣେ ଯବାନଙ୍କ ମୃତ୍ୟୁ ଘଟିଛି। ଏହି ଗୁଳିକାଣ୍ଡରେ ଜଣେ ପୋଲିସ କର୍ମଚାରୀ ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ମୃତ ଯବାନ ଅଜୟ କୁମାର ଝା (୪୩)ଙ୍କ ଘର ବିହାରରେ। ତାଙ୍କ ମୁଣ୍ଡରେ ଗୁଳି ବାଜିଥିବାବେଳେ ହସ୍ପିଟାଲରେ ପହଞ୍ଚିବାବେଳକୁ ତାଙ୍କର ମୃତ୍ୟୁ ଘଟିଥିଲା। ମଣିପୁର ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂ ଆକ୍ରମଣକୁ ନିନ୍ଦା କରିବା ସହ ଆହତ ପୋଲିସ୍ କର୍ମଚାରୀଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ସଶସ୍ତ୍ର କୁକି ଉଗ୍ରପନ୍ଥୀମାନେ ଏହି ଆକ୍ରମଣ କରିଥିବା ସନ୍ଦେହ କରାଯାଉଛି। ଡ୍ୟୁଟିରେ ଥାଇ ପ୍ରାଣ ହରାଇଥିବା ଯବାନଙ୍କ ବଳିଦାନ ବ୍ୟର୍ଥ ଯିବନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ତାଙ୍କ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଛନ୍ତି। ଶନିବାର ରାତିରେ ମଧ୍ୟରେ ସେଠାରେ ଗୁଳି ଶବ୍ଦ ଶୁଣାଯାଇଥିଲା। ରବିବାରର ଆକ୍ରମଣ ପରେ ସେଠାରେ ଅତିରିକ୍ତ ସୁରକ୍ଷା ବଳ ମୁତୟନ କରାଯାଇଛି। ଆକ୍ରମଣରେ ସୁରକ୍ଷା ବଳର ଏକ ଗାଡ଼ି କ୍ଷତିଗ୍ରସ୍ତ ହୋଇଛି।

### ମୋଦିଙ୍କ ଏକ୍ସ ଫଲୋର ସଂଖ୍ୟା ୧୦୦ ନିୟୁତ

ନୂଆଦିଲ୍ଲୀ,୧୪।୭

ସୋସିଆଲ ମିଡିଆ ଏକ୍ସ'ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଫଲୋର୍ସଙ୍କ ସଂଖ୍ୟା ୧୦୦ ନିୟୁତରେ ପହଞ୍ଚିଛି। ବିଶ୍ୱ ରାଜନେତାଙ୍କ ମଧ୍ୟରେ ଆମେରିକାର ପୂର୍ବତନ ରାଷ୍ଟ୍ରପତି ବାରାକ୍ ଓବାମାଙ୍କ ପରେ ଏକ୍ସରେ ମୋଦିଙ୍କୁ ଦ୍ୱିତୀୟ ସର୍ବାଧିକ ଫଲୋ କରିଥାନ୍ତି। ତେବେ ମୋଦି ହେଉଛନ୍ତି ବର୍ତ୍ତମାନ କ୍ଷମତାରେ ଥିବା ସର୍ବାଧିକ ଫଲୋଡ୍ ବିଶ୍ୱନେତା। ଭାରତରେ ସେ ଅନ୍ୟ ନେତାମାନଙ୍କୁ ବହୁ ପଛରେ ପକାଇଛନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଫଲୋର୍ସ ସଂଖ୍ୟା ୨୬.୪ ନିୟୁତ ହୋଇଥିବାବେଳେ ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କର ୧୨୭.୫ ନିୟୁତ, ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବଙ୍କର ୧୯.୯ ନିୟୁତ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଏକ୍ସ ଫଲୋର୍ସ ସଂଖ୍ୟା ୭.୪ ନିୟୁତ ରହିଛି।

# ଗୁଳିରେ ଯାଇଥିଲା ୪ ରାଷ୍ଟ୍ରପତିଙ୍କ ଜୀବନ

## ଟାର୍ଗେଟରେ ଥିଲେ ଆମେରିକାର ଅନ୍ୟ ରାଷ୍ଟ୍ରପତି, ପ୍ରାର୍ଥୀ


ଆବ୍ରାହାମ ଲିଙ୍କନ


ଜେମ୍ସ ଗାର୍ଫିଲ୍ଡ


ୱିଲିୟମ୍ ମାକିନ୍‌ଲି


ଜନ୍ ଏଫ୍ କେନେଡି

ୱାଶିଂଟନ୍,୧୪।୭

ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଶନିବାର ହତ୍ୟା ଉଦ୍ୟମରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଅତୀତରେ ଆମେରିକାର ଅନେକ ରାଷ୍ଟ୍ରପତି, ପୂର୍ବତନ ରାଷ୍ଟ୍ରପତି ତଥା ରାଷ୍ଟ୍ରପତି ପ୍ରାର୍ଥୀଙ୍କୁ ଟାର୍ଗେଟ କରି ରାଜନୈତିକ ହିଂସାକାଣ୍ଡ ଘଟିଛି। ଏଥିରେ ୪ ଜଣ ରାଷ୍ଟ୍ରପତିଙ୍କ ଜୀବନ ଯାଇଛି।

**ଆବ୍ରାହାମ ଲିଙ୍କନ:** ଗୁଳିକାଣ୍ଡରେ ପ୍ରାଣ ହରାଇବାରେ ଆବ୍ରାହାମ ଲିଙ୍କନ ହେଉଛନ୍ତି ପ୍ରଥମ ଆମେରିକୀୟ ରାଷ୍ଟ୍ରପତି। ଦେଶର ଏହି ୧୬ଶ ରାଷ୍ଟ୍ରପତିଙ୍କୁ ୧୮୬୫ ମସିହା ଏପ୍ରିଲ ୧୪ରେ ଜନ୍ ୱିଲ୍‌କେସ୍ ବୁଥ୍ ଗୁଳି କରିଥିଲେ। ଲିଙ୍କନ ତାଙ୍କ ସ୍ତ୍ରୀ ମେରିଙ୍କ ସହ ୱାଶିଂଟନର ଫୋର୍ଡ ଥିଏଟରଠାରେ ଏକ ସ୍ୱତନ୍ତ୍ର କମେଡି ଶୋ' ଦେଖୁଥିବାବେଳେ ଗୁଳିକାଣ୍ଡ ହୋଇଥିଲା। ତାଙ୍କ ମୁଣ୍ଡ ପଛପାର୍ଶ୍ୱରେ ଗୁଳି ବାଜିଥିଲା ଓ ଚିକିତ୍ସାଧୀନ ଅବସ୍ଥାରେ ତା' ପରଦିନ ସେ ଆଖି ବୁଜିଥିଲେ। ଲିଙ୍କନ୍ ଅଣଶ୍ୱେତାଙ୍ଗମାନଙ୍କ ଅଧିକାରକୁ ସମର୍ଥନ କରିବାରୁ ତାଙ୍କୁ ଗୁଳି କରାଯାଇଥିଲା।

**ଜେମ୍ସ ଗାର୍ଫିଲ୍ଡ:** ଗୁଳିକାଣ୍ଡରେ ନିହତ ହେବାରେ ଜେମ୍ସ ଗାର୍ଫିଲ୍ଡ ହେଉଛନ୍ତି ଆମେରିକାର ଦ୍ୱିତୀୟ ରାଷ୍ଟ୍ରପତି। ଏହି ୨୦ତମ ରାଷ୍ଟ୍ରପତି ୧୮୮୧ ଜୁଲାଇ ୨ରେ ନ୍ୟୁ ଇଂଲଣ୍ଡକୁ ଟ୍ରେନ୍ ଧରିବା ପାଇଁ ୱାଶିଂଟନ ଷ୍ଟେଶନରେ ଚାଲୁଥିବାବେଳେ ଚାର୍ଲସ ଗୁଇଟିଓ ତାଙ୍କୁ ଗୁଳି କରିଥିଲେ। ଗାର୍ଫିଲ୍ଡଙ୍କ ଛାତିରେ ଗୁଳି ବାଜିଥିଲା ଓ କିଛି ସପ୍ତାହର ଚିକିତ୍ସା ପରେ ସେପ୍ଟେମ୍ବରରେ ତାଙ୍କର ମୃତ୍ୟୁ ଘଟିଥିଲା। ସେ ରାଷ୍ଟ୍ରପତି ଭାବେ ମାତ୍ର ୬ ମାସ କ୍ଷମତାରେ ରହିଥିଲେ।

**ୱିଲିୟମ୍ ମାକିନ୍‌ଲି:** ଆମେରିକାର ୨୫ତମ ରାଷ୍ଟ୍ରପତି ୱିଲିୟମ୍ ମାକିନ୍‌ଲି ୧୯୦୧ ସେପ୍ଟେମ୍ବର ୬ରେ ନ୍ୟୁୟର୍କର ବୁଫାଲୋରେ ଭାଷଣ ଦେଇସାରି ଲୋକମାନଙ୍କ ସହ କରମର୍ଦ୍ଦନ କରୁଥିବାବେଳେ ଅତି ନିକଟରୁ ଜଣେ ବ୍ୟକ୍ତି ତାଙ୍କୁ ଛାତିକୁ ୨ ରାଉଣ୍ଡ ଗୁଳି ଚଳାଇଥିଲେ। ଦ୍ୱିତୀୟ ପାଳି ରାଷ୍ଟ୍ରପତି ହେବାର ୬ ମାସ ପରେ ତାଙ୍କୁ ଗୁଳି ହୋଇଥିଲା ଏବଂ ୮ ଦିନର ଚିକିତ୍ସା ପରେ ସେ ପ୍ରାଣ ହରାଇଥିଲେ। ଲେଓନ୍ ଏଫ୍. ଜୋଲ୍‌ଗୋଜ ନାମକ ଜଣେ ୧୮ ବର୍ଷୀୟ ବେରୋଜଗାରୀ ଗୁଳି ଚଳାଇଥିବା ସ୍ୱୀକାର କରିଥିଲେ। ସେହିବର୍ଷ ଅକ୍ଟୋବର ୨୯ରେ ତାଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିଲା।

**ଫ୍ରାଙ୍କଲିନ୍ ଡି. ରୁଜ୍‌ଭେଲ୍ଟ:** ଆମେରିକାର ୩୨ତମ ରାଷ୍ଟ୍ରପତି ଫ୍ରାଙ୍କଲିନ୍ ଡି. ରୁଜ୍‌ଭେଲ୍ଟ ରାଷ୍ଟ୍ରପତି ନିର୍ବାଚିତ ହୋଇ ୧୯୩୩ ଫେବୃଆରୀରେ ମିଆମିଠାରେ ଭାଷଣ ଦେଉଥିବାବେଳେ ପଛରୁ ତାଙ୍କୁ ଗୁଳି ହୋଇଥିଲା। ରୁଜ୍‌ଭେଲ୍ଟ ଆକ୍ରମଣରୁ ବର୍ତ୍ତି ଯାଇଥିବାବେଳେ ତାଙ୍କ ପାଖରେ ଥିବା ଶିକାଗୋ ମେୟର ଆଣ୍ଟୋନ୍ ସେର୍‌ମାର୍କ ନିହତ ହୋଇଥିଲେ। ଆକ୍ରମଣକାରୀ ଗୁଇସେପେ ଜାଙ୍ଗାରା ଦୋଷୀସାବ୍ୟସ୍ତ ହେବା ପରେ ମୃତ୍ୟୁଦଣ୍ଡ ପାଇଥିଲେ।

**ହାରି ଏସ୍. ଟ୍ରୁମାନ୍:** ଆମେରିକାର ୩୩ତମ ରାଷ୍ଟ୍ରପତି ହାରି ଏସ୍. ଟ୍ରୁମାନ୍ ୧୯୫୦ ମସିହା ନଭେମ୍ବରରେ ହ୍ୱାଇଟ୍ ହାଉସ୍ ନିକଟ ବ୍ଲେୟାର ହାଉସ୍‌ରେ ରହିଥିବାବେଳେ ୨ ଜଣ ବନ୍ଧୁକଧାରୀ ସେଠାରେ ପ୍ରବେଶ କରି ଗୁଳି ଚଳାଇଥିଲେ। ଟ୍ରୁମାନ୍ ଆହତ ହୋଇ ନ ଥିବାବେଳେ ଗୁଳି ବିନିମୟ ବେଳେ ହ୍ୱାଇଟ୍ ହାଉସ୍‌ର ଜଣେ ପୋଲିସ ଓ ଜଣେ ଆତତାୟୀ ନିହତ ହୋଇଥିଲେ।

**ଜନ୍ ଏଫ୍ କେନେଡି:** ଆମେରିକାର ୩୫ତମ ରାଷ୍ଟ୍ରପତି ଜନ୍ ଏଫ୍ କେନେଡିଙ୍କୁ ୧୯୬୩ରେ ଗୁଳି ହୋଇଥିଲା। କେନେଡିଙ୍କୁ ପାର୍କଲ୍ୟାଣ୍ଡ ମେମୋରିଆଲ ହସ୍ପିଟାଲ ନିଆଯାଇଥିବାବେଳେ ସେଠାରେ ତାଙ୍କର ପରଲୋକ ଘଟିଥିଲା। ଗୁଳି ଚଳାଇଥିବା ଲି ହାର୍ଭେ ଓସ୍‌ୱାଲ୍ଡଙ୍କୁ ପୋଲିସ ଗିରଫ କରି ଜେଲ ପଠାଇଥିବାବେଳେ ସେଠାରେ ଡଲାସ ନାଇଟ୍‌କ୍ଲବ୍ ମାଲିକ ଜାକ୍ ରୁବି ତାଙ୍କୁ ଗୁଳିକରି ହତ୍ୟା କରିଥିଲେ।

ଏହା ବ୍ୟତୀତ ୩୮ତମ ରାଷ୍ଟ୍ରପତି ଗେରାଲ୍ଡ ଫୋର୍ଡ ୧୯୭୫ରେ ୨ ଥର ହତ୍ୟା ଉଦ୍ୟମର ଶିକାର ହୋଇ ବର୍ତ୍ତିଯାଇଥିଲେ। ସେହିପରି ଆମେରିକାର ୪୦ତମ ରାଷ୍ଟ୍ରପତି ରୋନାଲ୍ଡ ରେଗାନ୍ ୧୯୮୧ ମାର୍ଚ୍ଚରେ ୱାଶିଂଟନ ଡିସିରେ ଭାଷଣ ଦେଇ ନିଜ ମୋଟରକେଡ୍ ନିକଟକୁ ଯାଉଥିବାବେଳେ ଜନ୍ ହିଙ୍କ୍‌ଲି ଜୁନିୟର ତାଙ୍କୁ ଗୁଳି କରିଥିଲେ। ରେଗାନ୍ ଆକ୍ରମଣରୁ ବର୍ତ୍ତିଯାଇଥିବାବେଳେ ତାଙ୍କ ପ୍ରେସ୍ ସେକ୍ରେଟାରୀଙ୍କ ସମେତ ୩ ଜଣ ଆହତ ହୋଇଥିଲେ। ୪୩ତମ ରାଷ୍ଟ୍ରପତି ଜର୍ଜ ଡବ୍ଲ୍ୟୁ ବୁଶ୍ ୨୦୦୫ରେ ଜର୍ଜିଆ ରାଷ୍ଟ୍ରପତି ମିଖାଇଲ୍ ସାକଶଭିଲିଙ୍କ ସହ ଟିବିଲିସିଠାରେ ଏକ ରାଲିରେ ଯୋଗଦେଇଥିବାବେଳେ ହ୍ୟାଣ୍ଡ ଗ୍ରେନେଡ୍ ଆକ୍ରମଣ ହୋଇଥିଲା। ଗ୍ରେନେଡ୍ ବିସ୍ଫୋରଣ ନ ହେବାରୁ କେହି ଆହତ ହୋଇ ନ ଥିଲେ।

ଥେଓଡର ରୁଜ୍‌ଭେଲ୍ଟ ୨ ଥର ଆମେରିକାର ରାଷ୍ଟ୍ରପତି ରହି ୧୯୧୨ରେ ତୃତୀୟ ଥର ପ୍ରାର୍ଥୀ ହୋଇଥିବାବେଳେ ପ୍ରଚାର ବେଳେ ତାଙ୍କୁ ଗୁଳି ହୋଇଥିଲା। ତେବେ ତାଙ୍କ ପକେଟରେ ମେଟାଲ ଗ୍ଲାସ୍ ଥିବାରୁ ଗୁଳିମାଡ଼ରେ ସେ ଗୁରୁତର ହୋଇ ନ ଥିଲେ। ଡେମୋକ୍ରାଟ୍ ରାଷ୍ଟ୍ରପତି ପ୍ରାର୍ଥୀ ରବର୍ଟ ଏଫ୍. କେନେଡି ୧୯୬୮ରେ କାଲିଫର୍ନିଆ ପ୍ରାଇମେରି ଜିତିବା ପରେ ଲସ୍ ଏଞ୍ଜେଲସ୍ ହୋଟେଲରେ ତାଙ୍କୁ ହତ୍ୟା କରାଯାଇଥିଲା। ରବର୍ଟ କେନେଡି ପୂର୍ବତନ ରାଷ୍ଟ୍ରପତି ଜନ୍ ଏଫ୍. କେନେଡିଙ୍କ ଭାଇ ଏବଂ ସେ ପୂର୍ବରୁ ନ୍ୟୁୟର୍କରୁ ସିନେଟର ଥିଲେ। ୧୯୭୨ରେ ମେରିଲ୍ୟାଣ୍ଡରେ ପ୍ରଚାର ପାଇଁ ଅଟକିଥିବା ଡେମୋକ୍ରାଟ୍ ରାଷ୍ଟ୍ରପତି ପ୍ରାର୍ଥୀଙ୍କୁ ଗୁଳି କରାଯାଇଥିଲା। ଫଳରେ ତାଙ୍କ ଅଣ୍ଟା ତଳୁ ଅଚଳ ହୋଇଯାଇଥିଲା।

## ଶୁଟର ଗଣିତରେ ପୁରସ୍କୃତ ହୋଇଥିଲେ


ଥୋମାସ୍ ମାଥ୍ୟୁ କ୍ରୁକ୍ସ

ୱାଶିଂଟନ,୧୪।୭

ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଉପରକୁ ଗୁଳି ଚଳାଇଥିବା ଶୁଟର ଥୋମାସ୍ ମାଥ୍ୟୁ କ୍ରୁକ୍ସ ସୁରକ୍ଷା କର୍ମୀଙ୍କ ଗୁଳିରେ ନିହତ ହୋଇଛନ୍ତି। ଭୋଟର ରେକର୍ଡ ଅନୁଯାୟୀ ଥୋମାସ୍ ଜଣେ ରିପବ୍ଲିକାନ୍ ଭାବେ ନିଜକୁ ପଞ୍ଜୀକୃତ କରାଇଥିଲେ। ଆସନ୍ତା ନଭେମ୍ବର ୫ରେ ସେ ପ୍ରଥମ ଥର ଭୋଟ ଦେଇଥାନ୍ତେ। ୩ ବର୍ଷ ପୂର୍ବେ ସେ ଆକ୍ଟବ୍ଲ୍ୟୁ ନାମକ ରାଜନୈତିକ କାର୍ଯ୍ୟକାରୀ କମିଟିକୁ ୧୫ ଡଲାର ଦାନ କରିଥିଲେ। ଥୋମାସ୍ ୨୦୨୨ରେ ବେଥେଲ ପାର୍କ ହାଇସ୍କୁଲ୍‌ରୁ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ସେ ଜଣେ ମେଧାବୀ ଛାତ୍ର ଥିଲେ ଏବଂ ନ୍ୟାଶନାଲ ମାଥ୍ ଆଣ୍ଡ ସାଇନ୍ସ ଇନିସିଏଟିଭ୍‌ରେ ୫୦୦ ଡଲାର ପୁରସ୍କାର ପାଇଥିଲେ ବୋଲି ଜଣାପଡ଼ିଛି।


ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ସ୍ତ୍ରୀ ତଥା ଜେଏମ୍‌ଏମ୍ ନେତ୍ରୀ କଳ୍ପନା ସୋରେନ୍‌ଙ୍କ ସହ ମିର୍ଜାପୁରସ୍ଥିତ ବିନ୍ଧ୍ୟାଞ୍ଚଳ ମନ୍ଦିରରେ ରବିବାର ପୂଜାର୍ଚ୍ଚନା କରୁଛନ୍ତି।

# ବାଇଡେନ୍‌ଙ୍କୁ ରିପବ୍ଲିକାନ୍‌ଙ୍କ ଟାର୍ଗେଟ

ୱାଶିଂଟନ,୧୪।୭

ଆମେରିକାର ପୂର୍ବତନ ରାଷ୍ଟ୍ରପତିଙ୍କୁ ହତ୍ୟା ଉଦ୍ୟମ ଘଟଣାରେ ରିପବ୍ଲିକାନ୍‌ମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ରାଲି ସ୍ଥଳର ସୁରକ୍ଷା ପ୍ରସ୍ତୁତିକୁ ନେଇ ଆମେରିକାର ବହୁ ବିଶିଷ୍ଟ ବ୍ୟକ୍ତି ପ୍ରଶ୍ନ ଉଠାଇଛନ୍ତି। କେତେଜଣ ରିପବ୍ଲିକାନ୍ ନେତା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କୁ ଏଥିପାଇଁ ଟାର୍ଗେଟ କରିଛନ୍ତି। ଆକ୍ରମଣ ଘଟଣା ପରେ ଟ୍ରମ୍ପ୍ ତାଙ୍କ ପ୍ରଥମ ପ୍ରତିକ୍ରିୟାରେ ସିକ୍ରେଟ୍ ସର୍ଭିସ ଏବଂ ପ୍ରବର୍ତ୍ତନ କର୍ତ୍ତୃପକ୍ଷଙ୍କୁ ସେମାନଙ୍କ ତ୍ୱରିତ୍ ପଦକ୍ଷେପ ପାଇଁ ଧନ୍ୟବାଦ ଦେଇଛନ୍ତି। ରାଷ୍ଟ୍ରପତି ନିର୍ବାଚନରେ ଟ୍ରମ୍ପ୍‌ଙ୍କ ରନିଂ ମେଟ୍ ହେବାକୁ ଥିବା ରିପବ୍ଲିକାନ୍ ସିନେଟର ଜେ.ଡି. ଭାନ୍ସ କହିଛନ୍ତି, ଆଜିର ଆକ୍ରମଣ କେବଳ ଗୋଟିଏ ଘଟଣା ନୁହେଁ। ବାଇଡେନ୍ ଟ୍ରମ୍ପ୍‌ଙ୍କୁ ଜଣେ ସତ୍ତାବାଦୀ ଫାସିବାଦୀ କହି ସମାଲୋଚନା କରିବା ସହ ଯେକୌଣସି ପ୍ରକାରେ ତାଙ୍କୁ ଅଟକାଇବାକୁ ଚାହାନ୍ତି। ଟ୍ରମ୍ପ୍ ଓ ତାଙ୍କ ସମର୍ଥକମାନଙ୍କୁ ମାରିଦେବା ପାଇଁ ଡେମୋକ୍ରାଟମାନେ ଚାହିଁଥିଲେ ବୋଲି ରିପବ୍ଲିକାନ୍ ନେତ୍ରୀ ମାର୍ଜୋରି ଟେଲର ଗ୍ରିନେ ଅଭିଯୋଗ କରିଛନ୍ତି।

## ବାଇଡେନ୍ ପ୍ରଶାସନକୁ ଦୋଷଦେଲା ରୁଷିଆ

**ମସ୍କୋ,୧୪।୭:** ଆମେରିକାର ରିପବ୍ଲିକାନ୍ ରାଷ୍ଟ୍ରପତି ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ଆକ୍ରମଣ ଘଟଣା ପାଇଁ ଜୋ ବାଇଡେନ୍ ପ୍ରଶାସନକୁ ଦାୟୀ କରିଛି ରୁଷିଆ। ଆକ୍ରମଣ ପାଇଁ ବାଇଡେନ୍ ପ୍ରଶାସନ ପରିବେଶ ସୃଷ୍ଟି କରିଥିଲା ବୋଲି କ୍ରେମ୍‌ଲିନ୍ ମୁଖପାତ୍ର ଡିମିଟ୍ରି ପେସ୍କୋଭ୍ କହିଛନ୍ତି। ବର୍ତ୍ତମାନର କର୍ତ୍ତୃପକ୍ଷ ଟ୍ରମ୍ପ୍‌ଙ୍କ ହତ୍ୟା ଉଦ୍ୟମ କରିଥିଲେ ବୋଲି ଆମେ ବିଶ୍ୱାସ କରୁନାହୁଁ। ତେବେ ଜଣେ ପ୍ରାର୍ଥୀଙ୍କ ଚାରିପଟେ ସେହିଭଳି ପରିବେଶ ସୃଷ୍ଟି କରାଯାଇଥିଲା ଯାହା ଆକ୍ରମଣକୁ ପ୍ରୋତ୍ସାହିତ କଲା ଏବଂ ଆମେରିକାକୁ ଏଭଳି ଦିନର ସମ୍ମୁଖୀନ ହେବାକୁ ପଡ଼ିଲା ବୋଲି ପେସ୍‌କୋଭ୍ ଖବରଦାତାମାନଙ୍କୁ କହିଛନ୍ତି।

# କର୍ପୋରେଟ୍ ଟିକସ କାଟ୍‌ରୁ ଧନୀଙ୍କ ପକେଟକୁ ୨ ଲକ୍ଷ କୋଟି ଯାଇଛି: କଂଗ୍ରେସ

ନୂଆଦିଲ୍ଲୀ,୧୪।୭(ପି.ଟି.)

କର୍ପୋରେଟ୍ ଟିକସ ସଂଗ୍ରହଠାରୁ ବ୍ୟକ୍ତିଗତ ଆୟକର ସଂଗ୍ରହ ଅଧିକ ବଢ଼ିଛି। ମଧ୍ୟମବର୍ଗ ଅଧିକ ଟିକସ ବୋଝ ବହନ କରି ଚାଲିଥିବାବେଳେ କର୍ପୋରେଟ୍ ଟ୍ୟାକ୍ସ ହ୍ରାସ ଯୋଗୁ ଧନୀ ବ୍ୟବସାୟୀଙ୍କ ପକେଟକୁ ୨ ଲକ୍ଷ କୋଟି ଟଙ୍କା ଯାଇଥିବା କଂଗ୍ରେସ ଅଭିଯୋଗ କରିଛି। ଟିକସ ସଂଗ୍ରହ ସମ୍ପର୍କିତ ତଥ୍ୟ କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡିଟି) ପ୍ରକାଶ କରିବା ପରେ ବିରୋଧୀ ଦଳ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛି। ସିବିଡିଟି ତଥ୍ୟ ଅନୁଯାୟୀ ଏପ୍ରିଲ ୧ରୁ ଜୁଲାଇ ୧୧ ସୁଦ୍ଧା ୫,୭୪,୩୫୭ କୋଟି ଟଙ୍କା ପ୍ରତ୍ୟକ୍ଷ ଟିକସ ସଂଗ୍ରହ କରାଯାଇଛି। ସେଥିରୁ କର୍ପୋରେଶନ ଆୟକର ୨,୧୦,୨୭୪ କୋଟି ହୋଇଥିବାବେଳେ ରିଫଣ୍ଡକୁ ବାଦ୍ ଦେଇ ବ୍ୟକ୍ତିଗତ ଆୟକର ୩,୪୬,୦୩୬ କୋଟି ଟଙ୍କା। କମ୍ପାନୀଗୁଡ଼ିକଠାରୁ ବ୍ୟକ୍ତିବିଶେଷ ଅଧିକ ଟିକସ ଦେଉଥିବା ଏଥିରୁ ସ୍ପଷ୍ଟ ହୋଇଛି ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି। ମନମୋହନ ସିଂ ପ୍ରଧାନମନ୍ତ୍ରୀ ପଦ ଛାଡ଼ିବା ବେଳେ ବ୍ୟକ୍ତିଗତ ଆୟକର ମୋଟ ଟିକସ ସଂଗ୍ରହର ୨୧ ପ୍ରତିଶତ ଥିବାବେଳେ କର୍ପୋରେଟ୍ ଟିକସ ୩୫ ପ୍ରତିଶତ ରହିଥିଲା। ଗତ କିଛିବର୍ଷ ମଧ୍ୟରେ କର୍ପୋରେଟ୍ ଟିକସ୍ ସଂଗ୍ରହ ହ୍ରାସ ପାଇ ୧୦ ବର୍ଷ ମଧ୍ୟରେ ସର୍ବନିମ୍ନ ସ୍ତର ୨୬ ପ୍ରତିଶତରେ ପହଞ୍ଚିଛି। ଏହି ସମୟରେ ବ୍ୟକ୍ତିଗତ ଆୟକର ସଂଗ୍ରହ ବୃଦ୍ଧି ପାଇ ମୋଟ ଟିକସ ସଂଗ୍ରହର ୨୮ ପ୍ରତିଶତରେ ପହଞ୍ଚିଛି।

ଘରୋଇ ପୁଞ୍ଜିନିବେଶ ବଢ଼ାଇବା ଆଶାରେ ୨୦୧୯ ସେପ୍ଟେମ୍ବର ୨୦ରେ କର୍ପୋରେଟ୍ ଟିକସ ହାର ହ୍ରାସ କରାଯାଇଥିଲା। ତେବେ ପୁଞ୍ଜିନିବେଶ ବଢ଼ି ନଥିଲା। ମନମୋହନ ସିଂ ସରକାର ବେଳେ ଘରୋଇ ନିବେଶ ସର୍ବାଧିକ ୩୫ ପ୍ରତିଶତରେ ପହଞ୍ଚିଥିବାବେଳେ ୨୦୧୪ରୁ ୨୪ ମଧ୍ୟରେ ଏହା ୨୯ ପ୍ରତିଶତ ତଳକୁ ଖସିଛି।

# ଶିକ୍ଷା କ୍ଷେତ୍ରକୁ କ୍ଷତି ପହଞ୍ଚାଉଛି ଜଳବାୟୁ ପରିବର୍ତ୍ତନ

ପ୍ୟାରିସ୍, ୧୪।୭

ଜଳବାୟୁ ପରିବର୍ତ୍ତନ ଯୋଗୁ ବନ୍ୟା, ମରୁଡି, ବନାଗ୍ନି, ରୋଗ, ଅଂଶୁଘାତ, ସମୁଦ୍ର ପତ୍ତନ ବୃଦ୍ଧି ଆଦି ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ଘଟୁଛି, ଯାହା ଶିକ୍ଷାଗତ ପରିଣାମ ଉପରେ ପ୍ରତିକୂଳ ପ୍ରଭାବ ପକାଉଛି। ମିଳିତ ଜାତିସଂଘର ଶିକ୍ଷା, ବୈଜ୍ଞାନିକ ଏବଂ ସାଂସ୍କୃତିକ ସଙ୍ଗଠନ (ୟୁନେସ୍କୋ), ମନିଟରିଂ ଆଣ୍ଡ୍ ଇଭାଲ୍ୟୁଟିଂ କ୍ଲାଇମେଟ୍ କମ୍ୟୁନିକେଶନ ଆଣ୍ଡ ଏଜୁକେଶନ(ଏମ୍‌ଇସିସିଇ) ପ୍ରୋଜେକ୍ଟ ଓ କାନାଡାର ସସ୍କାଚେୱାନ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ମିଳିତ ଭାବେ ପ୍ରକାଶିତ 'ଗ୍ଲୋବାଲ ଏଜୁକେଶନ ମନିଟରିଂ' ରିପୋର୍ଟରୁ ଏହି ତଥ୍ୟ ସାମ୍ନାକୁ ଆସିଛି। ଅଧିକାଂଶ ନିମ୍ନ ଏବଂ ମଧ୍ୟମ ଆୟକାରୀ ଦେଶଗୁଡ଼ିକରେ ପ୍ରତିବର୍ଷ ଜଳବାୟୁ ସମ୍ବନ୍ଧୀୟ ବିପର୍ଯ୍ୟୟ ଯୋଗୁ ଅନେକ ବିଦ୍ୟାଳୟ ବନ୍ଦ ହେଉଛି ଯାହା ଫଳରେ ଶିକ୍ଷା ବ୍ୟାବସ୍ଥା ବାଧାପ୍ରାପ୍ତ ହେବା ସହ ଡ୍ରପଆଉଟର ପରିମାଣ ବୃଦ୍ଧିପାଉଛି। ବନ୍ୟା ଏବଂ ବାତ୍ୟା ଭଳି ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟ ଘଟୁଥିବାରୁ ବହୁ ଛାତ୍ରୀଛାତ୍ର, ଶିକ୍ଷକ, ବିଦ୍ୟାଳୟ କର୍ମଚାରୀ ଓ ଅଭିଭାବକ ପ୍ରାଣ ହରାଉଥିବା ସହ ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଛି। ଏହା ଫଳରେ ଶିକ୍ଷା ଉପରେ ନକାରାତ୍ମକ ପ୍ରଭାବ ପଡୁଛି। ଗତ ୨୦ ବର୍ଷ ମଧ୍ୟରେ ଘଟିଥିବା ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ଘଟଣାର ୭୫% ମାମଲାରେ ସ୍କୁଲ ବନ୍ଦ ହେବା ସହ ୫୦ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି। ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧୀୟ ପ୍ରଭାବ ସିଧାସଳଖ ଭାବେ ଶିକ୍ଷା ବ୍ୟବସ୍ଥା ଓ ଏହାର ପରିଣାମକୁ ବାଧାପ୍ରାପ୍ତ କରୁଥିବା ଏହି ରିପୋର୍ଟ କହିଛି।



## ଫୁର୍‌ସତ୍

# 'ମିଷ୍ଟର ବିଷ୍ଟ'ଙ୍କ ୩୦ କୋଟି ସବ୍‌ସ୍କ୍ରାଇବର

## ଗତ ମାସରେ 'ଟି-ସିରିଜ୍'କୁ ପଛରେ ପକାଇଥିଲେ

ୱାଶିଂଟନ୍


ଜିମି ଡୋନାଲ୍ଡସନ୍




ପ୍ରସିଦ୍ଧ ୟୁଟ୍ୟୁବର ଜିମି ଡୋନାଲ୍ଡସନ୍ (ମିଷ୍ଟର ବିଷ୍ଟ ନାମରେ ଜଣାଶୁଣା) ଏକ ନୂତନ ରେକର୍ଡ ସୃଷ୍ଟି କରିଛନ୍ତି। ସେ ବିଶ୍ୱର ପ୍ରଥମ ୟୁଟ୍ୟୁବର ହୋଇପାରିଛନ୍ତି, ଯାହାଙ୍କ ସବ୍‌ସ୍କ୍ରାଇବରଙ୍କ ସଂଖ୍ୟା ୩୦ କୋଟି ଅତିକ୍ରମ କରିଛି। ପ୍ରାୟ ମାସେ ପୂର୍ବେ ତାଙ୍କର 'ମିଷ୍ଟର ବିଷ୍ଟ' ୟୁଟ୍ୟୁବ ଚ୍ୟାନେଲ ପ୍ରସିଦ୍ଧ ଭାରତୀୟ ମ୍ୟୁଜିକ୍ କମ୍ପାନୀ 'ଟି-ସିରିଜ୍'କୁ ପଛକୁ ଠେଲି ସର୍ବାଧିକ ସବ୍‌ସ୍କ୍ରାଇବର ଥିବା ୟୁଟ୍ୟୁବ ଚ୍ୟାନେଲ ହୋଇ ପାରିଥିଲା।

ୟୁଟ୍ୟୁବରେ ସର୍ବାଧିକ ସବ୍‌ସ୍କ୍ରାଇବରର ରେକର୍ଡକୁ ନେଇ ଦୀର୍ଘ ସମୟ ଧରି ଭାରତର 'ଟି-ସିରିଜ୍' କମ୍ପାନୀ ଓ ସ୍ୱିଡେନର ୟୁଟ୍ୟୁବର ପ୍ୟୁଡିପାଇଙ୍କ ମଧ୍ୟରେ ପ୍ରତିଯୋଗିତା ଚାଲିଥିଲା। ତେବେ ମିଷ୍ଟର ବିଷ୍ଟ ପ୍ରଥମେ ପ୍ୟୁଡିପାଇଙ୍କୁ ପଛକୁ ଠେଲିଥିଲେ। ଏହାପରେ ସେ ଗତ ଜୁନ୍ ୧ରେ 'ଟି-ସିରିଜ'ର ସବ୍‌ସ୍କ୍ରାଇବରଙ୍କ ସଂଖ୍ୟାକୁ ଅତିକ୍ରମ କରି ବିଶ୍ୱର ସର୍ବାଧିକ ସବ୍‌ସ୍କ୍ରାଇବର ଥିବା ୟୁଟ୍ୟୁବ ଚ୍ୟାନେଲ ହୋଇପାରିଥିଲେ। ଏହା ପରଠାରୁ ତାଙ୍କର ସବ୍‌ସ୍କ୍ରାଇବରଙ୍କ ସଂଖ୍ୟାରେ କ୍ରମାଗତ ବୃଦ୍ଧି ଘଟିଛି। ଏହି ସଫଳତା ହାସଲ ପରେ ମିଷ୍ଟର ବିଷ୍ଟ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏକ୍ସ'ରେ ତାଙ୍କ ପ୍ରଶଂସକଙ୍କ ଉଦ୍ଦେଶ୍ୟରେ ଲେଖିଛନ୍ତି, ୧୧ ବର୍ଷ ତଳେ ତାଙ୍କର ମାତ୍ର ୩୦୦ ସବ୍‌ସ୍କ୍ରାଇବର ଥିଲା, ଆଉ ଏବେ ଏହି ସଂଖ୍ୟା ୩୦ କୋଟିରେ ପହଞ୍ଚିଛି। ତାଙ୍କୁ ସବୁବେଳେ ଭଲ ପାଇବା ଦେଉଥିବାରୁ ସେ ନିଜର ସବ୍‌ସ୍କ୍ରାଇବରମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଏହି ୨୬ ବର୍ଷୀୟ ୟୁଟ୍ୟୁବର ଆମେରିକାର ଦକ୍ଷିଣ କାରୋଲିନାସ୍ଥିତ ଗ୍ରୀନ୍‌ଭିଲ ସହରରେ ଜନ୍ମଗ୍ରହଣ କରି ନିଜର ପ୍ରାଥମିକ ଶିକ୍ଷା ସମାପ୍ତ କରିଥିଲେ। ୨୦୧୨ରେ ମାତ୍ର ୧୪ବର୍ଷ ବୟସରେ ସେ ତାଙ୍କ 'ମିଷ୍ଟର ବିଷ୍ଟ' ୟୁଟ୍ୟୁବ ଚ୍ୟାନେଲ ପାଇଁ ପ୍ରଥମ ଭିଡିଓ ଅପ୍‌ଲୋଡ କରିଥିଲେ। ୨୦୧୭ରେ ତାଙ୍କର 'କାଉଣ୍ଟିଂ ଟୁ ୱାନ ଲାଖ' ଭିଡିଓଟି ବହୁତ ଲୋକପ୍ରିୟ ହୋଇଥିଲା। ଏହାପରେ ବିଷ୍ଟଙ୍କ ସବ୍‌ସ୍କ୍ରାଇବରଙ୍କ ସଂଖ୍ୟା ଲଗାତାର ବଢ଼ିବା ସହ ତାଙ୍କର ଅଧିକାଂଶ ଭିଡିଓ ଭାଇରାଲ ହୋଇଥିଲା। ସୂଚନାଯୋଗ୍ୟ, ବିଭିନ୍ନ ପ୍ରକାର ସଂଘର୍ଷପୂର୍ଣ୍ଣ ଷ୍ଟଣ୍ଟ୍ ଓ ଆହ୍ୱାନକାରୀ ଚାଲେଞ୍ଜ ଆଦି କଣ୍ଟେଣ୍ଟକୁ ଭିତ୍ତି କରି ଭିଡିଓ କରିବାରେ ମିଷ୍ଟର ବିଷ୍ଟ ଖ୍ୟାତି ଅର୍ଜନ କରିଛନ୍ତି।

# ଏକାଠି ଐଶ୍ୱର୍ଯ୍ୟା, ଅଭିଷେକ

**ମୁମ୍ବାଇ:** ଅନନ୍ତ ଅମ୍ବାନୀ ଓ ରାଧିକା ମର୍ଚାଣ୍ଟଙ୍କ ଗ୍ରାଣ୍ଡ ୱେଡିଂରେ ଦେଶ ବିଦେଶର ବହୁ କଳାକାର ଓ ସେଲିବ୍ରିଟି ଯୋଗ ଦେଇଥିଲେ। ମୁମ୍ବାଇର ଜିଓ ୱାର୍ଲ୍ଡ କନ୍‌ଭେନ୍‌ସନ୍ ସେଣ୍ଟରରେ ଆୟୋଜିତ ଏହି ବିବାହ ଉତ୍ସବରେ ବଚ୍ଚନ ପରିବାର ସମେତ ବଲିଉଡ୍‌ର ବହୁ ତାରକା ସାମିଲ ହୋଇଥିଲେ। ତେବେ ବଲିଉଡ୍ ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟ ବଚ୍ଚନ ଓ ତାଙ୍କ ସ୍ୱାମୀ ତଥା ଅଭିନେତା ଅଭିଷେକ ବଚ୍ଚନ ଅଲଗା ଅଲଗା ହୋଇ ଏହି ବିବାହ ଉତ୍ସବରେ ପହଞ୍ଚିଥିଲେ। ଐଶ୍ୱର୍ଯ୍ୟା ଝିଅ ଆରାଧ୍ୟାଙ୍କ ସହ ୱେଡିଂ ଭେନ୍ୟୁକୁ ଆସିଥିବା ବେଳେ ଅଭିଷେକ ତାଙ୍କ ବାପା ତଥା ଭେଟେରାନ ଅଭିନେତା ଅମିତାଭ ବଚ୍ଚନ, ମା' ଜୟା ବଚ୍ଚନ ଓ ଭଉଣୀ ଶ୍ୱେତା ବଚ୍ଚନଙ୍କ ସହ ବିବାହ ସ୍ଥଳକୁ ଆସିଥିଲେ। ସେହିପରି ଶନିବାର ଅନନ୍ତ ଓ ରାଧିକାଙ୍କ ଶୁଭ ଆଶୀର୍ବାଦ ଉତ୍ସବରେ ମଧ୍ୟ ଉଭୟ ଐଶ୍ୱର୍ଯ୍ୟା ଓ ଅଭିଷେକ ଅଲଗା ଅଲଗା ହୋଇ ପହଞ୍ଚିଥିଲେ। ତେଣୁ ଏହି ଷ୍ଟାର ଦମ୍ପତିଙ୍କ ମଧ୍ୟରେ ସବୁ କିଛି ଠିକ୍ ଚାଲି ନ ଥିବା ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ଆରମ୍ଭ ହୋଇଥିଲା। ତେବେ ଏହାରି ମଧ୍ୟରେ ଉକ୍ତ ବିବାହ ଉତ୍ସବର ଏକ ଫଟୋ ଭାଇରାଲ ହେବାରେ ଲାଗିଛି। ଏହି ଫଟୋରେ ଝିଅ ଆରାଧ୍ୟା ଓ ଅଭିନେତା ହ୍ରିତିକ ରୋଷନଙ୍କ ସହ ଅଭିଷେକ ଏକାଠି ବସିଥିବା ନଜରକୁ ଆସୁଛନ୍ତି। ସେହିପରି ଅଭିଷେକଙ୍କ ଠିକ୍ ସମ୍ମୁଖରେ ଐଶ୍ୱର୍ଯ୍ୟା ଠିଆ ହୋଇଛନ୍ତି। ସମସ୍ତେ ପରସ୍ପର ସହ ଖୁସିରେ କଥା ହେଉଥିବା ଫଟୋରୁ ଜଣାପଡୁଛି। ଅଭିଷେକ ଓ ଐଶ୍ୱର୍ଯ୍ୟାଙ୍କୁ ଏକାଠି ଦେଖାଉଥିବା ଏହି ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି, ଯାହାକୁ ନେଇ ଉଭୟ ଐଶ୍ୱର୍ଯ୍ୟା ଓ ଅଭିଷେକଙ୍କ ପ୍ରଶଂସକମାନେ ଆଶ୍ୱସ୍ତି ପ୍ରକାଶ କରିଛନ୍ତି।



# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ସୋମବାର, ଜୁଲାଇ ୧୫/୨୦୨୪ | Bhubaneswar, Monday, July 15/2024 | ପୃଷ୍ଠା-୧




ପୁରୀ: ରବିବାର ମହାପ୍ରଭୁଙ୍କ ସନ୍ଧ୍ୟା ଦର୍ଶନ ପାଇଁ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଭକ୍ତଙ୍କ ଲମ୍ବା ଧାଡ଼ି। (ଫଟୋ –ଯଜ୍ଞେଶ୍ୱର ମହାନ୍ତି)

# ଆଜି ବାହୁଡ଼ିବେ ମହାବାହୁ

**ପୁରୀ,୧୪।୭(ଅଜିତ୍ କୁମାର ମହାନ୍ତି)**

ପବିତ୍ର ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ମହାପ୍ରଭୁ ଶ୍ରୀଜଗନ୍ନାଥ ବଡ଼ଭାଇ ପ୍ରଭୁ ବଳଭଦ୍ର ଓ ଭଉଣୀ ଦେବୀ ସୁଭଦ୍ରାଙ୍କୁ ସାଥିରେ ଧରି ନବଦିନାତ୍ମକ ଯାତ୍ରାରେ ବାହାରି ରଥାରୂଢ଼ ହୋଇ ଜନ୍ମବେଦି ଶ୍ରୀଗୁଣ୍ଡିଚା ମନ୍ଦିରରେ ଅବସ୍ଥାନ କରିଛନ୍ତି। ଦାରୁବିଗ୍ରହମାନେ ନବଦିନାତ୍ମକ ଯାତ୍ରା ସାରି ସୋମବାର ବାହୁଡ଼ା ଯାତ୍ରାରେ ଶ୍ରୀମନ୍ଦିରକୁ ବାହୁଡ଼ିବେ। ଏଥିପାଇଁ ପ୍ରସ୍ତୁତି ଶେଷ ହୋଇଛି। ମହାପ୍ରଭୁ ଆଡ଼ପ ମଣ୍ଡପରେ ଲୀଳା ସାରି ଶ୍ରୀମନ୍ଦିର ଅଭିମୁଖେ ଯାତ୍ରା କରିବା ପାଇଁ ପ୍ରସ୍ତୁତ ଥିବାବେଳେ ଶ୍ରୀଗୁଣ୍ଡିଚା ମନ୍ଦିରର ନାକଚଣା ଦ୍ୱାର ସମ୍ମୁଖରେ ତିନିରଥ ପ୍ରସ୍ତୁତ ରହିଛନ୍ତି। ସେବାୟତ ଓ ଭକ୍ତମାନେ ଉତ୍କଣ୍ଠାର ସହ ଚାହିଁବସିଛନ୍ତି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବାହୁଡ଼ା ଯାତ୍ରାର ନୀତି ନିର୍ଘଣ୍ଟ ପ୍ରସ୍ତୁତ ହୋଇଛି। ସୋମବାର ଭୋର ୪ଟାରେ ମଙ୍ଗଳ ଆଳତି, ୪ଟା ୧୫ରେ ମଇଲମ, ୪ଟା ୩୦ରେ ତଡ଼ପ ଲାଗି ଓ ରୋଷ ହୋମ, ଅବକାଶ ୫ଟା, ସୂର୍ଯ୍ୟପୂଜା ୫ଟା ୧୫, ଦ୍ୱାରପାଳ ପୂଜା ଓ ବେଶ ଶେଷ ୫ଟା ୩୦ରେ ହେବ। ସେହିପରି ଗୋପାଳ ବଲ୍ଲଭ ଓ ସକାଳ ଧୂପ ସକାଳ ୫ଟା ୪୫ରୁ ୬ଟା ୪୫, ସେନାପଟା ଲାଗି ସକାଳ ୭ରୁ ପୂର୍ବାହ୍ନ ୧୧ଟା ୩୦, ମଙ୍ଗଳାର୍ପଣ ୧୧ଟା ୪୫, ମଙ୍ଗଳାର୍ପଣ ପରେ ଡୋର ଲାଗି ହୋଇ ମଧ୍ୟାହ୍ନ ୧୨ଟାରେ ପହଣ୍ଡି ଆରମ୍ଭ ହୋଇ ଅପରାହ୍ନ ୨ଟା ୩୦ରେ ପହଣ୍ଡି ସରିବ। ୨ଟା ୩୦ରୁ ୩ଟା ୩୦ ପର୍ଯ୍ୟନ୍ତ ଛେରାପହଁରା, ଚାରମାଳ ଫିଟା, ଘୋଡାଲାଗି ଅପରାହ୍ନ ୩ଟାରୁ ୪ଟା ହେବାପରେ ୪ଟାରୁ ରଥଟଣା ଆରମ୍ଭ ହେବ। ରଥଟଣା ସରିବା ପରେ ଅନ୍ୟାନ୍ୟ ନୀତି ରଥ ଉପରେ ହେବା ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ପ୍ରଶାସନ ପକ୍ଷରୁ ନିର୍ଦ୍ଧାରଣ କରାଯାଇଥିବା ☞ପୃଷ୍ଠା–୨

# ମୃତ୍ୟୁ ଲୁଚାଇଥିଲା ଶିଶୁ ଭବନ

## ତ୍ରିଶା ନର୍ସିଂହୋମ୍ ଅଗ୍ନିକାଣ୍ଡ: ଜଣେ ଶିଶୁ ଆଖିବୁଜିଲେ

**କଟକ,୧୪।୭(ଶିଳ୍ପା ପ୍ରିୟଦର୍ଶିନୀ)**

କଟକ ପୁରୀଘାଟସ୍ଥିତ ଘରୋଇ ନର୍ସିଂହୋମ୍ ତ୍ରିଶା ହସ୍ପିଟାଲରେ ଶନିବାର ହୋଇଥିବା ଅଗ୍ନିକାଣ୍ଡ ଘଟଣାରେ ଏକ ଦୁଃଖଦ ଖବର ସାମ୍ନାକୁ ଆସିଛି। ନିଆଁ ଲାଗିବା ପରେ ଏଠାରେ ଚିକିତ୍ସିତ ହେଉଥିବା ୪୫ ଶିଶୁ ଓ ବୟସ୍କ ରୋଗୀଙ୍କୁ ଏସ୍‌ସିବି ମେଡିକାଲ, ଶିଶୁଭବନ ଓ କେତେକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ଶିଶୁଭବନକୁ ସ୍ଥାନାନ୍ତର ହୋଇଥିବା ୧୭ ଶିଶୁଙ୍କ ମଧ୍ୟରୁ ଜଣେ ଶିଶୁକନ୍ୟାର ମୃତ୍ୟୁ ଘଟିଛି। ମୃତ ଶିଶୁ ଜଣକ ଭଦ୍ରକ ଜିଲା ଚାନ୍ଦବାଲି ଥାନା ଅନ୍ତର୍ଗତ ଆମ୍ବୋଲୋ ଗ୍ରାମରେ। ତେବେ ଶିଶୁଟିର ମୃତ୍ୟୁ ଶନିବାର ରାତିରେ ହୋଇଥିଲେ ମଧ୍ୟ ଶିଶୁଭବନ କର୍ତ୍ତୃପକ୍ଷ ତାହାକୁ ଲୁଚାଇ ରଖିଥିବା ତାଙ୍କ ବାପା ବିଜୟ ବେହେରା ରବିବାର ଗୁରୁତର ଅଭିଯୋଗ ଆଣିଛନ୍ତି। ଏପରିକି ତାଙ୍କ ପିଲାର ମୃତ୍ୟୁ ପାଇଁ ଶିଶୁଭବନକୁ ହିଁ ସମ୍ପୂର୍ଣ୍ଣ ରୂପେ ଦାୟୀ କରିଛନ୍ତି। ତାଙ୍କ କହିବାନୁସାରେ, ଶିଶୁକନ୍ୟାଟି ଗତ ୭ ତାରିଖରେ ଭଦ୍ରକରେ ଜନ୍ମ ହୋଇଥିଲା। ପିଲା ପାଇଁ ଆଇସିୟୁ ଜରୁରୀ ଥିଲା। ଡାକ୍ତର କଟକ ଶିଶୁ ଭବନକୁ ରେଫର କରିବାରୁ ବାପା ବିଜୟ ପିଲାକୁ ଧରି ଏଠାରେ ପହଞ୍ଚିଥିଲେ। ହେଲେ ଶିଶୁଭବନରେ ଆଇସିୟୁ ମିଳି ନ ଥିଲା। ଶିଶୁଭବନର ଜଣେ ସିକ୍ୟୁରିଟି ଗାର୍ଡ ତାଙ୍କୁ ତ୍ରିଶା ନର୍ସିଂହୋମ୍ ନମ୍ବର ଦେଇ ସେଠାକୁ ନେଇଯିବାକୁ କହିଥିଲେ। ୮ ତାରିଖରେ ଶିଶୁଟିକୁ ତ୍ରିଶା ନର୍ସିଂହୋମ୍‌କୁ ସ୍ଥାନାନ୍ତର କରାଯାଇଥିଲା। ତୃତୀୟ ମହଲାରେ ଥିବା ଆଇସିୟୁରେ ପିଲାର ଚିକିତ୍ସା ଚାଲିଥିଲା। ତେବେ ନର୍ସିଂହୋମ୍‌ରେ ନିଆଁ ଲାଗିବା ସମୟରେ ବିଜୟ ବାହାରେ ଥିଲେ। ମେଡିକାଲ ଭିତରକୁ ଯିବାକୁ ଚେଷ୍ଟା କରିଥିଲେ ମଧ୍ୟ ଧୂଆଁ ଓ ଲୋକଙ୍କ ଧାଁଦୌଡ଼ ଭିତରେ ଯାଇପାରି ନ ଥିଲେ। ବାହାରପଟୁ ଆଜ୍‌ବେଷ୍ଟସ୍, ତାଜା ଆଦି ଚଢ଼ି ୩ ମହଲାରେ ପହଞ୍ଚିଥିଲେ। ତାଙ୍କ ଝିଅକୁ ଆଇସିୟୁରୁ ବାହାର କରାଯାଉଥିଲା। ହଠାତ୍ ପାଟିରୁ ବ୍ଲଡ୍ ବାହାରିଥିଲା। ତଳକୁ ଆଣିଥିଲେ ମଧ୍ୟ ଆମ୍ବୁଲାନ୍ସ ନ ଥିଲା। ଏହା ଭିତରେ ୨ ଘଣ୍ଟା ବିତିଯାଇଥିଲା। ପରେ ଆମ୍ବୁଲାନ୍ସରେ ଶିଶୁଭବନ ଅଣାଯାଇ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ରାତି ପ୍ରାୟ ସାଢ଼େ ୧୦ଟାବେଳେ ଶିଶୁଟିର ମୃତ୍ୟୁ ଘଟିଥିବା ଶୁଣିଥିଲେ ମଧ୍ୟ ହସ୍ପିଟାଲ ପକ୍ଷରୁ କୌଣସି ସୂଚନା ଦିଆଯାଇ ନ ଥିଲା। ବାରମ୍ବାର ଶିଶୁଭବନ ଡାକ୍ତରଙ୍କୁ ପଚାରିବାରୁ ସମସ୍ତେ କେବଳ ଗୁରୁତର ବୋଲି କହୁଥିଲେ। ରବିବାର ସକାଳେ ସ୍ୱାସ୍ଥ୍ୟମନ୍ତ୍ରୀ ଶିଶୁଭବନ ଆସି ଯିବା ପରେ ବାପା ବିଜୟ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ତାଙ୍କ ଝିଅ ସମ୍ପର୍କରେ ପଚାରିଥିଲେ। ପରେ ତାଙ୍କୁ ମୃତ୍ୟୁ ଖବର ଦିଆଗଲା। ବିଜୟ କହିଛନ୍ତି, ପ୍ରଥମେ ଶିଶୁଭବନରେ ଆଇସିୟୁ ମିଳିଥିଲେ ଓ କର୍ମଚାରୀ ତ୍ରିଶା ହସ୍ପିଟାଲକୁ ପଠାଇ ନ ଥିଲେ ମୋ ଝିଅ ବଞ୍ଚିଯାଇଥାନ୍ତା। ଶିଶୁଭବନରେ ଆଇସିୟୁ ଫାଙ୍କା ରଖାଯାଇ ଘରୋଇ ହସ୍ପିଟାଲକୁ ରୋଗୀ ପଠାଯାଉଛି। ଜରୁରୀ ସମୟରେ ଯଦି ଆଇସିୟୁ ମିଳିପାରୁଛି, ତେବେ ମୋ ଗୁରୁତର ଝିଅକୁ କାହିଁକି ସେତେବେଳେ ଆଇସିୟୁ ଦିଆଗଲାନାହିଁ। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଗସ୍ତ ପାଇଁ ଶିଶୁ ଭବନ କର୍ତ୍ତୃପକ୍ଷ ମୃତ୍ୟୁକୁ ଲୁଚାଇ ରଖିଥିଲେ ବୋଲି ବିଜୟ ଗଣମାଧ୍ୟମରେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ମୃତଦେହ ବ୍ୟବଚ୍ଛେଦ ନ କରି ଶିଶୁଭବନ ପକ୍ଷରୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଦିଆଯାଇଥିବାରୁ ଆଉଏକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ଶିଶୁଭବନ ସୁପରିଣ୍ଟେଣ୍ଡେଣ୍ଟ ପ୍ରଦୀପ କୁମାର ଜେନା କହିଛନ୍ତି, ଏବେ ଶିଶୁଭବନରେ ମୋଟ ୧୪ଜଣ ଶିଶୁଙ୍କର ଚିକିତ୍ସା କରାଯାଉଥିବାବେଳେ ୧୩ ଶିଶୁଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଓ ଜଣେ ଶିଶୁଙ୍କ ଅବସ୍ଥା ଗୁରୁତର ରହିଛି। ସମସ୍ତଙ୍କ ଚିକିତ୍ସା ଜାରି ରହିଛି। ଏହାସହ ଜଣେ ଶିଶୁର ମୃତ୍ୟୁ ହୋଇଛି। ୭ଦିନ ହେବ ଶିଶୁଟି ଜନ୍ମ ହୋଇଥିବାବେଳେ ଶିଶୁଟିର ସ୍ୱାସ୍ଥ୍ୟାବସ୍ଥା ଠିକ୍ ନ ଥିଲା। ମୃତ ଶିଶୁଟିର କୌଣସି ଅଗ୍ନିକାଣ୍ଡ ସମ୍ପର୍କିତ କ୍ଷତାକ୍ତ ନ ଥିବା ସେ କହିଛନ୍ତି।

ଅନ୍ୟପକ୍ଷରେ ଅଗ୍ନିକାଣ୍ଡ ପରେ ତ୍ରିଶା ନର୍ସିଂହୋମ୍‌ରୁ ଏସ୍‌ସିବି ମେଡିକାଲକୁ ୧୮ଜଣ ରୋଗୀଙ୍କୁ ସ୍ଥାନାନ୍ତର କରାଯାଇଥିବାବେଳେ ରବିବାର ୪ଜଣଙ୍କୁ ଡିସ୍‌ଚାର୍ଜ କରାଯାଇଛି। ଅନ୍ୟ ୧୪ଜଣଙ୍କ ମଧ୍ୟରେ ୩ଜଣ ଶିଶୁଙ୍କୁ ଏସ୍‌ଏନ୍‌ସିୟୁ, ୪ଜଣଙ୍କୁ ଆଇସିୟୁ ଓ ୭ଜଣଙ୍କୁ ଜେନେରାଲ ୱାର୍ଡରେ ରଖାଯାଇ ଚିକିତ୍ସା ଚାଲିଥିବା ମେଡିକାଲ ପକ୍ଷରୁ ସୂଚନା ଦିଆଯାଇଛି।

# ଘୂର୍ଣ୍ଣିବଳୟ: ୬ ଜିଲାରେ ପ୍ରବଳ ବର୍ଷା ସମ୍ଭାବନା

**ଭୁବନେଶ୍ୱର,୧୪।୭(ଅନିଲ ଦାସ)**

ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏଥିସହିତ ପଶ୍ଚିମବଙ୍ଗ ଏବଂ ଓଡ଼ିଶା ଉପରେ ମଧ୍ୟ ଏକ ଘୂର୍ଣ୍ଣିବଳୟ କ୍ଷେତ୍ର ରହିଛି । ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ନବରଙ୍ଗପୁର, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, ରାୟଗଡ଼ା ଏବଂ କୋରାପୁଟ ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହିସବୁ ଜିଲା ପାଇଁ ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ନିଂ ଜାରି କରାଯାଇଛି। ଘୂର୍ଣ୍ଣିବଳୟ ୧୬ ତାରିଖ ସୁଦ୍ଧା ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି। ୧୯ ତାରିଖରେ ଏହା ଗଭୀର ଅବପାତରେ ପରିଣତ ହୋଇ ୨୧ ତାରିଖ ଯାଏ ପଶ୍ଚିମ ଓ ଆଭ୍ୟନ୍ତରୀଣ ଓଡ଼ିଶାର ଅନେକ ଜିଲାରେ ପ୍ରବଳ ବର୍ଷା କରାଇବା ନେଇ ପୂର୍ବାନୁମାନ କରାଯାଇଛି । ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ☞ପୃଷ୍ଠା–୨

## ଆଜିର ସମ୍ପାଦକୀୟ

ଉପଚେତାବନୀ

## ଆଜିର ମନ୍ତବ୍ୟ

"କେନ୍ଦ୍ର ବିରୋଧରେ କଂଗ୍ରେସ ମନଗଢ଼ା କାହାଣୀ ପ୍ରସ୍ତୁତ କରୁଛି। ଦଳୀୟ କର୍ମୀମାନେ ସତ୍ୟ ଏବଂ ତଥ୍ୟ ସହିତ ସେମାନଙ୍କ ମିଥ୍ୟାର ମୁକାବିଲା କରନ୍ତୁ।"
-ନିର୍ମଳା ସୀତାରାମନ୍, କେନ୍ଦ୍ର ଅର୍ଥମନ୍ତ୍ରୀ






# ବିଦ୍ୟୁତ୍ ଆଘାତରେ ୧୫ ଶିଶୁ ଗୁରୁତର



ବ୍ରହ୍ମପୁର ବଡ଼ ମେଡିକାଲରେ ଗୁରୁତର ଶିଶୁମାନେ ଚିକିତ୍ସା ହେଉଛନ୍ତି।

**ଦିଗପହଣ୍ଡି/ବ୍ରହ୍ମପୁର,୧୪।୭ (ଅଶେଷ ନାଥ ମିଶ୍ର/ସୁବାସ ଚନ୍ଦ୍ର ପାଢ଼ୀ)**

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଫାଶିଗୁଡ଼ା ଗ୍ରାମ ଦଳିତ ସାହିରେ ରବିବାର ମଧ୍ୟାହ୍ନରେ 'ରାମାୟଣ' ନାଟକ ମଞ୍ଚରେ ଏକ ଅଘଟଣ ଘଟିଛି। ଶର୍ଟ ସର୍କିଟ୍ ହେବାରୁ ବିଦ୍ୟୁତ୍ ଆଘାତରେ ୧୫ ଶିଶୁଙ୍କ ସମେତ ୨୦ଜଣ ଗୁରୁତର ହୋଇଛନ୍ତି। ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ୧୧ଜଣ ସୁସ୍ଥ ହୋଇ ଘରକୁ ଫେରିଥିବାବେଳେ ୯ ଜଣଙ୍କୁ ବ୍ରହ୍ମପୁର ଏମ୍‌କେସିଜି ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସେମାନଙ୍କ ମଧ୍ୟରୁ ୨ ଜଣ ଶିଶୁ କ୍ରିଷ୍ଣା ଦାସ ଏବଂ ବଳରାମ ଦାସଙ୍କୁ ଆଇସିୟୁରେ ରଖାଯାଇ ଚିକିତ୍ସା କରାଯାଉଥିବା ଏମ୍‌କେସିଜି ଶିଶୁ ରୋଗ ବିଭାଗ ପ୍ରଫେସର ଡା.ନରେନ୍ଦ୍ର ବେହେରା କହିଛନ୍ତି।

ଫାଶିଗୁଡ଼ା ଗ୍ରାମର ଦଳିତ ସାହିରେ ମା' ଗ୍ରାମଦେବତୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଗତ ୯ ତାରିଖଠାରୁ ଆରମ୍ଭ ହୋଇଥିଲା। ଯଜ୍ଞର ପୂର୍ଣ୍ଣାହୁତି ଦିବସ ଶନିବାର ବିଳମ୍ବିତ ରାତିରୁ ସାହିରେ ପୌରାଣିକ ନାଟକ 'ରାମାୟଣ' ପରିବେଷଣ ହେଉଥିଲା। ରବିବାର ମଧ୍ୟାହ୍ନରେ ବର୍ଷା ☞ପୃଷ୍ଠା–୨

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଏନ୍‌ସିଡିଏସ୍ ପକ୍ଷରୁ ୱାର୍କଶପ୍, ସ୍ଥାନ: ଗୋପବନ୍ଧୁ ଏକାଡେମୀ ଅଫ୍ ଆଡମିନିଷ୍ଟ୍ରେଶନ, ସମୟ: ପୂର୍ବାହ୍ନ ୧୦ଟା।
- ୩ ସମବାୟ ସଂସ୍ଥାର ମହାଦୁର୍ନୀତି ବିରୋଧରେ ଖବରଦାତା ସମ୍ମିଳନୀ, ସ୍ଥାନ: ଉତ୍କଳ ସାମ୍ବାଦିକ ଭିବନ, ସମୟ: ପୂର୍ବାହ୍ନ ୧୧ଟା ୩୦।
- କଥାଶିଳ୍ପୀ ଗୁଣଗ୍ରାହୀ ସାହୁଙ୍କ ଉପନ୍ୟାସ 'ଆକାଶକୁ ଶିଡ଼ି'ର ପାଠକାର୍ପଣ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୪ଟା।
- ନାଟକ 'ନିଃଶବ୍ଦ ପାଦଶବ୍ଦ', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## ପୁରୀ

- ଶ୍ରୀଜଗନ୍ନାଥ ଚେତନା ସେବା ସମିତି ଆନୁକୂଲ୍ୟରେ ପଞ୍ଚବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞର ଆଦ୍ୟ ଦିବସ ଅଧିବାସ ଓ କଳସ ଯାତ୍ରା, ସ୍ଥାନ: ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ବରାଳ, ସମୟ: ସକାଳ ୬ଟା।
- ଶ୍ରୀପତିତପାବନଙ୍କ ବହୁଡ଼ା ଯାତ୍ରା ଉପଲକ୍ଷେ ରଥଟଣା, ସ୍ଥାନ: ଗୁଣ୍ଡିଚା ଘର (ମା' ପଡାଉଶୁଣୀ ପୀଠ) ମେଡିକାଲ ଛକ, ପିପିଲି, ରଥଟଣା ସମୟ: ଅପରାହ୍ନ ୧ଟା ୩୦।
- ଠାକୁର ଅଜା ସିଦ୍ଧବଳରାମଙ୍କ ବାହୁଡ଼ା ଯାତ୍ରା, ସ୍ଥାନ: ଚନ୍ଦନ ପୋଖରୀ ନିକଟ ଚନ୍ଦନ ଚକଡ଼ା, ସାକ୍ଷୀଗୋପାଳ, ସମୟ: ଅପରାହ୍ନ ୪ଟା।

## ଖୋର୍ଦ୍ଧା

- ବାହୁଡ଼ାଯାତ୍ରା ଉପଲକ୍ଷେ ରଥଟଣା, ସ୍ଥାନ: ଜାଗୁଳିପାଟଣା, ଖୋର୍ଦ୍ଧା ଉପକଣ୍ଠ, ସମୟ: ଅପରାହ୍ନ ୫ଟା।

## ବାଲେଶ୍ୱର

- ଆରତୀ ଏବଂ ଅବକାଶ, ସ୍ଥାନ: ଗୁଣ୍ଡିଚା ମନ୍ଦିର, ରେମୁଣା, ବାଲେଶ୍ୱର, ସମୟ: ସକାଳ ୫ଟା୧୫।
- ମଙ୍ଗଳାପନ୍ନ, ସ୍ଥାନ: ଗୁଣ୍ଡିଚା ମନ୍ଦିର, ରେମୁଣା, ସମୟ: ସକାଳ ୮ଟା ୪୭।
- ଆଜ୍ଞା ମାଳ ନୀତି, ସ୍ଥାନ: ଗୁଣ୍ଡିଚା ମନ୍ଦିର, ରେମୁଣା, ସମୟ: ସକାଳ ୯ଟା ୨୩।
- ଭାଜପାର ମତଦାତା ସମ୍ବର୍ଦ୍ଧନା ସଭା, ସ୍ଥାନ: ଡାକବଙ୍ଗଳା, ନୀଳଗିରି, ସମୟ: ପୂର୍ବାହ୍ନ ୧୦ଟା।
- ଧାଡ଼ି ପହଣ୍ଡି, ସ୍ଥାନ: ଗୁଣ୍ଡିଚା ମନ୍ଦିର, ରେମୁଣା, ସମୟ: ପୂର୍ବାହ୍ନ ୧୧ଟା ୩୪।
- ବାହୁଡ଼ା ଯାତ୍ରା ଉପଲକ୍ଷେ ଛେରାପହଁରା, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ, ରେମୁଣା, ସମୟ: ଅପରାହ୍ନ ୨ଟା।
- ଛେରା ପହଁରା, ସ୍ଥାନ: ଗୁଣ୍ଡିଚା ମନ୍ଦିର,ରେମୁଣା,ସମୟ: ଅପରାହ୍ନ ୨ଟା ୨୫।
- ବାହୁଡ଼ା ଯାତ୍ରା ଉପଲକ୍ଷେ ରଥଟଣା, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ, ରେମୁଣା,ସମୟ: ଅପରାହ୍ନ ୩ଟା।
- ବାହୁଡ଼ା ଯାତ୍ରା, ରଥକୁ ପହଣ୍ଡି ବିଜେ, ସ୍ଥାନ: ଶ୍ରୀଗୁଣ୍ଡିଚା ମନ୍ଦିର, ନୀଳଗିରି, ସମୟ: ଅପରାହ୍ନ ୩ଟା।
- ବାହୁଡ଼ା ଯାତ୍ରା ଉପଲକ୍ଷେ ରଥଟଣା, ସ୍ଥାନ: ଗୁଣ୍ଡିଚା ମନ୍ଦିର, ରେମୁଣା, ସମୟ: ଅପରାହ୍ନ ୩ଟା ୩୩।
- ଅଧର ପଣା ନୀତି, ସ୍ଥାନ: ଗୁଣ୍ଡିଚା ମନ୍ଦିର, ରେମୁଣା, ସମୟ: ସନ୍ଧ୍ୟା ୭ଟା।
- ନୀଳାଦ୍ରି ବିଜେ, ସ୍ଥାନ: ଗୁଣ୍ଡିଚା ମନ୍ଦିର, ରେମୁଣା, ସମୟ: ରାତି ୮ଟା।

## ଭଦ୍ରକ

- ବାହୁଡ଼ା ଯାତ୍ରା, ସ୍ଥାନ: କେଶପୁର, ଭଦ୍ରକ, ସମୟ: ଅପରାହ୍ନ ୩ଟା ୩୦।
- ବାହୁଡ଼ା ଯାତ୍ରା, ସ୍ଥାନ: ଆଗରପଡ଼ା, ଭଦ୍ରକ, ସମୟ: ଅପରାହ୍ନ ୪ଟା।
- 'ଶିଶୁ ପାଇଁ ଦିନଟିଏ' କାର୍ଯ୍ୟକ୍ରମ, ସ୍ଥାନ: ସଦ୍‌ଭାବନା ସଭାଗୃହ, ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ଅପରାହ୍ନ ୪ଟା ୩୦।
- ବାହୁଡ଼ା ଯାତ୍ରା, ସ୍ଥାନ: ବାଇପାସ୍, ଭଦ୍ରକ, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର

- ବାହୁଡ଼ା ଯାତ୍ରା ଉପଲକ୍ଷେ ଜଳସୁଆଁ ଭାଗବତ ପ୍ରେମୀଙ୍କ ଦ୍ୱାରା ଚାରାରୋପଣ, ସ୍ଥାନ: ବଡ଼ ପଡ଼ିଆ ଜଳସୁଆଁ, ଆନନ୍ଦପୁର, ସମୟ: ପୂର୍ବାହ୍ନ ୧୦ ଟା।
- ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ମରେଇଗାଁ, ହାଟଡିହୀ, ସମୟ: ପୂର୍ବାହ୍ନ ୧୧ ଟା।
- ଶ୍ରୀ ଗୁଣ୍ଡିଚା ମନ୍ଦିରରେ ବାହୁଡ଼ା ଯାତ୍ରା, ସ୍ଥାନ: ଯୋଡ଼ା ଗୁଣ୍ଡିଚା ମନ୍ଦିର, ସମୟ: ମଧ୍ୟାହ୍ନ ୧୨ ଟା। ବାହୁଡ଼ା ଯାତ୍ରା ଅପରାହ୍ନ ୩ ଟା ୩୦।
- ବାହୁଡ଼ା ଯାତ୍ରା ଉତ୍ସବ, ସ୍ଥାନ: ଢେଙ୍କା, ବଂଚୋ, ଶାଳନିଆଁ, ହାଟଡିହୀ, ସମୟ: ଅପରାହ୍ନ ୩ ଟା।
- ବାହୁଡ଼ା ଯାତ୍ରା, ସ୍ଥାନ: ଖଲଣା, ଘସିପୁରା, ସମୟ: ଅପରାହ୍ନ ୪ଟା।
- ବାହୁଡ଼ା ଯାତ୍ରା, ସ୍ଥାନ: ବାତୋ, ଘସିପୁରା, ସମୟ: ଅପରାହ୍ନ ୪ ଟା।
- ସତ୍ୟସାଇ ଭଜନ ମଣ୍ଡଳୀ ତରଫରୁ ଭଜନ କାର୍ଯ୍ୟକ୍ରମ, ସ୍ଥାନ: ଖାଣ୍ଟପଦା, ହାଟଡିହୀ, ସମୟ: ଅପରାହ୍ନ ୫ ଟା।
- ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ, ସ୍ଥାନ: ଶାଳନିଆଁ, ବଂଚୋ, ହାଟଡିହୀ, ସମୟ: ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ

- ଶ୍ରୀ ଶ୍ରୀ ହରିବଳଦେବଜୀଉଙ୍କ ସୁନାବେଶ, ସ୍ଥାନ: ମାଉସୀମା' ମନ୍ଦିର, ବାରିପଦା, ସମୟ: ସକାଳ ୯ଟା।
- ସାନ ଜଗନ୍ନାଥ ମହାପ୍ରଭୁଙ୍କ ସୁନାବେଶ, ସ୍ଥାନ: ଲାଲବଜାର ମାଉସୀମା' ମନ୍ଦିର, ବାରିପଦା, ସମୟ: ସକାଳ ୯ଟା।
- ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚପୀଢ ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷ, କରଞ୍ଜିଆ, ସମୟ: ପୂର୍ବାହ୍ନ ୧୦ଟା।
- ସର୍ବସାଧାରଣଙ୍କୁ ପ୍ରସାଦ ସେବନ, ସ୍ଥାନ: ମାଉସୀମା' ମନ୍ଦିର, ବାରିପଦା, ସମୟ: ମଧ୍ୟାହ୍ନ ୧୨ଟା।
- ରଥ ଉପରକୁ ମହାପ୍ରଭୁଙ୍କ ବାହୁଡ଼ା ପହଣ୍ଡି ବିଜେ, ସ୍ଥାନ: ମାଉସୀମା' ମନ୍ଦିର, ବାରିପଦା, ସମୟ: ଅପରାହ୍ନ ୫ଟା।
- ଚତୁର୍ଦ୍ଧାମୂର୍ତ୍ତିଙ୍କ ପହଣ୍ଡି ବିଜେ ଓ ବାହୁଡ଼ା ଯାତ୍ରା, ସ୍ଥାନ: ମୋରଡ଼ା, ଚିତ୍ରଡ଼ା ମାଉସୀମା' ମନ୍ଦିର, ସମୟ: ଅପରାହ୍ନ ୩ ଟା।
- ଚତୁର୍ଦ୍ଧାବିଗ୍ରହଙ୍କ ବାହୁଡ଼ା ଯାତ୍ରା, ପୂଜାର୍ଚ୍ଚନା, ରଥ ଟଣା, ସ୍ଥାନ: ରାଇରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ ଟା, ଅପରାହ୍ନ ୪ ଟା।

## ଗଞ୍ଜାମ

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ଭଞ୍ଜନଗର ଉପ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ସମ୍ବର୍ଦ୍ଧନା ସଭା, ସ୍ଥାନ:ଭଞ୍ଜନଗର ବାର ଆସୋସିଏଶନ୍ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ବାହୁଡ଼ା ଯାତ୍ରା, ସ୍ଥାନ: ଭଞ୍ଜନଗର ବ୍ଲକ କୁଲାଡ, ସମୟ: ଅପରାହ୍ନ ୩ଟା।
- ବାହୁଡ଼ା ଯାତ୍ରା,ସ୍ଥାନ: ବୁଗୁଡ଼ା ବଡଦାଣ୍ଡ,ସମୟ: ଅପରାହ୍ନ ୩ଟା।

## କନ୍ଧମାଳ

- ବିଶ୍ୱ ଯୁବ ଦକ୍ଷତା ଦିବସ, ସ୍ଥାନ:ସରକାରୀ ଆଇଟିଆଇ ପରିସର (ଦାରିଙ୍ଗବାଡ଼ି),ସମୟ:ପୂର୍ବାହ୍ନ ୧୦ଟା ୩୦ ମିନିଟ୍।
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ବ୍ଲକ ସଭାଗୃହ କ.ନୂଆଗାଁ, ସମୟ:ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ

- ଶ୍ରୀଗୁଣ୍ଡିଚା ଭଜନ ସମାରୋହର ଉଦ୍‌ଯାପନ ଦିବସ, ସ୍ଥାନ: ବାଜିଚୌକ ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଗଁଦିଆ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା୩୦।
- ଶିଶୁ କଳାକାରଙ୍କ ଦ୍ୱାରା ଭକ୍ତି ସଙ୍ଗୀତ ପ୍ରତିଯୋଗିତା, ସ୍ଥାନ: ଗୋପବନ୍ଧୁ ଟାଉନହଲ, ଢେଙ୍କାନାଳ ସମୟ: ପୂର୍ବାହ୍ନ ୧୦ଟା।
- ବାହୁଡ଼ା ଯାତ୍ରା, ସ୍ଥାନ: ଶ୍ରୀଗୁଣ୍ଡିଚା ମନ୍ଦିର ବାଜିଚୌକ ଢେଙ୍କାନାଳ, ସମୟ: ଅପରାହ୍ନ ୨ଟା।
- ବାହୁଡ଼ା ଯାତ୍ରା ସମାରୋହ ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ଗୋପବନ୍ଧୁ ଟାଉନହଲ ଢେଙ୍କାନାଳ, ସମୟ: ସନ୍ଧ୍ୟା ୬ଟା।

## ଜଗତ୍‌ସିଂହପୁର

- ବାଲିଘର ଫାଉଣ୍ଡେଶନ ପକ୍ଷରୁ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପାଲା ଗାୟକ ଜଗନ୍ନାଥ ବେହେରାଙ୍କ ୯୯ତମ ଜୟନ୍ତୀ ସମାରୋହ, ସ୍ଥାନ: ଇଦ୍ରିସିଂସ୍ଥିତ ମା' ଉତ୍ତରେଶ୍ୱରୀ ପୀଠ, ସମୟ: ପୂର୍ବାହ୍ନ ୧୧ଟା।
- ପାରାଦୀପ ମଧୁବନ ଜଗନ୍ନାଥ ସମାଜ ପକ୍ଷରୁ ମହାପ୍ରଭୁ ଜଗନ୍ନାଥଙ୍କ ବାହୁଡା ଯାତ୍ରା, ସ୍ଥାନ: ମାଉସୀ ମା' ମନ୍ଦିର, ମଧୁବନ ପାରାଦୀପ, ସମୟ: ଅପରାହ୍ନ ୪ଟା।
- ବଡ଼ଦାଣ୍ଡରେ ଚେନ୍ନାଇ ରାଧା କମ୍ପାନୀ ପକ୍ଷରୁ ଭକ୍ତଙ୍କ ପାଇଁ ସେବାମୂଳକ କାର୍ଯ୍ୟକ୍ରମ, ସ୍ଥାନ: ମଧୁବନ, ପାରାଦୀପ, ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା

- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ମହାକାଳପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀବଳଦେବଜୀଉଙ୍କ ବାହୁଡ଼ା ଯାତ୍ରା, ସ୍ଥାନ: ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୫ଟା।
- ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ, ସ୍ଥାନ: ମାଉସୀ ମା' ମନ୍ଦିର, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୭ଟା।

## ଯାଜପୁର

- ବୈତରଣୀ ନଦୀକୂଳର ସର୍ବପୁରାତନ ଯାଜପୁର ଜଗନ୍ନାଥ ମନ୍ଦିରରେ ବାହୁଡା ଯାତ୍ରା, ସ୍ଥାନ: ମାଉସୀ ମା' ମନ୍ଦିରରୁ ଜଗନ୍ନାଥ ମନ୍ଦିର ପରିସର, ସମୟ: ସକାଳ ୭ଟା।
- ଶ୍ରୀଗୁଣ୍ଡିଚା ମନ୍ଦିରରୁ ଜଗନ୍ନାଥଙ୍କ ବାହୁଡାଯାତ୍ରା, ସ୍ଥାନ: ଧର୍ମଶାଳା ହାଟପଡିଆରୁ ଭାଲୁଖାଇସ୍ଥିତ ଜଗନ୍ନାଥ ମନ୍ଦିର, ସମୟ: ଅପରାହ୍ନ ୨ଟା।
- ବାହୁଡ଼ା ଯାତ୍ରା, ସ୍ଥାନ: ରସୁଲପୁର ବ୍ଲକର ବଡ଼ଗୋବିନ୍ଦପୁରସ୍ଥିତ ମନ୍ଦିର ପରିସର, ସମୟ: ଅପରାହ୍ନ ୩ଟା।
- ବ୍ୟାସସରୋବର ଜଗନ୍ନାଥ ମନ୍ଦିରର ବାହୁଡା ଯାତ୍ରା, ସ୍ଥାନ: ମାଉସୀ ମା' ମନ୍ଦିର, ସମୟ: ଅପରାହ୍ନ ୩ଟା।
- ସରୋଜ ସାର ଓ ବିରଜା କଳା ପରିଷଦ ପକ୍ଷରୁ ଭଜନ ପରିବେଷଣ, ସ୍ଥାନ: ଯାଜପୁର ଜଗନ୍ନାଥ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା।

## ନୟାଗଡ଼

- ବାହୁଡା ଯାତ୍ରାରେ ରଥଟଣା, ସ୍ଥାନ: ଦଶପଲ୍ଲା କୁଞ୍ଜବନଗଡ଼, ସମୟ: ଅପରାହ୍ନ ୩ଟା।
- ବାହୁଡା ଯାତ୍ରାରେ ରଥଟଣା, ସ୍ଥାନ: ଦଶପଲ୍ଲା ସାତପାଟଣା, ସମୟ: ଅପରାହ୍ନ ୩ଟା।
- ବାହୁଡା ଯାତ୍ରାରେ ରଥଟଣା, ସ୍ଥାନ:ଶରଣକୁଳ ଲଡୁବାବାଙ୍କ ପୀଠ, ସମୟ: ଅପରାହ୍ନ ୩ଟା।
- ବାହୁଡା ଯାତ୍ରାରେ ରଥଟଣା, ସ୍ଥାନ: ନୟାଗଡ଼ ପୁରୁଣା ସହର, ସମୟ: ଅପରାହ୍ନ ସାଢ଼େ ୩ଟା।
- ବାହୁଡା ଯାତ୍ରାରେ ରଥଟଣା, ସ୍ଥାନ: ରଣପୁର, ସମୟ: ଅପରାହ୍ନ ସାଢ଼େ ୩ଟା।
- ଦଧିବାମନଜୀଉଙ୍କର ବାହୁଡ଼ା ଯାତ୍ରାରେ ରଥଟଣା, ସ୍ଥାନ: କୁରାଳ, ସମୟ: ଅପରାହ୍ନ ସାଢ଼େ ୩ଟା।
- ରାଧାକାନ୍ତ ମଠରେ ବିଜେ ଶ୍ରୀଜୀଉଙ୍କର ବାହୁଡ଼ାଯାତ୍ରାରେ ରଥଟଣା, ସ୍ଥାନ: ଓଡଗାଁ ଛାମୁସାହି, ସମୟ: ଅପରାହ୍ନ ସାଢ଼େ ୩ଟା।
- ବାହୁଡ଼ା ଯାତ୍ରାରେ ରଥଟଣା, ସ୍ଥାନ: ଗୋଡିପଡା, ସମୟ: ଅପରାହ୍ନ ସାଢ଼େ ୩ଟା।
- ବାହୁଡା ଯାତ୍ରାରେ ରଥଟଣା, ସ୍ଥାନ: ଖଣ୍ଡପଡା, ସମୟ: ଅପରାହ୍ନ ୪ଟା।
- ଅଷ୍ଟମ ବାର୍ଷିକ ଜିଲା ବ୍ୟାପୀ ସେବା ଉତ୍ସବର ଉଦ୍‌ଘାଟନୀ ସମାରୋହ, ସ୍ଥାନ: ନୟାଗଡ଼ ରୋଟାରୀ କ୍ଲବ, ସମୟ: ସନ୍ଧ୍ୟା ୬ଟା।
- ବାହୁଡ଼ା ଯାତ୍ରା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଖଣ୍ଡପଡ଼ା ରଥଗଡ଼ା ଛକ, ସମୟ: ସନ୍ଧ୍ୟା ୬ଟା।

## ରାୟଗଡ଼ା

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ଉପ ଜିଲାପାଳଙ୍କ କାର୍ଯ୍ୟାଳୟ, ଗୁଣପୁର ସମୟ: ପୂର୍ବାହ୍ନ ୧୦ଟା।
- ଚତୁର୍ଦ୍ଧାମୂର୍ତ୍ତିଙ୍କ ପହଣ୍ଡି ବିଜେ, ସ୍ଥାନ: ଗୁଣ୍ଡିଚା ମନ୍ଦିର, ରାୟଗଡ଼ା, ସମୟ: ମଧ୍ୟାହ୍ନ ୧୨ଟା।
- ବାହୁଡ଼ା ଯାତ୍ରାରେ ରଥ ଟଣା, ସ୍ଥାନ: ଗୁଣ୍ଡିଚା ମନ୍ଦିର ଛକ, ରାୟଗଡ଼ା, ସମୟ: ଅପରାହ୍ନ ୨ଟା ୪୫ ।
- ରଥ ନିକଟରେ ମା'ଲକ୍ଷ୍ମୀଙ୍କ ବଚନିକା, ଚତୁର୍ଦ୍ଧାମୂର୍ତ୍ତିଙ୍କ ପ୍ରତ୍ୟାବର୍ତ୍ତନ ଓ ସିଂହାସନ ରୁଢ଼, ସ୍ଥାନ: ଶ୍ରଦ୍ଧା ଶ୍ରୀକ୍ଷେତ୍ର, ରାୟଗଡ଼ା, ସମୟ: ରାତି ୧୧ଟା।

## ନବରଙ୍ଗପୁର

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଡାବୁଗାଁ ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀଜୀଉଙ୍କ ବାହୁଡ଼ା ଯାତ୍ରା, ସ୍ଥାନ: ଡାବୁଗାଁ, ସମୟ: ଅପରାହ୍ନ ୪ଟା।

## କୋରାପୁଟ

- ବାହୁଡ଼ା ଯାତ୍ରାରେ ଶ୍ରୀଜୀଉଙ୍କ ପହଣ୍ଡି, ସ୍ଥାନ: କୋରାପୁଟ ଶାବର ଶ୍ରୀକ୍ଷେତ୍ର ଗୁଣ୍ଡିଚା ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା। ରଥଟଣା, ସମୟ: ମଧ୍ୟାହ୍ନ ୧୨ଟା ୧୦।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ପଟ୍ଟାଙ୍ଗି ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ସମ୍ବଲପୁର

- ବ୍ରହ୍ମପୁରା ଠାକୁରଙ୍କ ପହଣ୍ଡି ବିଜେ, ସ୍ଥାନ : ଖାଡୁଆପଡା ସ୍ଥିତ ମାଉସୀ ମା' ମନ୍ଦିର ସମ୍ମୁଖ, ସମୟ : ପୂର୍ବାହ୍ନ ୧୧ଟା୩୦।
- ଚତୁର୍ଦ୍ଧା ମୂର୍ତ୍ତିଙ୍କ ପହଣ୍ଡି ବିଜେ, ସ୍ଥାନ : ଗୋବିନ୍ଦତୋଳ ମାଉସୀ ମା' ମନ୍ଦିର ସମ୍ମୁଖ, ସମୟ : ଅପରାହ୍ନ ୨ଟା।
- ଚତୁର୍ଦ୍ଧା ମୂର୍ତ୍ତିଙ୍କ ବାହୁଡ଼ା ଯାତ୍ରା, ସ୍ଥାନ : ଅଇଁଠାପାଲି ଶୁଭଶ୍ରୀ ବିହାର ସ୍ଥିତ ମାଉସୀ ମା' ମନ୍ଦିର ସମ୍ମୁଖ , ସମୟ : ଅପରାହ୍ନ ୨ଟା।
- ଦଧିବାମନ ଠାକୁରଙ୍କ ରଥ ଯାତ୍ରା, ସ୍ଥାନ : ମହାନ୍ତିପଡା ସ୍ଥିତ ମାଉସୀ ମା' ମନ୍ଦିର ସମ୍ମୁଖ, ସମୟ : ଅପରାହ୍ନ ୩ଟା।

## ବଲାଙ୍ଗୀର

- ସୁଟିଂ ପ୍ରଶିକ୍ଷଣ ଶିବିର, ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୬ଟା।
- ବ୍ଲକସ୍ତରୀୟ ଜନଶୁଣାଣି ଶିବିର, ସ୍ଥାନ: କରୁଆଁଝର ପଞ୍ଚାୟତ ପରିସର, ଖପ୍ରାଖୋଲ ବ୍ଲକ, ସମୟ : ପୂର୍ବାହ୍ନ : ୧୦ଟା।

## ରାଉରକେଲା

- ଶ୍ରୀଧର ସ୍ମୃତି ଜ୍ଞାନ ବିକାଶ କେନ୍ଦ୍ର ପକ୍ଷରୁ ମାସିକ ସାହିତ୍ୟ ଆସର,
- ସ୍ଥାନ: ପଦ୍ମାବତୀ ମେମୋରିଆଲ ହଲ, ସମୟ: ଅପରାହ୍ନ ୫ଟା୩୦।
- ଯୁଜିଆଇ ପରିସରରେ ବୃକ୍ଷ ରୋପଣ, ସ୍ଥାନ: ଜେଲରୋଡ, ଯୁଜିଆଇ, ସମୟ: ସକାଳ ୭ଟା ୩୦।
- ବାହୁଡ଼ିବେ ଜଗାବଳିଆ, ସ୍ଥାନ: ଉଦିତନଗର, ବାସନ୍ତୀ କଲୋନୀ, ହନୁମାନ ବାଟିକା, ପ୍ଲାଣ୍ଟସାଇଟ, ଦେବବିହାର, ଛେଣ୍ଡ ସମୟ: ଅପରାହ୍ନ ୩ଟା୩୦।

## ବରଗଡ଼

- ମହାପ୍ରଭୁ ଜଗନ୍ନାଥଙ୍କ ପୂଜାର୍ଚ୍ଚନା, ସ୍ଥାନ: କାଠଡ଼େରା, ଅତାବିରା, ସମୟ: ସକାଳ ୭ଟା।
- ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ପଦ୍ମପୁର, ସମୟ: ପୂର୍ବାହ୍ନ ୧୦ଟା।
- ରଥଯାତ୍ରା ଅବସରରେ ସାଂସ୍କୃତିକ ଶୋଭାଯାତ୍ରା, ସ୍ଥାନ: କାଠଡ଼େରା, ସମୟ: ଅପରାହ୍ନ ୫ଟା।
- ବାହୁଡ଼ାଯାତ୍ରାରେ ପହଣ୍ଡି, ସ୍ଥାନ: ଭଟଲି, ସମୟ: ଅପରାହ୍ନ ୧ଟା।
- ବାହୁଡ଼ାଯାତ୍ରାରେ ରଥଟଣା, ସ୍ଥାନ: ଭଟଲି, ସମୟ: ସନ୍ଧ୍ୟା ୬ଟା।
- ଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିର ପ୍ରବେଶ, ସ୍ଥାନ: ପଗାରପାଣି, ଝାରବନ୍ଧ, ସମୟ: ସନ୍ଧ୍ୟା ୬ଟା।

## କଳାହାଣ୍ଡି

- ଦେବାଦେବୀଙ୍କ ସହ ଲାଠିଯାତ୍ରାରେ ମନ୍ଦିରକୁ ବାହୁଡ଼ିବେ ତିନି ଠାକୁର, ସ୍ଥାନ: କୋକସରା ବ୍ଲକ ଗୋତମୁଣ୍ଡା, ସମୟ: ଅପରାହ୍ନ ୪ଟା

## ବୌଦ୍ଧ

- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, କଣ୍ଟାମାଳ, ସମୟ: ପୂର୍ବାହ୍ନ ୧୦ଟା।
- ବୌଦ୍ଧରେ ବାହୁଡା ଯାତ୍ରା, ସ୍ଥାନ: ମାଉସୀ ମା' ମନ୍ଦିର, ବୌଦ୍ଧ, ସମୟ: ଅପରାହ୍ନ ୨ଟା।

## ଦେବଗଡ଼

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବାରକୋଟ ବ୍ଲକ, ବିଜୟନଗର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଚାଷୀମାନଙ୍କୁ ନେଇ ଫଳ ଓ ପନିପରିବା ଉତ୍ପାଦନ ବୃଦ୍ଧି ନିମନ୍ତେ ତାଲିମ ଶିବିର, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ବ୍ୟବସାୟିକ ଛତୁ ଚାଷ ସମ୍ପର୍କରେ ତାଲିମ ଶିବିର, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଆଇସିଏଆର୍‌ର ୯୬ତମ ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: କେଭିକେ, ଦେବଗଡ଼, ସମୟ: ମଧ୍ୟାହ୍ନ ୧୨ଟା।
- ଅର୍ଣ୍ଣ ପ୍ରାସାଦ ବଣ୍ଟନ, ସ୍ଥାନ: ନୃସିଂହ ମନ୍ଦିର ଛକ, ଦେବଗଡ, ସମୟ: ଅପରାହ୍ନ ୧ଟା।
- ରଥଟଣା କାର୍ଯ୍ୟକ୍ରମ, ସ୍ଥାନ: ନୃସିଂହ ମନ୍ଦିରରୁ ଗୋପାଳଜୀ ମନ୍ଦିର ଯାଏ, ସମୟ: ଅପରାହ୍ନ ୫ଟା।
- ଆଡ଼ପ ମଣ୍ଡପ ଦର୍ଶନ, ସ୍ଥାନ: ଗୁଣ୍ଡିଚା ମନ୍ଦିର, ପୁରୁଣାଗଡ, ଦେବଗଡ, ସମୟ: ଅପରାହ୍ନ ୫ଟା ୩୦।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ପାତାଳି ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ପହଣ୍ଡି ଉତ୍ସବ, ସ୍ଥାନ: କୋଟସମଲାଇସ୍ଥିତ ପାତାଳି ଶ୍ରୀକ୍ଷେତ୍ର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବିନିକା ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ଦୁଙ୍ଗୁରିପାଲି ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ କଲ୍ୟାଣ ସମିତି ବୈଠକ, ସ୍ଥାନ: ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।
- ପାତାଳି ଶ୍ରୀକ୍ଷେତ୍ରରେ ବାହୁଡା ଯାତ୍ରା ଅବସରରେ ରଥଟଣା, ସ୍ଥାନ: କୋଟସମଲାଇସ୍ଥିତ ପାତାଳି ଶ୍ରୀକ୍ଷେତ୍ର, ସମୟ: ଅପରାହ୍ନ ୨ଟା।
- ସୋନପୁର ବଡ ଜଗନ୍ନାଥଙ୍କ ପହଣ୍ଡି ବିଜେ, ସ୍ଥାନ: ଗୁଣ୍ଡିଚା ମନ୍ଦିର ସମ୍ମୁଖ, ଅପରାହ୍ନ ୪ଟା।
- ତରଭାରେ ମହାପ୍ରଭୁ ଜଗନ୍ନାଥଙ୍କ ପହଣ୍ଡି ବିଜେ, ସ୍ଥାନ: ଦୁର୍ଗା ମଣ୍ଡପ ମାଉସୀ ମା' ମନ୍ଦିର, ସମୟ: ସନ୍ଧ୍ୟା ୫ଟା।

## ନୂଆପଡ଼ା

- ଭାଗବତ ପାରାୟଣ, ସ୍ଥାନ: ବୋଡ଼େନ ବ୍ଲକ କେରାପଦର୍ ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଘାସିରାମ ମାଝିଙ୍କ ଜୟନ୍ତୀ, ସ୍ଥାନ: ମୃତ୍ତିକା ସଂରକ୍ଷଣ ବିଭାଗ ସମ୍ମିଳନୀ କକ୍ଷ, ନୂଆପଡା, ସମୟ: ପୂର୍ବାହ୍ନ ୧୦ଟା।
- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଓ ବାହୁଡା . ଯାତ୍ରା, ସ୍ଥାନ: କୋମନା ବ୍ଲକର କୁରେଶ୍ୱର, ଉଦ୍ୟାନବନ୍ଧ, ସମୟ: ପୂର୍ବାହ୍ନ ୧୦ଟା।

## ଝାରସୁଗୁଡ଼ା

- ସ୍ୱତନ୍ତ୍ର ପୂଜା ସହ ଶିବାଳୟରେ ଜଳାଭିଷେକ, ସ୍ଥାନ: ସହରସ୍ଥିତ ଝାଡେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୭ଟା।
- କୀର୍ତ୍ତନ ଭଜନ, ସ୍ଥାନ: ସହରସ୍ଥିତ ବାବୁପଡ଼ା ଜଗନ୍ନାଥ ମନ୍ଦିର ପରିସର, ସମୟ: ସକାଳ ୮ଟା।
- ବାହୁଡ଼ା ଯାତ୍ରା ପାଳନ, ସ୍ଥାନ: ସହରସ୍ଥିତ କୁକୁରଝଙ୍ଗା ଗ୍ରାମ, ସମୟ: ଅପରାହ୍ନ ୨ଟା।
- ବାହୁଡ଼ା ଯାତ୍ରା ପାଳନ, ସ୍ଥାନ: ସହରସ୍ଥିତ ଝଣ୍ଡାଛକ, ସମୟ: ସନ୍ଧ୍ୟା ୬ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଧନଲାଭ ସଙ୍ଗକୁ ନିକଟ ସମ୍ପର୍କୀୟମାନଙ୍କ ଆଦର ଓ ସୌଜନ୍ୟତାରୁ ଖୁସୀ ରହିବେ। ଆଜକୁ କେତେଦିନ ହେଲା ଯାହା ଭାବୁଥିଲେ ତାହା ଆଜି ସହଜ ଓ ସୁବିଧାରେ ପାଇଯିବେ। ଶିଳ୍ପ, ନିର୍ମାଣ, ବ୍ୟବସାୟ ଓ ବାଣିଜ୍ୟ ଓ ପରିବହନ ବାଧାପ୍ରାପ୍ତ ହୋଇପାରେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ।

**ବୃଷ**
ଆଜି ବିବାଦରେ ମଧ୍ୟସ୍ଥତା, ପ୍ରତିଦ୍ୱନ୍ଦ୍ୱିତା କିମ୍ବା ପ୍ରତିଯୋଗିତାରେ ପ୍ରଶଂସିତ ହୋଇପାରନ୍ତି। ସ୍ୱାସ୍ଥ୍ୟରେ ଉନ୍ନତି ସଙ୍ଗକୁ କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ପ୍ରଭୃତିରେ ଉନ୍ନତି କରିବେ। ଶିଳ୍ପ, ବାଣିଜ୍ୟ,ପରିବହନ ତଥା ଲେଖାପଢ଼ା, ପ୍ରଶାସନ ଓ ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ଆତ୍ମୀୟଙ୍କ ସକାଶେ ମନ ବିଚଳିତ ରହିବ।

**ମିଥୁନ**
ଆଜି କଥା ଯେମିତି କାମ ସେମିତି କରିବାରେ ପଛକୁ ହଟିବେ ନାହିଁ। ବହୁତ ଦିନ ହେଲା ଅଟକି ରହିଥିବା କାମଗୁଡ଼ିକ ସହମତି ମାଧ୍ୟମରେ ସୁବିଧାରେ ସମ୍ପନ୍ନ ହୋଇଯିବ। ସାମୟିକ ଭାବରେ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ଆର୍ଥିକ ପରିସ୍ଥିତି ବଦଳାଇବା ପାଇଁ କିମ୍ବା କିଛି କରିବା ସକାଶେ କର୍ମମୁଖର ହେବେ।

**କର୍କଟ**
ଆଜି କହିବେ ଯାହା କାମରେ କରିବାରେ ସମର୍ଥ ହେବେ। ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେମିତି କିଛି ହେବନି। ବ୍ୟବସାୟ ଓ ବାଣିଜ୍ୟ ଏବଂ ପରିବହନ ତଥା ନିର୍ମାଣରେ ପ୍ରତିବନ୍ଧକଜନିତ କାମ ସ୍ଥଗିତ ରହିଯାଇପାରେ। ପାରିବାରିକ ଜୀବନରେ ବୁଝାମଣା ନେଇ ସୂଚନା ରହିଛି।

**ସିଂହ**
କର୍ତ୍ତବ୍ୟର ଆହ୍ୱାନରେ ପାରିବାରିକ କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ କାମ ପଛ କରିବାକୁ ବାଧ ହେବେ। ଅବହେଳା କାରଣରୁ ସ୍ୱାସ୍ଥ୍ୟ ଅବନତି ଦିଗକୁ ଗତି କରିପାରେ। ଋଣଭାରରେ ଅତିଷ୍ଠ ହେବା ସହ ଆର୍ଥିକ ଅନଟନ ମଧ୍ୟରେ ଅଣନିଃଶ୍ୱାସୀ ହେବେ। କ୍ରୀଡ଼ା, ସାହିତ୍ୟ, ସଙ୍ଗୀତ, ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ।

**କନ୍ୟା**
ଖଳ ଲୋକଙ୍କ କଥାରେ ଭୁଲ୍ ମାର୍ଗର ଅନୁସରଣ କରିପାରନ୍ତି। କାମରେ ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ ହେବେ। କଚେରି ମାମଲା, ତର୍କବିତର୍କ, ସଭାସମିତି, ସଂଗଠନ, ନିର୍ମାଣ ଓ ପରିବହନ କ୍ଷେତ୍ରରୁ ଶୁଭଫଳ ପାଇବେ। ବିବାଦୀୟ ଘଟଣାରେ ବିଜୟପ୍ରାପ୍ତି ଯୋଗ ରହିଛି।

**ତୁଳା**
ଭଲ ଓ ମନ୍ଦର ମିଶ୍ରିତ ଅନୁଭୂତି ମଧ୍ୟରେ ଦିନଟି ଅତିବାହିତ ହେବ। କର୍ମକ୍ଷେତ୍ରରେ ବ୍ୟତିକ୍ରମ ଲାଗି ରହିବା କାରଣରୁ ମାନସିକ ସ୍ଥିତି ଭଲ ରହି ନ ପାରେ। କୌଣସି ବନ୍ଧୁଙ୍କ ସ୍ୱାସ୍ଥ୍ୟ ସମସ୍ୟା ମନକୁ ସାମୟିକ ବ୍ୟଥିତ କରିବ। କଳା, ସାହିତ୍ୟ, ସାମ୍ବାଦିକତା ଓ ପ୍ରଶାସନିକ ସ୍ତରରେ କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ।

**ବିଛା**
ଟିକିଏ ଟିକିଏ କଥାରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିପାରେ। ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ କାରଣରୁ ଅନ୍ୟ ଉପରେ ରାଗି ପାରନ୍ତି। ପ୍ରକାଶନ, ରାଜନୀତି, ପ୍ରଶାସନ, ସାମ୍ବାଦିକତା, ସଂଗଠନରେ ସମସ୍ୟା ସମାଧାନ ହୋଇଯିବ। ବିବାଦୀୟ ଜମିଜମା ଦୁଶ୍ଚିନ୍ତାକୁ ବୃଦ୍ଧି କରିବାର ଆଶଙ୍କା ରହିଛି।

**ଧନୁ**
ବନ୍ଧୁଙ୍କ ନିକଟରେ ଘରକଥା ମୁହଁ ଖୋଲି କହିଦେବା ହେତୁ ସମସ୍ୟା ବଢ଼ି ଯାଇପାରେ। କର୍ମକ୍ଷେତ୍ରରେ ବନ୍ଧୁ ସହିତ ଆଲୋଚନାପୂର୍ବକ ସମସ୍ୟାକୁ ସୁଧାରି ନେବେ। ପୂର୍ବ ରାଗକୁ ଶୁଝାଇବାକୁ ଯାଇ ସମସ୍ୟାକୁ ଈର୍ଷାପରାୟଣ ବ୍ୟକ୍ତିମାନେ ବଢାଇ ଦେଇପାରନ୍ତି। ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଓ ପରିବହନରୁ ଖୁସି ରହିବେ।

**ମକର**
ଆଜି ଯେଉଁ କାମରେ ହାତ ଦେବେ ତାହା ସମ୍ପୂର୍ଣ୍ଣ ନ ହୋଇ ରହିବ ନାହିଁ। ପାରିବାରିକ କ୍ଷେତ୍ରରେ ମାନସିକ ଅଶାନ୍ତି କମିଯିବା କାରଣରୁ ଆଂଶିକ ଆଶ୍ୱସ୍ତି ଲାଭ କରିବେ। ପ୍ରକୃତ ଘଟଣା ନ ବୁଝି ଉପରିସ୍ଥ କର୍ମଚାରୀ କ୍ରୋଧ ପ୍ରକାଶ କରିପାରନ୍ତି। ରପ୍ତାନି କାରବାର, ନିର୍ମାଣ, ପରିବହନ, ବାଣିଜ୍ୟ, ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କୁମ୍ଭ**
ଆଜି ମନ ଅଶାନ୍ତ ରହିଥିବା ହେତୁ ମାନସିକ ଅସ୍ଥିରତା ଲାଗି ରହିବ। ଜଣେ ବନ୍ଧୁ ପାରିବାରିକ କ୍ଷେତ୍ରର ସମସ୍ୟା ସମାଧାନ କରିବା ସକାଶେ ଚେଷ୍ଟା କରିବେ। ଜମିଜମା କିମ୍ବା କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇପାରନ୍ତି। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନଦେବା ନିତାନ୍ତ ଆବଶ୍ୟକ ଅନ୍ୟଥା ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ।

**ମୀନ**
ଆଜି ଏକାଧାରରେ ଦୈହିକ ଓ ମାନସିକ ସ୍ଥିତି ବହୁତ ଭଲ ରହିବ। ଆନୁଷ୍ଠାନିକ କାମରେ ଅର୍ଥ ଓ ସମ୍ମାନ ପାଇବାରେ କୌଣସି ଅସୁବିଧା ହେବନାହିଁ। ଅବଶ୍ୟ ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧିହେତୁ ମନରେ ସରସତା ସାମୟିକ ରହି ନ ପାରେ। କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ।

ଆଜି ଜୁଲାଇ ୧୫ ତାରିଖ, ବାହୁଡ଼ା ଯାତ୍ରା, ବିଶ୍ୱ ଯୁବକୌଶଳ ଦିବସ, ମାସାନ୍ତ, ଆଷାଢ଼ ଶୁକ୍ଳ ନବମୀ ଯୁକ୍ତ ଦଶମୀ ସୋମବାର, ରାଶିନକ୍ଷତ୍ର–ସ୍ୱାତୀ/ତୁଳା, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୮.୪୯ମି. ଗତେ ଘ.୧୦.୩୪ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଘ.୦୬.୫୮ମି. ଗତେ ଘ.୦୮.୩୬ମି. ମଧ୍ୟେ ରାହୁ କାଳ।

ପ୍ରଥମ ପୃଷ୍ଠାରୁ...

## ଆଜି ବାହୁଡ଼ିବେ ...

ନୀତିନିର୍ଘଣ୍ଟର ଯଥେଷ୍ଟ ପୂର୍ବରୁ ମହାପ୍ରଭୁଙ୍କ ନୀତି ଆରମ୍ଭ ହେବ ବୋଲି ସେବାୟତମାନଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ୧୭୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିବେ। ଆମ୍ବୁଲାନ୍ସ ଯିବା ପାଇଁ ଗ୍ରୀନ କରିଡର କରାଯିବା ସ୍ୱତନ୍ତ୍ର ଟ୍ରାଫିକ ବ୍ୟବସ୍ଥା କରାଯାଇଛି। ରବିବାର ରାତି ୧୨ଟାରୁ ଟ୍ରାଫିକ କଟକଣା ଲାଗୁ କରାଯିବ। ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ହୋଇଛି। ମହାପ୍ରଭୁଙ୍କ କୃପାରୁ ବାହୁଡା ଯାତ୍ରା ସୁରୁଖୁରୁରେ ସମ୍ପନ୍ନ ହେବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ଆଶା ପ୍ରକାଶ କରିଛନ୍ତି।

## ତାଲା ଭାଙ୍ଗି ଖୋଲାଗଲା ...

ଅଧକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥ, ସଦସ୍ୟ ଡାକ୍ତର ସି.ବି.କେ. ମହାନ୍ତି, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ, ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍‌ପି ପିନାକ ମିଶ୍ର, ଏଏସ୍ଆଇ ଅଧୀକ୍ଷକ ଡି.ବି. ଗଡ଼ନାୟକ, ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର, ଗଜପତି ମହାରାଜାଙ୍କ ପ୍ରତିନିଧି, ଭଣ୍ଡାର ମେକାପ, ତଢ଼ଉ କରଣ ଓ ଦେଉଳ କରଣ ରହିଥିଲେ। ସମସ୍ତେ ଶୁଦ୍ଧପୂତ ଭାବେ ରହିବା ସହ ପାରମ୍ପରିକ ପୋଷାକ ପିନ୍ଧିଥିଲେ। ସେହିପରି ଷ୍ଟାଣ୍ଡବାଇ ଭାବେ ଓଡ୍ରାଫ ଟିମ୍, ସାପ ଧରାଳି ଟିମ୍, ଡାକ୍ତରୀ ଟିମ୍ ଆଦି ରହିଥିଲେ। ନିର୍ଦ୍ଧାରିତ ସମୟରେ ପ୍ରଥମେ ବାହାର 'ରତ୍ନଭଣ୍ଡାର' ଖୋଲାଯାଇ ରତ୍ନଅଳଙ୍କାର ବାହାର କରାଯାଇ ଶ୍ରୀମନ୍ଦିର ଭିତରେ ହୋଇଥିବା ଅସ୍ଥାୟୀ ଷ୍ଟ୍ରଙ୍ଗରୁମ୍‌କୁ ସ୍ଥାନାନ୍ତର କରାଯାଇଥିଲା। ଅଳଙ୍କାରଗୁଡ଼ିକୁ ୬ଟି ବଡ଼ କାଠ ସିନ୍ଦୁକରେ ରଖାଯାଇଛି। ବାହାର ରତ୍ନଭଣ୍ଡାରରେ ନୂଆ ତାଲା ପକାଯାଇ ସିଲ କରାଯାଇଛି। ବାହାର ରତ୍ନଭଣ୍ଡାରର ଅଳଙ୍କାର ମହାପ୍ରଭୁଙ୍କ ଦୈନନ୍ଦିନ ବେଶ ଓ ଅନ୍ୟାନ୍ୟ ବେଶରେ ବ୍ୟବହାର ହେଉଥିବାରୁ ତାହାରି ୩ଟି ଚାବି ଅଧିକୃତ ଲୋକଙ୍କୁ ପ୍ରଦାନ କରାଗଲା। ବାହାର ଭଣ୍ଡାର ଅଳଙ୍କାର ସ୍ଥାନାନ୍ତର କରିବାକୁ ୩ ଘଣ୍ଟା ଲାଗିଥିଲା। ସବୁ ଅଳଙ୍କାର ତନଖି କରାଯାଇ ଭିଡିଓଗ୍ରାଫି କରାଯାଇଛି। ଏହାପରେ ଭିତର ରତ୍ନଭଣ୍ଡାର ଖୋଲିବାକୁ ପ୍ରୟାସ ଆରମ୍ଭ ହୋଇଥିଲା। ଟ୍ରେଜେରିରୁ ଆସିଥିବା ଚାବିରେ ତାଲା ନ ଖୋଲିବାରୁ ଏସ୍‌ଓପି ଅନୁଯାୟୀ ସମସ୍ତଙ୍କ ଉପସ୍ଥିତିରେ ତାଲା କଟାଯାଇଥିଲା। ଆଲୋକ ବ୍ୟବସ୍ଥା କରାଯିବା ପରେ ସଦସ୍ୟମାନେ ଭିତରକୁ ଯାଇ ଜିନିଷଗୁଡ଼ିକ ଅନୁଧ୍ୟାନ କରିଥିଲେ। ତେବେ ସମୟ ଅଭାବରୁ ଅଳଙ୍କାର ସ୍ଥାନାନ୍ତରଣ କରାଯାଇପାରିନାହିଁ। ତେଣୁ ଭଣ୍ଡାରକୁ ନୂଆ ତାଲାରେ ସିଲ କରାଯାଇଛି। ସୋମବାର ବାହୁଡ଼ା ଯାତ୍ରା ଥିବାବେଳେ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ଚତୁର୍ଦ୍ଧାମୂର୍ତ୍ତିଙ୍କର ବହୁ ନୀତିକାନ୍ତି ରହିଛି। ତେଣୁ ଭିତର ରତ୍ନଭଣ୍ଡାର ଅଳଙ୍କାର ତଦାରଖ ଓ ସ୍ଥାନାନ୍ତରଣ ପାଇଁ ନୀଳାଦ୍ରିବିଜେ ପରେ ପୁଣି ବୈଠକ ବସି ତାରିଖ ଧାର୍ଯ୍ୟ କରାଯିବ ବୋଲି କମିଟି ଅଧକ୍ଷ ଜଷ୍ଟିସ୍ ରଥ ଏବଂ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପାଢ଼ୀ କହିଛନ୍ତି। ଏହି ଟିମ୍ ଅପରାହ୍ନ ୫ଟା ୧୫ରେ ଶ୍ରୀମନ୍ଦିରରୁ ବାହାରକୁ ଆସିଥିଲେ। ଉଲ୍ଲେଖ ଥାଉ କି, ପୂର୍ବାହ୍ନରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଶ୍ରୀଗୁଣ୍ଡିଚା ମନ୍ଦିରରେ ଦାରୁଦିଅଁଙ୍କୁ ଦର୍ଶନ କରିଥିଲେ। ମହାପ୍ରଭୁଙ୍କ କୃପା ଓ ଆଶୀର୍ବାଦରୁ ସବୁ ସୁରୁଖୁରୁରେ ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ରାଜ୍ୟ ସରକାରଙ୍କ ଏସ୍‌ଓପି ଅନୁଯାୟୀ ରତ୍ନଭଣ୍ଡାର ଖୋଲାଯାଇଛି ବୋଲି ସେ କହିଥିଲେ।

## ମହାପ୍ରଭୁଙ୍କ ଇଚ୍ଛାରେ ଖୋଲିଲା ରତ୍ନଭଣ୍ଡାର: ସିଏମ୍‌ଓ

ଭୁବନେଶ୍ୱର,୧୪।୭(ଅନିଲ ଦାସ)-ମହାପ୍ରଭୁଙ୍କ ଇଚ୍ଛାରେ ରତ୍ନଭଣ୍ଡାର ଖୋଲାଗଲା ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ) ପକ୍ଷରୁ 'ଏକ୍ସ'ରେ ଲେଖାଯାଇଛି। ଜୟ ଜଗନ୍ନାଥ ହେ ମହାପ୍ରଭୁ! ତୁମେ ଲୀଳାମୟ। ତୁମ ଇଚ୍ଛାରେ ଏ ସାରା ସଂସାର ଆତଯାତ ହେଉଛି। ତୁମେ ଓଡ଼ିଆ ଜାତିର ହୃତ୍‌ସ୍ପନ୍ଦନ। ଓଡ଼ିଆ ଜାତିର ଅସ୍ମିତା ଓ ସ୍ୱାଭିମାନର ଶ୍ରେଷ୍ଠ ପରିଚୟ। ତୁମ ଇଚ୍ଛାରେ ଓଡ଼ିଆ ଜାତି ଆଜି ତା'ର ଅସ୍ମିତାର ପରିଚୟକୁ ନେଇ ଆଗକୁ ବଢ଼ିବାକୁ ଉଦ୍ୟମ ଆରମ୍ଭ କରିଛି। ତୁମ ଇଚ୍ଛାରେ ପ୍ରଥମେ ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲିଲା। ତୁମ ଇଚ୍ଛାରେ ୪୬ ବର୍ଷ ପରେ ଆଜି ଏକ ମହତ୍ ଉଦ୍ଦେଶ୍ୟ ନେଇ ରତ୍ନଭଣ୍ଡାର ଖୋଲାଗଲା। ଏ ମହାନ୍ କାର୍ଯ୍ୟ ସଫଳ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଏହି ବାର୍ତ୍ତାକୁ ଟୁଇଟ୍‌ରେ ଉଲ୍ଲେଖ କରାଯାଇଛି।

## ରାଲିରେ ଟ୍ରମ୍ପଙ୍କୁ ...

ଅନ୍ୟମାନେ ରାଲି ସ୍ଥାନ ଛାଡ଼ି ପଳାଇ ଯାଇଥିଲେ। ମଞ୍ଚ ଉପରୁ ଟ୍ରମ୍ପଙ୍କୁ ଅନ୍ୟତ୍ର ନେବାବେଳେ ତାଙ୍କ କାନରୁ ରକ୍ତ ବାହାରୁଥିବା ଦେଖାଯାଇଥିଲା। ସେ ଉପରକୁ ହାତ ଟେକି ଲଢ଼େଇ କରିବା ପାଇଁ ଲୋକମାନଙ୍କୁ କହୁଥିଲେ। ତାଙ୍କୁ ଏକ କାର୍ ଯୋଗେ ପିଟସ୍‌ବର୍ଗର ଏକ ହସ୍ପିଟାଲକୁ ନିଆଯାଇଥିଲା। ସିକ୍ରେଟ୍ ସର୍ଭିସ ଏଜେଣ୍ଟଙ୍କ ଗୁଳିରେ ଆକ୍ରମଣକାରୀ ନିହତ ହୋଇଛନ୍ତି।

ଗୁଳି ଚଳାଇଥିବା ୨୦ ବର୍ଷୀୟ ଯୁବକ ଥୋମାସ୍ ମାଥ୍ୟୁ କ୍ରୁକ୍ସ ଓ ତାଙ୍କ ଘର ବେଥେଲ ପାର୍କ ଅଞ୍ଚଳରେ। ସେ ଜଣେ ରିପବ୍ଲିକାନ୍ ଭୋଟର ଭାବେ ନିଜକୁ ପଞ୍ଜୀକୃତ କରିଥିଲେ ଏବଂ ଆସନ୍ତା ନଭେମ୍ବରରେ ପ୍ରଥମ ଭୋଟ ଦେଇଥାନ୍ତେ। ରାଲି ବେଳେ କ'ଣ ସବୁ ଘଟିଲା ସେ ସମ୍ପର୍କରେ ୭୮ ବର୍ଷୀୟ ଟ୍ରମ୍ପ୍ ନିଜର ଟ୍ରୁଥ୍ ସୋସିଆଲ ଆକାଉଣ୍ଟରେ ପୋଷ୍ଟ କରିଛନ୍ତି। ଆମ ଦେଶରେ ଏଭଳି ଘଟଣା ଘଟିବା ଅବିଶ୍ୱସନୀୟ। ଶୁଟରଙ୍କ ସମ୍ପର୍କରେ କିଛି ଜଣା ନ ଥିଲା। ମୋ ଉପରକୁ ହୋଇଥିବା ଗୁଳି ଡାହାଣ କାନ ଉପରିଭାଗରେ ମାଡ଼ ହୋଇଥିଲା। ଭଗବାନ ଆମେରିକାକୁ ଆଶୀର୍ବାଦ କରନ୍ତୁ ବୋଲି ଟ୍ରମ୍ପ୍ ଲେଖିଛନ୍ତି। ମିଲ୍‌ୱାଉକିଠାରେ ରିପବ୍ଲିକାନ୍ ନ୍ୟାଶନାଲ କନ୍‌ଭେନ୍‌ଶନ ଆରମ୍ଭ ହେବାକୁ ଥିବାବେଳେ ନଭେମ୍ବର ୫ ରାଷ୍ଟ୍ରପତି ନିର୍ବାଚନ ନିମନ୍ତେ ଟ୍ରମ୍ପ୍ ଆନୁଷ୍ଠାନିକ ଭାବେ ଦଳର ପ୍ରାର୍ଥୀ ହୋଇଥାନ୍ତେ। ଏହାର ୨ ଦିନ ପୂର୍ବରୁ ତାଙ୍କୁ ଗୁଳି ହୋଇଛି। ବନ୍ଧୁକଧାରୀ ଏକାଧିକ ଥର ଗୁଳି ଚଳାଇବାକୁ ସକ୍ଷମ ହେବା ଆଶ୍ଚର୍ଯ୍ୟର କଥା ବୋଲି ପିଟସ୍‌ବର୍ଗ ଅଫିସ୍ ଦାୟିତ୍ୱରେ ଥିବା ଏଫ୍‌ବିଆଇ ସ୍ପେଶାଲ ଏଜେଣ୍ଟ କେଭିନ୍ ରୋଜେକ୍ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ସିକ୍ରେଟ୍ ସର୍ଭିସ୍‌ର କର୍ମଚାରୀମାନେ ମହଜୁଦ୍ ଥାଇ ଜଣେ ଯୁବକ ଏଆର୍-ଷ୍ଟାଇଲ ରାଇଫଲ ନେଇ ଏତେ ନିକଟରୁ ଟ୍ରମ୍ପଙ୍କୁ ଏକାଧିକ ଥର ଗୁଳି କରିବାକୁ ସଫଳ ହେଲେ କିପରି ତାହାର ତଦନ୍ତ ଚାଲିଛି। ଏଜେନ୍ସିର ମୁଖ୍ୟ ତ୍ରୁଟିରେ ଏହା ବଡ଼ ଧରଣର ବିଫଳତା ବୋଲି କୁହାଯାଉଛି। ରାଲି ସ୍ଥଳର ଖୁବ୍ ନିକଟରେ ଥିବା ଏକ ବିଲ୍ଡିଂ ଉପରୁ ଥୋମାସ୍ ମଞ୍ଚ ଉପରକୁ ଗୁଳି ଚଳାଇଥିଲେ। ସେ ସେଠାକୁ କିପରି ଗଲେ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ସୋସିଆଲ ମିଡିଆରେ ପୋଷ୍ଟ ହୋଇଥିବା ଭିଡିଓରୁ ଶୁଟରଙ୍କ ମୃତଦେହ ବଟଲର ଫାର୍ମ ରାଲି ସ୍ଥଳ ଉତ୍ତର ପାର୍ଶ୍ୱରେ ଥିବା ଏକ କାରଖାନା ଛାତ ଉପରେ ପଡ଼ିରହିଥିବା ଦେଖାଯାଇଛି। ଟ୍ରମ୍ପ୍ ଯେଉଁଠି ଭାଷଣ ଦେଉଥିଲେ, ସେଠାରୁ ଉକ୍ତ ସ୍ଥାନର ଦୂରତା ୧୫୦ ମିଟରରୁ କମ୍। ଗୁଳି ଚଳାଇବା ପୂର୍ବରୁ ଥୋମାସ୍ ଗୋଟିଏ ଛାତରୁ ଅନ୍ୟ ଛାତକୁ ଚାଲୁଥିବାର ଜଣେ ପ୍ରତ୍ୟକ୍ଷଦର୍ଶୀ ଦେଖିଥିବା କହିଛନ୍ତି। ସେ ଗୁଳି କରିବା ପୂର୍ବରୁ ସମ୍ଭବତଃ ଏକ ଉପଯୁକ୍ତ ସ୍ଥାନର ତଲାସରେ ଥିଲେ ବୋଲି କୁହାଯାଉଛି। ଟ୍ରମ୍ପଙ୍କୁ ହତ୍ୟା ଉଦ୍ୟମ ଘଟଣାକୁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍, ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମା, ଜର୍ଜ ଡବ୍ଲ୍ୟୁ ବୁଶ୍, ବିଲ୍ କ୍ଲିଣ୍ଟନ ନିନ୍ଦା କରିଛନ୍ତି। ଆମେରିକାରେ ହିଂସାର ସ୍ଥାନ ନାହିଁ ବୋଲି ସେମାନେ କହିଛନ୍ତି। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ସମେତ ବିଶ୍ୱ ନେତାମାନେ ଟ୍ରମ୍ପଙ୍କ ଉପରେ ଆକ୍ରମଣକୁ ଦୃଢ଼ ନିନ୍ଦା କରିଛନ୍ତି। ରାଜନୀତି ଓ ଗଣତନ୍ତ୍ରରେ ହିଂସାର ସ୍ଥାନ ନାହିଁ ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି।

## ବିଦ୍ୟୁତ ଆଘାତରେ ...

ହେବା ଫଳରେ ନାଟକ ଅଧାରୁ ବନ୍ଦ ହୋଇଯାଇଥିଲା। ତେବେ ମଞ୍ଚରେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରାଯାଇ ନ ଥିଲା। ଏହି ସମୟରେ ଶିଶୁମାନେ ମଞ୍ଚ ତଳେ ଓ ଉପରେ ଚଢ଼ି ଖେଳୁଥିବା ବେଳେ ଶର୍ଟ ସର୍କିଟ ହେବାରୁ ସେମାନେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଯାଇଥିଲେ। ସେମାନଙ୍କ ଚିତ୍କାର ଶୁଣି ସଙ୍ଗେ ସଙ୍ଗେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇଥିଲା। ଗୁରୁତର ଗଣେଶ ପ୍ରଧାନ, ଚନ୍ଦନ ବିଶ୍ୱାଳ, ରୁଦ୍ର ପ୍ରଧାନ, ଶମ୍ଭୁ ନାୟକ, ଆକାଶ ଦାସ, ଶିଳ୍ପା ଦାସ, କ୍ରିଷ୍ଣା ଦାସ, ବଳରାମ ଦାସ, ଶୁଭମ ବେହେରା, ଓମ ଦାସ, ଭାସ୍କର ପ୍ରଧାନ, ଅନିଲ ଦାସ, ଶ୍ରୀନୁ ଦାସ, ତେଜସ୍ୱିନୀ ଦାସ, ସଚିନ ଦାସ, ପୂର୍ଣ୍ଣ ଦାସ, ଅମୃତ ଦାସ, ମିକି ଦାସ, ପ୍ରତାପ ବେହେରା ଏବଂ ଶିବରାମ ବିଷୋୟୀଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଦିଗପହଣ୍ଡି ତହସିଲଦାର ଅନୀତା ସାହୁ, ବିଡ଼ିଓ ଡ. ଚିତ୍ତରଞ୍ଜନ ଦାସ, ଥାନା ଆଇଆଇସି ପ୍ରଶାନ୍ତ କୁମାର ପାତ୍ର ପ୍ରମୁଖ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ସ୍ଥାନୀୟ ସରପଞ୍ଚ ଶିବରାମ ପ୍ରଧାନ, ବ୍ଲକ ଉପାଧ୍ୟକ୍ଷା ସୁକାନ୍ତି ପ୍ରଧାନ, ନକୁଳ ପ୍ରଧାନ, ପୂର୍ବତନ ସରପଞ୍ଚ ଦିଲ୍ଲୀପ କୁମାର ସେଠୀ, ପଞ୍ଚାୟତ ସଭାପତି ପ୍ରଫୁଲ୍ଲ ବିଷୋୟୀ ପ୍ରମୁଖ ଗୁରୁତରଙ୍କ ପରିବାର ବର୍ଗଙ୍କୁ ଭେଟି ସାନ୍ତ୍ୱନା ଦେଇଛନ୍ତି।

## ଘୂର୍ଣ୍ଣିବଳୟ: ୬ ଜିଲାରେ ...

ସୂଚନା ଅନୁଯାୟୀ, ଗତ ୪୮ ଘଣ୍ଟା ମଧ୍ୟରେ ଭୁବନେଶ୍ୱରରେ ୫୭.୧ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ହୀରାକୁଦ ୬୫.୬, କୋରାପୁଟ ୩୮.୨, ଫୁଲବାଣୀ ୧୭.୬, ମାଲକାନଗିରି୩୮.୮, ନବରଙ୍ଗପୁର ୪୨.୪, ଝାରସୁଗୁଡା ୧୮.୬, ସମ୍ବଲପୁରରେ ୧୪.୭ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

**ତ୍ରିଶା ହସ୍ପିଟାଲରେ ଅଗ୍ନିକାଣ୍ଡ**

# ତଦନ୍ତ କଲା ଡିଏମ୍ଇଟି ଟିମ୍



**କଟକ,୧୪ା୭(ଶିଳ୍ପା ପ୍ରିୟଦର୍ଶିନୀ)**

କଟକର ପୁରୀଘାଟସ୍ଥିତ ଘରୋଇ ନର୍ସିଂହୋମ 'ତ୍ରିଶା ହସ୍ପିଟାଲ'ରେ ଶନିବାର ନିଆଁ ଲାଗିବା ଘଟଣାରେ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଡାକ୍ତରୀ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ (ଡିଏମ୍ଇଟି)ଙ୍କ କାର୍ଯ୍ୟାଳୟ ପକ୍ଷରୁ ତିନିଜଣିଆ ଟିମ୍ ଗଠନ କରାଯାଇଛି। ରବିବାର ଉକ୍ତ ଟିମ୍ ତ୍ରିଶା ନର୍ସିଂହୋମରେ ତଦନ୍ତ ଆରମ୍ଭ କରିଛି। ଏନେଇ ଅତିରିକ୍ତ ଡିଏମ୍ଇଟି ଡ. ବ୍ରଜକିଶୋର ଦାସ କହିଛନ୍ତି, କ୍ଲିନିକାଲ ଏଷ୍ଟାବ୍ଲିଶମେଣ୍ଟ ଆଇନ ଅନୁସାରେ ନର୍ସିଂହୋମ୍‌ର ରେଜିଷ୍ଟ୍ରେଶନ୍ ସହ ବିଭିନ୍ନ କାଗଜପତ୍ର ଯାଞ୍ଚ କରାଯାଇଛି। ପ୍ରାଥମିକ ଅନୁସନ୍ଧାନରୁ ଇଲେକ୍ଟ୍ରିକାଲ ଶର୍ଟସର୍କିଟରୁ ଅଗ୍ନିକାଣ୍ଡ ହୋଇଥିବା ଜଣାପଡିଥିବାବେଳେ ସବୁ ବ୍ୟବସ୍ଥାର ତର୍ଜମା କରାଯାଉଛି। ସମସ୍ତ ବିଷୟରେ ଯାଞ୍ଚ କରାଯାଇ ରିପୋର୍ଟ ପ୍ରସ୍ତୁତ ହେବ ବୋଲି ଦାସ କହିଛନ୍ତି। ସେହିପରି ଅଗ୍ନିଶମ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ମଧ୍ୟ ତଦନ୍ତ ଚଳାଇଛି।

## ତଦନ୍ତ ରିପୋର୍ଟ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ: ସ୍ୱାସ୍ଥ୍ୟମନ୍ତ୍ରୀ ମହାଲିଙ୍ଗ



ଏସ୍‌ସିବି ମେଡିକାଲର ନ୍ୟୁ ମେଡିସିନ ବିଭାଗରେ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ପାଇଁ ପହଞ୍ଚିଥିବା ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଏବଂ ସ୍ୱାସ୍ଥ୍ୟ ବିଭାଗ ସଚିବ ଶାଳିନୀ ପଣ୍ଡିତ।

ତ୍ରିଶା ନର୍ସିଂହୋମ୍‌ରେ ନିଆଁ ଲାଗିବା ପରେ ସେଠାରେ ଚିକିତ୍ସିତ ହେଉଥିବା ୪୫ ରୋଗୀଙ୍କୁ କଟକର ଏସ୍‌ସିବି ମେଡିକାଲ, ଶିଶୁଭବନ ଏବଂ ଅନ୍ୟ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ରବିବାର ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କଟକରେ ପହଞ୍ଚି ସେହି ରୋଗୀମାନଙ୍କୁ ଭେଟିଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ସ୍ୱାସ୍ଥ୍ୟ ବିଭାଗ ସଚିବ ଶାଳିନୀ ପଣ୍ଡିତ ଉପସ୍ଥିତ ଥିଲେ। ପ୍ରଥମେ ମନ୍ତ୍ରୀ ଶିଶୁଭବନରେ ପହଞ୍ଚି ରୋଗୀ ଓ ସମ୍ପର୍କୀୟଙ୍କ ସହ ଘଟଣା ଓ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି। ଏହାସହ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ପ୍ରଦୀପ କୁମାର ଜେନା ଏବଂ ଅନ୍ୟ ଡାକ୍ତରଙ୍କ ସହ ଚିକିତ୍ସା ସମ୍ପର୍କରେ ଆଲୋଚନା କରିଛନ୍ତି। ପରେ ଏସ୍‌ସିବି ମେଡିକାଲର ନ୍ୟୁ ମେଡିସିନ ବିଭାଗରେ ପହଞ୍ଚି ରୋଗୀଙ୍କୁ ଭେଟିବା ସହ ଡାକ୍ତରଙ୍କ ସହ ଚିକିତ୍ସା ସମ୍ପର୍କରେ ଆଲୋଚନା କରିଛନ୍ତି। ଏନେଇ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଶିଶୁଭବନ ଓ ଏସ୍‌ସିବି ମେଡିକାଲରେ ପହଞ୍ଚିଛନ୍ତି। ସମସ୍ତ ରୋଗୀଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରିଛନ୍ତି, ସମସ୍ତେ ସୁସ୍ଥ ରହିଛନ୍ତି ଏବଂ ଡାକ୍ତରଙ୍କ ସହ ସମସ୍ତ ବିଷୟରେ ଆଲୋଚନା କରିଛନ୍ତି। ଏହି ଘଟଣା ନେଇ ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗଠନ କରାଯାଇଛି। ଉକ୍ତ ଟିମ୍ ତଦନ୍ତ ରିପୋର୍ଟ ଦେବା ପରେ ତଦନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହାସହ ସ୍ୱାସ୍ଥ୍ୟ ବିଭାଗ ଏବଂ ଫାୟାର ଡିଜିଙ୍କୁ ନେଇ ଏକ ସମନ୍ୱୟ କମିଟି ହେବା ପରେ ସବୁ ହସ୍ପିଟାଲ ପାଇଁ ଏକ ସ୍ୱତନ୍ତ୍ର ଗାଇଡ୍‌ଲାଇନ ଜାରି କରାଯିବ ବୋଲି ମହାଲିଙ୍ଗ କହିଛନ୍ତି। ପରେ ମନ୍ତ୍ରୀ ଏସ୍‌ସିବି ସୁପରିଣ୍ଟେଣ୍ଡେଣ୍ଟଙ୍କ କାର୍ଯ୍ୟାଳୟରେ ମେଡିକାଲ କର୍ତ୍ତୃପକ୍ଷ ଏବଂ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଏନେଇ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ର କହିଛନ୍ତି, ସରକାରୀ ଓ ଘରୋଇ ହସ୍ପିଟାଲରେ ହେଉଥିବା ଏଭଳି ଅଘଟଣ କିପରି ଭାବେ ନ ହେବ ଏବଂ ଏଥିପାଇଁ କ'ଣ ପଦକ୍ଷେପ ନିଆଯାଇପାରେ ସେନେଇ ଆଲୋଚନା କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ କଟକ ଜିଲାପାଳ ଅରିନ୍ଦମ ଡାକୁଆ, ଏସ୍‌ସିବି ପ୍ରଶାସନିକ ଅଧିକାରୀ ଡ. ଅବିନାଶ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ବିଏସ୍‌କେୱାଇ ତାଲିକାରୁ ତ୍ରିଶା ବାଦ୍

**ଭୁବନେଶ୍ୱର,୧୪ା୭(ବନ୍ଦନା ସେଠୀ)**

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ କଟକର ତ୍ରିଶା ହସ୍ପିଟାଲକୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) ଅଧୀନ ତାଲିକାରୁ ନିଲମ୍ବନ କରାଯାଇଛି। ଶନିବାର ସମ୍ପୃକ୍ତ ହସ୍ପିଟାଲରେ ଅଗ୍ନିକାଣ୍ଡ ଘଟିଥିଲା। ଘଟଣାକୁ ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଓ ଅଗ୍ନିଶମ ବିଭାଗ ପକ୍ଷରୁ ହସ୍ପିଟାଲ ଓ ଏହାର ଭିତ୍ତିଭୂମି ସମ୍ପର୍କରେ ଯାଞ୍ଚ ଜାରି ରହିଛି। ତେଣୁ ସମ୍ପୃକ୍ତ ହସ୍ପିଟାଲକୁ ବିଏସ୍‌କେୱାଇରୁ ବାଦ୍ ଦିଆଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଦାଦା ସାହେବ ଫାଲ୍‌କେ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରତିଯୋଗିତା ପାଇଁ 'ତାରା' ମନୋନୀତ



ଚଳଚ୍ଚିତ୍ରରେ ଅଭିନୟ କରିଥିବା କଳାକାରମାନେ।

**ଜୟପୁର,୧୪ା୭(ପବନ ପାଣିଗ୍ରାହୀ)**

**ଅଙ୍ଗଦାନ ଭଳି ମହତ୍ କାର୍ଯ୍ୟର ବାର୍ତ୍ତା ଏହାର ଲକ୍ଷ୍ୟ**

କୁନ୍ଦନ କ୍ରିଏସନ ନିର୍ମିତ ଶାଶ୍ୱତୀ ସାହୁ ପ୍ରଯୋଜିତ କ୍ଷୁଦ୍ର ଚଳଚ୍ଚିତ୍ର 'ତାରା'ର ପ୍ରିମିୟର ଶୋ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ କୁମୁଦମାଳା ମହାନ୍ତି ଏବଂ ଅନ୍ୟତମ ଅତିଥି ରୂପେ ପ୍ରକାଶ ଚନ୍ଦ୍ର ମହାନ୍ତି ଯୋଗଦେଇଥିଲେ। ଏହି ଅବସରରେ ଦାଦା ସାହେବ ଫାଲ୍‌କେ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରତିଯୋଗିତାରେ 'ତାରା' ଭାଗନେବାକୁ ମନୋନୀତ ହୋଇଥିବା ଚଳଚ୍ଚିତ୍ର ଟିମ୍ ପକ୍ଷରୁ ଘୋଷଣା କରାଯାଇଥିଲା। ଏହା ଜାଣିବା ପରେ ଉପସ୍ଥିତ ସମସ୍ତ କଳାକାର ଓ ଚଳଚ୍ଚିତ୍ର ସହ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଥିଲା।

'ତାରା'ର ଲେଖକ ଓ ନିର୍ଦ୍ଦେଶକ ଜିତୁ ମିଶ୍ର ଏବଂ ଗୀତିକାର ପ୍ରଦୀପ ସାହୁ କାର୍ଯ୍ୟକ୍ରମ ଆରମ୍ଭ କରିଥିବା ବେଳେ ରଘୁନାଥ ବିଶ୍ୱାଳ ଏହାକୁ ପରିଚାଳନା କରିଥିଲେ। ଅବିଭକ୍ତ କୋରାପୁଟ ଜିଲାର ବିଭିନ୍ନ ଅନୁଷ୍ଠାନରୁ ୨ ଶହରୁ ଊର୍ଦ୍ଧ୍ୱ କଳାକାର ଦର୍ଶକ ରୂପେ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଆଜିର ବ୍ୟସ୍ତବହୁଳ ଜୀବନରେ ଜଣେ ଅନ୍ୟ ଜଣକୁ କିଭଳି ସହାୟକ ହୋଇପାରିବେ ଏବଂ ଅଙ୍ଗଦାନ ଭଳି ମହତ କାର୍ଯ୍ୟକୁ କିପରି ସମସ୍ତେ ଉପଲବ୍ଧ କରିପାରିବେ ତାହା ଥିଲା ଚଳଚ୍ଚିତ୍ରର ବାର୍ତ୍ତା। ଚଳଚ୍ଚିତ୍ରରେ ଜିତୁ ମିଶ୍ର, ପ୍ରଦୀପ ସାହୁ, ବୈଷ୍ଣବୀ ବେହେରା, ବିଜୟଲକ୍ଷ୍ମୀ ପାଣିଗ୍ରାହୀ, ପ୍ରଜ୍ଞା ପଣ୍ଡା, ଡ. ଅମିତ ଦାସ, କୁନି କଳାକାର ଦିବ୍ୟାଂଶ ଏବଂ ହଂସୀ ଅଭିନୟ କରିଥିଲେ। ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ନିହାର ମହାନ୍ତି ଓ କଣ୍ଠଦାନ କରିଥିଲେ କୁନ୍ତୀ ମହାପାତ୍ର, ଯୋଗେନ୍ଦ୍ର ମହାପାତ୍ର, ସଞ୍ଜିବନୀ ପଣ୍ଡା, ପ୍ରଜ୍ଞା ପଣ୍ଡା, ସଞ୍ଚିତା ଏବଂ ଶଶାଙ୍କ। ରୂପସଜ୍ଜାରେ ଥିଲେ ଉମାକାନ୍ତ ମହାରଣା ଓ ବୁଲୁ ଷଡ଼ଙ୍ଗୀ। ଡବିଂ କରିଥିଲେ ପୀୟୂଷ ପଟ୍ଟନାୟକ।

# ଏମ୍‌କେସିଜିରେ ଆଉ ଜଣେ ଡିପ୍‌ଥେରିଆ ରୋଗୀ

**ବ୍ରହ୍ମପୁର,୧୪ା୭(ସୁବାସ ଚନ୍ଦ୍ର ପାଢ଼ୀ)**

ଏମ୍‌କେସିଜି ମେଡିକାଲକୁ ପୁଣି ଜଣେ ଡିପ୍‌ଥେରିଆ ଶିଶୁ ରୋଗୀ ଶନିବାର ରେଫର୍ ହୋଇ ଆସିଛନ୍ତି। ସେ ହେଲେ କୋରାପୁଟ ଜିଲା ନାରାୟଣପାଟଣାର ଲମ୍ବ ୱାଡିକିଙ୍କ ପୁଅ ରଞ୍ଜନ ୱାଡିକି। ତାଙ୍କୁ ଶିଶୁରୋଗ ବିଭାଗର ସ୍ୱତନ୍ତ୍ର ସଙ୍ଗରୋଧ କକ୍ଷରେ ରଖାଯାଇଥିବା ପ୍ରଫେସର ଡା. ନରେନ୍ଦ୍ର ବେହେରା ସୂଚନା ଦେଇଛନ୍ତି। ତାହାର ରକ୍ତ ନମୁନା ସଂଗ୍ରହ କରି ଭୁବନେଶ୍ୱରସ୍ଥିତ ଆର୍‌ଏମ୍‌ଆରସିକୁ ପଠାଯାଇଛି। ଶିଶୁର ଗଳା ଫୁଲିଥିବା ବେଳେ ହୃତ୍‌ସ୍ପନ୍ଦନ ଅଧିକ ଥିବାରୁ ଆଣ୍ଟି ଡିପ୍‌ଥେରିଆ ଇଞ୍ଜେକ୍ସନ ଦିଆଯାଇଛି। ସୂଚନାଯୋଗ୍ୟ, ଗତ ମାସରେ ରାୟଗଡ଼ା ଓ କୋରାପୁଟ ଜିଲାରୁ ୭ଜଣ ଗୁରୁତର ଡିପ୍‌ଥେରିଆ ରୋଗୀ ଏମ୍‌କେସିଜି ମେଡିକାଲକୁ ଆସିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଗତ ଜୁନ ୧୩, ୧୯ ଓ ୨୭ ତାରିଖରେ ୩ ଶିଶୁଙ୍କ ମୃତ୍ୟୁ ଘଟିଥିଲା। ଶନିବାର ଆସିଥିବା ରୋଗୀଙ୍କ ଅବସ୍ଥା ଗୁରୁତର ରହିଛି। ତାଙ୍କର ଚିକିତ୍ସା ଚାଲିଥିବା ପ୍ରଫେସର ବେହେରା ସୂଚନା ଦେଇଛନ୍ତି।


DSPL-49









ଓଡ଼ିଶା ସରକାର

ଖରିଫ ଧାନ କ୍ରୟ ପାଇଁ ଚାଷୀ ପଞ୍ଜିକରଣ

ଧାନ ସଂଗ୍ରହ ବର୍ଷ 2024-25

ଆମ ରାଜ୍ୟରେ ଖରିଫ ଧାନ ସଂଗ୍ରହ ତା.1-11-2024 ରୁ ତା. 31-03-2025 ମଧ୍ୟରେ ପରିଚାଳିତ ହେବ । ଏହି ବିସ୍ତୃତ ଅବଧି ମଧ୍ୟରେ ଜିଲ୍ଲାମାନେ ସେମାନଙ୍କର ଫସଲ ଅମଳ ସମୟକୁ ଦୃଷ୍ଟିରେ ରଖି ଖରିଫ ଧାନ କ୍ରୟ କାର୍ଯ୍ୟ ସମ୍ପାଦନ କରିବେ । ଏଥିପାଇଁ ଚାଷୀମାନେ ସେମାନଙ୍କର ନିକଟସ୍ଥ ଅନୁମୋଦିତ ପ୍ରାଥମିକ କୃଷି ସମବାୟ ସମିତି (ପେକ୍ସ/ଲ୍ୟାମ୍ପସ), ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ପାଣି ପଞ୍ଚାୟତ (ସଂକ୍ଷେପରେ, ସମିତି) ରେ ଆଗୁଆ ପଞ୍ଜିକରଣ କରିବା ଆବଶ୍ୟକ ।

**ପଞ୍ଜିକରଣ ପ୍ରକ୍ରିୟା**

ଚାଷୀ ପଞ୍ଜିକରଣ **15 ଜୁଲାଇରୁ** ଆରମ୍ଭ ହେଉଛି । ଖରିଫ ଧାନ ଚାଷ କରିଥିବା ଚାଷୀମାନେ ଚାଷୀ ପଞ୍ଜିକରଣ କାର୍ଯ୍ୟକ୍ରମରେ ଭାଗ ନେଇପାରିବେ । ବିଶଦ ବିବରଣୀ ସହ ଦରଖାସ୍ତ କରି ଚାଷୀ ସମିତିରେ ନୂତନ ଭାବେ ପଞ୍ଜିକରଣ କରିବା ନିହାତି ଆବଶ୍ୟକ । ସମସ୍ତ ଆଗ୍ରହୀ ଚାଷୀ ନିକଟସ୍ଥ ସମିତିରୁ ଗୋଟିଏ ନୂତନ ପଞ୍ଜିକରଣ ଫର୍ମ ସଂଗ୍ରହ କରିବେ ଓ ତାହା ପୂରଣ କରି 15 ଜୁଲାଇ ରୁ 16 ଅଗଷ୍ଟ ମଧ୍ୟରେ ସମିତି କାର୍ଯ୍ୟାଳୟରେ ଆବେଦନ କରିବେ । ଏହା ବିଭାଗର ୱେବସାଇଟ **www.foododisha.in** ରେ ମଧ୍ୟ ଉପଲବ୍ଧ । ନୂଆ ଫର୍ମରେ ସମସ୍ତ ବ୍ୟକ୍ତିଗତ ତଥ୍ୟ ସହ ଚାଷ ହୋଇଥିବା ଜମିର ବିଶଦ ବିବରଣୀ ଦେବାକୁ ହେବ ।

**ଆବଶ୍ୟକୀୟ କାଗଜାତ**

ପଞ୍ଜିକରଣ ପାଇଁ ଇଚ୍ଛୁକ ଚାଷୀମାନେ ସେମାନଙ୍କ ପଞ୍ଜିକରଣ ଫର୍ମ ସହିତ ନିମ୍ନଲିଖିତ କାଗଜାତର ନକଲ ଦାଖଲ କରିବା ଆବଶ୍ୟକ ।

1. ବ୍ୟାଙ୍କ ପାସବୁକର ପ୍ରଥମ ପୃଷ୍ଠା
2. ଚାଷ ଜମି ବାବଦରେ ପ୍ରମାଣ ପତ୍ର ଅର୍ଥାତ ଜମି ପଟ୍ଟା (RoR)/ଦଲିଲ ଇତ୍ୟାଦି
3. ଆଧାର କାର୍ଡ଼ର ନକଲ
4. ମୋବାଇଲ ନମ୍ବର-ଯଦି ନିଜର ମୋବାଇଲ ନଥାଏ, ତେବେ ପରିବାର ସଦସ୍ୟଙ୍କ ନମ୍ବର ଦେବା ଆବଶ୍ୟକ
5. ଯଦି ଭାଗ ଚାଷୀ ହୋଇଥାନ୍ତି, ତେବେ ସମ୍ପୃକ୍ତ ଜମି ମାଲିକଙ୍କ ସହମତି ପତ୍ର ସହିତ ଆଧାର କାର୍ଡ଼ର ନକଲ ଇତ୍ୟାଦି

**ପଞ୍ଜିକରଣ ଅବଧି**

- ପଞ୍ଜିକରଣ ଫର୍ମ ପୂରଣ କରି ଚାଷୀମାନେ ସମିତି କାର୍ଯ୍ୟାଳୟରେ 16 ଅଗଷ୍ଟ ମଧ୍ୟରେ ଦାଖଲ କରିବେ ।
- ନିର୍ଦ୍ଧାରିତ ସମୟର ଯଥେଷ୍ଟ ପୂର୍ବରୁ ଚାଷୀମାନଙ୍କୁ ସମିତିରେ ପୂରଣ କରାଯାଇଥିବା ଫର୍ମ ଦାଖଲ କରିବାକୁ ଅନୁରୋଧ ।
- ଖରିଫ ଧାନ ସଂଗ୍ରହ ସଂକ୍ରାନ୍ତରେ କେଉଁ ମାସ ଓ ପକ୍ଷରେ ଧାନ ବିକ୍ରୟ କରିବେ, ତାହା ପଞ୍ଜିକରଣ ଫର୍ମରେ ଉଲ୍ଲେଖ କରିବେ ।
- ଏଥି ଉଦ୍ଦେଶ୍ୟରେ ଚାଷୀମାନେ ବିଗତ ବର୍ଷ ଯେଉଁ ସମିତିରେ ପଞ୍ଜିକୃତ ହୋଇଥିଲେ, ସେହିଠାରେ ସମ୍ପର୍କ କରିବା ଆବଶ୍ୟକ ।
- ଚାଷୀମାନେ ଶେଷ ତାରିଖକୁ ଅପେକ୍ଷା ନକରି ଶୀଘ୍ର ପଞ୍ଜିକରଣ ପାଇଁ ସମିତିରେ ଅନୁମୋଦିତ ଫର୍ମରେ ଦରଖାସ୍ତ ଦାଖଲ କରିବାକୁ ଅନୁରୋଧ ।

**ଭାଗ ଚାଷୀ**

ଭାଗ ଚାଷୀମାନେ ପଞ୍ଜିକରଣ ପ୍ରକ୍ରିୟାରେ ଆବଶ୍ୟକ କାଗଜାତ ଦାଖଲ କରି ଅଂଶଗ୍ରହଣ କରିପାରିବେ ।

**କ୍ଷୁଦ୍ର ଓ ନାମମାତ୍ର ଚାଷୀ**

ଅଧିକରୁ ଅଧିକ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନେ ଧାନ ସଂଗ୍ରହ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ ହେବା ସରକାରଙ୍କର ଏକାନ୍ତ ଲକ୍ଷ୍ୟ।

**ସମିତିର ଦାୟିତ୍ୱ**

- ଧାନ ବିକ୍ରୟ ପାଇଁ ଇଚ୍ଛୁକ ଥିବା ସମସ୍ତ ଚାଷୀମାନଙ୍କୁ ନୂତନ ପଞ୍ଜିକରଣ ଫର୍ମ ପ୍ରଦାନ କରିବେ।
- ସମିତି କର୍ମକର୍ତ୍ତା ପଞ୍ଜିକରଣ ଫର୍ମରେ ଥିବା ତଥ୍ୟକୁ 18 ଜୁଲାଇ ରୁ 22 ଅଗଷ୍ଟ ମଧ୍ୟରେ ତାଙ୍କର LOGIN ରେ ଡିଜିଟାଇଜ କରିବେ । ଡିଜିଟାଇଜେସନ କାର୍ଯ୍ୟ ସତ୍ୟନିଷ୍ଠ ଓ ନିର୍ଭୁଲ ହେବା ଆବଶ୍ୟକ।
- ଧାନ ବିକ୍ରୟ ଉଦ୍ଦେଶ୍ୟରେ ଚାଷ ଅନୁପଯୋଗୀ ଜମି ବା ଅଣ-ଧାନ ଚାଷ ହୋଇଥିବା ଜମିକୁ ପଞ୍ଜିକୃତ କରିବେ ନାହିଁ ।
- **ଅଣ-ଚାଷୀ ଓ ଭୁଲ୍ ତଥ୍ୟ ପ୍ରଦାନ କରିଥିବା ଚାଷୀଙ୍କୁ ପଞ୍ଜିକୃତ କରିବେ ନାହିଁ ।**
- ପଞ୍ଜିକରଣ ଯଥାଶୀଘ୍ର ହୋଇ ତ୍ରୁଟିଶୂନ୍ୟ ଚାଷୀ ତାଲିକା ପ୍ରସ୍ତୁତ ହେବା ଆବଶ୍ୟକ । ଏହା ବିଳମ୍ବିତ ହେଲେ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ବିଳମ୍ବିତ ହେବ ।

**ହେଲ୍ପ ଡେସ୍କ**

ସମିତି କର୍ମକର୍ତ୍ତାମାନେ ଫର୍ମ ପୂରଣ ପାଇଁ ଚାଷୀମାନଙ୍କୁ ଆବଶ୍ୟକୀୟ ସହାୟତା ଯୋଗାଇଦେବେ। ଏଥିନିମନ୍ତେ ଏକ ଉତ୍ସର୍ଗୀକୃତ ହେଲ୍ପ ଡେସ୍କ ସମିତି ସ୍ତରରେ କାର୍ଯ୍ୟ କରିବ।

**ହେଲ୍ପ ଲାଇନ**

ଯଦି କୌଣସି ଅଭିଯୋଗ ଥାଏ ତେବେ **ଦେୟମୁକ୍ତ ନମ୍ବର 1967ରେ** ସରକାରୀ କାର୍ଯ୍ୟ ନିର୍ଘଣ୍ଟ ମଧ୍ୟରେ ଯୋଗାଯୋଗ କରିବାକୁ ଅନୁରୋଧ ।

OIPR-07001/13/0002/2425

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ଓଡ଼ିଶା ସରକାର

FoodOdisha | @Food_Odisha | www.foododisha.in

ନୀରବ ରହିବା ଓ ନିଜର ଉଦ୍ଦେଶ୍ୟକୁ ପ୍ରକଟ ନ କରିବା ଗୋଟାଏ କଥା କିନ୍ତୁ ଉଦ୍ଦେଶ୍ୟ ନେଇ କିଛି କରିଥିବା ସ୍ଥଳେ- ମୁଁ ତାହା କରି ନାହିଁ ବୋଲି କହିବାଟା ନୀରବତା ନୁହେଁ- ଏହା ହିଁ ମିଥ୍ୟାଚାର। -ଶ୍ରୀମା

-ବାହୁଡ଼ା ଯାତ୍ରା



# ଉପଚେତାବନୀ

୨୦୨୪ ଲୋକ ସଭା ନିର୍ବାଚନ ପୂର୍ବରୁ ଭାରତୀୟ ଜନତା ପାର୍ଟି (ଭାଜପା) କେନ୍ଦ୍ରରେ ଏକାକୀ ସରକାର ଗଠନ କରିବାର ଆସ୍ପର୍ଦ୍ଧା ଦେଖାଇଥିଲା। ନିଜେ ୩୭୦ ଏବଂ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) '୪୦୦ ପାର୍' କରିବ ବୋଲି ଚିତ୍କାର କରୁଥିଲା। କିନ୍ତୁ ଏନ୍‌ଡିଏ ୨୯୨ରେ ଅଟକିଗଲା, ଯେଉଁଥିରେ ଭାଜପା ୩୭୦ ପରିବର୍ତ୍ତେ ୨୪୦ରେ ସୀମିତ ରହିଲା। ନିକଟରେ ବ୍ରିଟେନ୍ ପାର୍ଲାମେଣ୍ଟ ପାଇଁ ହୋଇଥିବା ନିର୍ବାଚନର ଫଳାଫଳ ଆସିବା ପରେ ଲେବର ପାର୍ଟି ୪୦୦ରୁ ଅଧିକ ଆସନ ଜିତିଯିବା ପରିପ୍ରେକ୍ଷୀରେ କଂଗ୍ରେସ ନେତା ଶଶୀ ଥରୁର କୌତୂହଳରେ କହିଥିଲେ '୪୦୦ ପାର୍' ଆଉ ଏକ ଦେଶରେ ଘଟିଲା। ବର୍ତ୍ତମାନ ଭାରତର ରାଜନୈତିକ ଦୃଶ୍ୟପଟକୁ ଦେଖିଲେ ଭାଜପା ସପକ୍ଷରେ ପୂର୍ବରୁ ଯେଉଁଭଳି ପବନ ବହୁଥିଲା, ତାହା ୨୦୨୪ ଲୋକ ସଭା ନିର୍ବାଚନ ପରେ ଧିମେଇ ଯାଇଛି। ଏହାର ସଦ୍ୟ ପ୍ରମାଣ ଲୋକ ସଭା ନିର୍ବାଚନ ପରେ ଜୁଲାଇ ୧୦ରେ ୭ ରାଜ୍ୟ ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ, ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ, ପଞ୍ଜାବ, ବିହାର ଓ ତାମିଲନାଡୁର ୧୩ଟି ବିଧାନସଭା ଆସନ ପାଇଁ ହୋଇଥିବା ପ୍ରଥମ ଉପନିର୍ବାଚନ ଫଳାଫଳରୁ ଜଣାପଡ଼ିଗଲା। ୧୩ ଜୁଲାଇରେ ଘୋଷଣା ହୋଇଥିବା ୧୩ ସିଟ୍ ମଧ୍ୟରୁ ଏନ୍‌ଡିଏ ମାତ୍ର ୨ଟି ସିଟ୍ ପାଇଥିବା ବେଳେ ୧୦ଟି ଆସନ 'ଇଣ୍ଡିଆ ମେଣ୍ଟ' ଓ ଗୋଟିଏରେ ସ୍ୱାଧୀନ ପ୍ରାର୍ଥୀ ଜିତିଛନ୍ତି। ପାର୍ଟିୱାରୀ ଦେଖିଲେ କଂଗ୍ରେସ ଓ ତୃଣମୂଳ କଂଗ୍ରେସ ୪ଟି ଲେଖାଏ ଆସନ ଜିତିଥିବା ବେଳେ ଭାଜପା ୨, ଆମ୍ ଆଦ୍‌ମୀ ପାର୍ଟି(ଏଏପି) ୧, ଡିଏମ୍‌କେ ୧ ଏବଂ ସ୍ୱାଧୀନ ଗୋଟିଏ ଜିତିଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି, ଲୋକ ସଭା ନିର୍ବାଚନ ପୂର୍ବରୁ ହିମାଚଳ ପ୍ରଦେଶର ୩ ଜଣ ସ୍ୱାଧୀନ ବିଧାୟକ ଭାଜପାରେ ଯୋଗ ଦେଇଥିଲେ। ସେମାନଙ୍କ ଆସନ ଖାଲି ହେବା ପରେ ହୋଇଥିବା ଉପନିର୍ବାଚନରେ ଭାଜପା ମାତ୍ର ଗୋଟିଏ ଜିତିବାରେ ସକ୍ଷମ ହୋଇଛି ଓ ଅନ୍ୟ ଦୁଇଟି କଂଗ୍ରେସ ଖାତାକୁ ଯାଇଛି। ଅନୁରୂପ ଭାବେ ପଶ୍ଚିମବଙ୍ଗରେ ମଧ୍ୟ ଭାଜପା ବଡ଼ ଧରଣର ଧକ୍କା ଖାଇଛି। ୩ ଜଣ ବିଧାୟକ ଭାଜପା ଛାଡ଼ି ଟିଏମ୍‌ସିରେ ଯୋଗ ଦେଇଥିଲେ। ଏହି ଉପନିର୍ବାଚନରେ ସେହିସବୁ ଆସନରେ ଟିଏମ୍‌ସି ଜିତିଛି। ବିହାରରେ ନୀତୀଶ କୁମାରଙ୍କ ଜେଡିୟୁ ପ୍ରାର୍ଥୀ ସ୍ୱାଧୀନ ପ୍ରାର୍ଥୀଙ୍କଠାରୁ ହାରିଯାଇଛନ୍ତି।

ଉପରଲିଖିତ ସଂଖ୍ୟାକୁ ଦେଖିଲେ ଧୀରେ ଧୀରେ ଇଣ୍ଡିଆ ମେଣ୍ଟ ପ୍ରତି ଜନସମର୍ଥନ ବଢୁଥିବା ଲକ୍ଷ୍ୟ କରାଯାଉଛି। କାରଣ ଜନସାଧାରଣ ମନ୍ଦିର ପ୍ରତିଷ୍ଠା, ଦେଶପ୍ରେମ ପ୍ରଦର୍ଶନ ଅପେକ୍ଷା ନିଯୁକ୍ତି ସୁଯୋଗ ବୃଦ୍ଧି, ଦରଦାମ ହ୍ରାସ, ସ୍ୱଚ୍ଛ ପରୀକ୍ଷା ପଦ୍ଧତି, ଉତ୍ତମ ସ୍ୱାସ୍ଥ୍ୟସେବା ଏବଂ ଶକ୍ତିଶାଳୀ ସୁରକ୍ଷା ବ୍ୟବସ୍ଥା ଭଳି ବାସ୍ତବଧର୍ମୀ ପ୍ରସଙ୍ଗକୁ ଅଗ୍ରାଧିକାର ଦେଉଥିବା ପରି ମନେହେଉଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ମନ୍ଦିର, ଧାର୍ମିକ ବିଭେଦ ବିଷୟକୁ ଲୋକେ ଭୁଲିଗଲେଣି। ଏବେ ଏନ୍‌ଇଇଟି ସ୍କାମ୍, ପ୍ରବଳମାତ୍ରାରେ ଦରବୃଦ୍ଧି, କାଞ୍ଚନଜଙ୍ଘା ଏକ୍ସପ୍ରେସ୍ ଟ୍ରେନ୍ ଦୁର୍ଘଟଣା ଆଦି ବିଷୟ ଜନସାଧାରଣଙ୍କୁ ଅସ୍ଥିର କଲାଣି। ଏଥିସହିତ ଉପନିର୍ବାଚନ ପାଇଁ ବିଶେଷ ଭାବରେ ଉଦ୍ଦିଷ୍ଟ ଥିବା ଜରୁରିକାଳୀନ ପରିସ୍ଥିତି ସମ୍ପର୍କରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଲ୍ଲେଖ କରିବା, ବାଚସ୍ପତି ଓମ୍ ବିର୍ଲା ନିଜ ତରଫରୁ ମୋଶନ୍ ଆଗତ କରିବା ଏବଂ ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ଶାସକ ଦଳର ବହୁ ନେତା ବାରମ୍ବାର ଏ ବିଷୟରେ କହିବା ଫଳରେ ସାଧାରଣ ଭୋଟରଙ୍କ ମନରେ ଭାଜପା ପ୍ରତି ଏକ ନକାରାତ୍ମକ ଚିନ୍ତାଧାରା ସୃଷ୍ଟି ହୋଇଯାଇଥିବାର ପ୍ରତିଫଳନ ଏହି ଉପନିର୍ବାଚନ ଫଳାଫଳରୁ ଦେଖିବାକୁ ମିଳିଲା। ଏଥିରୁ ଉଭୟ ଶାସକ ଓ ବିରୋଧୀ ରାଜନୈତିକ ଦଳଗୁଡ଼ିକ ଶିକ୍ଷା ନେବା ଉଚିତ। ଭାରତର ଯୁବ ଭୋଟରଙ୍କୁ ଅର୍ଥ କିମ୍ବା ମିଥ୍ୟା ପ୍ରଚାରରେ ବାଟବଣା କରିବା ସମ୍ଭବପର ହେଉନାହିଁ ବୋଲି ଭାରତବ୍ୟାପୀ ପ୍ରମାଣ ମିଳୁଛି। ଅତୀତର ଘଟଣାଗୁଡ଼ିକୁ ନେଇ ଆଜିର ରାଜନୀତି ଓ ଶାସନକୁ ପରିଚାଳନା କରିବା ଉଦ୍ୟମରୁ ସମସ୍ତେ ବିରତ ରହିବା ଉଚିତ। କାରଣ ଗତକାଲିକୁ ଧରି ଆଜିର ପେଟ ପୂରିବା ଅସମ୍ଭବ ହୋଇପଡ଼ିଲାଣି। ସେଥିପାଇଁ ଆଜିର ଶାସକମାନଙ୍କୁ ଏହି ଉପନିର୍ବାଚନ ଫଳାଫଳ ଏକ ଚେତାବନୀ ଦିଶିବା ଦରକାର। ଧର୍ମ ଏବଂ ମନ୍ଦିର ଆଗରୁ ଘୋରି ହୋଇଯାଇଛି। ରାହୁଲଙ୍କୁ 'ପପୁ' କହିବାର ସମୟ ବିତିଗଲାଣି। କେବଳ କଂଗ୍ରେସର ପୁରୁଣା କାର୍ଯ୍ୟକୁ ନେଇ ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି କରାଇବାର ସମୟ ମଧ୍ୟ ଗଡ଼ିଗଲାଣି। ଏବେକାର ଯୁବ ଭାରତୀୟ ଭୋଟର, ଉଭୟ ମହିଳା ଓ ପୁରୁଷ, ଆଜିର ଜୀବନର ସମସ୍ୟା ଏବଂ ଆବଶ୍ୟକତାକୁ ଶାସକମାନେ ବୁଝି ସେଗୁଡ଼ିକର ସମାଧାନ ଦିଗରେ ପଦକ୍ଷେପ ନିଅନ୍ତୁ ବୋଲି ଆଶା ବାନ୍ଧି ବସିଛନ୍ତି। ଅତୀତର ଦ୍ୱାହି ଦେଇ ଆଜିର ରାଜନୀତିରେ ତିଷ୍ଠିବା ଆଉ ସମ୍ଭବ ହେବ ନାହିଁ। ଭାଷଣ ଦେଲାବେଳକୁ ସମସ୍ତେ କହୁଛନ୍ତି ଭାରତ ଏକ ଯୁବ ଦେଶ। ହେଲେ ଲାଗୁଛି ତାହା କେବଳ ତାଙ୍କ ତୁଣ୍ଡରେ ସୀମିତ ରହିଯାଉଛି ଏବଂ ମାନସିକ ସ୍ତରରେ ସେହି ବାକ୍ୟର ଗଭୀର ଅର୍ଥ ବୁଝିବା ପାଇଁ ସାମର୍ଥ୍ୟ ନାହିଁ।

> ଭାରତର ଯୁବ ଭୋଟରଙ୍କୁ ଅର୍ଥ କିମ୍ବା ମିଥ୍ୟା ପ୍ରଚାରରେ ବାଟବଣା କରିବା ସମ୍ଭବପର ହେଉନାହିଁ ବୋଲି ଭାରତବ୍ୟାପୀ ପ୍ରମାଣ ମିଳୁଛି। ଅତୀତର ଘଟଣାଗୁଡ଼ିକୁ ନେଇ ଆଜିର ରାଜନୀତି ଓ ଶାସନକୁ ପରିଚାଳନା କରିବା ଉଦ୍ୟମରୁ ସମସ୍ତେ ବିରତ ରହିବା ଉଚିତ। କାରଣ ଗତକାଲିକୁ ଧରି ଆଜିର ପେଟ ପୂରିବା ଅସମ୍ଭବ ହୋଇପଡ଼ିଲାଣି। ସେଥିପାଇଁ ଆଜିର ଶାସକମାନଙ୍କୁ ଏହି ଉପନିର୍ବାଚନ ଫଳାଫଳ ଏକ ଚେତାବନୀ ଦିଶିବା ଦରକାର।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | | 9 | | | | | | |
| | | | 5 | | | 7 | 9 | |
| | | 2 | | 3 | | 6 | | |
| | | | | | | 3 | | |
| | 3 | 4 | | 6 | 5 | 2 | | |
| | | | 9 | 7 | | | 1 | 6 |
| 2 | | | | | | | | |
| | 4 | 6 | | | | 5 | | |
| | 5 | | | 4 | 7 | 1 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 8 | 7 | 9 | 5 | 6 | 4 | 1 | 2 |
| 6 | 2 | 9 | 7 | 1 | 4 | 3 | 8 | 5 |
| 1 | 4 | 5 | 2 | 3 | 8 | 9 | 6 | 7 |
| 7 | 5 | 1 | 4 | 6 | 9 | 2 | 3 | 8 |
| 2 | 6 | 3 | 5 | 8 | 7 | 1 | 4 | 9 |
| 8 | 9 | 4 | 3 | 2 | 1 | 7 | 5 | 6 |
| 4 | 3 | 2 | 6 | 7 | 5 | 8 | 9 | 1 |
| 9 | 1 | 6 | 8 | 4 | 2 | 5 | 7 | 3 |
| 5 | 7 | 8 | 1 | 9 | 3 | 6 | 2 | 4 |

ଗତକାଲିର ଉତ୍ତର

# ଆମ ଭବିଷ୍ୟତ ବଂଶଧରଙ୍କ ଆକାର



ଡ. ନିଖିଳାନନ୍ଦ ପାଣିଗ୍ରାହୀ

ବହୁ ବର୍ଷ ପୂର୍ବେ ଆମ ପୂର୍ବଜ ସିମ୍ପାଞ୍ଜିଙ୍କଠାରୁ ଆମେ ବିବର୍ତ୍ତିତ ହୋଇ ଆଧୁନିକ ମଣିଷ (ହୋମୋ ସେପିଆନ) ହୋଇଛନ୍ତି। ଏହି ପ୍ରକ୍ରିୟାରେ ଡାରଉଇନଙ୍କ ବିବର୍ତ୍ତନ ତତ୍ତ୍ୱ ନିହିତ। ତନ୍ମଧ୍ୟରେ ରହିଛି ପ୍ରାକୃତିକ ଚୟନ (ନାଚୁରାଲ ସିଲେକ୍‌ସନ)। ତେବେ ଆମକୁ ଏବେ ଅନ୍ୟ ପ୍ରକାର ଚୟନ ଅକ୍ତିଆର କରିଛି। ଏହାକୁ କୃତ୍ରିମ ଚୟନ ଆଖ୍ୟା ଦିଆଯାଇପାରେ। ଜଳବାୟୁ ପରିବର୍ତ୍ତନ, ଶିଳ୍ପାୟନ, ସହର ସଂସ୍କୃତି ଇତ୍ୟାଦି ଅନେକ ପ୍ରସଙ୍ଗ ଏମିତି ରୂପ ନେଇପାରେ ଯେ, ଉଭୟ ଭଲ ଓ ମନ୍ଦ କାରଣରୁ ଆମ ଚେହେରା ବଦଳିଯିବ। ମୋଟ ଉପରେ ଶରୀରର ସାମଗ୍ରିକ ଆକାର ଉପରେ ଚର୍ଚ୍ଚା କରାଯାଉ। ବିଗତ ୧ ଲକ୍ଷ ବର୍ଷ ପୂର୍ବେ ଆମ ଆକାର ଯାହା ଥିଲା, ଏବେ ତଦପେକ୍ଷା ଛୋଟ ହୋଇଯାଇଛି। ଆମର ଅସ୍ଥି କ୍ଷୁଦ୍ରତର ଓ ଅଧିକ ହାଲୁକା କ୍ରମଶଃ ହୋଇଥିବା ଜଣାପଡ଼େ। ବିଶେଷଭାବେ ଦଶ ହଜାର ବର୍ଷ ତଳେ ଏହା ସୁସ୍ପଷ୍ଟ ହେଲା। କିନ୍ତୁ ଗତ ଅଳ୍ପ କିଛି ଶତାବ୍ଦୀ ତଳେ ଏଥିରେ ବ୍ୟତିକ୍ରମ ପରିଦୃଷ୍ଟ ହୋଇ ଆମର ଉଚ୍ଚତା ବଢ଼ିଲା। ବାସ୍ତବରେ ଶରୀର ପରିବର୍ତ୍ତନ ଏକ ଜଟିଳ ପ୍ରକ୍ରିୟା। ଏଥିରେ ଜେନେଟିକ୍ସ (ଅନୁବଂଶ ବିଜ୍ଞାନ), ପରିବେଶ, ଖାଦ୍ୟ ଓ ପ୍ରଯୁକ୍ତି ବିଦ୍ୟା ସହ ଜଡ଼ିତ ଜୀବନଶୈଳୀ ଇତ୍ୟାଦି ବହୁ କାରକଙ୍କ ଭୂମିକା ରହିଛି। ଯଦି ଆମେ ୟୁରୋପର ପୁରୁଷମାନଙ୍କ ମାପ ଉପରେ ନଜର ରଖିବା, ତେବେ ନିମ୍ନ ସଂଖ୍ୟାରୁ ଏହାର ବିଭିନ୍ନ ସମୟର ଚିତ୍ର ସାମ୍ନାକୁ ଆସିବ।

ଚାଳିଶ ହଜାର ବର୍ଷ ତଳେ ଲୋକେ ବଞ୍ଚିବା ପାଇଁ ଶିକାର ଉପରେ ନିର୍ଭର କରୁଥିବାରୁ ସେମାନଙ୍କ ଶାରୀରିକ ଆକାର ଏବଂ ଶକ୍ତି ଉଲ୍ଲେଖନୀୟ ଭାବେ ଅଧିକ ଥିଲା। ସେମାନଙ୍କ ଉଚ୍ଚତା ହାରାହାରି ଛଅ ଫୁଟ ଥିଲା। ଏହି ଅଧିବାସୀମାନେ ହେଉଛନ୍ତି ଆଧୁନିକ ମଣିଷ (ହେମୋ ସେପିଆନ) ଅର୍ଥାତ୍ ଆମ ମଣିଷ। ତେବେ ଆଉ ତିରିଶ ହଜାର ବର୍ଷ ପରେ ଅର୍ଥାତ୍ ଆଜକୁ ଦଶ ହଜାର ବର୍ଷ ତଳେ ସେମାନେ କୃଷି କର୍ମରେ ନିୟୋଜିତ ହୋଇଥିଲେ। ଏହି କାଳରେ ସେମାନଙ୍କ ଉଚ୍ଚତାରେ ନାଟକୀୟ ପରିବର୍ତ୍ତନ ଘଟି ପାଞ୍ଚ ଫୁଟ ଚାରି ଇଞ୍ଚକୁ ଖସିଗଲା। ଏହାର ମୁଖ୍ୟ କାରଣ ହେଉଛି ଜଳବାୟୁ ପରିବର୍ତ୍ତନ ଯୋଗୁ ସେମାନଙ୍କ ଫସଲ ଉତ୍ପାଦନ ବାଧାପ୍ରାପ୍ତ ହେଲା। ଖାଦ୍ୟାଭାବ ଓ ଅପପୁଷ୍ଟିରେ କେବଳ ସେମାନେ ଦୁର୍ଦ୍ଦଶା ଭୋଗିଲେ ନାହିଁ, ସେମାନଙ୍କ ପାଳିତ ପଶୁ ରୋଗାକ୍ରାନ୍ତ ହେବାରୁ ସେମାନେ ସଂକ୍ରମଣ ଦ୍ୱାରା ପୀଡ଼ିତ ହେଲେ। ଏହି ଦୁଃସ୍ଥିତିରେ ସେମାନେ ହନ୍ତସନ୍ତ ହୋଇଥିଲେ। ଗତ ଛଅଶହ ବର୍ଷ ବେଳକୁ ସେମାନଙ୍କ ଉଚ୍ଚତା ବଢ଼ିବାରେ ଲାଗିଲା, ଯାହାକି ବର୍ତ୍ତମାନ ପାଞ୍ଚ ଫୁଟ୍ ନଅ ଇଞ୍ଚରେ ପହଞ୍ଚିଛି। ଶିଳ୍ପର ବିକାଶ ଓ ପ୍ରସାର ଯୋଗୁ ସହରମାନଙ୍କରେ ବିଭିନ୍ନ ଅଞ୍ଚଳ, ଏପରିକି ଅନ୍ୟାନ୍ୟ ଦେଶରୁ ଲୋକେ ଆସି ଏକତ୍ର ବସବାସ କଲେ। ଏହା ପୂର୍ବ ପ୍ରଚଳିତ ଅନ୍ତର୍ଜନନ (ଇନ୍‌ବ୍ରିଡିଙ୍ଗ୍) ମାତ୍ରା କମାଇଦେଲା। ତେଣୁ ଏହି ପ୍ରକାରେ ବିଭିନ୍ନ ଜାତି ମଧ୍ୟରେ ସହବାସରୁ ଜନ୍ମିତ ସନ୍ତାନମାନେ ଅଧିକ ସୁସ୍ଥ ଓ ସବଳ ହେବା ଦେଖାଗଲା। ତତ୍‌ସହିତ ପୁଷ୍ଟିକର ଖାଦ୍ୟ ଓ ଉତ୍ତମ ଚିକିତ୍ସା ସେମାନଙ୍କ ଶାରୀରିକ ଅଭିବୃଦ୍ଧି ସକାଶେ ସହଯୋଗ କଲା।



ଅଷ୍ଟ୍ରେଲିଆନ ମ୍ୟୁଜିୟମ ତରଫରୁ ପ୍ରକାଶିତ ଉପରୋକ୍ତ ସର୍ଭେ 'ହାଓ ଉଇ ହେଭ ଚେଞ୍ଜ ଦ ସିନ୍ସ ଆୱାର ସ୍ପେଶିଷ ଫାଷ୍ଟ ଏପିଅରଡ' ଶୀର୍ଷକ ନିବନ୍ଧରେ ଫ୍ରାନ ଡୋରେ ୮ ଫେବୃଆରୀ ୨୦୨୧ରେ ପ୍ରକାଶ କରିଛନ୍ତି। ଅବଶ୍ୟ ଏହା ୟୁରୋପୀୟମାନଙ୍କ ଉପରେ ପର୍ଯ୍ୟବଶିତ। ସେଥିରେ ଅନ୍ୟ ଏକ ପ୍ରସଙ୍ଗ ସମ୍ପର୍କରେ ଡେଟା ଉଲ୍ଲେଖ କରାଯାଇଛି। ମସ୍ତିଷ୍କର ବିକାଶର ଗତି ଏହା ସୂଚାଏ। ତଦନୁସାରେ ଏକ ଲକ୍ଷ ବର୍ଷ, ବାର ହଜାର ବର୍ଷ ଓ ସାଂପ୍ରତିକ କାଳରେ ମସ୍ତିଷ୍କର ଘନଫଳ ସିସି (କ୍ୟୁବିକ୍ ସେଣ୍ଟିମିଟର)ରେ ଯଥାକ୍ରମେ ୧୫୦୦, ୧୪୫୦ ଓ ୧୩୫୦। ଏଥିରୁ ସ୍ପଷ୍ଟ ହୁଏ ଆମ ମସ୍ତିଷ୍କର ସଂକୋଚନ, ଯାହାକି ଅନ୍ୟ ଅନୁଧ୍ୟାନ ଦ୍ୱାରା ସମର୍ଥିତ।

ପୁଣି ଆମ ଉଚ୍ଚତା ବଢ଼ିବା ସମ୍ବନ୍ଧରେ ଅନ୍ୟ ଜଣେ ଗବେଷକଙ୍କ ମତ ଉଦ୍ଧାର କରିବା ସମୀଚୀନ ହେବ। ସେଥିରେ ଉଚ୍ଚତା ବଢ଼ିବା ସମ୍ପର୍କରେ ଅନ୍ୟ ଏକ କାରଣ ଯୋଡ଼ା ଯାଇଛି। ଆଜିକାଲି ନାରୀମାନେ ଲମ୍ବା ପୁରୁଷଙ୍କୁ ଜୀବନସାଥୀ ଭାବେ ପସନ୍ଦ କରୁଛନ୍ତି। ଅନ୍ୟ କାରଣ ମଧ୍ୟରେ ସେ ଏହାକୁ ବିଚାର କରି ଜଣାଇଛନ୍ତି ଯେ, ପୁରୁଷ ଓ ସ୍ତ୍ରୀ ଯଥାକ୍ରମେ ଛଅ ଫୁଟ ଓ ପାଞ୍ଚ ଫୁଟ୍ ସାତ ଇଞ୍ଚକୁ ଏକ ଉତ୍ତମ ମାନଦଣ୍ଡ ଭାବେ ଗ୍ରହଣ କରି ଏହି ଦିଗରେ ଉଦ୍ୟମଶୀଳ। ଏଥିରେ ପ୍ରତିଫଳିତ ଆମ ସମୟର ଲୋକଙ୍କ ମନୋଭାବ, ଦୃଷ୍ଟିଭଙ୍ଗୀ ଓ ଅଭିଳାଷ। ତେବେ ଏଥିରେ ସୀମା ରହିବାକୁ ବାଧ୍ୟ, ନଚେତ୍ ଶରୀରର ଉତକ ବା ତନ୍ତୁ ଚାପଗ୍ରସ୍ତ ହେବ। ତେଣୁ ଏକତରଫା ଭାବେ ଉଚ୍ଚତା ବୃଦ୍ଧି ପ୍ରମାଦପୂର୍ଣ୍ଣ। ଏହି ଯୁଗରେ ଅନ୍ୟ ଏକ ଶକ୍ତିଶାଳୀ ପ୍ରଭାବ ଉନ୍ନତ ପ୍ରଯୁକ୍ତି ବିଦ୍ୟାଜନିତ। ଫଳତଃ ଶାରୀରିକ ବଳର ପ୍ରାଧାନ୍ୟ ପୂର୍ବାପେକ୍ଷା ହ୍ରାସ ପାଇଛି। ଏହି ପ୍ରକାରେ ମାଂସପେଶୀ ସଂକୁଚିତ ହେଉଛି। କଙ୍କାଳର ଓଜନ ହ୍ରାସ ହେବ। ବଳବାନ ବା ଟାଣୁଆ ଶରୀର ପାଇଁ ଚାହିଦା ନ ରହିବାରୁ ଏହା କାଳକ୍ରମେ ଅଗୋଚର ହୋଇଯିବ। ଅସ୍ଥି ସାନ୍ଦ୍ରତା ନିମ୍ନଗାମୀ ହେବ ବୋଲି ଗବେଷଣାରୁ ଜଣାପଡ଼ିଛି।

ଚିକିତ୍ସା ଶାସ୍ତ୍ରରେ ତ୍ୱରିତ ପ୍ରଗତି ଏବଂ ପ୍ରସାର ଯୋଗୁ ଆମ ଆୟୁକାଳ ବଢ଼ିବ। ତେଣୁ ଜଣେ ଶୀଘ୍ର ବିବାହ କରି ପାରିବାରିକ ଜୀବନ ନିର୍ବାହ ଓ ସନ୍ତାନ-ପ୍ରାପ୍ତି ପାଇଁ ତତ୍ପର ହେବ ନାହିଁ। ଦୀର୍ଘକାଳ ଆଦ୍ୟ ଜୀବନରେ ପଢ଼ାପଢ଼ି ଓ ତାଲିମ ନେଇ ଉତ୍ତମ ବୃତ୍ତି ଆପଣେଇବା ପାଇଁ ସେ ଅଧିକ ଧ୍ୟାନ ଦେବ। ତତ୍‌ସହ ପରିବାର ନିୟନ୍ତ୍ରଣ କରି ଛୋଟ ଓ ସୁଖୀ ପରିବାର ପସନ୍ଦ କରିବ। ତେବେ ଦୀର୍ଘ ଜୀବନରେ ଅନ୍ତିମ ଅବସ୍ଥା ନାନା ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିବ। ଔଷଧ ସେବନ ଓ ଚିକିତ୍ସା ତା' ପାଇଁ ପ୍ରୟୋଜନ ହେବ। କେବଳ ଦେହ ନୁହେଁ, ମନ ମଧ୍ୟ ବ୍ୟାଧିଗ୍ରସ୍ତ ହୋଇପାରେ। ବିଶେଷ ଭାବେ ନିଃସଙ୍ଗତା ତାକୁ ଘାରିବ। ଜୀବନର ମୂଲ୍ୟ ଏବଂ ଅନ୍ତିମ ଲକ୍ଷ୍ୟ ଖୋଜି ନ ପାଇବାରୁ ସେ ଅବସାଦଗ୍ରସ୍ତ ହେବା ସମ୍ଭାବନା ରହିଛି।

ଯାତାୟାତ ବର୍ତ୍ତମାନ ବିମାନ, ଜାହାଜ, ରେଳ ଇତ୍ୟାଦି ଦ୍ୱାରା ସୁଗମ ହୋଇଯାଉଛି। ପୃଥିବୀ ଯଥେଷ୍ଟ ପରିମାଣରେ ସଙ୍କୁଚିତ ହୋଇ ଗଲାଣି। ଏହାଦ୍ୱାରା ବିବର୍ତ୍ତନ ଏକରକମ ନୂତନ ପରିସ୍ଥିତି ଜାତ କରିବା ଆଶଙ୍କା ଦେଖାଗଲାଣି। ବିବର୍ତ୍ତନ ପାଇଁ ମୁଖ୍ୟ କାରକ ହେଉଛି ; ଭୌଗୋଳିକ ଭାବେ ପରସ୍ପରଠାରୁ ବିଚ୍ଛିନ୍ନ ଭିନ୍ନ ଭିନ୍ନ ଗୋଷ୍ଠୀ, ଯେଉଁମାନଙ୍କ ମଧ୍ୟରେ ସଂପର୍କ ସ୍ଥାପନ ହୋଇ ନ ଥାଏ। ଅନ୍ୟ ଦୁଇଟି ହେଉଛି ପ୍ରାକୃତିକ ଚୟନ ଓ ଆନୁବଂଶିକ ଭିନ୍ନତା। ବିଭିନ୍ନ ଅଞ୍ଚଳ ଓ ଦେଶର ଲୋକ ଏକତ୍ର ଗୋଟିଏ ଜାଗାରେ ରହିବା ଫଳରେ ଯେଉଁ ସମାଜ ସୃଷ୍ଟି ହେବ, ଏଥିରେ ଭିନ୍ନ ଭିନ୍ନ ଜାତି ମଧ୍ୟରେ ପ୍ରଜନନ ସଂଘଟିତ ହେବ। ତେଣୁ ଆଦିମ କାଳରେ ଯେପରି ଅସଂଲଗ୍ନ ଦ୍ୱୀପବାସୀ ପରି ଲୋକେ ରହୁଥିଲେ, ସେଥିରେ ଅନ୍ତ ଘଟି ଏକ ନୂତନ ମିଶ୍ରିତ ବୃହତ୍ ସମାଜ ସୃଷ୍ଟି ହେବ। ଫଳ ସ୍ୱରୂପ ବିଭିନ୍ନ ଦେଶ ବା ଅଞ୍ଚଳରେ ରହୁଥିବା ବିଶ୍ୱବାସୀ ଆଉ ପୂର୍ବ ପରି ନିଜର ସ୍ୱତନ୍ତ୍ର ଚେହେରା ମାନ ବଜାୟ ରଖିପାରିବେ ନାହିଁ। ବର୍ଣ୍ଣବୈଷମ୍ୟ ବା ଅନ୍ୟାନ୍ୟ ଦୈହିକ ପାର୍ଥକ୍ୟ ଓ ବୈଶିଷ୍ଟ୍ୟମାନ ଅପସରି ଯାଇ ବିଶ୍ୱବାସୀ ଦେଖିବାକୁ ଗୋଟିଏ ଡାଞ୍ଚାରେ ଏକା ପ୍ରକାର ଶରୀର ନେଇ ଜନ୍ମ ହୋଇଥିବା ଭଳି ପରିସ୍ଥିତି ଲୋକଲୋଚନକୁ ଆସିବ। ଏହା ହେବ ବିଶ୍ୱସ୍ତରୀୟ, ଗ୍ରାଣ୍ଡ ଏଭେରେଜିଂ। ଏଥିରେ ସମସ୍ତଙ୍କ ଉଚ୍ଚତା, ଆଖି, କାନ, ନାକ, ହାତ ଗୋଡ଼ ମୋଟାମୋଟି ଭାବେ ସମାନ ପ୍ରକାର ହୋଇଯିବ। ମଣିଷମାନେ ଏକ ଅଦ୍ଭୁତ ଅକଳ୍ପନୀୟ ଚେହେରା ଧାରଣ କରିବେ। ସମସ୍ତେ ଏକାକାର ହୋଇଯିବେ। ଏବେ ଆମେ ଦେଖୁଛୁ ଭିନ୍ନ ଭିନ୍ନ ଦେଶରେ ସୌନ୍ଦର୍ଯ୍ୟର ମାନଦଣ୍ଡ ଅଲଗା ଅଲଗା। ତେବେ ଗ୍ରାଣ୍ଡ ଏଭେରେଜିଂ ପରେ ଏମିତି ଦେଶ ବା ଅଞ୍ଚଳଭିତ୍ତିକ ମାନଦଣ୍ଡ ଅବାନ୍ତର ହୋଇଯିବ। ଭେଦଭାବର ସମାପ୍ତି ଘଟିବ।

ମୋ: ୯୦୭୮୭୪୩୮୪୩

# ବିପଦରେ ଚାଷବାସ



ବାଦଲ ଭୂୟାଁ

ଓଡ଼ିଶାରେ ପ୍ରାୟତଃ ଚାଷ କାର୍ଯ୍ୟ ପାଇଁ ନିୟୋଜିତ ପାରମ୍ପରିକ ଶ୍ରମିକମାନଙ୍କ ସଂଖ୍ୟା କମିଯାଉଛି। ଏଠାରେ ଧାନରୁଆ, ବଛାରେ ନିୟୋଜିତ ହେଉଛନ୍ତି ପଶ୍ଚିମବଙ୍ଗରୁ ଆସୁଥିବା ଶ୍ରମିକ। କେବଳ ଏହି ଗୋଟିଏ ରାଜ୍ୟ ନୁହେଁ, ଆନ୍ଧ୍ରପ୍ରଦେଶ, ଛତିଶଗଡ଼ର ଶ୍ରମିକ ବି ଓଡ଼ିଶାର ଚାଷକାର୍ଯ୍ୟ କରୁଥିବା ପରିଲକ୍ଷିତ ହୋଇଛି। ହଠାତ୍ ଏମିତି କ'ଣ ହେଲା ଯେ ଓଡ଼ିଶାରେ କୃଷି ଶ୍ରମିକ ସଙ୍କଟ ସୃଷ୍ଟି ହେଲା ? ଏଭଳି ଗୋଟିଏ ପ୍ରସଙ୍ଗ କେବଳ କୃଷି ବିଶେଷଜ୍ଞମାନଙ୍କୁ ନୁହେଁ ଆମ ସମସ୍ତଙ୍କୁ ଆନ୍ଦୋଳିତ କଲାଣି।

ପ୍ରାରମ୍ଭିକ ଅନୁଧ୍ୟାନରୁ ଜଣାପଡ଼ିଛି ଯେ କୃଷି ଶ୍ରମିକଙ୍କ ପାଇଁ କୃଷିକ୍ଷେତ୍ରରେ ବର୍ଷକୁ ମାତ୍ର ୩ମାସର ରୋଜଗାର ରହୁଛି। ଜାତୀୟ ନମୁନା ସର୍ବେକ୍ଷଣ ୨୦୧୭-୧୮ ଅନୁଯାୟୀ ଦେଶରେ ଓଡ଼ିଶାର କୃଷି ଶ୍ରମିକଙ୍କ ମଜୁରି ସର୍ବନିମ୍ନ ରହିଛି। ବର୍ତ୍ତମାନ ସ୍ଥିତି ଏଭଳି ହୋଇଛି ଯେ ପୂର୍ବରୁ ଯେଉଁ ଶ୍ରମିକମାନେ ଆଡ଼ି ପ୍ରସ୍ତୁତି, ପହ୍ଲା ପକାଇବା, ରୁଆ ଲଟା କାଟିବା, ବାଛିବା, ଧାନ କାଟିବା ଭଳି ଚାଷର ଅଧା କାର୍ଯ୍ୟ କରି ଦେଉଥିଲେ ସେମାନେ ବର୍ତ୍ତମାନ ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ସୁରଟ, କେରଳରେ ପ୍ରବାସୀ ଶ୍ରମିକ ସାଜିଛନ୍ତି। ଶ୍ରମିକ ସଙ୍କଟ ଯୋଗୁ ଓଡ଼ିଆ ଚାଷୀଙ୍କ କିଛି ଚାଷଜମି ପଡ଼ିଆ ପଡୁଛି। ୨୦୧୧ ଜନଗଣନା ସମୟରେ ରାଜ୍ୟରେ ସମୁଦାୟ ୬୭ଲକ୍ଷ ୩୯ ହଜାର ୯୯୩ କୃଷି ଶ୍ରମିକ ଥିଲେ। ଏମାନଙ୍କ ମଧ୍ୟରେ କ୍ଷୁଦ୍ର କୃଷି ଶ୍ରମିକଙ୍କ ସଂଖ୍ୟା ୪୩ ଲକ୍ଷ ୧୯ହଜାର ୫୪୨ । ଜଣେ ଓୟୁଏଟି କୃଷି ବିଶେଷଜ୍ଞଙ୍କ ହିସାବ ଅନୁସାରେ, ଆଜି ଚାଷ ଏତେ ବ୍ୟୟବହୁଳ ହେବାର ପ୍ରମୁଖ କାରଣ ମଧ୍ୟରେ ଶ୍ରମିକଙ୍କ ଅଭାବ ଅନ୍ୟତମ । ସାମାଜିକ ଏବଂ ଆର୍ଥିକ ଭାବରେ କୃଷି ଶ୍ରମିକଙ୍କ ମଧ୍ୟରୁ ଅଧିକାଂଶ ଭୂମିହୀନ ଏବଂ ଦଳିତ, ଆଦିବାସୀ ବର୍ଗର । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, କୃଷି ଶ୍ରମିକଙ୍କୁ ରାଜ୍ୟ କୃଷି କିମ୍ବା ଶ୍ରମ ବିଭାଗ କେହି ମଧ୍ୟ ନିଜର ବୋଲି କହୁନାହାନ୍ତି। ଫଳରେ ଉଭୟ ବିଭାଗ ପକ୍ଷରୁ ଏହି ବିରାଟ ସଂଖ୍ୟାକୁ ନେଇ କୌଣସି ଯୋଜନା ନାହିଁ। ଖାଦ୍ୟ ସୁରକ୍ଷା ଯୋଜନା, ଏମ୍‌ଜିଏନ୍‌ଆର୍‌ଇଜିଏସ୍(ମନ୍‌ରେଗା) ସହ କାରଖାନା ଏବଂ ରାଜ୍ୟ ବାହାରେ ବର୍ଷ ତମାମ ଅଧିକ ପ୍ରାପ୍ୟ ସାଙ୍ଗକୁ ରୋଜଗାର ବ୍ୟବସ୍ଥା ସୃଷ୍ଟି ପରେ ନୂଆ ପିଢ଼ି କୃଷି ଶ୍ରମିକ ହେବାକୁ ଚାହୁଁନାହାନ୍ତି। ଏଣେ ଚାଷ ବ୍ୟୟ ବହୁଳ ହେବା ସହ ଅଭାବୀ ବିକ୍ରି ସମସ୍ୟା ଯୋଗୁ ଛୋଟ ଏବଂ ନାମମାତ୍ର ଚାଷୀ ଚାହିଁଲେ ମଧ୍ୟ ଅଧିକ ପ୍ରାପ୍ୟ ଦେଇ କୃଷି ଶ୍ରମିକଙ୍କୁ ଆକର୍ଷିତ କରିପାରୁନାହାନ୍ତି। ଏସବୁ କାରଣରୁ ଚାଷ ବିଳମ୍ବିତ ହେଉଛି ଏବଂ ଅନେକ କ୍ଷେତ୍ରରେ ଚାଷୀ ଚାଷ ଛାଡ଼ିବା ପଛର ଏହା ଏକ କାରଣ।

ଧାନ(ଚାଉଳ) ଏବଂ ଗହମ ଉତ୍ପାଦନରେ ଦେଶ ବଳକା ହୋଇସାରିଛି । ୨୦୨୦ରୁ ପୂର୍ବ ଭାରତରେ ସବୁଜ ବିପ୍ଳବ କାର୍ଯ୍ୟକ୍ଷମ କରାଯାଉ ନାହିଁ। ଜଳବାୟୁ ପରିବର୍ତ୍ତନ, ଅପପୁଷ୍ଟି ମୁକାବିଲା ମୁଖ୍ୟ ଚ୍ୟାଲେଞ୍ଜ ଭାବେ ଉଭାହେଲାଣି। ଏପରି ସ୍ଥଳେ ରାଜ୍ୟ ସରକାର ଧାନଚାଷକୁ ହ୍ରାସକରି ଫସଲ ବିବିଧୀକରଣକୁ ଗୁରୁତ୍ୱ ଦେଉଛନ୍ତି। ହେଲେ ଉଦ୍‌ବେଗର ବିଷୟ ହେଉଛି, ଏ ସବୁର ପ୍ରଭାବ ଚାଷଜମିରେ ପରିଲକ୍ଷିତ ହେଉନାହିଁ। କୃଷି ବିଭାଗର ସୂଚନା ଅନୁସାରେ ରାଜ୍ୟରେ ୫୦ରୁ ଅଧିକ ପ୍ରକାର ଚାଷ ହେଉଛି। କୌତୂହଳ କଥା ହେଉଛି, ଅଣଧାନ ଚାଷ ପାଇଁ ବ୍ୟାପକ ପ୍ରୋତ୍ସାହନ ଦେଉଛନ୍ତି ସରକାର। ମାତ୍ର ସବୁ ଫସଲ ମିଶାଇ ଯେତେ ଚାଷ ହେଉଛି କେବଳ ଧାନ ସେତିକି ହେଉଛି। ୨୦୧୩ରୁ ୨୦୨୨ ମସିହା ମଧ୍ୟରେ ଧାନ ଉତ୍ପାଦନ ୫୬.୬୩% ବୃଦ୍ଧି ପାଇଛି। ତୈଳବୀଜ ୬୯୮ ହଜାର ମେଟ୍ରିକ ଟନ୍‌ରୁ ୫୧୩ ହଜାର ମେଟ୍ରିକ ଟନ୍‌କୁ ହ୍ରାସ ପାଇଛି। ପରିବା ଉତ୍ପାଦନ ନାମକୁ ମାତ୍ର ଅର୍ଥାତ୍ ୪.୩% ବଢ଼ିଛି। ଡାଲି ମାତ୍ର ୩୪.୬୫% ବଢ଼ିଛି। ରାଜ୍ୟରେ ୪ଟି ଯୋଜନା ଅଧୀନରେ ଖରିଫରେ ୭ଲକ୍ଷ ହେକ୍ଟର ଏବଂ ରବିରେ ୧୩ ଲକ୍ଷ ହେକ୍ଟର ଚାଷହୋଇ ସମୁଦାୟ ୧୦ଲକ୍ଷ ୭୪ ହଜାର ୨୪୦ ମେଟ୍ରିକ ଟନ୍‌ର ଡାଲି ଉତ୍ପାଦନ ହେଉଛି। ହେଲେ ପ୍ରୋସେସିଂ ୟୁନିଟ୍ ଅଭାବରୁ ଉତ୍ପାଦିତ ୧ଲକ୍ଷ ୮୦ ହଜାର ମେଟ୍ରିକ ଟନ୍‌ର ଡାଲି ହିଁ ରାଜ୍ୟ ବଜାରକୁ ଆସୁଛି। ଧାନ ଭଳି ଡାଲି ବିକ୍ରୟ ନେଇ ମଣ୍ଡି ବ୍ୟବସ୍ଥା ନାହିଁ। ଏଣୁ ଚାଷୀ ଏଥିପ୍ରତି ଆଗ୍ରହ ଦେଖାଉନାହାନ୍ତି। ଏମ୍‌ଏସ୍‌ପିର ଆଇନଗତ ମାନ୍ୟତା ନେଇ ଚାଷୀ ସଙ୍ଗଠନର ଆନ୍ଦୋଳନ ଚାଲିଥିବା ପରିପ୍ରେକ୍ଷୀରେ ବର୍ତ୍ତମାନ ସରକାର ୨ ପ୍ରକାର ଡାଲିଜାତୀୟ ଫସଲ ଏମ୍‌ଏସ୍‌ପିରେ କ୍ରୟ ପାଇଁ ପ୍ରସ୍ତାବ ଦେଇଛନ୍ତି। କେନ୍ଦ୍ର ଏହାକୁ କାର୍ଯ୍ୟକାରୀ କଲେ ଡାଲିଚାଷୀ ଉପକୃତ ହେବା ସହ ଚାଷ ବଢ଼ିବା ଆଶା ରହିଛି। ଏହି ପ୍ରସ୍ତାବରେ ୫ ବର୍ଷ ପାଇଁ ସରକାର ମକା ଏବଂ କପା ମଧ୍ୟ ଏମ୍‌ଏସ୍‌ପିରେ କ୍ରୟ ପାଇଁ କହିଥିଲେ। ଓଡ଼ିଶାରେ ବର୍ତ୍ତମାନ ୮ଲକ୍ଷ ୬୦ ହଜାର ମେଟ୍ରିକ ଟନ୍‌ର ମକା ଉତ୍ପାଦିତ ହେଉଛି। ଏହାର ସ୍ୱତନ୍ତ୍ର ବଜାର ଚାହିଦା ରହିଛି। ହେଲେ ୧୦ବର୍ଷ ମଧ୍ୟରେ ଉତ୍ପାଦନ ପରିମାଣ ମାତ୍ର ୧୦.୧୯% ବଢ଼ିଛି। ଏହି ଚାଷ ମୁଖ୍ୟତଃ ନବରଙ୍ଗପୁରର ଉମରକୋଟ୍‌ରେ ସୀମିତ ରହିଛି। ଅନ୍ୟପକ୍ଷରେ ବ୍ୟବସାୟୀଙ୍କ ପ୍ରତ୍ୟକ୍ଷ ନିବେଶ ରହିଥିବାରୁ କପା ଉତ୍ପାଦନ ୧୦ ବର୍ଷ ମଧ୍ୟରେ ୧୩୫% ବଢ଼ିଛି। ଅଣଧାନ ଚାଷ ମଧ୍ୟରୁ ମିଲେଟ୍ ମିଶନ ଅନ୍ତର୍ଗତରେ ମାଣ୍ଡିଆ ଚାଷ ଏବଂ ଉତ୍ପାଦନ ୫୭.୮୭% ବଢ଼ିଛି। ଧାନଚାଷ ବ୍ୟୟବହୁଳ ଏବଂ ପ୍ରାକୃତିକ ବିପର୍ଯ୍ୟୟରେ ଏହା ଶୀଘ୍ର ପ୍ରଭାବିତ ହୁଏ। ଏହାଛଡ଼ା ଚାଉଳରେ ରାଜ୍ୟ ବଳକା ହୋଇ ସାରିଛି। ତେଣୁ ଅଣଧାନ ଚାଷ ପାଇଁ ଗୁରୁତ୍ୱ ଦିଆଯିବା ନିହାତି ଆବଶ୍ୟକ। ହେଲେ ସରକାରଙ୍କ ଯୋଜନା ଓ କାର୍ଯ୍ୟାନ୍ୱୟନ ମଧ୍ୟରେ ଯୋଜନା ଯୋଜନ ଦୂରତା କାରଣରୁ ଲକ୍ଷ୍ୟ ହାସଲ ହୋଇପାରୁ ନ ଥିବା ବିଶେଷଜ୍ଞ ମତ ରଖୁଛନ୍ତି।



ସମ୍ବଲପୁରର ଜଣେ ଚାଷୀଙ୍କ କହିବା ଅନୁଯାୟୀ କତା ଗାଁରେ କୃଷି ଶ୍ରମିକ ମିଳୁ ନ ଥିବାରୁ ପଶ୍ଚିମ ଓଡ଼ିଶାର ଚାଷୀ ଛତିଶଗଡ଼ର ଶ୍ରମିକଙ୍କ ଉପରେ ନିର୍ଭରଶୀଳ। ଧାନ କାଟିବା ସମୟରେ ଛତିଶଗଡ଼ ଶ୍ରମିକ ଦଳଙ୍କୁ ଯୋଗାଯୋଗ କରାଯାଏ। ୫୦ ଶ୍ରମିକ ସ୍ୱଳ୍ପ ସମୟରେ ଏକାଧିକ ଚାଷୀଙ୍କ କାର୍ଯ୍ୟକରି ଫେରିଯାଆନ୍ତି। ଛତିଶଗଡ଼ ଉପରେ ନିର୍ଭରଶୀଳତା ଯୋଗୁ ନିର୍ବାଚନ ଏବଂ ୨୦୨୦ ମସିହାର ଲକ୍‌ଡାଉନ ଯୋଗୁ ଧାନ କାଟିବା ବିଳମ୍ବିତ ହୋଇଥିଲା। ବର୍ତ୍ତମାନ ଅନେକ ଚାଷ କାର୍ଯ୍ୟ ମେସିନ ଦ୍ୱାରା ହେଉଥିବାରୁ କୃଷି ଶ୍ରମିକଙ୍କ କାର୍ଯ୍ୟ ସଙ୍କୁଚିତ ହେଉଛି। ଅଧିକାଂଶ ପ୍ରବାସୀ ଶ୍ରମିକ ହେଲେ କୃଷି ଶ୍ରମିକ କିମ୍ବା ସେହି ପରିବାରର । ବର୍ତ୍ତମାନ ସ୍ଥିତି ଏଭଳି ଯେ କେରଳର ଅନେକ ଚାଷୀ ଅଧିକ ରୋଜଗାର ପାଇଁ ନିଜ ଜମି ଛାଡ଼ି ବାହାର ଦେଶକୁ ଚାଲିଯାଇଛନ୍ତି। ସେମାନଙ୍କ ଛାଡ଼ିଯାଉଥିବା ଜମିରେ ଓଡ଼ିଆ ଶ୍ରମିକ ଚାଷ କରୁଛନ୍ତି। ବର୍ତ୍ତମାନ ସ୍ଥିତିରେ କୃଷିକ୍ଷେତ୍ରରେ କୃଷି ଶ୍ରମିକ ସଙ୍କଟ ସମସ୍ୟାକୁ ଏଣିକି ସରକାର ଗୁରୁତ୍ୱର ସହ ବିଚାର କରିବାର ଆବଶ୍ୟକତା ରହିଛି। ଅବହେଳା କଲେ ଆହୁରି ବଡ଼ ସଙ୍କଟ ସୃଷ୍ଟି ହେବ ବୋଲି ଅଧିକାଂଶ ବିଶେଷଜ୍ଞ ମତ ଦିଅନ୍ତି।

ମୋ : ୭୪୮୮୯୯୮୫୩୨

## ଏଇ ଭାରତରେ

ସହରର ଡମ୍ପୟାର୍ଡ କଥା ଶୁଣିଲେ ଲୋକେ ନାକ ଟେକନ୍ତି। ସେହି ପୂତିଗନ୍ଧମୟ ସ୍ଥାନ ବାଟ ଦେଇ ଯିବାକୁ ଘୃଣା କରନ୍ତି। କିନ୍ତୁ ମାଙ୍ଗାଲୋର ବାସିନ୍ଦା ଜିଥ୍ ମିଲାନ ରୋକେ ଡମ୍ପୟାର୍ଡକୁ ସବୁଜ ଜଙ୍ଗଲ କରି ଏକ ଉଦାହରଣ ସୃଷ୍ଟି କରିଛନ୍ତି। ସେ ଡମ୍ପୟାର୍ଡରେ କେବଳ ବିଭିନ୍ନ କିସମର ଫଳଗଛ ଲଗାଇଛନ୍ତି, ଯାହାଫଳରେ ସେଥିରୁ କିଛି ଉତ୍ପାଦନ ହୋଇପାରୁଛି। ଜିଥ୍‌ଙ୍କ ବୟସ ୪୭। ସେ ଏକ ଆଇଟି କମ୍ପାନୀରେ କାର୍ଯ୍ୟ କରୁଥିଲେ। ସେ ଯେଉଁଠି ରହୁଥିଲେ ସେଠାରେ ଗଛର ଅଭାବ ଥିଲା। ଏଣୁ ସେ ପ୍ରଥମେ ଆଖପାଖ ଅଞ୍ଚଳରେ ଗଛ ଲଗାଇବା ଆରମ୍ଭ କରିଥିଲେ। ପରେ ଚାକିରି ଛାଡ଼ି ସେ ମାଙ୍ଗାଲୋର ଗ୍ରୀନ୍ ବ୍ରିଗ୍ରେଡ୍ ପ୍ରୋଜେକ୍ଟ ମାଧ୍ୟମରେ ଗଛ ଲଗାଇ ଏବେ ଟେକ୍‌ମ୍ୟାନ୍‌ରୁ ଜଣେ ପରିବେଶବିତ୍ ହୋଇଗଲେଣି। ଜିଥ୍ ୭ ବର୍ଷ ହେଲା ଡମ୍ପୟାର୍ଡ ତଥା ଅନ୍ୟ ଅବ୍ୟବହୃତ ଜମିରେ ଗଛ ଲଗାଉଛନ୍ତି। ସେ ପ୍ରତିବର୍ଷ ମାଙ୍ଗାଲୋରରେ ୧୨,୦୦୦ ଗଛ ଲଗାଉଛନ୍ତି। ୪୨ ଏକର ବିଶିଷ୍ଟ ଏକ ଡମ୍ପୟାର୍ଡରେ ଗଛ ଲଗାଇବା ତାଙ୍କର ଏକ ଉଲ୍ଲେଖନୀୟ କାର୍ଯ୍ୟ। ଏହା ବ୍ୟତୀତ ସେ ସ୍କୁଲ ଓ କଲେଜରେ ମଧ୍ୟ ଗଛ ଲଗାଉଛନ୍ତି। ଏହାଦ୍ୱାରା ତାଙ୍କ ପ୍ରୋଜେକ୍ଟରେ ଏବେ ଅନେକ ହଜାର ଛାତ୍ରୀଛାତ୍ର ସାମିଲ ହୋଇ ବୃକ୍ଷରୋପଣ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୫ ଜୁଲାଇ ୧୯୭୫

- ଲୁଆଣ୍ଡାରେ ପରସ୍ପର ବିରୋଧୀ ରାଜନୈତିକ ଗୋଷ୍ଠୀ ମଧ୍ୟରେ ଘମାଘୋଟ ସଂଘର୍ଷ ଘଟି ଅନ୍ୟୁନ ୩୦୦ ଜଣ ନିହତ।
- ଉତ୍ତର ପ୍ରଦେଶର ତେହରି ଜିଲାରେ ଭୂତତ୍ତ୍ୱବିତ୍‌ମାନେ ବ୍ରାହ୍ମୀ ଲିପିରେ ଲିଖିତ ୧୬ଶ ଶତାବ୍ଦୀର ଦୁଇଟି ଶିଳାଲେଖ ମାଟିତଳୁ ଉଦ୍ଧାର କରିଛନ୍ତି।
- ଗୌହାଟୀରେ ଏକ ଯାତ୍ରୀବାହୀ ବସ୍ ଦୁଲାନି ନଦୀ ପୋଲରୁ ଖସିପଡ଼ିବା ଫଳରେ ୧୦ ଜଣଙ୍କ ମୃତ୍ୟୁ।

## ଚିରନ୍ତନୀ

ଅଞ୍ଚଳ ତବ ଚଞ୍ଚଳ ବାତେ
ସ୍ୱର୍ଣ୍ଣ ଜରିର ଧଟୀ
ନଚାଇ ସବେଗେ ନ ଚାଲୁ ତୁମର
ଚରଣ ନବୀନା ନଟୀ !
-(ରୂପର ସ୍ତବ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ୟୁନିଫର୍ମରେ ଟି-ଶାର୍ଟ ବନ୍ଦ ହେଉ

ମହାଶୟ,

'ବଦଳିବ ହାଇସ୍କୁଲ ୟୁନିଫର୍ମ' ଶୀର୍ଷକ ଖବର ପାଠକଲି। ଯଦି ହାଇସ୍କୁଲ ୟୁନିଫର୍ମ ବଦଳାଯାଉଛି, ପ୍ରଥମେ ହାଇସ୍କୁଲ ଝିଅମାନଙ୍କ ପାଇଁ ବିଗତବର୍ଷ କରାଯାଇଥିବା ଲାଲ, ହଳଦିଆ, ସବୁଜ ଓ ବାଇଗଣୀ ରଙ୍ଗର ଟିଶାର୍ଟ, ଟିପ୍ୟାଣ୍ଟକୁ ବନ୍ଦ କରାଯାଉ। ଏହି ୟୁନିଫର୍ମ ଛୋଟ ପିଲା ବା ପୁଅ ପିଲାଙ୍କ ପାଇଁ ଠିକ୍ ଥିବା ବେଳେ, ହାଇସ୍କୁଲ ଝିଅମାନଙ୍କ ପାଇଁ ଠିକ୍ ନୁହେଁ। ଅନେକ ଝିଅ ଏହି ପୋଷାକ ପିନ୍ଧିବା ପାଇଁ ଅମଙ୍ଗ ହୋଇଥିଲେ ମଧ୍ୟ ଶିକ୍ଷକମାନଙ୍କ ନିର୍ଦ୍ଦେଶ କ୍ରମେ ବାଧ ହୋଇ ଲାଜ କରି ଯା'ଆସ କରୁଛନ୍ତି। ତେବେ ଧଳା, ଆକାଶୀ ରଙ୍ଗର ସାଲୱାର ସୁଟ୍ ୟୁନିଫର୍ମ ଠିକ୍ ଅଟେ। ଯଦି ୟୁନିଫର୍ମ ବଦଳାଯିବ, ସାଲୱାର ସୁଟ୍‌ର ରଙ୍ଗ ବଦଳାନ୍ତୁ ଓ ଟିଶାର୍ଟକୁ ବନ୍ଦ କରନ୍ତୁ। ପ୍ରଶାସନକୁ ଅନୁରୋଧ, କେବଳ ୟୁନିଫର୍ମ କାମରେ ସମୟ ଅପଚୟ ନ କରି ବିଦ୍ୟାଳୟରେ କିଭଳି ଠିକ୍ ରୂପେ ପାଠପଢ଼ା ହୋଇପାରିବ ସେଥିପ୍ରତି ଧ୍ୟାନ ଦିଅନ୍ତୁ।

-ପ୍ରଦୀପ କୁମାର ନାଏକ, ହାତୀସରା, ଦେଓଗାଁ, ବଲାଙ୍ଗୀର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



▲ ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟ ବଚ୍ଚନ ଓ ଆମେରିକୀୟ ମଡେଲ କିମ୍ କାର୍ଦାଶିଆନଙ୍କ ସହ ସେଲ୍‌ଫି ନେଉଛନ୍ତି।





▲ ସ୍ତ୍ରୀ ଅଞ୍ଜଳିଙ୍କ ସହ ସଚିନ ତେନ୍ଦୁଲକର



▲ ସ୍ତ୍ରୀ ଗୌରୀ ଖାନ୍ ଓ ଝିଅ ସୁହାନା ଖାନ୍‌ଙ୍କ ସହ ଅଭିନେତା ଶାହରୁଖ୍ ଖାନ୍



▲ ରାଧିକା–ଅନନ୍ତଙ୍କ ଶୁଭ ଆଶୀର୍ବାଦ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

## ରାଜ୍ୟ ଖବର

# ରତ୍ନଭଣ୍ଡାର ଖୋଲିବା ନେଇ ୧୪ ତାରିଖର ଅପୂର୍ବ ସଂଯୋଗ

## ୧୯୮୫ ମସିହା ଜୁଲାଇ ୧୪ରେ ଖୋଲାଯାଇଥିଲା ଭିତର ରତ୍ନଭଣ୍ଡାର

**ବଲାଙ୍ଗୀର, ୧୪।୭ (ବୀରେନ୍ଦ୍ର କୁମାର ଝାଙ୍କର)**

ବିଶ୍ୱର କୋଟି କୋଟି ଜଗନ୍ନାଥ ପ୍ରେମୀଙ୍କ ଭାବାବେଗକୁ ସମ୍ମାନ ଜଣାଇ ପରିଶେଷରେ ଶ୍ରୀମନ୍ଦିର ରତ୍ନଭଣ୍ଡାରକୁ ଖୋଲାଯାଇଛି। ପୂର୍ବରୁ ଶେଷ ଥର ପାଇଁ ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାରକୁ ୧୯୮୫ ଜୁଲାଇ ୧୪ ତାରିଖରେ ଖୋଲାଯାଇଥିବା ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ତଥ୍ୟ ଦିଆଯାଇଛି। ବଲାଙ୍ଗୀରର ସୂଚନା ଅଧିକାର କର୍ମୀ ହେମନ୍ତ କୁମାର ପଣ୍ଡାଙ୍କୁ ଚିଠି ନମ୍ବର- ୧୨୧୮୯ ତା ୨୯/୧୦/୨୦୨୨ ଯୋଗେ ଏହି ତଥ୍ୟ ପ୍ରଦାନ କରାଯାଇଛି। ସୂଚନା ଅଧିକାର ଆଇନ ବଳରେ ଏହି ତଥ୍ୟ ପାଇଥିବା ସୂଚନା ଅଧିକାର କର୍ମୀ ପଣ୍ଡା ଗଣମାଧ୍ୟମ ପ୍ରତିନିଧିଙ୍କୁ ଜଣାଇଛନ୍ତି। ସେ କହିଛନ୍ତି, ପୁଣି ୩୯ ବର୍ଷ ପରେ ସେହି ଜୁଲାଇ ୧୪ ତାରିଖରେ ଭିତର ରତ୍ନଭଣ୍ଡାରକୁ ଖୋଲାଯାଇଛି। ଏହାକୁ କେବଳ ଏକ ଅପୂର୍ବ ସଂଯୋଗ ବୋଲି କୁହାଯାଇପାରେ। ବିଭିନ୍ନ ସାମାଜିକ ଗଣମାଧ୍ୟମରେ ୧୯୭୭ ମସିହାରେ ଶେଷଥର ପାଇଁ ଭିତର ରତ୍ନଭଣ୍ଡାର ଖୋଲା ଯାଇଥିଲା ବୋଲି ଯାହା ପ୍ରଚାର କରାଯାଉଛି ତାହା ଭୁଲ ବୋଲି ସୂଚନା



ଅଧିକାର କର୍ମୀ ପଣ୍ଡା କହିଛନ୍ତି। ଏହାସହ ତଥ୍ୟରେ ୧୯୫୪–୫୫ ମସିହାରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ଆଇନ ଲାଗୁ କରାଯିବା ପରେ ସମସ୍ତ ସମ୍ପତ୍ତିର ବସ୍ତୁସୂଚୀର ତାଲିକା କରାଯାଇଥିବା କଥା କୁହାଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ୨୦୧୪ ସେପ୍ଟେମ୍ବର ୧୧ରେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ରତ୍ନଭଣ୍ଡାର ଖୋଲିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। କିନ୍ତୁ ଏହି ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ପାଇଁ ୧୦ ବର୍ଷ ଲାଗିଗଲା ବୋଲି ପଣ୍ଡା କହିଛନ୍ତି। ସେ ପୁଣି କହିଛନ୍ତି ଯେ, ସରକାରଙ୍କ ପାଖରେ ମହଜୁଦ ଥିବା ସୁନା, ରୁପା ସହ ରତ୍ନ ତାଲିକାକୁ ସାର୍ବଜନୀନ କରାଯିବା ସଙ୍ଗେ ସଙ୍ଗେ ବର୍ତ୍ତମାନର ଗଣତି ମଣତି ତାଲିକାକୁ ସାର୍ବଜନୀନ କରାଯାଉ ଓ ତାଲିକାକୁ ଠିକ୍ ଭାବରେ ସଂରକ୍ଷଣ କରାଯାଉ। ଫଳରେ ଭବିଷ୍ୟତରେ ଆଉ ଦ୍ୱନ୍ଦ୍ୱ ଉପୁଜିବ ନାହିଁ ବୋଲି ପଣ୍ଡା ପ୍ରେସ୍ ରିଲିଜ୍‌ରେ କହିଛନ୍ତି।

**ସ୍ୱାସ୍ଥ୍ୟାନୁଷ୍ଠାନରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ତଦାରଖ**

# ଗଠନ ହେଲା ଟାସ୍କଫୋର୍ସ

**ଭୁବନେଶ୍ୱର, ୧୪।୭ (ଅନିଲ ଦାସ)**

ରାଜ୍ୟର ମହାନଗର ନିଗମ ଏବଂ ଜିଲାଗୁଡ଼ିକ ଅଧୀନରେ ଥିବା ପ୍ରତ୍ୟେକ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ସୁନିଶ୍ଚିତ କରାଯିବ। ଏ ନେଇ ସ୍ୱାସ୍ଥ୍ୟ ବିଭାଗ, ଗୃହ ବିଭାଗ ଏବଂ ବିଦ୍ୟୁତ୍ ନିରୀକ୍ଷକଙ୍କୁ ନେଇ ମିଳିତ ଟାସ୍କଫୋର୍ସ ଗଠନ କରିବାକୁ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ନିର୍ଦ୍ଦେଶ ଦେଇଛନ୍ତି। ମହାନଗର ନିଗମ ଅଧୀନରେ ଥିବା ସ୍ୱାସ୍ଥ୍ୟାନୁଷ୍ଠାନ ପାଇଁ ମହାନଗର ନିଗମର କମିଶନର, ପୋଲିସ ଏସ୍‌ପି/ଡିଏସ୍‌ପି, କ୍ୟାପିଟାଲ ହସ୍‌ପିଟାଲ, ଭୁବନେଶ୍ୱରର ନିର୍ଦ୍ଦେଶକ/ଆର୍‌ଜିଏଚ୍, ରାଉରକେଲା/ସିଡିଏମ୍ ଏବଂ ପିଏଚ୍‌ଓ, ଫାୟାର ଅଫିସର, ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଏବଂ ବିଦ୍ୟୁତ୍ ନିରୀକ୍ଷକଙ୍କୁ ନେଇ ଏହି ଟାସ୍କଫୋର୍ସ ଗଠନ କରାଯିବ।

ସେହିପରି ଜିଲାଗୁଡ଼ିକ ପାଇଁ ଜିଲାପାଳ ଏବଂ ଜିଲା ମାଜିଷ୍ଟ୍ରେଟ୍, ଆରକ୍ଷୀ ଅଧୀକ୍ଷକ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଜନସ୍ୱାସ୍ଥ୍ୟ ଅଧିକାରୀ, ସହକାରୀ ଅଗ୍ନିନିର୍ବାପକ ଅଧିକାରୀ, ଅଧୀକ୍ଷଣ ଯନ୍ତ୍ରୀ ତଥା ଉପବିଦ୍ୟୁତ୍ ନିରୀକ୍ଷକଙ୍କୁ ନେଇ ଟାସ୍କଫୋର୍ସ ଗଠନ ହେବ।

କଟକର ୨ ନର୍ସିଂହୋମ୍‌ରେ ଅଗ୍ନିକାଣ୍ଡ ପରିପ୍ରେକ୍ଷୀରେ ସ୍ୱାସ୍ଥ୍ୟ ବିଭାଗ ସଚିବ ରାଜ୍ୟର ସମସ୍ତ ଜିଲାପାଳ ଓ ସ୍ୱାସ୍ଥ୍ୟ ଅନୁଷ୍ଠାନର ମୁଖ୍ୟମାନଙ୍କୁ ଏ ସମ୍ପର୍କରେ ରହିଥିବା ନିର୍ଦ୍ଦେଶନାମାକୁ କଡ଼ାକଡ଼ି ଭାବେ ଅନୁପାଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଡାକ୍ତରଖାନାଗୁଡ଼ିକରେ ନିୟମିତ ଭାବରେ ଅଗ୍ନିନିର୍ବାପକ ଯନ୍ତ୍ର, ହାଇଡ୍ରାଣ୍ଟ ଏବଂ ଆଲାମ୍ ଯାଞ୍ଚ କରିବା, ନିଆଁ ଲିଭାଇବା ଯନ୍ତ୍ରର ସମାପ୍ତି ତାରିଖ, ହାଇଡ୍ରାଣ୍ଟର ୱାଟର ପ୍ରେସର ସହ ଅଗ୍ନି ଆଲାମ୍ ବ୍ୟବସ୍ଥାର କାର୍ଯ୍ୟକାରିତା ନେଇ ଯାଞ୍ଚ କରିବାକୁ ପରାମର୍ଶ ଦିଆଯାଇଛି। ସମସ୍ତ ଅଗ୍ନି ନିର୍ବାପକ ଯନ୍ତ୍ରର ରକ୍ଷଣାବେକ୍ଷଣ ଓ ମାସିକ ଯାଞ୍ଚ ଏବଂ ହାଇଡ୍ରାଣ୍ଟର ତ୍ରୈମାସିକ ଯାଞ୍ଚ ଏବଂ ଭାରତୀୟ ମାନକ ଅନୁସାରେ ଏଗୁଡ଼ିକର ବୃତ୍ତିଗତ ନିରୀକ୍ଷଣ କରାଯିବ। ରୋଗୀମାନଙ୍କ ପାଇଁ ଉଦ୍ଦିଷ୍ଟ କକ୍ଷ, ହଲ୍ ତଥା ସାଧାରଣ ଏରିଆରେ ଧୂଆଁ ଡିଟେକ୍ଟର ଏବଂ ଫାୟାର ଆଲାମ୍ ସ୍ଥାପନ କରାଯିବ। ସମୟ ଅନୁଯାୟୀ ଏହାକୁ ଯାଞ୍ଚ ଏବଂ ବଦଳାଯିବ। ହସ୍ପିଟାଲ୍ ଆଇସିୟୁ, ଅପରେଶନ ଥିଏଟର ଆଦି ମୁଖ୍ୟ ଅଞ୍ଚଳରେ ସ୍ୱୟଂଶାସିତ ସିଞ୍ଚନ ଯନ୍ତ୍ର ସ୍ଥାପନ କରାଯିବ, ଯାହାକି ଆଲାମ୍ ସହିତ ସଂଯୁକ୍ତ ହୋଇ ଅଗ୍ନିକାଣ୍ଡ ବେଳେ କାର୍ଯ୍ୟକ୍ଷମ ହୋଇପାରିବ। ନ୍ୟାଶନାଲ ଇଲେକ୍ଟ୍ରିକାଲ କୋଡ୍ ଅଫ୍ ଇଣ୍ଡିଆ ୨୦୨୩ ଅନୁଯାୟୀ ହସ୍ପିଟାଲ୍‌ର ଉଚ୍ଚ ଚାହିଦା ଅଞ୍ଚଳର ସିଷ୍ଟମ୍‌କୁ ଅଧିକ ଲୋଡ୍ ନ କରି ନିରାପତ୍ତା ମାନଦଣ୍ଡ ପୂରଣ କରି ସୁନିଶ୍ଚିତ କରିବାକୁ ଏକ ସାର୍ଟିଫାଏଡ୍ ଇଲେକ୍ଟ୍ରିସିଆନ୍ ଦ୍ୱାରା ବିଦ୍ୟୁତ୍ ପରିବହନର ମୂଲ୍ୟାଙ୍କନ କରାଯିବ। ସମସ୍ତ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ଥିବା ସୁରକ୍ଷା ବ୍ୟବସ୍ଥାକୁ ଅଗ୍ନି ନିରାପତ୍ତା ଅଧିକାରୀ, ଜିଇଡିର ଇଞ୍ଜିନିୟର ଏବଂ ପିଡବ୍ଲ୍ୟୁଡିଙ୍କୁ ନେଇ ଏକ ବିଶେଷଜ୍ଞ ଦଳ ଯାଞ୍ଚ କରିବ। ସମସ୍ତ ଯନ୍ତ୍ରପାତି ଓ ସଂଯୋଗୀକରଣ ଉପରେ ସର୍ଭେ କରି ଜଣାଇବ। ଇଲେକ୍ଟ୍ରିକାଲ ବିଭାଗର ରିପୋର୍ଟକୁ ଆଧାରକରି ସ୍ୱାସ୍ଥ୍ୟ ବିଭାଗ ତୁରନ୍ତ ସଂଶୋଧନ ପାଇଁ ପଦକ୍ଷେପ ଗ୍ରହଣ କରିବ।

ତ୍ରିଶା ଏବଂ କଟକ ତେଲେଙ୍ଗା ବଜାରର ରାଧାରମଣ ନର୍ସିଂହୋମ୍‌ରେ ଅଗ୍ନିକାଣ୍ଡ ପରିପ୍ରେକ୍ଷୀରେ ଓଡ଼ିଶା ମେଡିକାଲ ଶିକ୍ଷା ଓ ପ୍ରଶିକ୍ଷଣର ନିର୍ଦ୍ଦେଶକ ୩ ଜଣ ଡାକ୍ତର ପ୍ରଫେସର ଡାକ୍ତର ବ୍ରଜକିଶୋର ଦାଶ (ଆଡିଶନାଲ ଡିଏମ୍‌ଇଟି), ପ୍ରଫେସର ଡାକ୍ତର ଅନିଲ କୁମାର ସାହୁ(ଡିପାର୍ଟମେଣ୍ଟ ଅଫ୍ ଅର୍ଥୋପେଡିକ୍ସ, ପୁରୀ) ଏବଂ ପ୍ରଫେସର ଡାକ୍ତର ରୋମାରତନ (ଜଏଣ୍ଟ ଡିଏମ୍‌ଇଟି)ଙ୍କୁ ନେଇ ଏକ କମିଟି ଗଠନ କରିଛନ୍ତି। ଓଡ଼ିଶା କ୍ଲିନିକାଲ ଏଷ୍ଟାବ୍ଲିଶମେଣ୍ଟ ଅଧିନିୟମ ୧୯୯୦ ଅନୁଯାୟୀ ଏ ସମ୍ପର୍କରେ ଅନୁଧ୍ୟାନ କରି କମିଟି ରିପୋର୍ଟ ପ୍ରଦାନ କରିବ।



# ଜାତୀୟ ରାଜପଥ କଡ଼ରେ ବସୁଛି ସାପ୍ତାହିକ ହାଟ

- ରାସ୍ତା ଉପରେ ବସୁଛି ହାଟ
- ଟ୍ରାଫିକ ସମସ୍ୟା ଜଟିଳ
- ଯାତାୟାତରେ ହେଉଛି ବ୍ୟାଘାତ
- ପୋଲିସ ମୁତୟନ ପାଇଁ ଦାବି


୫୫ ନଂ. ଜାତୀୟ ରାଜପଥ କଡରେ ବ୍ୟବସାୟୀମାନେ ବ୍ୟବସାୟ କରୁଛନ୍ତି।

ବଇଣ୍ଡା,୧୪।୭(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ବଇଣ୍ଡାଠାରେ ହେଉଥିବା ପୁରାତନ ସାପ୍ତାହିକ ହାଟ ୫୫ ନମ୍ବର ଜାତୀୟ ରାଜପଥରେ ଅନେକ ରବିବାର ବସୁଛି। ଫଳରେ ଟ୍ରାଫିକ ସମସ୍ୟା ଦେଖିବାକୁ ମିଳୁଛି। ଏପରିକି ଅନେକ ମାଲବାହୀ ଟ୍ରକ୍ ରାସ୍ତା କଡରେ ପାର୍କିଂ କରି ରହିବା ସହ ରାସ୍ତାରେ ହାଟ ବସୁଥିବା ଯୋଗୁ ଯାତାୟାତରେ ସମ୍ପୂର୍ଣ୍ଣ ବ୍ୟାଘାତ ସୃଷ୍ଟି ହୋଇଛି। ବାରମ୍ବାର ରାସ୍ତା କଡରେ ଏହି ହାଟ ବସୁଥିଲେ ମଧ୍ୟ ବଇଣ୍ଡା ଫାଣ୍ଡି ପୋଲିସ ଅଧିକାରୀ ପଦକ୍ଷେପ ନେଉ ନ ଥିବା ଯୋଗୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ଗ୍ରାମବାସୀ କହିଛନ୍ତି, ଦୀର୍ଘବର୍ଷ ହେବ ଏହି ହାଟ ବଇଣ୍ଡାରେ ହେଉଥିବାବେଳେ ଏଥିପାଇଁ ସ୍ୱତନ୍ତ୍ର ଜାଗା ସହ ପିଣ୍ଡି ନିର୍ମାଣ କରାଯାଇଛି। ୩୦ ଲକ୍ଷ ଟଙ୍କା ବିନିଯୋଗରେ ଏହି ପିଣ୍ଡି ନିର୍ମାଣ ହୋଇଛି। ପ୍ରତ୍ୟେକ ମାସରେ ୨ ଥର ପିଣ୍ଡିରେ ହାଟ ବସୁଥିବାବେଳେ ଆଉ ୨ ପାଳି ଜାତୀୟ ରାଜପଥ କଡରେ ବସୁଛି। କିଛି ଅସାଧୁ ବ୍ୟବସାୟୀ ରବିବାର ବଡି ଭୋର ସମୟରୁ ଆସି ୫୫ ନମ୍ବର ଜାତୀୟ ରାଜପଥ କଡରେ ପସରା ମେଲାଇ ବସୁଥିବେଳେ ଅନ୍ୟ ବ୍ୟବସାୟୀ ଓ ଚାଷୀମାନେ ମଧ୍ୟ ରାସ୍ତା କଡରେ ନିଜ ନିଜ ପରିବା ନେଇ ବସୁଛନ୍ତି। ଫଳରେ ସକାଳ ୬ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଗାଡି ମୋଟର ଯାତାୟାତ କରିବାରେ ବ୍ୟାପକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନୁନୁକାପଶି ପଞ୍ଚାୟତ ଅଧୀନରେ ଏହି ହାଟ ବସୁଥିବା ଯୋଗୁ ହାଟର ଉନ୍ନତି ପାଇଁ ଅନେକ ପିଣ୍ଡି ନିର୍ମାଣ କରାଯାଇଛି। ରାସ୍ତା ଉପରେ କୌଣସି ବ୍ୟବସାୟୀ ନ ବସିବା ପାଇଁ ପଞ୍ଚାୟତ ପକ୍ଷରୁ ସୂଚନା ଦିଆଯାଇଥିବାବେଳେ ମଧ୍ୟ ଅସାଧୁ ବ୍ୟବସାୟୀ ରାସ୍ତା ଉପରେ ବସୁଥିବା ଯୋଗୁ ସମସ୍ୟା ଦେଖାଦେଉଥିବା ସାଧାରଣରେ ଅଭିଯୋଗ ହୋଇଛି। ରାସ୍ତା ଉପରୁ ହାଟକୁ ସ୍ଥାନାନ୍ତର କରିବା ଲାଗି ପଞ୍ଚାୟତ ପକ୍ଷରୁ ବାରମ୍ବାର ବଇଣ୍ଡା ଫାଣ୍ଡି ପୋଲିସକୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପଟେ ବଇଣ୍ଡା ଅଞ୍ଚଳରେ ବାରମ୍ବାର ଟ୍ରାଫିକ ସମସ୍ୟା ଦେଖାଦେଉଥିଲେ ମଧ୍ୟ ଛକରେ ବଇଣ୍ଡା ଫାଣ୍ଡି ପୋଲିସ ପକ୍ଷରୁ କୌଣସି କର୍ମଚାରୀଙ୍କୁ ମୁତୟନ କରାଯାଉ ନ ଥିବା ଯୋଗୁ ବଇଣ୍ଡା ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏଥିପ୍ରତି ଅନୁଗୋଳ ଏସ୍‌ପି ଏବଂ କେନ୍ଦ୍ରାଞ୍ଚଳ ଡିଆଇଜି ଦୃଷ୍ଟି ଦେବାକୁ ବଇଣ୍ଡା ଗ୍ରାମବାସୀ ଦାବି କରିଛନ୍ତି। ଏଥିସହ ବଇଣ୍ଡା ଫାଣ୍ଡିରେ ଦକ୍ଷ ପୋଲିସ କର୍ମଚାରୀ ନିଯୁକ୍ତ କରିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

## ସଫେଇ କାର୍ଯ୍ୟକ୍ରମ, ଚାରାରୋପଣ


ଥାନା ପରିସରରେ ଚାରାରୋପଣ କରାଯାଉଛି।

ବଆଁରପାଳ,୧୪।୭ (ସୁବାସ ସାହୁ)/ ନାଲ୍‌କୋ,(ଲୁସି ରାଉତ)

ବଆଁରପାଳ ବ୍ଲକ କାଣ୍ଡସର ଜୟ ଜଗନ୍ନାଥ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତରଫରୁ ରବିବାର ନାଲ୍‌କୋନଗର ଥାନା ଚତୁଃପାର୍ଶ୍ୱରେ ସଫେଇ କାର୍ଯ୍ୟକ୍ରମ ସହ ଚାରାରୋପଣ କରାଯାଇଛି। ଅନୁଷ୍ଠାନ ସଭାପତି ଅନନ୍ତ ବାରିକ ଓ ସାଧାରଣ ସମ୍ପାଦକ ସୁଧାକର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଗୋଳ ଜିଲାର ବରିଷ୍ଠ ସାମାଜିକ କର୍ମୀ ଚିନ୍ମୟୀ ଦାସ, ଜୟ ଜଗନ୍ନାଥ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଉପଦେଷ୍ଟା ବିଷ୍ଣୁଚରଣ ବେହେରା, ଶ୍ରୀକାନ୍ତ ସାହୁ, ସୁକାନ୍ତ ନାଥ, ଅଜୟ ସାହୁ, ସନାତନ ନାଏକ, ପ୍ରଫୁଲ୍ଲ ସାହୁ, ପତିତପାବନ ବାଡ଼ିଆ, ଜିତେନ୍ଦ୍ର ନାଏକ, କାଣ୍ଡସର ଗ୍ରାମ୍ୟ ଉନ୍ନୟନ କମିଟି ସାଧାରଣ ସମ୍ପାଦକ ପତିତପାବନ ଗଡ଼ନାୟକ ଓ ଅନୁଷ୍ଠାନର ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ସହଯୋଗରେ ଥାନା ଚାରିପାଖ ସଫେଇ କରାଯାଇଥିଲା। ପରେ ଚାରାରୋପଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ନାଲ୍‌କୋନଗର ଆଦର୍ଶ ଥାନାର ଥାନା ଅଧିକାରୀ ପ୍ରଦୀପ ମହନ୍ତ ଏବଂ ଥାନାର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ।

## ଟ୍ରକ୍ ଲୋଡିଂ ପାଇଁ ଖଣି କର୍ତ୍ତୃପକ୍ଷଙ୍କୁ ଦାବିପତ୍ର

ଛେଣ୍ଡିପଦା,୧୪।୭(ଅଜିତ ଧଳ)

ଛେଣ୍ଡିପଦା ବ୍ଲକରେ ଥିବା ଟ୍ରକ୍ ଗୁଡିକ ରାଇଝରଣ କୋଇଲା ଖଣିରେ ଲୋଡ୍ କରିବା ପାଇଁ ଦୀର୍ଘଦିନ ହେବ ଦାବି କରି ଆସୁଛନ୍ତି। ଗତ ଫେବୃଆରୀ ୧୨ ତାରିଖରେ ଉପ-ଜିଲାପାଳଙ୍କ ଉପସ୍ଥିତିରେ ଟ୍ରକ୍ ମାଲିକ ଓ ଖଣି କର୍ତ୍ତୃପକ୍ଷଙ୍କ ମଧ୍ୟରେ ଏକ ଆଲୋଚନା ହୋଇଥିଲା। ତା ପରଠାରୁ ଗାଡିଗୁଡିକ ଲୋଡିଂ ନପାଇ ଅଦ୍ୟାବଧି ଛିଡା ହୋଇଛନ୍ତି। ଏ ନେଇ ଟ୍ରକ ମାଲିକମାନେ ଆଉଥରେ ଗତ ୯ ତାରିଖ ମଙ୍ଗଳବାର ଜିଲାପାଳଙ୍କୁ ଅବଗତ କରାଇଥିଲେ। ପୂର୍ବ ଆଲୋଚନା ମୁତାବକ ଖଣି କର୍ତ୍ତୃପକ୍ଷ ତାଙ୍କ ପ୍ରତିଶ୍ରୁତି ରକ୍ଷା କରି ନ ଥିବା ହେତୁ ଜିଲା ପରିଷଦ ସଭ୍ୟ ଯଶୋବନ୍ତ ପ୍ରସାଦ ବେହେରାଙ୍କ ନେତୃତ୍ୱରେ ଶତାଧିକ ଟ୍ରକ ମାଲିକ ଏକାଠି ହୋଇ ଛେଣ୍ଡିପଦା ବ୍ଲକର ରାଇଝରଣଠାରେ ଜିନ୍ଦଲ ଓ ନାଲ୍‌କୋର ଖଣି କୋଇଲା ଖାନନ ପରିବହନ ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ୭ ଦିନ ମଧ୍ୟରେ ଦାବି ବିଷୟରେ ଜଣାଇବେ ବୋଲି କମ୍ପାନୀ କର୍ତ୍ତୃପକ୍ଷ କହିଥିଲେ। ତେବେ ଲୋଡିଂ ନେଇ କୌଣସି ବାଟ କମ୍ପାନୀ ବାହାର ନ କଲେ ଟ୍ରକ ମାଲିକ ଆନ୍ଦୋଳନ କରିବେ ବୋଲି କଡା ଚେତାବନୀ ଦେଇଛନ୍ତି। ଏହି ଦାବିପତ୍ର ଦେବା ସମୟରେ ଟ୍ରକ ମାଲିକ ସଂଘ ସଦସ୍ୟ କରୁଣାକର ବିଶ୍ୱାଳ, ବନବିହାରୀ ସାହୁ, ସନ୍ଦୀପ ସାହୁ, ଜୟନ୍ତ ସାହୁ, ସନ୍ତୋଷ ବେହେରା, ମନମୋହନ ପ୍ରଧାନ, କାଳିଆ ବେହେରା, ସୌମ୍ୟରଞ୍ଜନ ବେହେରା, ଜିତେନ୍ଦ୍ର ଦେହୁରୀ, ନୃସିଂହଚରଣ ଦେହୁରୀ, ସନାତନ ବେହେରା, ସୁନୀଲ କୁମାର ସାହୁ ଉପସ୍ଥିତ ଥିଲେ।


ଖଣି କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ଭାରସାମ୍ୟ ହରାଇ ଓଲଟିଲା ପିକ୍‌ଅପ୍ ଭ୍ୟାନ



ଛେଣ୍ଡିପଦା,୧୪।୭(ଅଜିତ ଧଳ)

ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ପରଙ୍ଗ ଛକ ନିକଟରେ ଏକ ପିକ୍‌ଅପ୍ ଭ୍ୟାନ ଭାରସାମ୍ୟ ହରାଇ ରାସ୍ତା ତଳକୁ ଓଲଟି ପଡ଼ିଛି। ଦୁର୍ଘଟଣା ପରେ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଘଟଣାରୁ ପ୍ରକାଶ, ଛେଣ୍ଡିପଦାରୁ ଅନୁଗୋଳ ଯାଇଥିବା ୬୩ ନଂ. ରାଜ୍ୟ ରାଜପଥରେ କୋଶଳାରୁ ଅନୁଗୋଳ ଅଭିମୁଖେ କିଛି କବାଡିଆ ଜିନିଷ ନେଇ ଯାଉଥିବା ଏକ ପିକ୍‌ଅପ୍ ଭ୍ୟାନ ପରଙ୍ଗ ଛକ ନିକଟରେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେବା ସହ ରାସ୍ତା ତଳକୁ ଓଲଟି ପଡ଼ିଥିଲା। ଖବରପାଇ ନିଶା ଶିଳ୍ପାଞ୍ଚଳ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରି ତଦନ୍ତ ଚଳାଇଛି।

## ଆଜି ଶୈଳଶ୍ରୀକ୍ଷେତ୍ରକୁ ବାହୁଡିବେ ଚତୁର୍ଦ୍ଧାମୂର୍ତ୍ତି

ଅନୁଗୋଳ,୧୪।୭ (ଜ୍ୟୋତି ରଞ୍ଜନ ସାହୁ)


ରଥ ନିକଟରେ ଭକ୍ତଙ୍କ ଭିଡ଼ ଲାଗି ରହିଛି।

ଆଜି ମହାପ୍ରଭୁ ଶ୍ରୀଜଗନ୍ନାଥ ଭଉଣୀ ବଡ ଭାଇଙ୍କୁ ସାଥିରେ ଧରି ନବଦିନାତ୍ମକ ଶ୍ରୀଗୁଣ୍ଡିଚା ଯାତ୍ରା ସାରି ଜନ୍ମବେଦି ମନ୍ଦିର ଅଭିମୁଖେ ଯାତ୍ରା କରିବେ। ଏଥିପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମହାପ୍ରଭୁ ଆଡ଼ପ ମଣ୍ଡପରେ ୯ଦିନ ଲୀଳା ସାରି ଶୈଳଶ୍ରୀକ୍ଷେତ୍ର ଅଭିମୁଖେ ଯାତ୍ରା କରିବା ପାଇଁ ପ୍ରସ୍ତୁତ ଥିବାବେଳେ ତିନି ରଥ ବାହୁଡା ଯାତ୍ରା ପୂର୍ବରୁ ଦକ୍ଷିଣ ମୋଡ ହୋଇସାରିଛି। ସେବାୟତମାନେ ମହାପ୍ରଭୁଙ୍କ ସେବା କରିବା ପାଇଁ ଉତ୍କଣ୍ଠାର ସହ ଚାହିଁ ବସିଛନ୍ତି। କାଳିଆ ସାଆନ୍ତେଙ୍କୁ ରଥରେ ବସାଇ ଟାଣି ନେବାକୁ ଭକ୍ତମାନେ ବ୍ୟାକୁଳ ହେଇ ରହିଛନ୍ତି। ମନ୍ଦିର ପ୍ରଶାସନ ପକ୍ଷରୁ ବାହୁଡା ଯାତ୍ରା ପାଇଁ ନୀତି ନିର୍ଘଣ୍ଟ ପ୍ରସ୍ତୁତ କରାଯାଇଛି। ଭୋର ସାଢେ ୩ଟାରେ ମହାପ୍ରଭୁଙ୍କ ନୀତିକାନ୍ତି ଆରମ୍ଭ ହେବ। ସକାଳ ୫ଟାରେ ବେଶଲାଗି, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜାହେବା ପରେ ୮ଟାରେ ଶ୍ରୀଜୀଉଙ୍କ ମଙ୍ଗଳଆଳତି ହେବ। ୯ଟାରେ ପହଣ୍ଡି ଆରମ୍ଭ ହେବ। ମଧ୍ୟାହ୍ନ ୧୨ଟା ପରେ ଛେରାପହରା ନୀତିକାନ୍ତି କରାଯିବ। ଅପରାହ୍ନ ୨ଟା ରେ ରଥଟଣା ଆରମ୍ଭ ହେବ ବୋଲି ମନ୍ଦିର ପରିଚାଳନା କମିଟି ପକ୍ଷରୁ ସୂଚନା ମିଳିଛି। ଯାତ୍ରା ଶେଷ ଦିନ ଅର୍ଥାତ ରବିବାର ଶ୍ରୀ ଜୀଉଙ୍କ ଆଡ଼ପ ମଣ୍ଡପରେ ନବମୀ ସନ୍ଧ୍ୟା ଦର୍ଶନ ବର୍ଷର ଶେଷ ଦର୍ଶନ ପାଇଁ ଭକ୍ତଙ୍କ ପ୍ରବଳ ଭିଡ ଗୁଣ୍ଡିଚା ମନ୍ଦିରରେ ଦେଖିବାକୁ ମିଳିଥିଲା।

## ଦୁର୍ଘଟଣାରେ ଖବରଦାତା ମୃତ

ବଆଁରପାଳ,୧୪।୭(ସୁବାସ ସାହୁ)

ଅନୁଗୋଳ ଜିଲା ବଆଁରପାଳ ବ୍ଲକ 'ସମ୍ବାଦ' ଖବରଦାତା ତଥା ବ୍ଲକ ସାମ୍ବାଦିକ ସଂଘ ସଭାପତି ରାଜେଶ କୁମାର ନାୟକ ରବିବାର ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ରାଜେଶ ବଆଁରପାଳ ଥାନା ବଉଳିଗଡ଼ ପଞ୍ଚାୟତ ଅଞ୍ଚଳରେ ଖବର ସଂଗ୍ରହ କରି ଘରକୁ ଫେରୁଥିବାବେଳେ ଏକ ଗାଡ଼ି ତାଙ୍କୁ ଧକ୍କା ଦେଇ ପଳାଇଥିଲା।



ସ୍ଥାନୀୟ ଅଞ୍ଚଳବାସୀ ଓ ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବଆଁରପାଳ ଅଞ୍ଚଳରେ ଥିବା ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଅଙ୍ଗାରବନ୍ଧ ମହିମା ଧାମ ନୂତନ କର୍ମକର୍ତ୍ତା ଚୟନ

ଅନୁଗୋଳ,୧୪।୭(ଜ୍ୟୋତି ରଞ୍ଜନ ସାହୁ)


ସଭାରେ ସାମିଲ ହୋଇଥିବା ସାଧୁମାନେ।

ଅନୁଗୋଳ ଜିଲା ଅଙ୍ଗାରବନ୍ଧ ମହିମାଧାମଠାରେ ରବିବାର ପୂର୍ବାହ୍ନରେ ମହାନିତ୍ୟ ସାଧୁ ଭକ୍ତ ମଣ୍ଡଳୀ ବାର୍ଷିକ ଧର୍ମ ମହାସଭା ଅନୁଷ୍ଠିତ ହୋଇଯାଇଛି। ସଭାପତି ଶ୍ରୀମଦ ରଘୁନାଥ ବାବା ଏଥିରେ ଅଧକ୍ଷତା କରିଥିଲେ। ବୈଠକରେ ଉପସ୍ଥିତ ସାଧୁଙ୍କୁ ନିଷ୍ଠା ଓ ତ୍ୟାଗର ସହିତ ଧର୍ମ ପ୍ରଚାରରେ ନିୟୋଜିତ ହେବାକୁ ମହାସଭା ସଭାପତି ଆହ୍ୱାନ ଦେଇଥିଲେ। ଏ ଅବସରରେ ଆଗାମୀ ବର୍ଷ ପାଇଁ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ଶ୍ରୀମଦ୍ ରଘୁନାଥ ଦାସ ବାବା, ଉପସଭାପତି କରୁଣାକର ଦାସ ବାବା ଓ ଭକ୍ତି ଶତ୍ରୁଘ୍ନ ସାହୁ, ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ମହାପାତ୍ର, ସମ୍ପାଦକ ଅଜୟ ଦେହୁରୀ ଓ ପରେଶ ଚନ୍ଦ୍ର ଜେନା, କୋଷାଧକ୍ଷ ବାମଦେବ ସାହୁ ଓ ବିଜ୍ଞାନୀ ବେହେରା, ଉପଦେଷ୍ଟା ଭାବେ ଲୋକନାଥ ସାହୁ, ଅଷ୍ଟମୀ ସାହୁ ଓ ଚୈତନ୍ୟ ପ୍ରଧାନଙ୍କୁ ଚୟନ କରାଯାଇଥିଲା। ସେହିପରି କାର୍ଯ୍ୟକାରୀ କମିଟିର ସଦସ୍ୟ ଭାବେ ଭକ୍ତ ପ୍ରାଣବନ୍ଧୁ ସାହୁ, ସୁଦର୍ଶନ ସାହୁ, ବୈରାଗୀ ସେଠ, କୃଷ୍ଣଚନ୍ଦ୍ର ପ୍ରଧାନ, ରବୀନ୍ଦ୍ର ସିଂହ, ଦେବାନନ୍ଦ ସେଠ, ଶରତ ଚନ୍ଦ୍ର ନାୟକ, ଦକ୍ଷ ଗଡ଼ନାୟକ, ବୈଷ୍ଣବ ସେଠୀ ପ୍ରମୁଖଙ୍କୁ ମନୋନୀତ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଶିବ ସାହୁ, ବିଜ୍ଞାନୀ ବେହେରା, ଅଷ୍ଟମୀ ସାହୁ, ମଙ୍ଗରାଜ ସାହୁ, ଅଜୟ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।

## କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ

### ପିକ୍‌ଅପ୍ ଭ୍ୟାନ ଧକ୍କାରେ ଗୋରୁ ମୃତ

ଛେଣ୍ଡିପଦା,୧୪।୭(ଅଜିତ ଧଳ)


ଉତ୍ତ୍ୟକ୍ତ ଲୋକେ ଛେଣ୍ଡିପଦା-ଅନୁଗୋଳ ୬୩ ନଂ. ରାଜପଥ ଅବରୋଧ କରିଛନ୍ତି।

ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ଥାନା ପରଙ୍ଗ ପାଟଣା ସାହି ଠାରେ ରବିବାର ରାତି ୮ଟାରେ ଏକ ପିକ୍‌ଅପ୍ ଭ୍ୟାନ ଧକ୍କାରେ ଗୋଟିଏ ଗୋରୁର ମୃତ୍ୟୁ ହୋଇଛି। ଏହାର ପ୍ରତିବାଦରେ ସ୍ଥାନୀୟ ଲୋକେ ଛେଣ୍ଡିପଦା-ଅନୁଗୋଳ ୬୩ନଂ. ରାଜ୍ୟ ରାଜପଥକୁ ଅବରୋଧ କରିଥିଲେ।

ଘଟଣାରୁ ପ୍ରକାଶ, ଜିନ୍ଦଲ କାରଖାନା ପଟୁ ଏକ ପିକ୍‌ଅପ୍ ଭ୍ୟାନ ଦ୍ରୁତଗତିରେ ଅନୁଗୋଳ ଅଭିମୁଖେ ଯାଉଥିବାବେଳେ ପରଙ୍ଗ ପାଟଣାସାହିଠାରେ ଏକ ଗୋରୁକୁ ଧକ୍କା ଦେଇଥିଲା। ଫଳରେ ଗୋରୁଟିର ଘଟଣାସ୍ଥଳରେ ମୃତ୍ୟୁ ହାଇଥିଲା। ଏ ନେଇ ସ୍ଥାନୀୟ ଲୋକେ ତୁରନ୍ତ ପିକ୍‌ଅପ୍ ଭ୍ୟାନ ଚାଳକଙ୍କୁ କାବୁ କରି ନିଶା ଶିଳ୍ପାଞ୍ଚଳ ଥାନାକୁ ଖବର ଦେବା ସହିତ କ୍ଷତିପୂରଣ ଏବଂ ନୋ-ଏଣ୍ଟ୍ରି ଦାବିରେ ଛେଣ୍ଡିପଦା-ଅନୁଗୋଳ ୬୩ନଂ ରାଜ୍ୟ ରାଜପଥ ଅବରୋଧ କରିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା ଚଳାଇଛି। ଖବରଲେଖା ହେବା ସୁଦ୍ଧା ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଛି।


ଅନୁଗୋଳ ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କ କୃଷ୍ଣବଳରାମ ବେଶ।

## ତାଳଚେର ମେଡିକାଲ କଲେଜରେ ନାମଲେଖା ଆରମ୍ଭ ଦାବି

ତାଳଚେର,୧୪।୭(ମନୋଜ ନନ୍ଦ)



ବୈଠକରେ ସାମିଲ ହୋଇଥିବା କମିଟିର କର୍ମକର୍ତ୍ତାମାନେ।

ତାଳଚେର ସରକାରୀ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟିର ଏକ ବୈଠକ ଆବାହକ ପଦ୍ମଚରଣ ସାମଲଙ୍କ ସଭାପତିତ୍ୱରେ ମେଡିକାଲ୍ କଲେଜ୍ ସମ୍ମୁଖରେ ଅନୁଷ୍ଠିତ ହୋଇଥିଲା। ନିକଟରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ତାଳଚେର ପବିତ୍ରମୋହନ ପ୍ରଧାନ ମେଡିକାଲ କଲେଜ କାର୍ଯ୍ୟକ୍ଷମ କରିବା ପାଇଁ ଘୋଷଣା କରିଥିବାରୁ ବୈଠକରେ କମିଟି ପକ୍ଷରୁ ଏହାକୁ ସ୍ୱାଗତ କରାଯାଇଥିଲା। ଏଥିସହ ଚଳିତ ବର୍ଷଠାରୁ ଉକ୍ତ ମେଡିକାଲ କଲେଜରେ ନାମ ଲେଖାଇବା ପାଇଁ ବିଜ୍ଞପ୍ତି ପ୍ରକାଶ କରିବାକୁ ବୈଠକରେ ଦାବି ହୋଇଥିଲା। ସେହିପରି ମେଡିକାଲ କଲେଜରେ ପ୍ରଫେସର, ସହକାରୀ ପ୍ରଫେସର, ବିଶେଷଜ୍ଞ ଡାକ୍ତର ଏବଂ ପାରାମେଡିକାଲ୍ ଷ୍ଟାଫ ନିଯୁକ୍ତି କରିବା ସହ ମେଡିକାଲ୍ ପାଇଁ ସମସ୍ତ ଆନୁଷଙ୍ଗିକ ଯନ୍ତ୍ରପାତି ଯୋଗାଇ ଦେବାକୁ ବକ୍ତାମାନେ କହିଥିଲେ। ଏ ନେଇ ଆସନ୍ତା ୧୮ ତାରିଖରେ ତାଳଚେର ଉପଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯିବ। ଯଦି ଏହା କାର୍ଯ୍ୟକାରୀ କରା ନ ଯାଏ ତେବେ ବିଧାନସଭା ଅଧିବେଶନ ସମୟରେ ଭୁବନେଶ୍ୱରଠାରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଗଣଧାରଣା ଦିଆଯିବ ବୋଲି ସର୍ବସମ୍ମତିକ୍ରମେ ବୈଠକରେ ନିଷ୍ପତ୍ତି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ କମିଟିର ବରିଷ୍ଠ ସଭ୍ୟ ଦିଗାମ୍ବର ଗଡନାୟକ, ବିନୋଦ ଲାଲ୍, ପ୍ରେମାନନ୍ଦ ମହାନ୍ତି, ସୁକାନ୍ତ ଦାସ, ଉଲ୍ଲାସ ମୁଦୁଲି, ପରମାନନ୍ଦ ସାହୁ, ପର୍ଶୁରାମ ସାମଲ, ରାଜୁ ନାଏକ, ଶୋଭାଗିନୀ ଦାସ, ମନୋଜ ଜେନା, ବିଚ୍ଛନ୍ଦ ପ୍ରଧାନ, ଗଗନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ମଧ୍ୟାହ୍ନ ୧୨ଟା ୩୪ରେ ପହଣ୍ଡି, ଅପରାହ୍ନ ୨ଟାରେ ରଥଟଣା

## ଆଜି ବାହୁଡ଼ିବେ ମହାପ୍ରଭୁ

ଢେଙ୍କାନାଳ,୧୪।୭(ରତନ ନାୟାର)

ଢେଙ୍କାନାଳରେ ବାହୁଡା ଯାତ୍ରା ସୋମବାର ଅନୁଷ୍ଠିତ ହେଉଛି। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ମଧ୍ୟାହ୍ନ ୧୨ଟା ୩୪ରେ ଆଡପ ମଣ୍ଡପରୁ ଶ୍ରୀଜୀଉଙ୍କର ରଥ ଉପରକୁ ପହଣ୍ଡି ବିଜେ ହେବ। ଅପରାହ୍ନ ୨ଟାରେ ରଥଟଣା ଆରମ୍ଭ ହୋଇ ଅପରାହ୍ନ ୬ଟା ୨୪ମିନିଟ ୪୮ସେକେଣ୍ଡ ସୁଦ୍ଧା ଶେଷ ହେବ ବୋଲି ରାଜ ପୁରୋଧାଙ୍କ ଦ୍ୱାରା ନୀତି ନିର୍ଦ୍ଧାରିତ ହୋଇଛି। ବାହୁଡା ଯାତ୍ରା ପୂର୍ବରୁ ରଥ ଦକ୍ଷିଣ ମୋଡ ହୋଇସାରିଛି। ଚଳିତବର୍ଷ ବାହୁଡା ଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ଆୟୋଜନ କରିବା ପାଇଁ ବ୍ୟାପକ ପୋଲିସ ମୁତୟନ କରାଯାଇଛି। ରବିବାର ସନ୍ଧ୍ୟାରେ ନବମୀ ସାନ୍ଧ୍ୟ ଦର୍ଶନ ପାଇଁ ଶ୍ରୀଗୁଣ୍ଡିଚା ମନ୍ଦିରରେ ପ୍ରବଳ ଜନ ସମାଗମ ହୋଇଥିଲା। ଶ୍ରଦ୍ଧାଳୁମାନେ ଲମ୍ବା ଧାଡିରେ ଛିଡା ହୋଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ସେହିପରି ମନ୍ଦିର ପରିସରରେ କାକରା ଓ ମାଲପୁଆ ଭୋଗର ମଜା ଶ୍ରଦ୍ଧାଳୁ ନେଇଥିଲେ। ରଥ ରଥଗଡାରେ ପହଞ୍ଚିବା ପରେ ମଙ୍ଗଳବାର ମହାପ୍ରଭୁଙ୍କ ରଥାରୂଢ ଦକ୍ଷିଣାୟନ କର୍କଟ ସଂକ୍ରାନ୍ତି ପାଳିତ ହେବ। ବୁଧବାର ମହାପ୍ରଭୁଙ୍କ ରଥରେ ଏକାଦଶୀର ସବୁନୀତି ପାଳନ ହେବା ସହ ସୁନା ବେଶ ଅନୁଷ୍ଠିତ ହେବ। ୧୮ ତାରିଖରେ ମହାପ୍ରଭୁଙ୍କ ନୀଳାଦ୍ରି ବିଜେ ହେବ ବୋଲି ଦେବୋତ୍ତର ବିଭାଗ ସୂତ୍ରରୁ ଜଣାପଡ଼ିଛି।


ଶ୍ରଦ୍ଧାଳୁମାନେ ଆଡପ ମଣ୍ଡପରେ ସାନ୍ଧ୍ୟ ଦର୍ଶନ କରୁଛନ୍ତି।

# ପୁରୀ ଗଲା ତୁଳସୀ ଓ ପଦ୍ମମାଳ

## ବାହୁଡା ଯାତ୍ରା ଉପଲକ୍ଷେ ତୁଳସୀ ସେବା

ଢେଙ୍କାନାଳ,୧୪।୭(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ବାଙ୍ଗୁରସିଂହ ପଞ୍ଚାୟତର ଶରଣ ଶ୍ରୀକ୍ଷେତ୍ର ଏକଘରିଆ ଗ୍ରାମରୁ ପୁରୀ ଶ୍ରୀକ୍ଷେତ୍ରକୁ ମହାପ୍ରଭୁଙ୍କଠାରେ ତୁଳସୀ ଓ ପଦ୍ମଫୁଲ ଲାଗି କରିବା ପାଇଁ ତୁଳସୀ ଓ ପଦ୍ମମାଳ ଭୋର ସମୟରୁ ପ୍ରସ୍ତୁତି ଶେଷ ହୋଇଛି। ଶରଣ ଶ୍ରୀକ୍ଷେତ୍ରରୁ ଭକ୍ତମାନଙ୍କ ଉଦ୍ୟମରେ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ସେବା ଲାଗି ଚଳିତବର୍ଷ ପ୍ରାୟ ୩୩୯ ଫୁଟ୍ ଲମ୍ବର ତୁଳସୀ ମାଳ ଓ ୨୦୯ ଫୁଟ ଲମ୍ବର ପଦ୍ମମାଳ ଏବଂ ୨୦୧ଫୁଟ ଲମ୍ବର ଗେଣ୍ଡୁ ଫୁଲମାଳ ପୁରୀ ଶ୍ରୀକ୍ଷେତ୍ର ନେବା ପାଇଁ ପ୍ରସ୍ତୁତି ସରିଛି। ରାତି ପ୍ରାୟ ସାଢେ ୩ଟାରେ ଶରଣ ଶ୍ରୀକ୍ଷେତ୍ରର ପ୍ରମୁଖ ସେବକ ଚିଣ୍ଟୁ ବାବା ଏହାକୁ ନିଜର ତୁଳସୀ ରଥରେ ନେଇ ପୁରୀରେ ପହଞ୍ଚିବେ। ଏକଘରିଆ ଗ୍ରାମ ଭକ୍ତକବି ଦୀନକୃଷ୍ଣ ଦାସଙ୍କ ସାଧନାର ପୀଠ ବୋଲି ମଧ୍ୟ ପରିଚିତ। ମହାପ୍ରଭୁଙ୍କ ଶ୍ରୀଅଙ୍ଗ ସେବା ଲାଗି ତୁଳସୀ ଓ ପଦ୍ମମାଳ ପାଇଁ ରବିବାର ଦିନତମାମ ଶ୍ରଦ୍ଧାଳୁମାନେ ଶରଣ ଶ୍ରୀକ୍ଷେତ୍ର ପରିସରରେ ଲାଗିଥିବା ତୁଳସୀ ଓ ପଦ୍ମଫୁଲକୁ ସଂଗ୍ରହ କରି ମାଳ ପ୍ରସ୍ତୁତ କରିଥିଲେ। ଦୀର୍ଘବର୍ଷ ହେବ ରଥଯାତ୍ରା ଓ ବାହୁଡା ଯାତ୍ରା ଅବସରରେ ଢେଙ୍କାନାଳ ଜିଲା ଶରଣ ଶ୍ରୀକ୍ଷେତ୍ର ଏକଘରିଆ ଗ୍ରାମରୁ ପୁରୀ ଶ୍ରୀକ୍ଷେତ୍ରକୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ତୁଳସୀ ଓ ପଦ୍ମମାଳ ପ୍ରମୁଖ ଭକ୍ତ ଚିଣ୍ଟୁ ବାବା ନେଇ ପହଞ୍ଚାଉଛନ୍ତି। ବର୍ଷତମାମ ଖରା, ବର୍ଷା, ଶୀତ, କାକରରେ ଚିଣ୍ଟୁ ବାବା ନିଜର ଏହି ସେବା ଜାରି ରଖିଛନ୍ତି।


ଭକ୍ତମାନେ ତୁଳସୀ ଓ ପଦ୍ମମାଳ ପ୍ରସ୍ତୁତିରେ ଲାଗିପଡିଛନ୍ତି।

# ଅନ୍ତେବାସୀଙ୍କୁ ଶାଢ଼ି ବାଣ୍ଟିଲେ ଛାତ୍ରୀ ଶ୍ୱେତା ମିଶ୍ର


ଅନ୍ତେବାସୀମାନଙ୍କୁ ଶାଢ଼ି ବଣ୍ଟନ କରୁଛନ୍ତି ଶ୍ୱେତା ମିଶ୍ର।

ଢେଙ୍କାନାଳ,୧୪।୭(ରତନ ନାୟାର)

ଢେଙ୍କାନାଳ ଜିଲା ଲାଉଲଇସ୍ଥିତ ପ୍ରିୟ ଅନୁଷ୍ଠାନର ନିରାଶ୍ରୟ କେନ୍ଦ୍ରରେ ରବିବାର ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଛାତ୍ରୀ ଶ୍ୱେତା ମିଶ୍ର ଯୋଗଦେଇ କେନ୍ଦ୍ରରେ ଥିବା ୪୫ଜଣ ନିରାଶ୍ରୟ ଅନ୍ତେବାସୀଙ୍କୁ ଶାଢ଼ି, ଗାମୁଛା ଏବଂ ୫୦ଜଣ ଶିଶୁଙ୍କୁ ପୋଷାକ ବଣ୍ଟନ କରିବା ସହିତ ସେମାନଙ୍କ ନିରାମୟ ଜୀବନ କାମନା କରିଥିଲେ। ଶ୍ୱେତା କମ୍ପ୍ୟୁଟର ସାଇନ୍ସରେ ଉଚ୍ଚଶିକ୍ଷା ନିମନ୍ତେ ଆମେରିକା ଯାଉଥିବାରୁ ଏହି ସେବା କାର୍ଯ୍ୟ କରିବା ସହିତ ଅନ୍ତେବାସୀ ବୃଦ୍ଧାବୃଦ୍ଧମାନଙ୍କ ଆଶୀର୍ବାଦ ନେଇଥିଲେ। ଶ୍ୱେତା ହେଉଛନ୍ତି ଲାଉଲଇ ଗ୍ରାମର ସ୍ୱର୍ଗତ ଶ୍ରୀନିବାସ ମିଶ୍ରଙ୍କ ନାତୁଣୀ ଓ ଅଜୟ ମିଶ୍ରଙ୍କ ସାନଝିଅ। ପ୍ରିୟ ଅନୁଷ୍ଠାନର ନିର୍ଦ୍ଦେଶକ ଟଙ୍କଧର ବାରିକ ପରିଚାଳନା କରିଥିଲେ। କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

# ଯୁବକଙ୍କ ଆତ୍ମହତ୍ୟା

ଗୋପବନ୍ଧୁ ନଗର,୧୪।୭ (ଶାନ୍ତନୁ କୁମାର ମହୁଆଳ)

ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ତଥା ଗୋପବନ୍ଧୁ ନଗର ବ୍ଲକ୍ ପୁରୁଣା ବାରିପଦା ପଞ୍ଚାୟତ ରାଇପଦା ଗ୍ରାମରେ ଜଣେ ଯୁବକ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଅନିରୁଦ୍ଧ ବେହେରାଙ୍କ ପୁଅ ବିଜନ (୩୪)। ସେ କଟକରେ ଏକ ନର୍ସିଂହୋମରେ କାର୍ଯ୍ୟରତ ଥିଲେ। ଗତ ଶୁକ୍ରବାର ତାଙ୍କ କ୍ୱାର୍ଟର୍ସ ମଧ୍ୟରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଶନିବାର ଘଟଣା ଜଣାପଡ଼ିବା ପରେ ପରିବାର ଲୋକେ ଖବର ପାଇ ସେଠାରେ ପହଞ୍ଚିଥିଲେ। ତାଙ୍କର ମରଶରୀର ଶନିବାର ସନ୍ଧ୍ୟାରେ ଗ୍ରାମରେ ପହଞ୍ଚିବା ପରେ ଶୋକାକୂଳ ପରିବେଶ ସୃଷ୍ଟି କରିଥିଲା। ଏଯାବତ୍ ମୃତ୍ୟୁର କାରଣ ଜଣାପଡ଼ି ନ ଥିବା ବେଳେ ପୋଲିସର ତଦନ୍ତ ଜାରି ରହିଛି। ବିଜନ ୪ ମାସ ପୂର୍ବେ ବିବାହ କରିଥିଲେ। ମୃତ୍ୟୁର ୪ ଦିନ ପୂର୍ବରୁ ଘରକୁ ଆସିଥିଲେ।

# ବିଭିନ୍ନ ସମସ୍ୟାର ସମାଧାନ ଦାବିରେ ଉପମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

କାମାକ୍ଷାନଗର,୧୪।୭(ଅମ୍‌ଜାଦ୍ ଖାନ୍)

ବିଭିନ୍ନ ସମସ୍ୟାର ସମାଧାନ ଦାବିରେ ବିଦ୍ୟୁତ୍ କର୍ମଚାରୀ, ଇଞ୍ଜିନିୟର ସଂଘ ଏବଂ ଓଡ଼ିଆ କଣ୍ଟ୍ରାକ୍ଟର ସଂଘ ପକ୍ଷରୁ ଶନିବାର ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘର ସଦସ୍ୟମାନେ ଭୁବନେଶ୍ୱରଠାରେ ଉପମୁଖ୍ୟମନ୍ତ୍ରୀଙ୍କୁ ଭେଟି ଏହି ଦାବିପତ୍ର ପ୍ରଦାନ କରିଥିବା ଜଣାପଡ଼ିଛି। ଦାବିପତ୍ରରେ ଉଲ୍ଲେଖ ରହିଛି, ଆଜିକୁ ୧୦ରୁ୧୨ ବର୍ଷ ହେବ ବିଦ୍ୟୁତ୍ କର୍ମଚାରୀ ଓ ଇଞ୍ଜିନିୟର ସଂଘର ଶତାଧିକ କର୍ମକର୍ତ୍ତା ସେସୁର ଫ୍ରାଞ୍ଚାଇଜ (ଏନ୍‌ଜେନ, ଫେଡ଼କୋ) ଅଧୀନରେ ଆଉଟସୋର୍ସିଂ କର୍ମଚାରୀ ଭାବେ କାର୍ଯ୍ୟ କରି ଆସୁଥିଲେ। ଗତ ୨୦୨୦ ମସିହାରୁ ସେମାନଙ୍କୁ ସେହି ସଂସ୍ଥାରୁ ବାହାର କରାଯାଇ ଟିପିସିଓଡିଏଲ ଅଧୀନରେ ଥିବା ଆଉଟସୋର୍ସିଂରେ ପୂର୍ବ ସରକାର ନିଯୁକ୍ତି ଦେଇଥିଲେ। କିନ୍ତୁ ଆଜି ପର୍ଯ୍ୟନ୍ତ ସେହି କର୍ମଚାରୀଙ୍କ ସ୍ଥାୟୀ ନିଯୁକ୍ତି ଉପରେ କୌଣସି ଗୁରୁତ୍ୱ ଦିଆଯାଇ ନାହିଁ। ସେହିପରି ବାହାର ରାଜ୍ୟରୁ ଅଣଓଡ଼ିଆ କଣ୍ଟ୍ରାକ୍ଟରଙ୍କୁ ଆଣି ସ୍ଥାନୀୟ କଣ୍ଟ୍ରାକ୍ଟରଙ୍କୁ ଅଣଦେଖା କରାଯାଉଛି। ଏହାର ପ୍ରତିବାଦରେ ଟାଟାପାୱାର ଅଧୀନରେ କାର୍ଯ୍ୟ କରୁଥିବା ୨୦ଟି ଡିଭିଜନର ଶତାଧିକ ଇଞ୍ଜିନିୟର ଓ କର୍ମଚାରୀମାନେ ଉପମୁଖ୍ୟମନ୍ତ୍ରୀଙ୍କୁ ଭେଟି ଏହି ସମସ୍ୟାର ସମାଧାନ ପାଇଁ ଦାବି କରିଥିଲେ। ଆଗାମୀ ଦିନରେ ଏହି ସମସ୍ୟା ଗୁଡିକର ସମାଧାନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ସିଂଦେଓ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ କାମାକ୍ଷାନଗର, ଭୁବନ, ପରଜଙ୍ଗ, କଙ୍କଡାହାଡ଼, ଢେଙ୍କାନାଳ ଶାଖାର ସଦସ୍ୟ ସାମିଲ ଥିଲେ।


ସଂଘର ସଦସ୍ୟମାନେ ଉପମୁଖ୍ୟମନ୍ତ୍ରୀ ସିଂଦେଓଙ୍କୁ ଫୁଲତୋଡା ପ୍ରଦାନ କରୁଛନ୍ତି।

# ୬୦ ୟୁନିଟ୍ ରକ୍ତ ସଂଗୃହୀତ



ଶିବିରରେ ଉପସ୍ଥିତ ବିଧାୟକଙ୍କ ସମେତ ଅନ୍ୟମାନେ।

କଣିହାଁ,୧୪।୭(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ କମରେଇ ପଞ୍ଚାୟତ ଆଞ୍ଚଳିକ ଉଚ୍ଚବିଦ୍ୟାଳୟ ଗଣ୍ଡବେରେଣା ପରିସରରେ ଗୋପବନ୍ଧୁ ଜନକଲ୍ୟାଣ ସମିତି ଆନୁକୂଲ୍ୟରେ ରବିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପାଲଲହଡା ବିଧାୟକ ଅଶୋକ କୁମାର ମହାନ୍ତି, ଶ୍ରବଣ କୁମାର ସାହୁ, ଭାଜପା କାର୍ଯ୍ୟକର୍ତ୍ତା ଉକାଳୁ ସାହ, ଧ୍ରୁବଚରଣ ଜେନା, ଭାଜପା ନେତା ପ୍ରହଲ୍ଲାଦ ସାମଲ, ଡମ୍ବରୁଧର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ୬୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ବ୍ଲଡ୍ ବ୍ୟାଙ୍କ କର୍ମଚାରୀ, ଅଭିଜ୍ଞ ଡାକ୍ତର ଓ ସହକର୍ମୀ ରକ୍ତ ସଂଗ୍ରହ କରିଥିଲେ। ପାଲଲହଡ଼ା ବିଧାୟକଙ୍କ ଅଶୋକ ମହାନ୍ତିଙ୍କ ଜନ୍ମଦିନ ପାଳନକୁ ନେଇ ଏହି ଅବସରରେ ଅର୍କିଲ ଶିବ ମନ୍ଦିର ସହିତ ଅନ୍ୟାନ୍ୟ ସ୍ଥାନରେ ଚାରାରୋପଣ କରାଯାଇଥିଲା।

# କାର୍ ଧକ୍କାରେ ଗର୍ଭବତୀଙ୍କ ସମେତ ୨ ମୃତ

ରାଇରଙ୍ଗପୁର,୧୪।୭(ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ବାଦାମପାହାଡ଼ ଅନ୍ତର୍ଗତ ଦଲକି ଗ୍ରାମାଞ୍ଚଳ ରାସ୍ତା ନିକଟସ୍ଥ ୨୨୦ ନଂ. ଜାତୀୟ ରାଜପଥରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଯାଇଛି। ଏକ କାର ଧକ୍କାରେ ଜଣେ ଗର୍ଭବତୀ ଓ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଗର୍ଭବତୀ ଜଣଙ୍କ ହେଲେ ବାଦାମପାହାଡ଼ ଥାନା ଅନ୍ତର୍ଗତ ଦେଓଗାଁ ଗ୍ରାମର ସେକ ଆସାଦୁଲାଙ୍କ ସ୍ତ୍ରୀ ସାଲିୟା ଖାତୁନ(୨୪) ଓ ଯୋରଦା ଗ୍ରାମର ଡାକ୍ତର ପାତ୍ର (୩୩) ବୋଲି ଜଣାଯାଇଛି। ପ୍ରକାଶ ଯେ, ସାଲିୟା ରାସ୍ତାରେ ଛିଡ଼ା ହୋଇଥିବା ବେଳେ ଦ୍ରୁତଗତିରେ ଯାଉଥିବା କାର (ନଂ. ଓଡି ୦୨ ଏଡି ୮୯୮୯) ତାଙ୍କୁ ଧକ୍କା ଦେଇଥିଲା। ପରେ ୨୦ ମିଟର ଦୂରରେ ବାଇକରେ ଯାଉଥିବା ଯୁବକଙ୍କୁ ଧକ୍କା ଦେଇ କାର ରାସ୍ତା ପାର୍ଶ୍ୱ ଏକ ଗଛରେ ଧକ୍କା ହୋଇ ଅଟକି ଯାଇଥିଲା। ଦୁର୍ଘଟଣା ପରେ କାର ଚାଳକ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ୨ ଜଣଙ୍କୁ ଗୁରୁତର ଅବସ୍ଥାରେ ରାଇରଙ୍ଗପୁର ହସ୍ପିଟାଲରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ରବିବାର ୨ ମୃତଦେହ ଜବତ କରି ରାଇରଙ୍ଗପୁର ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ପରିବାରଙ୍କୁ ହସ୍ତାନ୍ତର କରିଛି। ପୋଲିସ ଏକ ମାମଲା(ନଂ. ୭୦/୨୦୨୪ ) ରୁଜୁ କରି ଦୁର୍ଘଟଣା ଗ୍ରସ୍ତ କାର ଏବଂ ବାଇକ ଜବତ କରିଛି।

# ବଳରାମପ୍ରସାଦ ପାହାଡ଼ରେ ଚାରାରୋପଣ

ବଅଁରପାଳ,୧୪।୭ (ସୁବାସ ସାହୁ)/ନାଲ୍‌କୋ,(ଲୁସି ରାଉତ)

ବଅଁରପାଳ ବ୍ଲକ ବଳରାମପ୍ରସାଦ କୋହିନୁର ୟୁଥ୍ କ୍ଲବ ଆନୁକୂଲ୍ୟରେ ତାଳଚେର ଫରେଷ୍ଟ ଅଧୀନରେ ଥିବା ବଳରାମପ୍ରସାଦ ପାହାଡ଼ରେ ରବିବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଭାପତି ବସନ୍ତ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ବନବିଭାଗ କର୍ମଚାରୀ, ସାମାଜିକ କର୍ମୀ ଚିନ୍ମୟୀ ଦାସ, ଜୟଜଗନ୍ନାଥ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟ, ଛୋଟ ଏକ ପ୍ରୟାସର ସଦସ୍ୟ ଏବଂ କୋହିନୁର୍ ୟୁଥ କ୍ଲବର ସମସ୍ତ ପଦାଧିକାରୀ ଏବଂ ସମସ୍ତ ସଦସ୍ୟ ଉପସ୍ଥିତ ରହି ୨୦୦ ଚାରାରୋପଣ କରିଥିଲେ। ଗ୍ରାମ ରାସ୍ତା କଡ଼ ଶ୍ମଶାନ ଏବଂ ବିଭିନ୍ନ ଖୋଲା ଜାଗାରେ ଏହି ଚାରାରୋପଣ କାର୍ଯ୍ୟକ୍ରମ ଜାରି ରହିବ ବୋଲି କ୍ଲବ ସଭାପତି ପ୍ରକାଶ କରିଛନ୍ତି।


ବଳରାମପ୍ରସାଦ ପାହାଡରେ ଚାରାରୋପଣ କରାଯାଉଛି।

# ଶ୍ରୀଗୁଣ୍ଡିଚା ଭଜନ ସମାରୋହର ଅଷ୍ଟମ ସନ୍ଧ୍ୟା



କଣ୍ଠଶିଳ୍ପୀମାନେ ଭଜନ ପରିବେଷଣ କରୁଛନ୍ତି।

ଢେଙ୍କାନାଳ,୧୪।୭(ରତନ ନାୟାର)

ଢେଙ୍କାନାଳ ବାଜି ଚୌକ ସ୍ଥିତ ଶ୍ରୀ ଗୁଣ୍ଡିଚା ଭଜନ ସମାରୋହର ରବିବାର ଅଷ୍ଟମ ଦିବସରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ, ସମ୍ମାନିତ ଅତିଥି ଉପ ନଗରପାଳ ପ୍ରକାଶ ଚନ୍ଦ୍ର କୁଅଁର, ଖବରଦାତା ସତ୍ୟସ୍ୱରୂପ ଦାସ, ସମସ୍ତ କାଉନସିଲର ଉପସ୍ଥିତ ରହି ଅଷ୍ଟମ ସନ୍ଧ୍ୟାକୁ ଉଦ୍‌ଘାଟନ କରିଥିଲେ। ଅଷ୍ଟମ ଦିବସରେ ମଞ୍ଚର କର୍ମକର୍ତ୍ତା ଓ କଣ୍ଠଶିଳ୍ପୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାରେଗାମା ପା ଭଜନ ସନ୍ଧ୍ୟା ପକ୍ଷରୁ ଭଜନ ପରିବେଷଣ କରାଯାଇଥିଲା। କଣ୍ଠ ଶିଳ୍ପୀ ସସ୍ମିତା ମିଶ୍ର, କୃଷ୍ଣ କୁମାର, ପତିତପାବନ, ଆଲୋକ କୁଣ୍ଡୁ ଓ ଅନ୍ୟାନ୍ୟ କଣ୍ଠ ଶିଳ୍ପୀ ସଙ୍ଗୀତ ପରିବେଷଣ କରିଥିଲେ। ସଭାପତି ରୁଦ୍ରାନ୍ତ କୁମାର ଦଳେଇ, ସମ୍ପାଦକ ମହମ୍ମଦ ସାଗିର, ଉପଦେଷ୍ଟା ସଂଗ୍ରାମ କେଶରୀ ପାଣି ଉପସ୍ଥିତ ଥିଲେ। ଅବନୀ କୁମାର ମିଶ୍ର ମଞ୍ଚ ପରିଚାଳନା କରିଥିବାବେଳେ ମହମ୍ମଦ ସାଗରି ଧନ୍ୟବାଦ ଅର୍ପଣ କରିଥିଲେ। କୋଡିନେଟର ସତ୍ୟନାରାୟଣ କର ଏବଂ କମିଟିର ସମସ୍ତ ସଦସ୍ୟଙ୍କ ଉପସ୍ଥିତରେ ଏହି ସମାରୋହ ଉତ୍ସବ ପାଳିତ ହୋଇଯାଇଛି।

# ରାଷ୍ଟ୍ରୀୟ ଗାନ୍ଧୀ ପୁରସ୍କାର ମୋ ପାଇଁ ଏକ ଆହ୍ୱାନ: କୃଷ୍ଣା ମହାନ୍ତି

ଅନୁଗୋଳ,୧୪।୭(ଜ୍ୟୋତି ରଞ୍ଜନ ସାହୁ)

ରାଷ୍ଟ୍ରୀୟ ସ୍ତରରେ ଗାନ୍ଧୀ ଓ ସର୍ବୋଦୟ ବିଚାରର ସର୍ବୋଚ୍ଚ ସଙ୍ଗଠନ ସର୍ବ ସେବା ସଂଘ (ଅଖିଳ ଭାରତ ସର୍ବୋଦୟ ମଣ୍ଡଳ) ପକ୍ଷରୁ ୨୦୨୩ ଆର୍ଥିକ ବର୍ଷ ନିମନ୍ତେ 'ରାଷ୍ଟ୍ରୀୟ ଗାନ୍ଧୀ ପୁରସ୍କାର' ବିଶିଷ୍ଟ ସର୍ବୋଦୟ ନେତ୍ରୀ କୃଷ୍ଣା ମହାନ୍ତିଙ୍କୁ ଅନୁଗୋଳସ୍ଥିତ ବାଜି ରାଉତ ଛାତ୍ରାବାସ ପରିସରରେ ପ୍ରଦାନ କରାଯାଇଛି। ସମ୍ମାନ ସମାରୋହରେ ଅଧକ୍ଷତା କରି ସର୍ବସେବା ସଂଘର ରାଷ୍ଟ୍ରୀୟ ଅଧକ୍ଷ ଚନ୍ଦନ ପାଲ କହିଲେ, କୃଷ୍ଣାଙ୍କୁ ଏହି ସମ୍ମାନ ପ୍ରଦାନ କରି ସମଗ୍ର ସର୍ବୋଦୟ ପରିବାର ସମ୍ମାନିତ ହୋଇଛି। ସର୍ବୋଦୟ ଆନ୍ଦୋଳନକୁ ଦେଶବ୍ୟାପୀ ବ୍ୟାପକ କରିବାରେ କୃଷ୍ଣା ଅପାଙ୍କ ପରିବାରର ଭୂମିକା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ସମ୍ମାନର ଉତ୍ତରରେ କୃଷ୍ଣା ମହାନ୍ତି କହିଲେ, ଆଜି ଗଣତନ୍ତ୍ର ବିପଦରେ ପଡ଼ିଛି। ଗାନ୍ଧୀ ପୁରସ୍କାର ମୋ ପାଇଁ ଏକ ଆହ୍ୱାନ। ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା, ପଶ୍ଚିମ ଓଡିଶା କୃଷକ ସଂଗଠନର ଆବାହକ ଲିଙ୍ଗରାଜ, ନିୟମଗିରି ଆନ୍ଦୋଳନର ନେତା ଲିଙ୍ଗରାଜ ଆଜାଦ, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ସଭାପତି ଜଷ୍ଟିସ ମନୋରଞ୍ଜନ ମହାନ୍ତି, ମହମ୍ମଦ ଶେଖ ହୁସେନ, ଅବିନାଶ କାକଡେ, ଅରବିନ୍ଦ ଅଞ୍ଜୁମ, ଗୌରାଙ୍ଗ ମହାପାତ୍ର, ଅରବିନ୍ଦ କୁଶୱାହା, ମିହିର ପ୍ରତାପ ଦାସ, ଦେବ ପ୍ରସାଦ ରାୟ, ରମେଶ ବେହେରା, ପ୍ରଫେସର ଧନେଶର ସାହୁ, ପ୍ରଶାନ୍ତ ଦାସ, ରାମଚନ୍ଦ୍ର ଶୁକ୍ଳ, ଆର୍ଯ୍ୟଭଟ୍ଟ ମହାନ୍ତି, ଗୌରାଙ୍ଗ ରାଉତ, ପ୍ରମିଳା ରାଉତ, ମୁକ୍ତେଶ୍ୱର ପ୍ରଧାନ, ଶିଶିର ଶତପଥୀ, ଚୂଡାମଣି ସାହୁ, ଝରଣା ପଟ୍ଟନାୟକ, ବାସନ୍ତୀ ମହାନ୍ତି, ଆଦ୍ୟଶ୍ଳୋକ ମିଶ୍ର, ସୂର୍ଯ୍ୟ ନାରାୟଣ ନାଥ ପ୍ରମୁଖ ଦେଶର ଗଣତାନ୍ତ୍ରିକ ପରିସ୍ଥିତି ଓ ମହାତ୍ମା ଗାନ୍ଧୀ ଶୀର୍ଷକ ଆଲୋଚନାରେ ଭାଗ ନେଇଥିଲେ। ସର୍ବ ସେବା ସଂଘ ଆନ୍ଦୋଳନ ସମିତିର ସଂଯୋଜକ ଡାକ୍ତର ବିଶଜିତ ସଭା ସଞ୍ଚାଳନ କରିଥିଲେ।



କୃଷ୍ଣା ମହାନ୍ତିଙ୍କୁ 'ରାଷ୍ଟ୍ରୀୟ ଗାନ୍ଧୀ ପୁରସ୍କାର' ପ୍ରଦାନ କରାଯାଉଛି।

# ଚିକିତ୍ସା ଅବହେଳାରୁ ରୋଗୀଙ୍କ ମୃତ୍ୟୁ ଅଭିଯୋଗ

## ପୁଣି ବିବାଦରେ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

କେନ୍ଦୁଝର,୧୪ା୭ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ସଦର ବ୍ଲକ୍ ଅନ୍ତର୍ଗତ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ଅବହେଳାରୁ ରୋଗୀଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତକ ବାଉରିପଦା ପଞ୍ଚାୟତ ମହାଦେଇପୁର ଗ୍ରାମର ଭଦ୍ରୁ ବେହେରା (୫୫)। ସାମାଜିକ ସଙ୍ଗଠନ ଓ ପରିବାର ଲୋକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ପ୍ରକାଶ ଯେ, ଭଦ୍ରୁଙ୍କୁ ଜୁଲାଇ ୯ରେ ପରିବାର ଲୋକେ ହାଇଡ୍ରୋସିଲ ଅପରେଶନ ପାଇଁ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତିକରିଥିଲେ। ସେଠାରେ ତାଙ୍କର ଅପରେଶନ ହୋଇଥିବା ବେଳେ ୩ ଦିନ ସେଠାରେ ଚିକିତ୍ସାଧୀନ ଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଜୁଲାଇ ୧୩ରେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଚିକିତ୍ସାରେ ଅବହେଳା ଯୋଗୁ ଭଦ୍ରୁଙ୍କ ମୃତ୍ୟୁ ହୋଇଥିବା ତାଙ୍କ ପୁଅ ବାପି ବେହେରା ଅଭିଯୋଗ କରିଛନ୍ତି। ଅସ୍ତ୍ରୋପଚାର କରିଥିବା ଡାକ୍ତର ରୋଗୀଙ୍କ କିଡ୍‌ନୀ ଖରାପ ଥିବା କହୁଛନ୍ତି। ମାତ୍ର ଜିଲା ମୁଖ୍ୟ ଚିକିତ୍ସାଧିକାରୀ ରୋଗୀଙ୍କ ହୃଦୟର ସମସ୍ୟା ଥିବା କହିଥିଲେ। ଅପରେଶନ ପୂର୍ବରୁ ବିଭିନ୍ନ ପରୀକ୍ଷା କରାଯାଇଥିଲେ ହେଁ କ'ଣ ପାଇଁ ଅନ୍ୟାନ୍ୟ ରୋଗ ସମ୍ପର୍କରେ ଜଣାଇ ନ ଥିଲେ ବୋଲି ପରିବାର ଲୋକେ




ପ୍ରକାଶ କରିଛନ୍ତି। ଏଣୁ ସ୍ୱାସ୍ଥ୍ୟ ବିଭାଗ ଏହାର ତଦନ୍ତକରି ତୁରନ୍ତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି। ମୃତକଙ୍କ ପରିବାରକୁ ସରକାରୀ ସହାୟତା ପ୍ରଦାନ କରିବାକୁ ସ୍ଥାନୀୟ ସାମାଜିକ କର୍ମୀ ଶୈଳବାଳା ପରିଡ଼ା, ପୁଷ୍ପାଞ୍ଜଳି ବେହେରା, ସସ୍ମିତା ମହାନ୍ତ, ସରୋଜ ସାହୁ, ଜୟକୃଷ୍ଣ ନାଏକଙ୍କ ସମେତ ବୁଦ୍ଧିଜୀବୀ, ସାମାଜିକ କର୍ମୀ ଓ ବିଭିନ୍ନ ସଂଗଠନ ଦାବି କରିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଏସ୍.ସି. ବାଗ କହିଛନ୍ତି, ଅଭିଜ୍ଞ ଡାକ୍ତରଙ୍କ ଉପସ୍ଥିତିରେ ଜୁଲାଇ ୯ରେ ଅପରେଶନ କରାଯାଇଥିଲା। ଶନିବାର ରୋଗୀଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ମୃତ୍ୟୁର ପ୍ରକୃତ କାରଣ ବ୍ୟବଚ୍ଛେଦ ପରେ ଜଣାପଡ଼ିବ। ମୃତକଙ୍କ ପରିବାରକୁ ସମସ୍ତ ପ୍ରକାର ସହାୟତା ଯୋଗାଇଦେବାକୁ ଚେଷ୍ଟା କରିବେ। ସୂଚନାଯୋଗ୍ୟ, ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ପୂର୍ବରୁ ସେଣ୍ଡକାପ ଗ୍ରାମର ପ୍ରସୂତି ମହିଳାଙ୍କ ମୂତ୍ରାଶୟ ସିଲେଇ କରିବା ଘଟଣାକୁ ନେଇ ଚର୍ଚ୍ଚାର ବିଷୟ ହୋଇଥିଲା। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘ ୧୫ ବର୍ଷରୁ ଊର୍ଦ୍ଧ୍ୱ ହେବ ଜଣେ ଡାକ୍ତର ମଇଦାନକେଲ ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ନିଯୁକ୍ତି ପାଇଛନ୍ତି। ସେ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭାରପ୍ରାପ୍ତ ଅଧିକାରୀ ଭାବେ ନିୟୋଜିତ ହୋଇଥିବାରୁ ଏଭଳି ଅବ୍ୟବସ୍ଥା ସୃଷ୍ଟି ହେଉଛି ବୋଲି ଅଭିଯୋଗ ହେଉଛି।

# ବସ୍ତା ଚାଉଳରେ ଓଜନ କମ୍ ଅଭିଯୋଗ



ବଇଣ୍ଡା,୧୪ା୭ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକର ଅନେକ ପଞ୍ଚାୟତରେ ସରକାରଙ୍କ ପକ୍ଷରୁ ରାଶନ କାର୍ଡ ମାଧ୍ୟମରେ ଯୋଗାଇ ଦିଆଯାଉଥିବା ଚାଉଳ ବସ୍ତାରେ ଓଜନ କମ ଥିବା ଅଭିଯୋଗ ହୋଇଛି। ଏ ନେଇ ବଇଣ୍ଡାର ଯୁବଗୋଷ୍ଠୀ ପକ୍ଷରୁ ଶନିବାର ଜିଲାପାଳଙ୍କୁ ଏକ ଅଭିଯୋଗପତ୍ର ମାଧ୍ୟମରେ ଅବଗତ କରାଯାଇଛି।

ଅଭିଯୋଗପତ୍ରରେ ଦର୍ଶାଯାଇଛି, କିଶୋରନଗର ବ୍ଲକ ଅଞ୍ଚଳରେ ଥିବା ୨୩ଟି ପଞ୍ଚାୟତକୁ ବଡ଼ହୁଲାଠାରେ ଥିବା ଚାଉଳ ଡିପୋରୁ ବିପିଏଲ ଚାଉଳ ଯୋଗାଇ ଦିଆଯାଉଛି। ବସ୍ତା ବସ୍ତା ଚାଉଳ ଖାଉଟିମାନଙ୍କୁ ଯୋଗାଇ ଦିଆଯାଉଥିବାବେଳେ ପ୍ରତ୍ୟେକ ବସ୍ତାରେ ୫ରୁ୬ କେଜି ଚାଉଳ କମ ରହୁଛି। ଯେଉଁ ରାଶନ କାର୍ଡରେ ସଭ୍ୟ ସଂଖ୍ୟା ଅଧିକ ସେହି ହିତାଧିକାରୀଙ୍କୁ ବସ୍ତା ଦରିଆରେ ଚାଉଳ ଡିଲରମାନେ ଯୋଗାଇ ଦେଉଛନ୍ତି। ଏପରିକି ବସ୍ତା ଚାଉଳ ଗୁଡିକକୁ ଡିଲରମାନେ ଓଜନ ନ କରି ସିଧାସଳଖ ହିତାଧିକାରୀଙ୍କୁ ଯୋଗାଇ ଦେଉଥିବାବେଳେ ବସ୍ତା ପିଛା ମଧ୍ୟ ୨୦ ଟଙ୍କା ଲେଖାଏ ଡିଲର ମାନେ ନେଉଥିବା କେତେଜଣ ହିତାଧିକାରୀ ନାମ ଗୋପନ ରଖି ପ୍ରକାଶ କରିଛନ୍ତି। ହିତାଧିକାରୀମାନେ ବସ୍ତାରେ ୫ରୁ୬ କେଜି ଚାଉଳ କମ୍ ରହୁଥିବା ଡିଲରମାନଙ୍କୁ ଅବଗତ କରାଉଥିଲେ ମଧ୍ୟ ଡିଲରମାନେ ଚାଉଳ ଡିପୋରୁ ସେଇଆ ଆସୁଛି ବୋଲି କହି ହିତାଧିକାରୀଙ୍କୁ ବିଦାୟ କରି ଦେଉଛନ୍ତି। ପ୍ରତ୍ୟେକ ବସ୍ତାରେ ଏଭଳି ଚାଉଳ କମ ଆସୁଥିବା ଯୋଗାଣ ବିଭାଗ କିମ୍ବା ଡିଲର ପକ୍ଷରୁ ଚାଉଳ ଡିପୋକୁ ଅଭିଯୋଗ କରାଯାଉ ନ ଥିବା ଜଣାପଡିଛି। ଡିଲର, ଯୋଗାଣ ବିଭାଗ ସହ ଚାଉଳ ଡିପୋ ମଧ୍ୟରେ ସଲାସୁତରା ହୋଇ ଏଭଳି ଚାଉଳ ଲୁଟ୍ କରୁଥିବା ସାଧାରଣରେ ଅଭିଯୋଗ ହୋଇଛି। ପ୍ରତ୍ୟେକ ମାସରେ କୁଇଣ୍ଟାଲ କୁଇଣ୍ଟାଲ ଚାଉଳ ଏଭଳି ହେରଫେର କରାଯାଉଥିବାବେଳେ ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସାଧାରଣରେ ଦାବି ହୋଇଛି। ଏ ନେଇ ଆଠମଲ୍ଲିକ ଉପଖଣ୍ଡ ଯୋଗାଣ ଅଧିକାରୀ ଶିବାଶିଷ ଜେନା କହିଛନ୍ତି, ସମସ୍ତ ଡିଲରଙ୍କୁ ଚାଉଳ ରଖିବା ସମୟରେ ଓଜନ କରି ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁ ଅଞ୍ଚଳରୁ ଏଭଳି ଅଭିଯୋଗ ଆସିବ ତୁରନ୍ତ ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ।

# ନାରାୟଣଙ୍କ ପ୍ରତିମୂର୍ତ୍ତି ସ୍ଥାପନ

ରାମଚନ୍ଦ୍ରପୁର,୧୪ା୭ (ଗଣେଶ୍ୱର ସା)

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ଅନ୍ତର୍ଗତ ଜଳସୁଆଁ ଗ୍ରାମର ନାରାୟଣ ମଠ ପ୍ରାଙ୍ଗଣରେ ଥିବା ନାରାୟଣ ମନ୍ଦିରରେ ପ୍ରଭୁ ନାରାୟଣଙ୍କ ବିଗ୍ରହ ମୂର୍ତ୍ତି ସ୍ଥାପନା କରାଯାଇଛି। ଏଥି ସହିତ ଜଗତ କଲ୍ୟାଣ ନିମନ୍ତେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ପୂଜକ ବାବାଜୀ ପଣ୍ଡାଙ୍କ ଦ୍ୱାରା କୁସେଇ ନଦୀରୁ ପୂଜାର୍ଚ୍ଚନା କରାଯାଇ କଳସ ଶୋଭାଯାତ୍ରା ସହ ପୂଜା ମଣ୍ଡପରେ ଘଟ ସ୍ଥାପନ କରାଯାଇ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା। ସଂକଳ୍ପ କାର୍ଯ୍ୟ ନିଖିଳ ଚରଣ ଜେନା, ତାଙ୍କ ସ୍ତ୍ରୀ ସସ୍ମିତା ଜେନା ତୁଲାଇଥିବା ବେଳେ ସଞ୍ଜୟ ଜେନା, ରତ୍ନାକର ଜେନା, ରତିକାନ୍ତ ଜେନା, ପ୍ରହ୍ଲାଦ ଜେନା, ଦେବେନ୍ଦ୍ର ଜେନା ସହଯୋଗ କରିଥିଲେ। ଗ୍ରାମରେ ଭକ୍ତି ମୟ ପରିବେଶ ସୃଷ୍ଟି ହୋଇଥିବା ବେଳେ ଆଖପାଖରୁ ଆସିଥିବା ଭକ୍ତଙ୍କ ପାଇଁ କମିଟି ପକ୍ଷରୁ ଅନ୍ନ ପ୍ରସାଦ ବ୍ୟବସ୍ଥା କରାଯାଇଥିଲା। ପୂଜା ଉତ୍ସବକୁ ଗ୍ରାମବାସୀ ଓ ଜାଗର କମିଟିର ସଦସ୍ୟ ସୁନନ୍ଦ ଜେନା, ସଞ୍ଜୟ ଜେନା, ଦିଲୀପ ଜେନା, ଆଲୋକ ଜେନା, ରତିକାନ୍ତ ଜେନା, ମଣ୍ଟୁ ଜେନା, ଜିତେନ୍ଦ୍ର ଜେନା, ପୁଥୁଲି ଜେନା, ବଳରାମ ଜେନା, ମଣିଭଦ୍ର ଜେନା, ଗୋପବନ୍ଧୁ ଜେନା, ଦିଗମ୍ବର ଜେନା, ଅଜିତ୍ ଜେନା, ପ୍ରଶାନ୍ତ ଜେନା, ପାପୁନି ଜେନା, ମାନସ ଜେନା, ଲିଜା ଜେନା, ଲିଟୁ ଜେନା, ଆକାଶ ଜେନା ପ୍ରମୁଖ ସହଯୋଗ କରିଥିଲେ।



ଗୁଣ୍ଡିଚା ମନ୍ଦିରରେ ବାହୁଡ଼ା ବେଶରେ କେନ୍ଦୁଝରର ଆରାଧ୍ୟ ଠାକୁର ଶ୍ରୀ ବଳଦେବଜୀଉ। (ଫଟୋ–ନରେଶ ଚନ୍ଦ୍ର ପଟ୍ଟନାୟକ)

# ବିନା ଅନୁମତିରେ ଚାଲିଛି ଗ୍ୟାସ୍ ପାଇପ ବିଛା କାମ

## କେନ୍ଦୁଝର ପୌରାଞ୍ଚଳ

କେନ୍ଦୁଝର,୧୪ା୭ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ପୌରାଞ୍ଚଳରେ ପ୍ରାକୃତିକ ଗ୍ୟାସ ଯୋଗାଣ ପାଇଁ ବେଆଇନ ଭାବେ ପାଇପ ବିଛା କାମ ଚାଲିଛି। ବିନା ଅନୁମତିରେ କାର୍ଯ୍ୟ ହେଉଥିଲେ ହେଁ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି।

ପ୍ରକାଶ ଯେ, ପାଇପ୍ ବିଛାଇବା କାମ ଠିକା ସଂସ୍ଥା ଜରିଆରେ କରାଯାଉଛି। କେନ୍ଦୁଝରଗଡ଼ ପୌରାଞ୍ଚଳରେ ୧୯୫.୫୭୧ କି.ମି. ଦୀର୍ଘ ପାଇପ୍ ବିଛାଇବା ପାଇଁ ପୌରପାଳିକା କାର୍ଯ୍ୟାଳୟ ଅଟକଳ ମୁତାବକ ୧୯ ଲକ୍ଷ ୫୫ ହଜାର ୭୧୦ ଟଙ୍କା ଜମା ଦେଇଛି। ୨୯ ଲକ୍ଷ ୩୩ ହଜାର ୫୬୫ ଟଙ୍କାର ବ୍ୟାଙ୍କ ଗ୍ୟାରେଣ୍ଟି ଜମା କରିଥିବା ପୌରପାଳିକା ପକ୍ଷରୁ ଚିଠି ନମ୍ବର ୨୧୨୯/୧୮ ମାର୍ଚ୍ଚ ୨୦୨୩ରୁ ଜଣାପଡିଛି। ଏ ନେଇ ପୌରପାଳିକା ପକ୍ଷରୁ କରାଯାଇଥିବା ସର୍ତ୍ତ ପାଳନ କରା ନ ଯାଇ ମନଇଚ୍ଛା ପାଇପ୍ ବିଛାଇବା କାମ ଚାଲିଥିବା ଅଭିଯୋଗ ହୋଇଛି। ସର୍ତ୍ତ ଅନୁଯାୟୀ ପାଇପ ବିଛାଇବା ପୂର୍ବରୁ ଦରକାର ହେଲେ ସମ୍ପୃକ୍ତ ବିଭାଗରୁ ଅନୁମତି ନେବେ, ପ୍ରାଇଭେଟ ଓ ପବ୍ଲିକ ସମ୍ପତ୍ତିର ସୁରକ୍ଷାକୁ ଗୁରୁତ୍ୱ ଦେବା ସହ ସାଧାରଣ ଲୋକଙ୍କ ସମସ୍ୟାକୁ ପ୍ରାଧାନ୍ୟ ଦେବାକୁ ସର୍ତ୍ତରେ କୁହାଯାଇଛି। ସେହିପରି କୌଣସି ଦୁର୍ଘଟଣା ବା ଅଘଟଣ ଘଟିଲେ କମ୍ପାନୀ ଦାୟୀ ରହିବ। କୌଣସି ଖିଲାପ ହେଲେ ଆବଶ୍ୟକ ହେଲେ ପୌରପାଳିକା କର୍ତ୍ତୃପକ୍ଷ ଅନୁମତିକୁ ବାତିଲ କରିପାରିବେ। ତେବେ ଜୁନ୍ ୨୦୨୪ରୁ ପୌରପାଳିକାର ବିଭିନ୍ନ ରାସ୍ତା କଡରେ ପାଇପ୍ ବିଛା କାମ ଆରମ୍ଭ ହୋଇଥିଲେ ହେଁ ରାସ୍ତାର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ପୂର୍ତ୍ତ ବିଭାଗର ଅନୁମତି ନିଆଯାଇନାହିଁ। ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ସନ୍ତୋଷ ବେହେରା କହିଛନ୍ତି, ଗ୍ୟାସ ପାଇପ ବିଛାଇବା ପାଇଁ ତାଙ୍କ ବିଭାଗରୁ ଅନୁମତି ନିଆଯାଇନାହିଁ। କାମ ହେଉଥିଲେ, କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପାଇପ ବିଛା କାମ କରୁଥିବା ସଂସ୍ଥାର ସୁପରଭାଇଜର ଭୁପେନ ଟାଣ୍ଡେଲ କହିଛନ୍ତି, କିଛି ବେଆଇନ କାମ କରାଯାଉନାହିଁ। ପୂର୍ତ୍ତ ବିଭାଗ ରାସ୍ତାରେ କାମ କରାଯାଉନାହିଁ। ପୂର୍ତ୍ତ ବିଭାଗକୁ ସୂଚନା ଦିଆଯାଇଛି। ଆବଶ୍ୟକ ଅର୍ଥ ଜମା କରିବା ପରେ କାମ କରାଯିବ। ପୌରପାଳିକା ଇଞ୍ଜିନିୟର ସଂଗ୍ରାମ ବେହେରା କହିଛନ୍ତି, ଲାଇସେନ୍ସ ମିଳିଥିଲେ ହେଁ ପୂର୍ତ୍ତ ବିଭାଗର ଅନୁମତି ନେଇ କାମ କରିବା ଜରୁରୀ। ଖିଲାପ ହୋଇଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ଗ୍ୟାସ୍ ପାଇପ୍ ଲାଇନ୍ ବିଛାଇବାକୁ ରାସ୍ତାକଡ଼ରେ ଖୋଳାଯାଇଛି।

# ୫୦ ହଜାର ଟଙ୍କା ଜବତ, ୬ ଗିରଫ



ପୋଲିସ ଦ୍ୱାରା ପେଟ୍ରୋଲ ପମ୍ପଠାରେ ସିନ୍‌ରିକ୍ରିଏଶନ ହେଉଛି।

## ପେଟ୍ରୋଲ ପମ୍ପରୁ ଡକାୟତି ମାମଲା

ଚମ୍ପୁଆ,୧୪ା୭ (ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ କଞ୍ଚନପୁରସ୍ଥିତ ଲାଗୁରୀ ପେଟ୍ରୋଲ ପମ୍ପରୁ ଜୁନ ୭ରେ ହୋଇଥିବା ଡକାୟତ ମାମଲାରେ ପୋଲିସ ୬ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ପୋଲିସ ବାଇକ, ନଗଦ ଟଙ୍କା ଜବତ କରିଥିବା ବେଳେ ଅଭିଯୁକ୍ତଙ୍କୁ ନେଇ ସିନ୍‌ରିକ୍ରିଏଶନ କରାଯାଇଥିବା ଚମ୍ପୁଆ ଏସ୍‌ଡିପିଓ ବିଜୟ କୁମାର ମଲ୍ଲିକ ସୂଚନା ଦେଇଛନ୍ତି।

ସୂଚନା ଅନୁସାରେ, ଜୁନ ୭ରେ ୮ ଜଣ ଦୁର୍ବୃତ୍ତ ଉକ୍ତ ପେଟ୍ରୋଲ ପମ୍ପରେ ପ୍ରବେଶ କରିବା ସହିତ ବନ୍ଧୁକ ଦେଖାଇ କର୍ମଚାରୀଙ୍କୁ ଭୟଭିତ କରି ୨ ଲକ୍ଷ ୪୪ ହଜାର ୯ ଶହ ଟଙ୍କା ଲୁଟି ନେଇଥିଲେ। ଏ ନେଇ ଚମ୍ପୁଆ ପୋଲିସ ଏକ ମାମଲା(ନଂ. ୨୦୪/୨୪) ରୁଜୁ କରି ସାଇଣ୍ଟିଫିକ୍ ଟିମ୍, ସନ୍ଧାନୀ କୁକୁର ଓ ସିସିଟିଭି ଫୁଟେଜକୁ ଆଧାର କରି ତଦନ୍ତକୁ ତ୍ୱରାନିତ କରିଥିଲେ। ଜୁଲାଇ ୧୩ ଓ ୧୪ ତାରିଖ ସକାଳ ଥାନା ଅଧିକାରଣୀ ଦେବକୀ ନାଏକଙ୍କ ତତ୍ତ୍ୱାବଧାନରେ ତଦନ୍ତକାରୀ ଅଧିକାରୀ ବରଦା ପ୍ରଶନ୍ନ ସାହୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୬ ଜଣଙ୍କୁ ଗିରଫ କରିଥିଲେ। ଅଭିଯୁକ୍ତଙ୍କ ନିକଟରୁ ୩ ବାଇକ ଓ ନଗଦ ୫୦ ହଜାର ଟଙ୍କା ଜବତ ହୋଇଥିବା ପୋଲିସ ସୂଚନା ଦେଇଛି।

# ଗୋଚର ଜମିରେ ଆବାସ ନିର୍ମାଣକୁ ବିରୋଧ

ପାଟଣା,୧୪ା୭ (ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ମୂଷାଖୋରୀ ପଞ୍ଚାୟତର ମୂଷାନାଳୀ ଗ୍ରାମର ଏକ ସରକାରୀ ଗୋଚର ଜମିରେ ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣ ଅଭିଯୋଗ ହୋଇଛି। ଏହାକୁ ଗ୍ରାମବାସୀ ରବିବାର ବିରୋଧ କରି ଉକ୍ତ ନିର୍ମାଣାଧୀନ ଗୃହ ସମ୍ମୁଖରେ ପ୍ରତିବାଦ କରିଥିଲେ।

ସୂଚନା ଅନୁଯାୟୀ, ଉକ୍ତ ଜମିରେ ଗ୍ରାମର ମହାନ୍ତ ସମ୍ପ୍ରଦାୟର ଲୋକମାନେ ଦୀର୍ଘ ଦିନରୁ କାଳୀପୂଜାରେ ଗୋଠାନ ପୂଜା କରି ଆସୁଛନ୍ତି। ଉକ୍ତ ସରକାରୀ ଗୋଚରଜମିରୁ ଜବରଦଖଲ ହଟାଇବାକୁ ପୂର୍ବରୁ ସ୍ଥାନୀୟ ଲୋକେ ସରପଞ୍ଚ, ତହସିଲଦାର ଓ ବିଡ଼ିଓଙ୍କ ଦ୍ୱାରସ୍ଥ ହୋଇଥିଲେ। ମାତ୍ର କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ଗୃହ ନିର୍ମାଣ ଚାଲିଥିବାରୁ ଉତ୍ତ୍ୟକ୍ତ ମହିଳା ଓ ପୁରୁଷ ଗୃହ ନିର୍ମାଣକୁ ବିରୋଧ କରିଥିଲେ। ପଞ୍ଚାୟତ ଓ ବ୍ଲକ୍ କର୍ତ୍ତୃପକ୍ଷ ଏକ ସରକାରୀ ଜମିରେ ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣ ପାଇଁ କିଭଳି ଅନୁମତି ଦେଲେ, ତାହାର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି। ନିର୍ମାଣ କାର୍ଯ୍ୟ ବନ୍ଦ ସହ ଜବରଦଖଲ ଉଚ୍ଛେଦ ନ ହେଲେ ଆଗାମୀ ଦିନରେ ସ୍ଥାନୀୟ ଲୋକେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ସ୍ଥାନୀୟ ଆରଆଇ ରଞ୍ଜିତା ଜେନା କହିଛନ୍ତି, ଉକ୍ତ ବ୍ୟକ୍ତି ଗୋଚର ଜମିରେ ଗୃହ ନିର୍ମାଣ କରୁଥିବା ଅଭିଯୋଗ ହୋଇଥିଲା। ଏ ନେଇ ନୋଟିସ୍ ଦେବା ପରେ ବି ସେ ଛୁଟି ଦିନ ଦେଖି ନିର୍ମାଣ କରୁଛନ୍ତି। ରବିବାର ପୁଣି ତହସିଲଦାରଙ୍କୁ ଘଟଣା ସମ୍ପର୍କରେ ଜଣାଇବେ ବୋଲି କହିଥିଲେ।

# ହରିହାଟରେ ଭାଗବତ ପାଠ

ବଡ଼ବିଲ,୧୪ା୭ (ଦେବପ୍ରିୟ ରଣା): କେନ୍ଦୁଝର ଜିଲା ବଡ଼ବିଲ ଐକ୍ୟକ୍ଷେତ୍ରସ୍ଥିତ ଗୁଣ୍ଡିଚା ମନ୍ଦିର ପରିସରରେ ରବିବାର ହରିହାଟ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ପାରମ୍ପାରିକ ବେଶ ପରିଧାନ କରି ମୋଟ ୩୨ ଜଣ ଭକ୍ତ ଏକସଙ୍ଗେ ବସି ଶ୍ରୀମଦ ଭାଗବତ ପାଠ କରିଥିଲେ। ହରିହାଟ ପରେ ଯଜ୍ଞ ଅନୁଷ୍ଠିତ ହୋଇଥିଲା।



ହରିହାଟ ପରେ ଅନୁଷ୍ଠିତ ଯଜ୍ଞ।

# ଅଧାଗଢ଼ା ଅବସ୍ଥାରେ ଅଙ୍ଗନୱାଡ଼ି କେନ୍ଦ୍ର

## ବାରଣ୍ଡାରେ ପଢୁଛନ୍ତି ୧୩ ଶିଶୁ

ରାମଚନ୍ଦ୍ରପୁର,୧୪ା୭ (ଗଣେଶ୍ୱର ସା)

କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ଅନ୍ତର୍ଗତ ଦେଓଗାଁ ପଞ୍ଚାୟତର ହାତୀଶିଳା ଗ୍ରାମର ଡିହସାହି ଅଙ୍ଗନୱାଡ଼ି କେନ୍ଦ୍ର ଅଧାଗଢ଼ା ଅବସ୍ଥାରେ ପଡ଼ିରହିଛି। ଫଳରେ କୋମଳମତି ଶିଶୁମାନଙ୍କୁ ସ୍କୁଲ୍ ବାରଣ୍ଡାରେ ପଢ଼ାଯାଉଥିବା ଦେଖାଯାଇଛି। ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି।

ସୂଚନା ଅନୁଯାୟୀ, ୨୦୨୧ରେ ଛୋଟ ଛୋଟ ପିଲାମାନଙ୍କର ସାମଗ୍ରିକ ବିକାଶ ନିମିତ୍ତ ଏକ ଅଙ୍ଗନୱାଡି ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ହୋଇଥିଲା। ଦୁଃଖ ଓ ପରିତାପର ବିଷୟ ଆଜି ପର୍ଯ୍ୟନ୍ତ ଅଙ୍ଗନୱାଡ଼ି ଗୃହଟି ସମ୍ପୂର୍ଣ୍ଣ ହୋଇପାରୁନାହିଁ। ଠିକାଦାର ଓ ଇଞ୍ଜିନିୟରଙ୍କ ମଧୁଚନ୍ଦ୍ରିକାରେ ଗୃହ ନିର୍ମାଣରେ ଅନିୟମିତତା ହୋଇଛି ବୋଲି ଗ୍ରାମବାସୀ ମାନସ ଦେହୁରୀ, ଜସ୍ୱବନ୍ତ ଭୂଇଁା ଅଭିଯୋଗ ଆଣିଛନ୍ତି। ଅଙ୍ଗନୱାଡ଼ି କର୍ମୀ ରୁକ୍ମଣୀ ବେହେରା କହିଛନ୍ତି, ମୋଟ ୨୫ ଜଣ ଛାତ୍ରୀଛାତ୍ର ଏଠାରେ ପଢୁଛନ୍ତି। ଅଙ୍ଗନୱାଡିର ନିଜସ୍ୱ ଗୃହ ନ ଥିବାରୁ ଦୀର୍ଘ ୧୨ ବର୍ଷ ଧରି ଅତି ଦୟନୀୟ ଅବସ୍ଥାରେ କୋମଳବତୀ



ନିର୍ମାଣାଧୀନ ଅଙ୍ଗନୱାଡ଼ି ଗୃହ।

ଶିଶୁମାନଙ୍କୁ ଡିହସାହି ସରକାରୀ ପ୍ରାଥମିକ ବିଦ୍ୟାଳୟ ବାରଣ୍ଡାରେ ପଢ଼ାଯାଉଛି। ଉକ୍ତ ଅଙ୍ଗନୱାଡ଼ି ଗୃହ କାହିଁକି ଅଧାଗଢା ଅବସ୍ଥାରେ ରହିଛି ତାହା ଜିଲାପାଳ ଦୃଷ୍ଟି ଦେଇ ଗୃହ କାର୍ଯ୍ୟ ଆରମ୍ଭ କରାଇବା ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏହି ବିଷୟରେ ଘସିପୁରା ସିଡ଼ିପିଓ ବିନୋଦିନୀ ତ୍ରିପାଠୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ଦେଓଗାଁ ସରପଞ୍ଚ ସତ୍ୟରଞ୍ଜନ ଭୂଇଁ କହିଛନ୍ତି, ଗୃହ ନିର୍ମାଣ ପାଇଁ ୭ ଲକ୍ଷ ମଞ୍ଜୁର ହୋଇଥିଲା। ୫ ଲକ୍ଷ ମିଳିଥିବା ବେଳେ ପରେ ଆଉ ଅର୍ଥ ଆସି ନ ଥିଲା। ଏ ବାବଦରେ ଘସିପୁରା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଅବଗତ କରାଇଥିଲା। ସେ ପରେ ଦେଖିବା କହିଥିବା ସରପଞ୍ଚ କହିଥିଲେ।

# ଭିତ୍ତିଭୂମି ନ ଥାଇ ଚାଲିଛି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

## ଗୋଟିଏ କ୍ୟାମ୍ପସ୍‌ରେ ଯୁକ୍ତ ୨, ଯୁକ୍ତ ୩ ପାଠପଢ଼ା

କନ୍ଦୁଝର,୧୪ା୭ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାରେ ବହୁ ବେସରକାରୀ କଲେଜର ଆବଶ୍ୟକ ଭିତ୍ତିଭୂମି ନ ଥାଇ ବହୁ ଘରୋଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଛି। ଜିଲା ମୁଖ୍ୟାଳୟରେ ପ୍ରଶାସନ ନାକ ତଳେ ଚାଲିଥିଲେ ହେଁ କଲେଜଗୁଡ଼ିକର ଅନୁମତି କିପରି ମିଳିଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। କେତେକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କ୍ୟାମ୍ପସ୍‌ରେ ଯୁକ୍ତ ୩ କଲେଜ ମଧ୍ୟ ଚାଲିଛି। ତେବେ ଜାଗା ନ ଥାଇ ଯୁକ୍ତ ୨ ଏବଂ ଯୁକ୍ତ ୩ ଗୋଟିଏ କ୍ୟାମ୍ପସ୍‌ରେ ଚାଲିବା ନେଇ ଶିକ୍ଷା ବିଭାଗ କିପରି ଅନୁମତି ଦେଲା ତାହା ତଦନ୍ତ ସାପେକ୍ଷ ବୋଲି ବୁଦ୍ଧିଜୀବୀ କହିଛନ୍ତି।

ସୂଚନାଯୋଗ୍ୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ଯୁକ୍ତ ୩ କଲେଜ ଖୋଲିବାକୁ ହେଲେ ପାଠାଗାର, କମନରୁମ୍, ପାଇଖାନା ଏବଂ ନିଜସ୍ୱ ଗୃହରେ ଶିକ୍ଷାଦାନ ଆବଶ୍ୟକ। ଶିକ୍ଷକ ଏବଂ ଅଣ ଶିକ୍ଷକଙ୍କର ସମ୍ପୂର୍ଣ୍ଣ ତଥ୍ୟ, କେତେଜଣ ସ୍ଥାୟୀ କର୍ମଚାରୀ ଏବଂ ଅସ୍ଥାୟୀ କର୍ମଚାରୀ ରହିଛନ୍ତି ସମସ୍ତ ତଥ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଉଚ୍ଚ ଶିକ୍ଷା ବିଭାଗକୁ ଦିଆଯାଇଥାଏ। ପରେ ଅସ୍ଥାୟୀ ସ୍ୱୀକୃତି ପାଇଁ ଆବେଦନ କରାଯାଏ। ଏହି ଆଧାରରେ ସେମାନଙ୍କୁ ଅସ୍ଥାୟୀ ସ୍ୱୀକୃତି ମିଳିଥାଏ। ସବୁ ସୁବିଧା ସୁଯୋଗ ରହିଥିଲେ, ଉଚ୍ଚଶିକ୍ଷା ଓ ଗଣଶିକ୍ଷା ବିଭାଗ ଯାଞ୍ଚ ପରେ ବେସରକାରୀ କଲେଜ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ପରେ ସ୍ଥାୟୀ ଅନୁମତି ପ୍ରଦାନ କରିଥାଏ। କେନ୍ଦୁଝର ମୁଖ୍ୟାଳୟରେ ଭିତ୍ତିଭୂମି ନ ଥାଇ ୫ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସହ ଯୁକ୍ତ ୩ କଲେଜ ଗୋଟିଏ କ୍ୟାମ୍ପସ୍‌ରେ ଚାଲିଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖୋଲିବା ପରେ ଏହି ବେସରକାରୀ ଶିକ୍ଷାନୁଷ୍ଠାନ ମାତ୍ର ୩ ବର୍ଷରେ +୩ ବିଜ୍ଞାନ, କଳା, ବାଣିଜ୍ୟ ଖୋଲିବା ସହ ଅନେକ ବିଷୟରେ ଅନର୍ସ ବିଷୟ ଖୋଲିଛନ୍ତି। ଅସୁବିଧାର ସମ୍ମୁଖୀନ ହେଉଥିଲେ ହେଁ ଛାତ୍ରୀଛାତ୍ର ଭୟରେ ମୁହଁ ଖୋଲୁନାହାନ୍ତି। ଏହାକୁ ନେଇ ଅଭିଯୋଗ କଲେ ମଧ୍ୟ ଶିକ୍ଷା ବିଭାଗ କିମ୍ବା ପ୍ରଶାସନ ପଦକ୍ଷେପ ନେଉ ନ ଥିବା ସାମାଜିକ କର୍ମୀ ପ୍ରଦୀପ ମହାନ୍ତି କହିଛନ୍ତି।

ଅନ୍ୟପକ୍ଷେ ବିନା ଭିତ୍ତିଭୂମିରେ ବେସରକାରୀ କଲେଜକୁ ପ୍ରୋତ୍ସାହନ ଦିଆଯାଉଥିବାରୁ ସରକାରୀ କଲେଜରେ ସିଟ୍ ଫାଙ୍କା ରହୁଛି। କେନ୍ଦୁଝରରେ ବେସରକାରୀ କଲେଜରେ ଯୋଗ୍ୟତାସମ୍ପନ୍ନ ଏବଂ ଅଭିଜ୍ଞତାସମ୍ପର୍ଣ୍ଣ ଅଧ୍ୟାପକଙ୍କ ଅଭାବରୁ ଉପଯୁକ୍ତ ଶିକ୍ଷାଦାନ ହୋଇପାରୁନାହିଁ। ସେହିପରି ସରକାରୀ କଲେଜର ଅଧ୍ୟାପକମାନେ ବେଆଇନ ଭାବରେ ଲୁଚାଛପାରେ ଯାଇ ଘରୋଇ କଲେଜରେ ପାଠ ପଢ଼ାଉଥିବା ଅଭିଯୋଗ ହେଉଛି। ଚଳିତବର୍ଷ ଭିତ୍ତିଭୂମି ନ ଥିବା ବେସରକାରୀ ଆବାସିକ କଲେଜଗୁଡ଼ିକୁ ବନ୍ଦ କରାଯିବ ଏବଂ ଚଳିତ ଶିକ୍ଷାବର୍ଷଠାରୁ ନାମଲେଖା ପାଇଁ ଅନୁମତି ମିଳିବ ନାହିଁ ବୋଲି ସରକାର ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇପାରୁନାହିଁ। ବିଜ୍ଞାପନରେ କଲେଜର ମିଥ୍ୟା ବିବରଣୀ ପ୍ରସ୍ତୁତକରି ଅଭିଭାବକ ଏବଂ ଛାତ୍ରୀଛାତ୍ରଙ୍କୁ ଆକର୍ଷିତ କରୁଛନ୍ତି। ଏଥିସହ ଭିତ୍ତିଭୂମି ନ ଥାଇ ବି ସିଟ୍ ସଂଖ୍ୟା ପ୍ରତ୍ୟେକ ବର୍ଷ ବୃଦ୍ଧି କରାଯାଉଛି। ବେସରକାରୀ କଲେଜ ଅସ୍ଥାୟୀ କୋଠାରେ ଖୋଲିବାର ୭ ବର୍ଷ ମଧ୍ୟରେ କଲେଜ ନାମରେ ପୌରାଞ୍ଚଳରେ ୨ ଏକର ଏବଂ ଗ୍ରାମାଞ୍ଚଳରେ ୫ ଏକର ଜମିରେ ନିଜସ୍ୱ ଗୃହ କରିବା ପାଇଁ ନିୟମ ଥିଲେ ମଧ୍ୟ କେହି ପାଳନ କରୁନାହାନ୍ତି। ସାଧାରଣତଃ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ପାଠପଢ଼ା ସମୟ ନିର୍ଘଣ୍ଟ ହୋଇଛି। ଶ୍ରେଣୀଗୃହ ଅଭାବରୁ କେତେବେଳେ ସକାଳେ ତ କେତେବେଳେ ରାତିରେ ପାଠ ପଢ଼ା ହେଉଛି। ସେହି ଶ୍ରେଣୀଗୃହରେ ମଧ୍ୟ ଯୁକ୍ତ ୩ ପାଠପଢ଼ା ହେଉଛି। ଜିଲା ଶିକ୍ଷା ଅଧିକାରୀ ଗୌରୀରାଣୀ ନାଏକ କହିଛନ୍ତି, ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ୍ରମେ ଜିଲା ଶିକ୍ଷା ବିଭାଗ ପକ୍ଷରୁ ଟିମ୍ ଗଠନ ହୋଇ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭିତ୍ତିଭୂମି ଏବଂ ଅନ୍ୟାନ୍ୟ ମାନଦଣ୍ଡ ଯାଞ୍ଚକରି ରିପୋର୍ଟ ଦିଆଯାଇଛି। ରିପୋର୍ଟରେ ଅନେକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ତ୍ରୁଟିବିଚ୍ୟୁତି ଥିବାର ଜଣାପଡ଼ିଛି। ସେଗୁଡ଼ିକୁ ସଂଶୋଧନକଲେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକୁ ସ୍ଥାୟୀ ସ୍ୱୀକୃତି ପାଇଁ ସରକାର ବିଚାରକରିବେ ବୋଲି କହିଛନ୍ତି।

## ସୀମାନ୍ତରୁ ୫ ମାଓବାଦୀ ଗିରଫ

ମାଲକାନଗିରି,୧୪।୭ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ବିଜାପୁର ପୋଲିସ ରବିବାର ୫ ଜଣ ମାଓବାଦୀଙ୍କୁ ଗିରଫ କରିଛି। ସେମାନେ ହେଲେ ମସାୟୀ ମଙ୍ଗୁ ଓରଫ ମଙ୍ଗୁ କୁଞ୍ଜାମ, ମହେଶ କୁରସମ୍ ଓରଫ ମନକୁ, ଲାଲୁ ପୋଟାମ, ଫୁଲ୍ଲୀ ପୁନେମ ଓରଫ ସେପି, ଦନୁ ପୁନେମ୍ ଓରଫ ବୁଇୟା। ମଙ୍ଗୁଙ୍କ ନାମରେ ଛତିଶଗଡ଼ ସରକାର ୧ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଥିଲେ। ଖବରରୁ ଜଣାପଡ଼ିଛି, ଗଙ୍ଗାଲୁର ଡିଆରଜି ବାହିନୀ ଓ ଜିଲା ପୋଲିସ ମିଳିତ ଭାବେ ବିଜାପୁର ଜିଲାର ମେଟାପାଲ, ପୁସନାର ଅଞ୍ଚଳରେ କୋମ୍ବିଂ ଅପରେଶନ ଜାରି ରଖିଛନ୍ତି। ତେବେ ମେଟାପାଲ ଗ୍ରାମ ନିକଟ ଜଙ୍ଗଲରେ କୋମ୍ବିଂ ଅପରେଶନ ଉପରୋକ୍ତ ୫ଜଣ ମାଓବାଦୀଙ୍କୁ ଧରିଥିଲେ। ଏମାନେ ପୁସନାର ଅନ୍ତର୍ଗତ ଜନତାନା ସରକାର ସଙ୍ଗଠନରେ ସକ୍ରିୟ ରହି କାର୍ଯ୍ୟ କରୁଥିଲେ। ଗିରଫ ମାଓବାଦୀ ମଙ୍ଗୁଙ୍କ ନାମରେ ଗଙ୍ଗାଲୁର ଥାନାରେ ୧୨ଟି ମାମଲା ରହିଛି। ଗିରଫ ପରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ମନ୍ତ୍ରୀ, ଅଫିସରଙ୍କ ନାଁ, ମହିଳାଙ୍କ ସ୍ୱରରେ ଠକେଇ

## ଅନୁଗୋଳ, କଟକରୁ ୨ ଅଭିଯୁକ୍ତଙ୍କୁ ଗିରଫ କଲା ବଲାଙ୍ଗୀର ସାଇବର ପୋଲିସ

ବଲାଙ୍ଗୀର,୧୪।୭ (ବୀରେନ୍ଦ୍ର କୁମାର ଝାଙ୍କର)

ମନ୍ତ୍ରୀ, ଅଫିସର ଓ ପ୍ରତିଷ୍ଠିତ ବ୍ୟବସାୟୀଙ୍କ ନାଁ ନେବା ସହ ମହିଳାଙ୍କ ସ୍ୱରରେ ମୋବାଇଲ ଫୋନରେ କଥା ହୋଇ ଓଡ଼ିଶାର ବିଭିନ୍ନ ଜିଲାରେ ଲୋକଙ୍କୁ ବିପୁଳ ଟଙ୍କା ଠକି ନେଇଛନ୍ତି ସାଇବର ଅପରାଧୀମାନେ। ଏନେଇ ତଦନ୍ତ କରୁଥିବା ବଲାଙ୍ଗୀର ସାଇବର ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଅନୁଗୋଳ ଜିଲା କିଶୋରନଗର ଥାନା ରାନିଆକଟାର ସୌମ୍ୟରଞ୍ଜନ ପ୍ରଧାନ (୩୧) ଓ କଟକ ଜିଲା ଜଗତପୁର ଥାନା ସୁଜାପୁର ଗାଁର କ୍ଷୀତିଶ ନନ୍ଦୀ (୨୮)। ସୌମ୍ୟ ଓ କ୍ଷୀତିଶ ନିଜକୁ ମନ୍ତ୍ରୀ, ଅଫିସ ଏବଂ ବ୍ୟବସାୟୀଙ୍କ ପିଏ (ବ୍ୟକ୍ତିଗତ ସହାୟକ) ବୋଲି ପରିଚୟ ଦେଇ ଲୋକଙ୍କୁ ଠକିଥିବା ପୋଲିସ କହିଛି। ସେମାନଙ୍କୁ ଅନୁଗୋଳ ଓ କଟକ ଜିଲାରୁ ଗିରଫ କରାଯାଇ



ବଲାଙ୍ଗୀର ସାଇବର ପୋଲିସ ଦ୍ୱାରା ଗିରଫ ହୋଇଥିବା ୨ ଅଭିଯୁକ୍ତ ଓ ଜବତ ସାମଗ୍ରୀ।

ବଲାଙ୍ଗୀର ଅଣାଯାଇଛି। ରବିବାର ସନ୍ଧ୍ୟା ସାଢ଼େ ୬ଟାରେ ବଲାଙ୍ଗୀର ଜିଲା ପୋଲିସ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସଦର ଏସ୍‌ଡିପିଓ ପ୍ରଦୀପ କୁମାର ସାହୁ ଖବରଦାତା ସମ୍ମିଳନୀ କରି ସାଇବର ଠକେଇ ସମ୍ପର୍କରେ ସୂଚନା ଦେଇଛନ୍ତି।

ଏସ୍‌ଡିପିଓ ସାହୁ କହିଛନ୍ତି ଯେ, ଅଭିଯୁକ୍ତମାନେ ବିଭିନ୍ନ ସମୟରେ ମହିଳାଙ୍କ ସ୍ୱରରେ କଥା ହୋଇ ଲୋକଙ୍କୁ ପ୍ରଲୋଭିତ କରୁଥିଲେ। ଏପରିକି ଇଣ୍ଟରନେଟ୍ ଯୋଗେ ପ୍ରତିଷ୍ଠିତ ହସ୍ପିଟାଲ ଏବଂ ସ୍କୁଲ ମାଲିକଙ୍କ ନାମ ସଂଗ୍ରହ କରି ସେମାନଙ୍କୁ ବରିଷ୍ଠ ମନ୍ତ୍ରୀ, ଅଧିକାରୀ ଓ ବ୍ୟବସାୟୀଙ୍କ ବ୍ୟକ୍ତିଗତ ସହାୟକ କହି ଲକ୍ଷାଧିକ ଟଙ୍କା ସେମାନଙ୍କଠାରୁ ନେଇ ଯାଉଥିଲେ। ଏଭଳି କାମ କଲାବେଳେ ଅନେକ ସମୟରେ ନିଜକୁ ଅନୀଲ ପଟ୍ଟନାୟକ ଭାବେ ପରିଚୟ ଦେଉଥିଲେ। ବିଭିନ୍ନ ମନ୍ତ୍ରୀ ଓ ଅଧିକାରୀ ସେମାନଙ୍କ ଅଞ୍ଚଳ ଗସ୍ତ କରିବେ ଏବଂ ସେମାନଙ୍କ ଅନେକ କାମ ମଧ୍ୟ କରିଦେବେ ବୋଲି ମଧ୍ୟ ପ୍ରଲୋଭନ ଦେଖାଉଥିଲେ। ଏଭଳି କହି ବିଭିନ୍ନ ଲୋକଙ୍କଠାରୁ ଫୋନ୍ ପେ' ଯୋଗେ ଟଙ୍କା ହଡ଼ପ କରି ନେଇଥିଲେ। ସେହିପରି କେତେଜଣ ଲୋକଙ୍କ ବ୍ୟକ୍ତିଗତ ଓ ପାରିବାରିକ ସମସ୍ୟା ସମ୍ପର୍କରେ କଥା ହୋଇ ଦେବୀ କାମାକ୍ଷା ସବୁ ଠିକ୍ କରିଦେବେ କହି ପୂଜା ନାଁରେ ମଧ୍ୟ ସେମାନଙ୍କୁ ଲୁଟୁଥିଲେ। ଏଭଳି ଏକ ସାଇବର ଠକେଇ ସମ୍ପର୍କରେ ଜାଣିବା ପରେ ବଲାଙ୍ଗୀର ସାଇବର ପୋଲିସ ନିଜ ତରଫରୁ ମାମଲା (ନଂ ୨୬/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ବଲାଙ୍ଗୀର ଏସ୍‌ପିଙ୍କ ନିର୍ଦ୍ଦେଶରେ ଏକ ସ୍ୱତନ୍ତ୍ର ଟିମ୍ ତଦନ୍ତ କରି ଅନୁଗୋଳ ଓ କଟକ ଜିଲାରୁ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା। ତେବେ ଏମାନେ କାହାଠାରୁ କେତେ ଟଙ୍କା ଲୁଟିଛନ୍ତି, ସେନେଇ ତଦନ୍ତ ଜାରି ରହିଛି ବୋଲି ଏସଡିପିଓ ସାହୁ କହିଛନ୍ତି। ଖବରଦାତା ସମ୍ମିଳନୀରେ ବଲାଙ୍ଗୀର ସାଇବର ଥାନା ଆଇଆଇସି ଭାରତୀ ନାଏକ ଉପସ୍ଥିତ ଥିଲେ। ଅଭିଯୁକ୍ତମାନଙ୍କଠାରୁ ପୋଲିସ ୩ଟି ମୋବାଇଲ ଫୋନ୍, ଗୋଟିଏ ଆଧାର କାର୍ଡ ଓ ଗୋଟିଏ ପାନ କାର୍ଡ ଜବତ କରିଛି।

## ବ୍ୟବସାୟୀଙ୍କ ଘରୁ ୪୦ ଭରି ସୁନା, ୨ଲକ୍ଷ ଚୋରି

ବ୍ରହ୍ମପୁର,୧୪।୭(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସହରରେ ପୁଣି ଏକ ବଡ଼ ଧରଣର ଚୋରି ହୋଇଛି। ଶନିବାର ରାତିରେ ବଡବଜାର ଥାନା ଜେମାଦେଇପେଣ୍ଠ ସାହି ମୁଖ୍ୟ ରାସ୍ତାରେ ରହୁଥିବା ବ୍ୟବସାୟୀ ମନୋଜ ପାଢ଼ୀଙ୍କ ଘରେ ଦୁର୍ବୃତ୍ତ କଳାକନା ବୁଲାଇଛନ୍ତି। ଘରୁ ପ୍ରାୟ ୪୦ ଲକ୍ଷ ଟଙ୍କାର ସୁନା ଗହଣା ଓ ରୁପା ସାମଗ୍ରୀ ସହ ୨ ଲକ୍ଷ ଟଙ୍କା ଚୋରାଇ ନେଇଛନ୍ତି। ଏ ନେଇ ଅଭିଯୋଗ ପରେ ପୋଲିସ ରବିବାର ତଦନ୍ତ ଆରମ୍ଭ କରିଛି।

ମନୋଜ ଓ ତାଙ୍କ ପରିବାର ବାହୁଡା ଯାତ୍ରା ପାଇଁ ଦୁଇ ଦିନ ପୂର୍ବେ ଘରେ ତାଲା ପକାଇ ପୁରୀ ଚାଲି ଯାଇଛନ୍ତି। ରବିବାର ସକାଳେ ତାଙ୍କ ଘର ଗ୍ରୀଲ ଭଙ୍ଗା ଯାଇ ମୁଖ୍ୟ ଫାଟକ ଖୋଲାଥିବା ସ୍ଥାନୀୟ ଲୋକେ ଦେଖି ମନୋଜଙ୍କୁ ଫୋନ କରି କହିଥିଲେ। ମନୋଜ ପୁରୀରେ ଥିବାରୁ ଏ ସଂକ୍ରାନ୍ତରେ ବ୍ରହ୍ମପୁରରେ ଥିବା ତାଙ୍କ ଶ୍ୱାଇଁଙ୍କୁ କହିଥିଲେ। ସେ ଏ ନେଇ ପୋଲିସକୁ ଜଣାଇଥିଲେ। ଶ୍ୱାଇଁଙ୍କ ଉପସ୍ଥିତିରେ ପୋଲିସ ଘର ଭିତରକୁ ଯାଇ ଦେଖିବାରେ ଦୁର୍ବୃତ୍ତମାନେ ୨ଟି ଆଲମିରା ଭାଙ୍ଗି ସେଥିରେ ଥିବା ୪ଟି ସୁନା ବିସ୍କୁଟ, ୮ ହଳ କାନ ଫୁଲ, ୨ଟି ଚେନ, ଗୋଟିଏ ମଙ୍ଗଳସୂତ୍ର, ୨୫୦ ରୁପା କଏନ ଓ ୨ ଲକ୍ଷ ଟଙ୍କା ଗାଏବ ହୋଇ ଯାଇଥିବା ଜଣାପଡିଥିଲା। ତେବେ ମନୋଜ ପୁରୀରୁ ଫେରିବା ପରେ ଘରୁ ଅନ୍ୟ କ'ଣ ସାମଗ୍ରୀ ଚୋରି ହୋଇଛି ତାହା ଜଣାପଡିବ ବୋଲି ପୋଲିସ କହିଛି। ଗୃହକର୍ତ୍ତାଙ୍କ ଘରେ ସିସି କ୍ୟାମେରା ନ ଥିବାରୁ ଅଭିଯୁକ୍ତଙ୍କୁ ଠାବ କରିବା ପୋଲିସ ପାଇଁ ଚ୍ୟାଲେଞ୍ଜ ହୋଇପଡିଛି। ନିକଟସ୍ଥ ସାହିର କେତେଜଣ ଯୁବକଙ୍କ ଏଥିରେ ସମ୍ପୃକ୍ତି ଥିବା ପୋଲିସ ସନ୍ଦେହ କରୁଛି। ସେମାନଙ୍କ ଗତିବିଧି ଉପରେ ନଜର ରଖାଯାଇଛି। କେତେକ ପେସାଦାର ଲୁଟିଆଙ୍କୁ ଥାନାରେ ପଚରାଉଚରା ଜାରି ରହିଛି। ହେଲେ ସନ୍ଧ୍ୟା ସୁଦ୍ଧା ପୋଲିସ ଏ ନେଇ କୌଣସି ସୁରାକ ପାଇପାରିନାହିଁ।

## ଅବସରପ୍ରାପ୍ତ ମେଡିକାଲ କର୍ମଚାରୀଙ୍କଠାରୁ ଲୁଟ୍

ପାପଡ଼ାହାଣ୍ଡି, ୧୪।୭ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ଗ୍ୟାସ୍ ଗୋଦାମ ନିକଟରେ ଥିବା ଏକ ଫାର୍ମ ହାଉସରେ ଖଣ୍ଡା ଦେଖାଇ ଜଣେ ଅବସରପ୍ରାପ୍ତ ମେଡିକାଲ କର୍ମଚାରୀ ଦୁଲାଲ କୁମାର ସରକାରଙ୍କଠାରୁ ଟଙ୍କା ସହ ମୋବାଇଲ ଲୁଟ ହୋଇଛି। ଶନିବାର ରାତିରେ ଦୁଲାଲ ନିଜ ଫାର୍ମ ହାଉସରେ ଥିବାବେଳେ ୫ ମୁଖାଧାରୀ ଦୁର୍ବୃତ୍ତ ଖଣ୍ଡା ଧରି ଭିତରେ ପଶିଥିଲେ। ସେମାନେ ଦୁଲାଲଙ୍କୁ ଟଙ୍କା ମାଗିବା ସହ ତାଙ୍କ ଆଖି ଓ ଗୋଡ଼କୁ ଆକ୍ରମଣ କରିଥିଲେ। ଏଥିସହ ପାଖରେ ଥିବା ନଗଦ ୧୫ହଜାର ଟଙ୍କା ଓ ମୋବାଇଲକୁ ଦୁର୍ବୃତ୍ତମାନେ ନେଇଯାଇଥିଲେ।

**PUBLIC NOTICE**

Notice is hereby given to all concerned that, Ajit Kumar Acharya, H/o Panchali Acharya, At-Thuranali, Po-Butupali, PS/Dist-Boudh,has sworn an **affidavit on dt.09.07.2024** and has reported to IIC, **Model PS, Boudh on dt.09.07.2024** regarding loss of original link **Regd. Sale Deed No.10371500072, Vol-2 dt.20.07.2015 of Registering Officer, Boudh.**

Ajit Kumar Acharya, H/o Panchali Acharya has applied to the **LIC HOUSING FINANCE LTD. Angul** to avail loan on the above property by mortgaging the said property documents.

All concerned therefore, having any claim over the property purchased under the said document **Regd. Sale Deed No.10371500072, Vol-2 dt.20.07.2015 of Registering Officer, Boudh**, is required to file his claim with the undersigned within 15(Fifteen) days from the date of publication of this notice failing which it will be presumed that, the property having link with the said document/s is/are free from encumbrances and any claim in respect thereof against the applicant as a mortgager and the company as the mortgagee shall be void and ineffective after the lapse of 15(Fifteen) days of publication of this notice.

Angul
Dt.14.07.2024

(Bikram Keshari Pattanaik) Advocate,
LIC Housing Finance Ltd. At-House No-13,
Dinabandhu Villa, Mausima Chhak,
Bhubaneswar, Khordha. Mobile No.9337395558.

## ୪୦ଲକ୍ଷରୁ ଉର୍ଦ୍ଧ୍ୱ ସୁନା ଗହଣା, ୧୦ଲକ୍ଷ ଟଙ୍କା ଚୋରି

### ଗୋଟିଏ ରାତିରେ ୧୫ ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

ଟେନ୍‌ସା,୧୪।୭ (ସମୀର କୁମାର ପାଢ଼ୀ)



ସୁନ୍ଦରଗଡ଼ ଜିଲା କୋଇଡ଼ା ଥାନା ସାନଇନ୍ଦୁପୁର ରୁଙ୍ଗଟା କଲୋନୀରେ ଶୁକ୍ରବାର ବିଳମ୍ବିତ ରାତିରେ ୧୫ଟି ଘରୁ ଚୋରି ହୋଇଛି। ୪୦ ଲକ୍ଷ ଟଙ୍କାର ସୁନା ଗହଣା ଓ ୫ରୁ ୧୦ ଲକ୍ଷ ଟଙ୍କା ଦୁର୍ବୃତ୍ତ ନେଇଯାଇଥିବା ଜଣାପଡିଛି। କୋଇଡ଼ା ଥାନା ଅଧିକାରୀ ଓ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରି ଫେରିଛନ୍ତି। ଏନେଇ ଥାନାରେ ୩ଟି ପୃଥକ ମାମଲା (ନଂ.୯୧/୯୨/୯୩) ରୁଜୁ ହୋଇଛି। ପୋଲିସ ଘଟଣାର ତନାଘନା ଚଳାଇଛି। ସୂଚନାଯୋଗ୍ୟ, ଦିଲ୍ଲୀପ କୁମାର ନାୟକ, ଅଜୟ କୁମାର ସାହୁ, ପ୍ରଶାନ୍ତ କୁମାର ନାୟକ,ସନ୍ତୋଷ କୁମାର ରାଉତ, ସଞ୍ଜୀବ କୁମାର ବାରିକ, ଅଜୟକୁମାର ରାଉତ, ପଙ୍କଜକୁମାର ବାରିକ, ଅଞ୍ଜନ କୁମାର ମୁଦୁଲି, ପାର୍ଥଶାରଥୀ ପାଠକ, ଇନ୍ଦ୍ରମଣୀ ମାହାନ୍ତ, ରସିକଶେଖର ମାହାନ୍ତ, ବିନଦୟାଲ ସିଂ ବିନାର, ଲିଆନ କୁମାର ପ୍ରଧାନ, ଚିନ୍ମୟକୁମାର ମହାକୁଡ, ବିଶ୍ୱଜିତ ସାହୁ ରୁଙ୍ଗଟା ଖଣିରେ କାମ କରନ୍ତି। ସେମାନଙ୍କ ପରିବାର ସଦସ୍ୟମାନେ ଛୁଟିରେ ଗାଁକୁ ଯାଇଛନ୍ତି। ସବୁଦିନ ପରି ଶୁକ୍ରବାର ସେମାନେ କାମକୁ ଯାଇଥିଲେ। ଘରେ କେହି ନ ଥିବାର ସୁଯୋଗ ନେଇ ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ କଲୋନୀର ପଛପାର୍ଶ୍ୱରେ ଥିବା ପାଚେରିର କଣ୍ଟାତାର କାଟି ହତା ଭିତରକୁ ପଶିଥିଲେ। କଟର ସାହାଯ୍ୟରେ ଘରର କବାଟ ଭାଙ୍ଗି ସୁନା ଗହଣା ଓ ଟଙ୍କା ଚୋରି କରି ନେଇଯାଇଥିଲେ। ଶନିବାର ସକାଳେ କର୍ମଚାରୀମାନେ ପହଞ୍ଚି ଘରୁ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଏନେଇ ସେମାନେ କୋଇଡା ଥାନାରେ ଅଭିଯୋଗ କରିଥିଲେ। ସନ୍ଧାନୀ କୁକୁର ଆସିଲେ ଦୁର୍ବୃତ୍ତମାନେ ଶୀଘ୍ର ଧରାପଡିବେ ବୋଲି ସେମାନେ କହିଛନ୍ତି।

## ରିମାଣ୍ଡରେ ଆସିବେ ଏଲ୍‌ଏଫ୍‌ଏସ୍ ବ୍ରୋକିଂ ମାଲିକ ରହମନ

### ୬୦୦ କୋଟି ଠକେଇ ଘଟଣା

ଭୁବନେଶ୍ୱର,୧୪।୭ (ସୂର୍ଯ୍ୟକାନ୍ତ ବେହେରା)

ଦେଶର ୬ଟି ରାଜ୍ୟରେ ୬ ହଜାରରୁ ଅଧିକ ନିବେଶକଙ୍କଠାରୁ ୬୦୦ କୋଟି ଟଙ୍କାର ଶେୟାର ଟ୍ରେଡିଂ ସ୍କାମ୍‌କୁ ନେଇ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଅଧିକ ତଦନ୍ତ ଚଳାଇଛି। ଏହି ବଡ଼ ଠକେଇର ମୁଖ୍ୟ ତଥା ଏଲ୍‌ଏଫ୍‌ଏସ୍ ବ୍ରୋକିଂ ଆଣ୍ଡ୍ ପିଏମ୍‌ଏସ୍ ସର୍ଭିସେସ୍‌ର ମାଲିକ ସୟାଦ ଜିଆଉର ରହମନଙ୍କୁ କୋଲକାତାରୁ ଗିରଫ ପରେ ଅଭିଯୋଗର ଫର୍ଦ୍ଦ ବଢ଼ିବାରେ ଲାଗିଛି। ଲୋକଙ୍କୁ ମିଠା ମିଠା କଥାରେ ଫଶାଇବା ସହ ସୋସିଆଲ ମିଡିଆ ମାଧ୍ୟମରେ ସେ କିଭଳି ଲୋକଙ୍କୁ ଠକୁଥିଲେ ତାହାର ଗୋଟିଏ ପରେ ଗୋଟିଏ ଗୁମର ଖୋଲିବାକୁ ଇଓଡବ୍ଲ୍ୟୁ ଉଦ୍ୟମ ଚଳାଇଛି। ସେହିପରି ଅଭିଯୁକ୍ତ ରହମନ ଓଡିଶାରୁ ୧୦୦ କୋଟି ଠକିଥିବା ବେଳେ ସେ କିଭଳି ଲୋକଙ୍କୁ ଚୂନ ଲଗାଉଥିଲେ, ଏହି ସ୍କାମରେ ଏଠାରୁ କେତେଜଣ ସଦସ୍ୟ ରହିଛନ୍ତି, ତାହାର ସମସ୍ତ ତଥ୍ୟ ଓଗାଳିବା ପାଇଁ ତାଙ୍କୁ ଇଓଡବ୍ଲ୍ୟୁ ୫ ଦିନିଆ ରିମାଣ୍ଡରେ ଆଣିବାକୁ ଯୋଜନା ଚଳାଇଛି। ଗିରଫ ରହମନଙ୍କୁ କଟକ ଓପିଆଇଡି କୋର୍ଟରେ ହାଜର ପରେ ତାଙ୍କୁ ଜେଲ୍ ପଠାଇ ଦିଆଯାଇଛି। ତେବେ ତାଙ୍କୁ ରିମାଣ୍ଡରେ ଆଣିବାକୁ ଇଓଡବ୍ଲ୍ୟୁ କୋର୍ଟରେ ଖୁବ୍‌ଶୀଘ୍ର ଆବେଦନ କରିବ ବୋଲି ସୂଚନା ମିଳିଛି। କୋର୍ଟଙ୍କ ଅନୁମତି ପରେ ରହମନଙ୍କୁ ରିମାଣ୍ଡରେ ଆଣି ମାରଥନ ଜେରାକରି ଅଧିକ ତଥ୍ୟ ପାଇବା ସହ ଠକେଇର ଦୃଢ଼ ପ୍ରମାଣ ଯୋଗାଡ କରିବ ଇଓଡବ୍ଲ୍ୟୁ। ଏହାସହ ଠକେଇ ଟଙ୍କା କେଉଁଠି ବିନିଯୋଗ ହୋଇଛି, ଟଙ୍କା କାରବାର ହେଉଥିବା ବ୍ୟାଙ୍କ ଆକାଉଣ୍ଟରେ ଠକେଇ ଟଙ୍କାରୁ କେତେ ରହିଛି, କ୍ରିପ୍ଟୋରେ ଟଙ୍କା ବିନିଯୋଗ ହୋଇଛି କି ନାହିଁ, ସମସ୍ତ ଦିଗକୁ ନେଇ ଛାନଭିନ କରିବ ବୋଲି ଇଓଡବ୍ଲ୍ୟୁ ଟିମ୍ ଆଶା ରଖିଛି।

**ଜାତୀୟ କମ୍ପାନୀ ଆଇନ ଅପିଲୀୟ ନ୍ୟାୟାଧିକରଣ**
**ସଭ୍ୟଙ୍କ ନିଯୁକ୍ତି**

କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ, ଭାରତ ସରକାର, ନୂଆଦିଲ୍ଲୀ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୪୧୦ ଅଧୀନରେ ପ୍ରତିଷ୍ଠିତ ଏକ ଅର୍ଦ୍ଧ-ନ୍ୟାୟିକ ନିକାୟ ଜାତୀୟ କମ୍ପାନୀ ଆଇନ ଅପିଲୀୟ ନ୍ୟାୟାଧିକରଣ (ଏନ୍‌ସିଏଲ୍‌ଏଟି)ରେ ନ୍ୟାୟିକ ସଭ୍ୟଙ୍କ ୦୨ଟି ପଦବୀ ପାଇଁ ଭାରତୀୟ ନାଗରିକମାନଙ୍କଠାରୁ ପୋର୍ଟାଲ୍ **https://apptrbmembermca.gov.in**ରେ ଅନଲାଇନ୍ ଆବେଦନ ଆହ୍ୱାନ କରୁଛନ୍ତି। ଖାଲି ପଦବୀଗୁଡ଼ିକର ସଂଖ୍ୟା ସମ୍ଭାବ୍ୟ ଅଟେ ଏବଂ କୌଣସି ଆଗୁଆ ସୂଚନା ବିନା ବୃଦ୍ଧି କିମ୍ବା ହ୍ରାସିତ ହୋଇପାରେ। ସଭ୍ୟମାନଙ୍କୁ ମାସିକ ଦୁଇଲକ୍ଷ ପଚିଶ ହଜାର ଟଙ୍କାର ବେତନ ତଥା ଅନ୍ୟାନ୍ୟ ଅନୁମତିଯୋଗ୍ୟ ଭତ୍ତା ଦିଆଯିବ।

ଯୋଗ୍ୟ ଏବଂ ଇଚ୍ଛୁକ ବ୍ୟକ୍ତିମାନଙ୍କୁ ଅନ୍‌ଲାଇନରେ ସେମାନଙ୍କର ଆବେଦନ ଦାଖଲ କରିପାରିବେ। ପୂର୍ବରୁ ଆବେଦନ କରିଥିବା ପ୍ରାର୍ଥୀମାନେ ପୁନର୍ବାର ଆବେଦନ କରିବା ଆବଶ୍ୟକ ନୁହେଁ। ଆବେଦନଗୁଡ଼ିକୁ **ତା୧୫।୦୭।୨୦୨୪ରିଖ ପୂର୍ବାହ୍ନ ୧୦.୦୦ ଘଟିକାରୁ** ଦାଖଲ କରାଯାଇପାରିବ। ଅନଲାଇନ୍ ଆବେଦନ ଦାଖଲର ଶେଷ ତାରିଖ ହେଉଛି **ତା୧୧।୦୮।୨୦୨୪ରିଖ ଅପରାହ୍ନ ୦୫.୩୦ ଘଟିକା**। ସବିଶେଷ ବିଜ୍ଞାପନ ପୋର୍ଟାଲ୍ **https://apptrbmembermca.gov.in**, କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟର ୱେବ୍‌ସାଇଟ୍ (**www.mca.gov.in**), ଡିଓପିଆଣ୍ଡଟି ୱେବ୍‌ସାଇଟ୍ (**https://dopt.gov.in**) ଏବଂ ଜାତୀୟ କମ୍ପାନୀ ଆଇନ ଅପିଲୀୟ ନ୍ୟାୟାଧୀକରଣ ୱେବ୍‌ସାଇଟ୍ (**www.nclat.gov.in**)ରେ ଦେଖାଯାଇପାରିବ। ଆବେଦନ ପୂରଣ କରିବାର ନିର୍ଦ୍ଦେଶାବଳୀ ପୋର୍ଟାଲ୍ (**https://apptrbmembermca.gov.in**) ରେ ଉପଲବ୍ଧ।

ବିଧିବଦ୍ଧ ଭାବେ ପୂରଣ ଓ ସ୍ୱାକ୍ଷରିତ ହୋଇଥିବା ଆବେଦନ ଫର୍ମକୁ ଅନଲାଇନ୍ ପୋର୍ଟାଲରେ ଚୂଡ଼ାନ୍ତ ଭାବେ ଦାଖଲ କରିବା ପରେ ତାହାର ପ୍ରିଣ୍ଟଆଉଟ୍ ଏବଂ ଅପଲୋଡ୍ କରାଯାଇଥିବା ଦସ୍ତାବିଜଗୁଡ଼ିକର ନକଲ, ପ୍ରଯୁଜ୍ୟ ହୋଇଥିବା ସ୍ଥଳେ, ଉପଯୁକ୍ତ ମାଧ୍ୟମ ଜରିଆରେ **ତା୨୩।୦୮।୨୦୨୪ରିଖ ଅପରାହ୍ନ ୦୫.୩୦ ଘଟିକା ସୁଦ୍ଧା ଶ୍ରୀ ହେମନ୍ତ କୁମାର, ଅନୁସଚିବ, କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ, ରୁମ୍ ନଂ. ୫୨୬, ଏ 'ୱିଙ୍ଗ୍', ୫ମ ମହଲା, ଶାସ୍ତ୍ରୀ ଭବନ, ଡା. ରାଜେନ୍ଦ୍ର ପ୍ରସାଦ ରୋଡ୍, ନୂଆଦିଲ୍ଲୀ-୧୧୦୦୦୧**ଙ୍କ ନିକଟରେ ପହଞ୍ଚିବା ଆବଶ୍ୟକ।

CBC 07101/11/0003/2425

# ରତ୍ନଭଣ୍ଡାର ମରାମତି ଆବଶ୍ୟକ: ଜଷ୍ଟିସ୍ ରଥ

ପୁରୀ,୧୪।୭(ଅଜିତ ମହାନ୍ତି)

ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାର ଦୃଶ୍ୟ ସ୍ୱାଭାବିକ ରହିଛି। ଯେଉଁମାନେ ଭିତରକୁ ଯାଇଥିଲେ, ସେମାନେ ମାନସିକ ଓ ଶାରୀରିକ ଭାବେ ସୁସ୍ଥ ଅଛନ୍ତି। ହରିବୋଲ ପକାଇ ମହାପ୍ରଭୁଙ୍କୁ ସ୍ମରଣ ସହ ପ୍ରାର୍ଥନା କରି ଭିତରକୁ ଯାଉଥିଲୁ। ସମସ୍ତଙ୍କ ସହଯୋଗରେ କାର୍ଯ୍ୟ କରାଗଲା। ତେବେ ରତ୍ନଭଣ୍ଡାର ମରାମତି କରାଯିବାର ଆବଶ୍ୟକତା ରହିଛି। ଭିତର ରତ୍ନଭଣ୍ଡାରରେ ଥିବା ଅଳଙ୍କାରଗୁଡ଼ିକୁ ସ୍ଥାନାନ୍ତର ନ ହେବା ପର୍ଯ୍ୟନ୍ତ ମରାମତି ସମ୍ଭବ ନୁହେଁ ବୋଲି ରତ୍ନଭଣ୍ଡାର ତଦାରଖ କମିଟି ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ଭିତର ରତ୍ନଭଣ୍ଡାରରେ କାଠ ସିନ୍ଦୁକ ଓ ୫ଟି ଷ୍ଟିଲ ଆଲମାରି ରହିଛି। ଭିତର ରତ୍ନଭଣ୍ଡାର ଶୁଖିଲା ଥିଲା। କିଛି ଜିନିଷ ଭାଙ୍ଗି ତଳେ ପଡ଼ିରହିଛି। ମନ୍ଦିର ଉପର କାର୍ଯ୍ୟ ହୋଇଥିବାରୁ ପାଣି ପଡ଼ିବା ସମ୍ଭବ ନୁହେଁ। କିଛି ଲୋକ କାହାଣୀ ସୃଷ୍ଟି କରିଥାନ୍ତି। ରୁମ୍ ୧୫ ଫୁଟ ଲମ୍ବ ୧୦ ଫୁଟ ଚଉଡ଼ା ରହିଛି। ଆଲମାରି କଢ଼ାହେବା ପରେ ଭିତରେ ଅନ୍ୟ କୋଠରି ଅଛି କି ନାହିଁ ତାହା ଜଣାପଡ଼ିବ। ଲୋକଙ୍କ ମଧ୍ୟରେ ଥିବା ଆଶଙ୍କା ଆଜି ନିଶ୍ଚିତ ଭାବେ ଦୂର ହୋଇଥିବ ବୋଲି ରଥ କହିଛନ୍ତି।

## ତଥାପି ଚାବିକୁ ନେଇ ହଟିନି ଦ୍ୱନ୍ଦ୍ୱ

ଦୀର୍ଘ ୪୬ବର୍ଷ ପରେ ରବିବାର ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲାଯାଇଛି। ଟ୍ରେଜେରିରେ ପୂର୍ବରୁ ରହିଥିବା ଚାବିକୁ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଅଧିକୃତ ବ୍ୟକ୍ତିଙ୍କୁ ପ୍ରଦାନ କରିଥିଲେ। ତେବେ ଏହି ଚାବିରେ ରତ୍ନଭଣ୍ଡାର ତାଲା ଖୋଲି ନ ଥିଲା। ଫଳରେ ତାଲାକୁ କଟର ମେଶିନ ଦ୍ୱାରା କଟାଯାଇଥିଲା। ଏଭଳି ୩ଟି ତାଲାକୁ କଟର ମେଶିନରେ କଟାଯାଇଥିବା ଜଣାପଡ଼ିଛି। ତାଲା କଟାଯାଇଥିବାରୁ ପ୍ରକୃତ ଚାବି କୁଆଡ଼େ ଗଲା ବୋଲି ପୁଣି ପ୍ରଶ୍ନ ଉଠିଛି। ଯେଉଁ ଚାବି ଟ୍ରେଜେରିରେ ରହିଥିଲା ବା ଜିଲାପାଳ ଦେଇଥିଲେ ତାହା ଅସଲି ନା ନକଲି ସେ ନେଇ ପୁନର୍ବାର ପ୍ରଶ୍ନ ଉଙ୍କିମାରିଛି। ଚାବିକୁ ନେଇ ଲାଗିରହିଥିବା ଦ୍ୱନ୍ଦ୍ୱ ହଟିପାରିନାହିଁ। ତେବେ ଏ ସଂକ୍ରାନ୍ତରେ କୌଣସି ଅଧିକାରୀ କିମ୍ବା ରତ୍ନଭଣ୍ଡାର ତଦାରଖ କମିଟି ସଦସ୍ୟଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ। ଅନ୍ୟପକ୍ଷରେ ସମ୍ପୃକ୍ତ ଚାବିରେ ତାଲା ନ ଖୋଲିବାରୁ କଟାଗଲା ବୋଲି କମିଟି ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥ ଏବଂ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ ଗଣମାଧ୍ୟମକୁ ସୂଚନା ଦେଇଥିଲେ।

## ୬ ସିନ୍ଦୁକରେ ସାଇତା ରହିଲା ରତ୍ନ ଅଳଙ୍କାର



ପ୍ରଥମ ଦିନରେ ଶ୍ରୀମନ୍ଦିରର ବାହାର ରତ୍ନଭଣ୍ଡାର ଖୋଲାଯାଇଛି। ଏଥିରେ ମହାପ୍ରଭୁଙ୍କ ଦୁର୍ମୂଲ୍ୟ ରତ୍ନଅଳଙ୍କାର ରହିଥିଲା। ସେସବୁକୁ ସୁରକ୍ଷିତ ଭାବେ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ଏହିସବୁ ରତ୍ନଅଳଙ୍କାରକୁ ସଯତ୍ନେ ରଖିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବଡ଼ ବଡ଼ କାଠ ସିନ୍ଦୁକ ନିର୍ମାଣ ପାଇଁ ବରାଦ ଦିଆଯାଇଥିଲା। ତନ୍ମଧ୍ୟରୁ ଆସିଥିବା ୬ଟି ସିନ୍ଦୁକରେ ରତ୍ନଅଳଙ୍କାର ସାଇତି ରଖାଯାଇଛି। ଆହୁରି ୯ଟି ସିନ୍ଦୁକ ଆସିବ ବୋଲି ଜଣାପଡ଼ିଛି। ଏହି ସିନ୍ଦୁକଗୁଡ଼ିକ ଶାଗୁଆନ କାଠରେ ତିଆରି ହୋଇଥିବାବେଳେ ପିତ୍ତଳ ଛାଉଣି କରାଯାଇଛି। ପ୍ରତ୍ୟେକ ସିନ୍ଦୁକର ଲମ୍ବ ୪ଫୁଟ, ଚଉଡ଼ା ୩ ଫୁଟ ହୋଇଥିବାବେଳେ ଗଭୀର ୩୬ ଇଞ୍ଚ ରହିଛି। ସେହିପରି ନାଲି ଓ ହଳଦିଆ ରଙ୍ଗ କରାଯାଇଛି।

## ରତ୍ନଭଣ୍ଡାରରେ ସାପ ଭୟ ନାହିଁ



ଶ୍ରୀମନ୍ଦିର ପରିସରରେ ଉପସ୍ଥିତ ଥିବା ସ୍ନେକ୍ ହେଲ୍ପଲାଇନ୍‌ର ଶୁଭେନ୍ଦୁ ମଲ୍ଲିକ ଓ ତାଙ୍କ ଟିମ୍।

ଶ୍ରୀମନ୍ଦିର ରତ୍ନଭଣ୍ଡାରରେ ସୁନା, ରୁପା, ହୀରା, ମୋତି ମାଣିକ୍ୟ ଭଳି ବହୁ ଦୁର୍ମୂଲ୍ୟ ଅଳଙ୍କାର ରହିଥିବାବେଳେ ସେସବୁକୁ ବିଷଧର ସାପ ଜଗିରହିଥାନ୍ତି ବୋଲି ଚର୍ଚ୍ଚା ଶୁଣିବାକୁ ମିଳିଥାଏ। ତେଣୁ ରତ୍ନଭଣ୍ଡାରରେ ସାପର ଭୟ ରହିଥାଏ ବୋଲି କୁହାଯାଏ। ଏହି କାରଣରୁ ରତ୍ନଭଣ୍ଡାର ଖୋଲିବାକୁ ନେଇ ମଧ୍ୟ ଅନେକ ଆଶଙ୍କା ସୃଷ୍ଟି ହୋଇଥାଏ। ଏଭଳି ଚର୍ଚ୍ଚା ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ରତ୍ନଭଣ୍ଡାର ଖୋଲାଯିବା ସମୟରେ ଅଭିଜ୍ଞ ସାପଧରାଳିଙ୍କ ସହାୟତା ଲୋଡ଼ାଯାଇଥିଲା। ସ୍ନେକ୍ ହେଲ୍ପଲାଇନ୍‌ର ଶୁଭେନ୍ଦୁ ମଲ୍ଲିକଙ୍କ ନେତୃତ୍ୱରେ ଏକ ଟିମ୍ ଶ୍ରୀମନ୍ଦିର ପରିସରରେ ଉପସ୍ଥିତ ଥିଲେ। ତେବେ ରତ୍ନଭଣ୍ଡାର ଖୋଲାଯିବା ପରେ ଭିତରେ ସାପ ଦେଖିବାକୁ ମିଳି ନ ଥିଲେ। ଫଳରେ ସ୍ନେକ୍ ହେଲ୍ପଲାଇନ୍‌ର ସଦସ୍ୟମାନେ ଫେରିଆସିଥିଲେ। ଏନେଇ ଶୁଭେନ୍ଦୁ କହିଛନ୍ତି ଯେ, ସାପ ଆଶଙ୍କାରେ ଆମକୁ ଷ୍ଟାଣ୍ଡବାଇ ଭାବେ ରଖାଯାଇଥିଲା। ଆମେ ବାହାରେ ଅପେକ୍ଷା କରିଥିଲୁ, ଭିତରକୁ ଯାଇ ନ ଥିଲୁ। ଯେଉଁମାନେ ଭିତରକୁ ଯାଇଥିଲେ, ସେମାନେ ସାପ ଭୟ ନ ଥିବା ସୂଚନା ଦେବା ପରେ ଆମର ଆବଶ୍ୟକତା ପଡ଼ିଲା ନାହିଁ। ତେଣୁ ଆମେ ଫେରିଆସିଲୁ ବୋଲି ଶୁଭେନ୍ଦୁ ପ୍ରକାଶ କରିଛନ୍ତି। ତେବେ ସମ୍ପୃକ୍ତ ଅନ୍ଧାରିଆ କୋଠରି ଖୋଲାଯିବା ମାତ୍ରେ ହଠାତ୍ ଅନେକ ଚେମେଣିଆ ଉଡ଼ି ବାହାରକୁ ପଳାଇ ଆସିଥିଲେ। ଏହି ସମୟରେ ଫଡ୍ ଫଡ୍ ଭଳି ଶବ୍ଦ ସୃଷ୍ଟି ହୋଇଥିଲା। ଅନ୍ୟପକ୍ଷରେ ସେଠାରେ ଉପସ୍ଥିତ ଥିବା ଡାକ୍ତରୀ ଟିମ୍‌ର ମଧ୍ୟ ଆବଶ୍ୟକ ପଡ଼ି ନ ଥିଲା ବୋଲି ଜଣାପଡ଼ିଛି।

**UTKAL UNIVERSITY OF CULTURE**
Sardar Patel Hall Complex, Unit – II, Bhubaneswar-751 009
CAD-434
E-mail : mailboxuuc@gmail.com, www.uuc.ac.in
No. 697 /UUC Dt. 02.07.2024

**ADMISSION NOTIFICATION-2024**

Utkal Universtiy of Culture invites applications for admission to the following courses
**Six Months Certificate Course in Jain Religion and Philosophy and in Tamil Language (July - December, 2024)**

**Eligibility :**
**For Jain Religion :** Any Graduate or equivalent from recognised University.
**For Tamil Language :** HSC or equivalent degree from any recognised Board/Institution.

**Admission Schedule**

| | |
|---|---|
| **Commencement of application form** | 08.07.2024 |
| **Last date of sale of application form and admission** | 22.07.2024 |
| **Procedure of Selection** | Subject to flfilment of eligibility criteria |
| **No. of seats** | 32 in each course |
| **Cost of application form** | Rs . 100.00 |
| **Admission Fees** | for Jain Religion - Rs. 500.00<br>for Tamil Language - Nil |

Application form can be procured from the above office address or can be downloaded from the University website www.uuc.ac.in (Form Downloads). **All fees are to be deposited online.** For further querries,contact - **8093982496**

Sd/-
**Head, P.G. Teaching Departments**
OIPR-03005/11/0003/2425

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................

ବୟସ: ..............................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସାଢ଼େ ୪ କୋଟି ଓଡ଼ିଆଙ୍କ ଆସ୍ଥାକୁ ସମ୍ମାନ ମିଳିଛି: ଧର୍ମେନ୍ଦ୍ର

## ଶ୍ରୀମନ୍ଦିର ପ୍ରଶାସନ, ଓଡ଼ିଶା ସରକାରଙ୍କୁ ଧନ୍ୟବାଦ ଜଣାଇଲେ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର,୧୪।୭(ଅନିଲ ଦାସ)

ଦୀର୍ଘ ବର୍ଷ ପରେ ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲାଯାଇଥିବାରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସରକାରଙ୍କୁ ରବିବାର ଟୁଇଟ୍ କରି ଧନ୍ୟବାଦ ଜଣାଇଛନ୍ତି। କେନ୍ଦ୍ରମନ୍ତ୍ରୀ 'ଏକ୍ସ'ରେ ଉଲ୍ଲେଖ କରିଛନ୍ତି ଯେ ମହାପ୍ରଭୁ ଜଗନ୍ନାଥ ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନ, ସନାତନ ସଂସ୍କୃତି ଓ ହିନ୍ଦୁ ଆସ୍ଥାର ସବୁଠାରୁ ବଡ଼ ପ୍ରତୀକ। ଦୀର୍ଘ ବର୍ଷ ପରେ ମହାପ୍ରଭୁଙ୍କ ରତ୍ନଭଣ୍ଡାର ଖୋଲି ମୁଖ୍ୟମନ୍ତ୍ରୀଙ୍କ ନବନିର୍ବାଚିତ ସରକାର ଓଡ଼ିଶାବାସୀଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଦିଆଯାଇଥିବା ଆଉ ଏକ ପ୍ରତିଶ୍ରୁତି ପୂରଣ କରିଛନ୍ତି।



ଧର୍ମେନ୍ଦ୍ର ପ୍ରଧାନ

ମହାପ୍ରଭୁଙ୍କ ରତ୍ନଭଣ୍ଡାରର ସୁରକ୍ଷା ଏବଂ ରତ୍ନଭଣ୍ଡାରରେ ରଖାଯାଇଥିବା ଅଳଙ୍କାରର ଠିକ୍ ସୂଚନା ପାଇବା ଅନେକ ଦଶନ୍ଧି ଧରି ଜନସାଧାରଣଙ୍କ ଦାବି ରହିଥିଲା। ସାଢ଼େ ୪ କୋଟି ଓଡ଼ିଆ ଲୋକଙ୍କ ଅସ୍ମିତା ଓ ହିନ୍ଦୁ ଆସ୍ଥାକୁ ସମ୍ମାନ ଦେଇ ରତ୍ନଭଣ୍ଡାରକୁ ସମ୍ପୂର୍ଣ୍ଣ ପାରଦର୍ଶିତାର ସହ ଖୋଲିଥିବାରୁ କେନ୍ଦ୍ରମନ୍ତ୍ରୀ ଶ୍ରୀମନ୍ଦିର ପ୍ରଶାସନ ଏବଂ ଓଡ଼ିଶା ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି।




ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମେଳଣ ପଡ଼ିଆ ନିକଟରେ ଏକ ସଭାରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଅଭିଭାଷଣ ଦେଉଛନ୍ତି।

# ଧାମନଗରରେ ବନ୍ୟା ନିୟନ୍ତ୍ରଣ ହେବ: ସୂର୍ଯ୍ୟବଂଶୀ

ଧାମନଗର, ୧୪।୭
(ଦେବେନ୍ଦ୍ର ଆଦ୍ଧିଆ/ ସନ୍ତୋଷ କୁମାର ମହାପାତ୍ର)

ଧାମନଗରର ସମସ୍ତ ମୌଳିକ ସମସ୍ୟା ସମାଧାନକୁ ଅଗ୍ରାଧିକାର ଦିଆଯିବ। ଧାମନଗର ଏକ ବନ୍ୟାପ୍ଲାବିତ ଅଞ୍ଚଳ। ଏହାର ସ୍ଥାୟୀ ସମାଧାନ ପାଇଁ ସରକାର ଚେଷ୍ଟା କରୁଛନ୍ତି। ଆଗାମୀ ଦିନରେ ଏକ ଉଚ୍ଚସ୍ତରୀୟ ବୈଷୟିକ ଟିମ୍ ଧାମନଗର ଗସ୍ତ କରି ବୈତରଣୀ ନଦୀବନ୍ଧ ଓ ଏସ୍‌କେପ୍ ଯାଞ୍ଚ କରିବା ପରେ ସୁଚିନ୍ତିତ ବ୍ୟବସ୍ଥା କରାଯିବ। ଏଠାରେ ବନ୍ୟା ନିୟନ୍ତ୍ରଣ ହେବ ବୋଲି ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପାଖ ମେଳଣ ପଡ଼ିଆରେ ରବିବାର ଭାଜପା ପକ୍ଷରୁ ଅନୁଷ୍ଠିତ ଧନ୍ୟବାଦ ସଭାରେ ସେ ଯୋଗଦେଇ ଏହା କହିଛନ୍ତି।

ଭାଜପା ଜିଲା ସାଧାରଣ ସମ୍ପାଦକ ମନୋରଞ୍ଜନ ମଲ୍ଲିକଙ୍କ ପୌରୋହିତ୍ୟରେ ସଭା ଅନୁଷ୍ଠିତ ହୋଇଥିଲା। ମନ୍ତ୍ରୀ ସୂର୍ଯ୍ୟବଂଶୀ ଓ ଏମ୍‌ପି ଅଭିମନ୍ୟୁ ସେଠୀ ଯୋଗଦେଇ ନିର୍ବାଚନରେ ଭାଜପାକୁ ସମର୍ଥନ ପାଇଁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଜ୍ୟେଷ୍ଠ, ବରିଷ୍ଠ, କନିଷ୍ଠ, ମାତୃଶକ୍ତି, ଯୁବବର୍ଗ, ସାଧାରଣ ଭୋଟର ଓ କାର୍ଯ୍ୟକର୍ତ୍ତାଙ୍କ ସାହାଯ୍ୟ ସହଯୋଗ ଯୋଗୁ ସେ ରାଜ୍ୟ ସରକାରଙ୍କ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଥିବା କହି କୃତଜ୍ଞତା ଜଣାଇଥିଲେ। ଧାମନଗର ନୁହେଁ, ଏ ମାଟି ହେଉଛି ଧର୍ମନଗର। ୨୦୨୨ ଉପନିର୍ବାଚନରେ ସେ ବିଜୟୀ ହେବା ପରେ ଓଡ଼ିଶାରେ ୨୪ ବର୍ଷ ଶାସନ କରିଥିବା ସରକାରକୁ ଶକ୍ତ ଧକ୍କା ଦେଇଥିଲା। ୨୦୨୪ରେ ତାହାର ପ୍ରତିଫଳନ ହେବାରୁ ଓଡ଼ିଶାରେ ଲୋକଙ୍କ ସରକାର ଭାବେ ଭାଜପାର ମୋହନ ସରକାର ହେଲା। ଭାଜପା ନିର୍ବାଚନ ସମୟରେ ଯେଉଁ ସଂକଳ୍ପ ପତ୍ର ଜାରି କରିଥିଲା, ସରକାର ପ୍ରତିଶ୍ରୁତି ପାଳନ ଆରମ୍ଭ କରିଛନ୍ତି ବୋଲି ସେ କହିଥିଲେ।

ଏହି ଅବସରରେ ୩ ସରପଞ୍ଚ ଓ ଜଣେ ସମିତିସଭ୍ୟ କର୍ମୀମାନଙ୍କ ସହ ବିଜେଡି ଛାଡ଼ି ଭାଜପାରେ ସାମିଲ ହୋଇଛନ୍ତି। ମୁମ୍ବାଇ ଭିଗାର୍ଡ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବ୍ଲକ ଅଧୀନ ୧୫ ପଞ୍ଚାୟତ ଓ ଏନ୍‌ଏସିର ସର୍ବାଧିକ ନମ୍ବର ରଖିଥିବା ଅଷ୍ଟମ, ନବମ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ସ୍ମାର୍ଟୱାଚ୍ ପ୍ରଦାନ କରାଯାଇଥିଲା। ବିବିସିସି ବ୍ୟାଙ୍କ ପୂର୍ବତନ ସଭାପତି ରଘୁନାଥ ଲେଙ୍କା, ପୂର୍ବତନ ସମିତି ସଦସ୍ୟ ହରେକୃଷ୍ଣ ପାଢ଼ୀ, ରାମଚନ୍ଦ୍ର ମିଶ୍ର, ଅରବିନ୍ଦ ପତି, ଆଇନଜୀବୀ ଦୀପ୍ତି ରଞ୍ଜନ ଜେନା, ଭାଜପା ଜିଲା ଉପସଭାପତି ଚତୁର୍ଭୁଜ ନାୟକ, ସରପଞ୍ଚ ଅଶୋକ ପୁହାଣ, ମନୋରଞ୍ଜନ ମଲ୍ଲିକ, ନାରୀନେତ୍ରୀ ରଞ୍ଜିତା ସ୍ୱାଇଁ, ନାରାୟଣ ଚନ୍ଦ୍ର ସାହୁ, ସମିତିସଭ୍ୟ ବିଦ୍ୟାଧର ରାଉତ, ଶରତ ମହାନ୍ତି, ରମେଶ ଚନ୍ଦ୍ର ପତି, ଅଜୟ ବଳ, ରାଜେନ୍ଦ୍ର ସାହୁ, କୈଳାସ ମହାପାତ୍ର, ଦେବାଂଶୁ ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ।

# ଓଲି ନେପାଳର ନୂଆ ପ୍ରଧାନମନ୍ତ୍ରୀ

## ଆଜି ଶପଥ ନେବେ

କାଠମାଣ୍ଡୁ, ୧୪।୭

ନେପାଳ କମ୍ୟୁନିଷ୍ଟ ପାର୍ଟି ନେତା କେ.ପି. ଶର୍ମା ଓଲି ରବିବାର ନେପାଳର ନୂଆ ପ୍ରଧାନମନ୍ତ୍ରୀ ନିଯୁକ୍ତ ହୋଇଛନ୍ତି। ପୁଷ୍ପ କୁମାର ଦହଲ 'ପ୍ରଚଣ୍ଡ' ଆସ୍ଥା ଭୋଟରେ ହାରିଯାଇଥିବାବେଳେ ଦେଶରେ ରାଜନୈତିକ ସଙ୍କଟ ଦେଖାଯାଇଥିଲା। ଏଭଳି ସମୟରେ ୭୨ ବର୍ଷୀୟ ଓଲି ପ୍ରଧାନମନ୍ତ୍ରୀଭାବେ ନୂଆ ସରକାରର ନେତୃତ୍ୱ ନେବାକୁ ଯାଉଛନ୍ତି। ସୋମବାର ସେ ଶପଥ ନେବେ।



# ଗୌରବ ଗୋଗୋଇ ହେବେ ଲୋକ ସଭାରେ କଂଗ୍ରେସର ଉପନେତା

## କେ. ସୁରେଶ କଂଗ୍ରେସର ମୁଖ୍ୟ ହ୍ୱିଇପ୍

## ମନିକମ୍ ଟାଗୋର, ମହମ୍ମଦ ଜାୱେଦ ହ୍ୱିଇପ୍

ନୂଆଦିଲ୍ଲୀ,୧୪।୭



ଗୌରବ ଗୋଗୋଇ

କଂଗ୍ରେସ ଏମ୍‌ପି ଗୌରବ ଗୋଗୋଇ ଲୋକ ସଭାରେ ଦଳର ଉପନେତା ହେବାକୁ ଯାଉଛନ୍ତି। ଦଳର ଏହି ନିଷ୍ପତ୍ତି ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ଜଣାଇ ଦିଆଯାଇଛି। କଂଗ୍ରେସ ସଂସଦୀୟ ଦଳ ଅଧ୍ୟକ୍ଷା ସୋନିଆ ଗାନ୍ଧି ବାଚସ୍ପତିଙ୍କୁ ପତ୍ର ଲେଖି ଲୋକ ସଭାରେ କଂଗ୍ରେସର ଉପନେତା, ମୁଖ୍ୟ ହ୍ୱିଇପ୍ ଓ ୨ ଜଣ ହ୍ୱିଇପ୍ ନିଯୁକ୍ତି ସମ୍ପର୍କରେ ଜଣାଇଛନ୍ତି। ଏଆଇସିସି ସାଧାରଣ ସମ୍ପାଦକ (ସଂଗଠନ) କେ.ସି. ବେଣୁଗୋପାଳ ଏହି ସୂଚନା ଦେଇଛନ୍ତି। କେରଳରୁ ଲୋକ ସଭାକୁ ୮ ଥର ନିର୍ବାଚିତ ହୋଇଥିବା କୋଡିକୁନିଲ ସୁରେଶଙ୍କୁ କଂଗ୍ରେସର ମୁଖ୍ୟ ହ୍ୱିଇପ୍ ଭାବେ ନିଯୁକ୍ତି ଦିଆଯିବାକୁ ଥିବାବେଳେ ବିରୁଧୁନଗର ଏମ୍‌ପି ମନିକମ୍ ଟାଗୋର ଏବଂ କିଶନଗଞ୍ଜ ଏମ୍‌ପି ମହମ୍ମଦ ଜାୱେଦଙ୍କୁ ହ୍ୱିଇପ୍ ନିଯୁକ୍ତି କରାଯିବ। ପୂର୍ବରୁ ରାହୁଲ ଗାନ୍ଧୀଙ୍କୁ ଲୋକ ସଭାରେ ବିରୋଧୀ ଦଳ ନେତା ନିଯୁକ୍ତ କରାଯାଇଥିଲା।

# ମତଦାତାଙ୍କୁ ଧନ୍ୟବାଦ ଜଣାଇଲାବେଳେ କାନ୍ଦିଲେ ବିଧାୟକ

ଜଗତ୍‌ସିଂହପୁର,୧୪।୭ (ପ୍ରମୋଦ କୁମାର ନାୟକ)

୨୦୨୪ ସାଧାରଣ ନିର୍ବାଚନରେ ଜଗତ୍‌ସିଂହପୁର ବିଧାୟକ ଭାବେ ଅମରେନ୍ଦ୍ର ଦାସ ବିଜୟୀ ହୋଇଛନ୍ତି। ଏହି ବିଜୟ ପଛରେ ଜଗତ୍‌ସିଂହପୁର ବ୍ଲକ ଅନ୍ତର୍ଗତ ପାଟେଣୀଗାଁ ଗ୍ରାମ ପଞ୍ଚାୟତର ଭୋଟରମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ଏହା ପରେ ଅମରେନ୍ଦ୍ର ପଞ୍ଚାୟତବାସୀଙ୍କ ଅକୁଣ୍ଠ ସମର୍ଥନକୁ ସମ୍ମାନ ଜଣାଇ ଧୂଳେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ପଞ୍ଚାୟତବାସୀଙ୍କୁ କୃତଜ୍ଞତା ଜଣାଇବା ପାଇଁ ଧନ୍ୟବାଦ କାର୍ଯ୍ୟକ୍ରମ ରବିବାର ଆୟୋଜନ କରିଥିଲେ।

ଏହି ଅବସରରେ ସେ କାନ୍ଦିପକାଇ କହିଥିଲେ, ଏ ବିଜୟ ଆପଣମାନଙ୍କର। ମୁଁ କିଛି ନୁହେଁ। ଆପଣମାନଙ୍କ ମତଦାନ ପାଇଁ ଆଜି ମତେ ସେବା କରିବାର ସୁଯୋଗ ମିଳିଛି। ନିର୍ବାଚନ ପୂର୍ବରୁ ସରକାରୀ କଳର ଅପବ୍ୟବହାର ହୋଇଥିଲା। ଅନେକ ଭାଇଙ୍କ ନାମରେ ମିଥ୍ୟା ମାମଲା ହୋଇଥିଲା। କିନ୍ତୁ କେହି ହାର ମାନି ନ ଥିଲେ। ଏହା ତାଙ୍କୁ ବିଜୟୀ ହେବାରେ ସହାୟକ ହୋଇଥିଲା। ବିଧାୟକ ହେଲା ପରେ ପଞ୍ଚାୟତବାସୀ ତାଙ୍କୁ ସମ୍ବର୍ଦ୍ଧନା ଦେବାକୁ ଚାହିଁଥିଲେ। କିନ୍ତୁ ସେ ରାଜି ହୋଇ ନ ଥିଲେ ବରଂ ପଞ୍ଚାୟତବାସୀଙ୍କୁ ଧନ୍ୟବାଦ ଦେବାକୁ ଚିନ୍ତା କରି ଏଭଳି କାର୍ଯ୍ୟକ୍ରମର ଆୟୋଜନ ପାଇଁ ଆଗ୍ରହ ପ୍ରକାଶ କରିଥିଲେ। ବିଧାୟକ ପଦ ଆପଣମାନେ ଦେଇଛନ୍ତି। ତେଣୁ ଆପଣମାନଙ୍କୁ ଯେତେ ଧନ୍ୟବାଦ ଦେଲେ ବି କମ୍ ହେବ ବୋଲି ଅମରେନ୍ଦ୍ର କହିଥିଲେ। ପ୍ରାଣକୃଷ୍ଣ ବାରିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜଗତ୍‌ସିଂହପୁର ବ୍ଲକ ଅଧ୍ୟକ୍ଷ ପ୍ରସନ୍ନ ସ୍ୱାଇଁ, କଣ୍ଟିଲୋ ପଞ୍ଚାୟତ ପୂର୍ବତନ ସରପଞ୍ଚ ବାଙ୍କାନିଧି ରାଉତରାୟ, ହରେକୃଷ୍ଣ ହାତୀ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଲକ୍ଷ୍ମୀକାନ୍ତ ସ୍ୱାଇଁ, ଜଗଦୀଶ ସାହୁ, ସାରଙ୍ଗ ପାଇଟାଳ, ନିରଞ୍ଜନ ସାହୁ ଓ ନିକୁଞ୍ଜ ବିହାରୀ ସାହୁ ପ୍ରମୁଖ ଯୋଗଦେଇଥିଲେ। ବିରଞ୍ଚି ନାରାୟଣ ସାହୁ ଧନ୍ୟବାଦ ଦେଇଥିଲେ।



ସଭାରେ ବିଧାୟକ ଅମରେନ୍ଦ୍ର ଦାସ ଓ ଅନ୍ୟମାନେ।

# ରତ୍ନଭଣ୍ଡାର ଖୋଲିବା ସ୍ୱାଗତଯୋଗ୍ୟ: ଅମର



ଅମର ଶତପଥୀ

ଭୁବନେଶ୍ୱର, ୧୪।୭(ଅନିଲଦାସ)

ରାଜ୍ୟରେ ଭାଜପା ସରକାର ଗଢ଼ିବାର ୩୨ ଦିନ ପରେ ମହାପ୍ରଭୁ ଜଗନ୍ନାଥଙ୍କ ରତ୍ନଭଣ୍ଡାର ଖୋଲିଛନ୍ତି। ରତ୍ନଭଣ୍ଡାର ଖୋଲିବାକୁ ନେଇ ବିଭିନ୍ନ ମହଲରେ ଉତ୍ସାହ ଲାଗିରହିଛି। ଭାଜପା ସରକାରର ଏହି ପଦକ୍ଷେପକୁ ବିଜେଡିର ବରିଷ୍ଠ ନେତା ତଥା ବଡ଼ଚଣାର ପୂର୍ବତନ ବିଧାୟକ ଅମର ଶତପଥୀ ପ୍ରଶଂସା କରିଛନ୍ତି। ସେ କହିଛନ୍ତି, ରତ୍ନଭଣ୍ଡାର ଖୋଲିବା ପାଇଁ ସାରା ବିଶ୍ୱର ଜଗନ୍ନାଥ ପ୍ରେମୀ ଚାହିଁ ରହିଥିଲେ। ରତ୍ନଭଣ୍ଡାର ଉପରେ ଯେଉଁ ପ୍ରହେଳିକା ଥିଲା, ତାହା ମଧ୍ୟ ଦୂର ହେବ। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଭାଜପାର ଏହା ନିର୍ବାଚନ ପ୍ରତିଶ୍ରୁତି ଥିଲା। ତାହା ସେମାନେ ପାଳନ କରିଛନ୍ତି। ତେବେ ଚାବି କେଉଁଠି ଅଛି ତା'ର ରିପୋର୍ଟ ସାର୍ବଜନୀନ ହେବା ଦରକାର ବୋଲି ସେ କହିଛନ୍ତି। ଏଥିସହ ଯିଏ ଦୋଷ କରିଥିବ ତା' ଉପରେ କାର୍ଯ୍ୟାନୁଷ୍ଠାନ ହେବା ଉଚିତ୍ ବୋଲି ଅମର କହିଛନ୍ତି।


# Classified Everyday

0674-2580101, 2549949



REAL ESTATE

SALE

1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 8328857872, 8895816302. D-745

ନଖରା ସମ୍ ହସ୍ପିଟାଲ-2 ରୁ 9 K.M. 1200sqft.-3,50,000/- ଘରବାରି ପ୍ଲଟ୍ ବିକ୍ରିହେବ। 9114705579. D-75973

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

Duplex project at Retang Medical, Station, CV Raman University Tamando, Bhubaneswar. 7008459987. D-75976

Apartment sale near Sum Hospital, Malipada, Bhubaneswar sqft.-4200/-, Contact- 9777433701. D-75975




**Full body massage experience, good looking therapist @ 999 (Bhubaneswar). 9078484455.** D-676

Fully relaxed body massage trained therapist. Central SPA. 9556483961. D-75759

Newly open health benefits SPA special Offer @ 999 Bapujinagar. 8018429809. D-76134

**Relax, Refresh your body, Mind at Saikrupa Spa with best therapies. 8984068077.** D-678

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75760

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

ମୁଁ Shashi Bhushan Senapati ଘୋଷଣା କରୁଅଛିକି ମୋର ନାମ ଆଧାର ପରିଚୟରେ Shashi Bhusan Senapati ରହିଅଛି। କିନ୍ତୁ ବର୍ତ୍ତମାନ ମୋର ନାମ Shashi Bhushan Senapati, S/o- Lakshmidhar Senapati ଅଟେ। ମୋର ଆଧାର ନଂ.– xxxx xxxx 5557 ଅନୁଯାୟୀ ମୁଁ ନିର୍ବାହୀ ଅଧିକାରୀଙ୍କ ଆଗରେ ଆଭିଡେଭିଟ୍ କରିଅଛି। ମୋର ଠିକ୍ ନାମ Shashi Bhushan Senapati, S/o- Lakshmidhar Senapati. D-744

I, Madhaba Nanda Ghadei, S/o Shri Uchhab Charan Ghadai, resident of Biswal sahi, Khalari, P.O.- Khalari, P.S./Dist.- Angul, PIN- 759132, Odisha declare by this affidavit No.- 11745 dtd. 29.06.2024 that now onwards I shall be known as MADHABA NANDA GHADAI for all future purposes. D-746

I, Nirupama Ghadei, W/o Shri Madhaba Nanda Ghadai, resident of Biswal sahi, Khalari, P.O.- Khalari, P.S./Dist.- Angul, PIN- 759132, Odisha declare by this affidavit No.- 11745 dtd. 29.06.2024 that now onwards I shall be known as NIRUPAMA GHADAI for all future purposes. D-747

I, Bibek Badatya, S/o- Abhimanyu Badatya, Dist.- Ganjam, Village- Brahman Nuagam Sasan, Odisha, my 10 Class Certificate my name Bibek Badatya And my Aadhaar xxxxxxxx7804 my name is Ganesh Badatya. I have changed my name Bibek Badatya vide affidavit dated 10.07.2024 at Patrapur. D-748

**ମନେ ପଡ଼ନ୍ତି**

**୧୯ତମ ଶ୍ରାଦ୍ଧବାର୍ଷିକୀ**



**ଏଇଂ. ରବୀନ୍ଦ୍ରନାଥ ଜଗଦ୍ଦେବ**

ଶବରସାହି, କଳ୍ପନା ଏରିଆ, ଭୁବନେଶ୍ୱର

ଆବିର୍ଭାବ: ୦୮।୧୦।୧୯୪୦

ତିରୋଧାନ: ୧୬।୦୭।୨୦୦୫

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଆମ୍ଭମାନଙ୍କର ଗଭୀର ଶ୍ରଦ୍ଧାଞ୍ଜଳି।

**ଆପଣଙ୍କର ପରିବାରବର୍ଗ।**

ଧ-୭୪୩

# ମ୍ୟୁଚୁଆଲ ଫଣ୍ଡରେ ବଢୁଛି ମହିଳା ନିବେଶକଙ୍କ ସହଭାଗୀ

**୫ ବର୍ଷରେ ୨.୮ଗୁଣ ବୃଦ୍ଧି**

ଭୁବନେଶ୍ୱର,୧୪।୭(ଅଭୟ ଦାଶ)

ଘରୋଇ ମ୍ୟୁଚୁଆଲ ଫଣ୍ଡ ଶିଳ୍ପରେ ମହିଳାମାନଙ୍କର ସହଭାଗୀ ବଢୁଥିବାବେଳେ ଉଭୟ ଦେଶ ଓ ରାଜ୍ୟର ମହିଳାଙ୍କ ସଂଖ୍ୟା ମଧ୍ୟ ସେହି ପରିମାଣରେ ବୃଦ୍ଧି ପାଉଛି। ଏପରିକି କ୍ରମାଗତ ଭାବେ ଶିଳ୍ପରେ ମହିଳା ନିବେଶକମାନେ ପୂର୍ବାପେକ୍ଷା ଅଧିକ ନିବେଶ ଓ ଶିଳ୍ପ ସହ ଜଡ଼ିତ ହୋଇଛନ୍ତି ବୋଲି ଆକ୍ସିସ୍ ମ୍ୟୁଚୁଆଲ ଫଣ୍ଡର 'ମହିଳା ନିବେଶ ଆଚରଣ ରିପୋର୍ଟ–୨୦୨୪'ଶୀର୍ଷକ ଏକ ଅଧ୍ୟୟନ ରିପୋର୍ଟରେ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି। ଅପରପକ୍ଷରେ ୧କୋଟିରୁ ଅଧିକ ଆକ୍ସିସ୍ ମ୍ୟୁଚୁଆଲ ଫଣ୍ଡ ଗ୍ରାହକଙ୍କ ତଥ୍ୟକୁ ବିଶ୍ଳେଷଣକରି ଏହି ରିପୋର୍ଟ ଉନ୍ମୋଚନ ହୋଇଛି। ଏପରିକି ଦେଶବ୍ୟାପୀ ଏକ ଗୁଣାତ୍ମକ ମାନର ସର୍ବେକ୍ଷଣ କରାଯାଇ 'ମହିଳା ନିବେଶ ଆଚରଣ ରିପୋର୍ଟ ୨୦୨୪'ଶୀର୍ଷକ ଏକ ଅଧ୍ୟୟନ ରିପୋର୍ଟ ନିକଟରେ ଉନ୍ମୋଚିତ ହୋଇଯାଇଛି।

ଉଲ୍ଲେଖଯୋଗ୍ୟ, ଗତ ୫ ବର୍ଷ (୨୦୧୯ ମାର୍ଚ୍ଚ ୩୧ରୁ ୨୦୨୩ ଡିସେମ୍ବର ୩୧) ମଧ୍ୟରେ ଭୁବନେଶ୍ୱରର ମହିଳା ନିବେଶକମାନେ ୨.୮ ଗୁଣ ବୃଦ୍ଧି ପାଇଛନ୍ତି। ଏହି ସମୟ ମଧ୍ୟରେ ଭୁବନେଶ୍ୱରର ମହିଳା ନିବେଶକଙ୍କ ଏୟୁଏମ୍ ୨.୫ ଗୁଣ ବୃଦ୍ଧି ପାଇଛି। ଉକ୍ତ ସମୟ ସୀମା ମଧ୍ୟରେ ସାରା ଓଡ଼ିଶାରେ ମହିଳା ନିବେଶକଙ୍କ ଏୟୁଏମ୍‌ରେ ୨.୨ ଗୁଣ ଅଭିବୃଦ୍ଧି ଘଟିଛି।

ସେହିଭଳି ଏହି ଅଧ୍ୟୟନର ଫଳାଫଳରୁ ଜଣାପଡ଼ିଛି ଯେ ପ୍ରାୟ ୭୨% ମହିଳା ନିବେଶକ ବର୍ତ୍ତମାନ ସ୍ୱାଧୀନ ନିବେଶ ନିଷ୍ପତ୍ତି ନେଉଛନ୍ତି। ଏହି ରିପୋର୍ଟ ଅନୁସାରେ




ଆର୍ଥିକ ସ୍ୱାଧୀନତା ଏବଂ ଅଭିବୃଦ୍ଧି ହାସଲ ପାଇଁ ମହିଳା ନିବେଶକମାନେ ଗ୍ରହଣ କରିଥିବା ସକ୍ରିୟ ଆଭିମୁଖ୍ୟ ଉପରେ ବିସ୍ତୃତ ଆଲୋକପାତ କରାଯାଇଛି ଏବଂ ଦୀର୍ଘମିଆଦୀ ପୁଞ୍ଜିନିବେଶ ପ୍ରତି ସେମାନଙ୍କ ପ୍ରତିବଦ୍ଧତା ଉପରେ ଅଧିକ ଗୁରୁତ୍ୱାରୋପ କରାଯାଇଛି। ଏହି ଅଧ୍ୟୟନର ମହତ୍ତ୍ୱ ବିଷୟରେ ଆକ୍ସିସ୍ ଏଏମ୍‌ସିର ଏମ୍‌ଡି ତଥା ସିଇଓ ବି. ଗୋପକୁମାର କହିଛନ୍ତି, ଅଧିକରୁ ଅଧିକ ଲୋକ ମ୍ୟୁଚୁଆଲ ଫଣ୍ଡରେ ସାମିଲ ହେଉଛନ୍ତି। ବିଶେଷକରି ମହିଳାମାନେ ସେମାନଙ୍କ ଆର୍ଥିକ ରଣନୀତିର ଅଂଶ ବିଶେଷ ଭାବେ ମ୍ୟୁଚୁଆଲ ଫଣ୍ଡରେ ନିବେଶ କରିବାକୁ ନିଷ୍ପତ୍ତି ଗ୍ରହଣ କରୁଥିବାରୁ ମ୍ୟୁଚୁଆଲ୍ ଫଣ୍ଡ ଶିଳ୍ପ ଏକ ଚମତ୍କାର ପରିବର୍ତ୍ତନ ଦେଇ ଗତି କରୁଛି। ଏପରିକି ଆକ୍ସିସ୍ ମ୍ୟୁଚୁଆଲ ଫଣ୍ଡ ନିବେଶକଙ୍କ ନିବେଶ ଢାଞ୍ଚା ଉପରେ କାର୍ଯ୍ୟକରୁଛି। ସେହିପରି ଆମର ଗବେଷଣା ରିପୋର୍ଟରୁ ଜଣାପଡ଼ିଛି ଯେ ଆକ୍ସିସ୍ ମ୍ୟୁଚୁଆଲ ଫଣ୍ଡ ଗ୍ରାହକ ସଂଖ୍ୟାରେ ମହିଳାମାନେ ୩୦% ଏବଂ ମୋଟ ଏୟୁଏମ୍‌ର ୩୫% ସେମାନଙ୍କ ପାଖରେ ରହିଛି। ଏପରିକି ବିକଶିତ ନିବେଶକ ପରିଦୃଶ୍ୟକୁ ଭଲ ଭାବେ ବୁଝିବା ଓ ମହିଳାଙ୍କ ପସନ୍ଦ ବିଷୟରେ ଅବଗତ ହେବା ସହ ନିରନ୍ତର ଅଭିବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିବାକୁ ପ୍ରୟାସ କରାଯାଉଛି।

## ସୋନିର ନୂତନ ଉତ୍ପାଦ

ଭୁବନେଶ୍ୱର,୧୪।୭(ଅଭୟ ଦାଶ)

ସୋନି ଇଣ୍ଡିଆର ନୂତନ ଉତ୍ପାଦ 'ବ୍ରାଭିଆ ୭ ମିନି ଏଲ୍‌ଇଡି ସିରିଜ୍' ର ସର୍ବଭାରତୀୟ ଉନ୍ମୋଚନ ନିକଟରେ ହୋଇଯାଇଛି। ଏପରିକି ଉନ୍ନତ ସୁବିଧା ସୁଯୋଗ ଓ ଅତ୍ୟାଧୁନିକ ପ୍ରଯୁକ୍ତି ସହ ନୂଆ ବ୍ରାଭିଆ ୭ ମିନି ଏଲ୍‌ଇଡି ସିରିଜ୍ ଗ୍ରାହକଙ୍କୁ ଅତୁଳନୀୟ ଭିଡିଓ ଓ ଅଡିଓର ଅନୁଭୂତି ପ୍ରଦାନ କରିବ। ବ୍ରାଭିଆ ୭ସିରିଜ୍ ମିନି ଏଲ୍‌ଇଡି ଟିଭିରେ କଗ୍ନିଟିଭ୍ ପ୍ରୋସେସର ଏକ୍ସଆର୍, ମିନି ଏଲ୍‌ଇଡି, ଏକ୍ସଆର୍ ଟ୍ରିଲୁମିନସ୍ ପ୍ରୋ ପ୍ରଯୁକ୍ତି ଆଦିର ସୁବିଧା ରହିଛି। ଏଥିରେ ଗୁଗଲ୍ ଟିଭି ସମନ୍ୱୟ ଓ ସୋନି ପିକ୍ଚର କୋର୍ ମଧ୍ୟ ରହିଛି, ଯାହା ଗ୍ରାହକମାନଙ୍କୁ ପ୍ରିମିୟମ ମନୋରଞ୍ଜନ ପ୍ରଦାନ କରିବ। ସୋନି ବ୍ରାଭିଆ ବ୍ରାଣ୍ଡର ନବୀକରଣ କରିଛି। ବ୍ରାଭିଆ ୭ ସିରିଜ୍‌ରେ ଷ୍ଟୁଡିଓ କାଲିବ୍ରେଟେଡ୍ ମୋଡ୍ ରହିଛି। ସୋନି ବ୍ରାଭିଆ ୭ସିରିଜ୍ ୫୫ ଇଞ୍ଚ, ୬୫ ଇଞ୍ଚ ଓ ୭୫ ଇଞ୍ଚ ସ୍କ୍ରିନ୍‌ରେ ଉପଲବ୍ଧ ହେଉଛି।

## ବିଓଆଇର ଗ୍ରାହକ ସମ୍ମିଳନୀ



ଭୁବନେଶ୍ୱର,୧୪।୭(ଅଭୟ ଦାଶ)

ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ) ର ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଏକ ଦିନିକିଆ ଗ୍ରାହକ ସମ୍ମିଳନୀର ଆୟୋଜନ କରାଯାଇଥିଲା। ବିଶେଷ କରି କିଷାନ ମହାମାସ ଉପଲକ୍ଷେ ଏହି ଗ୍ରାହକ ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଥିରେ ବ୍ୟାଙ୍କ ପକ୍ଷରୁ କୃଷି ଏବଂ ଶିଳ୍ପ ଋଣ ସମ୍ବନ୍ଧୀୟ ବିଭିନ୍ନ ପ୍ରକାର ଯୋଜନା ବିଷୟରେ ଗ୍ରାହକମାନଙ୍କୁ ଅବଗତ କରାଯାଇଥିଲା। ଏପରିକି ଗ୍ରାହକମାନେ କିପରି ଏହିସବୁ ଯୋଜନା ସୁଚାରୁ ରୂପରେ ଉପଲବ୍ଧ କରିପାରିବେ ତା' ଉପରେ ପ୍ରାଧାନ୍ୟ ଦିଆଯାଇଥିଲା। ଏହି ସଭାରେ ୫୦ରୁ ଊର୍ଦ୍ଧ୍ୱ ନୂତନ ଗ୍ରାହକ ଯୋଗଦେଇଥିଲେ ଏବଂ କିପରି ସେମାନେ ବ୍ୟାଙ୍କ ସହ ଜଡ଼ିତ ହୋଇ ସମସ୍ତ ପ୍ରକାର ଯୋଜନାର ଲାଭ ନେଇପାରିବେ ତା' ଉପରେ ଆଲୋଚନା କରାଯାଇଥିଲା। ଏହି ସଭାରେ ବ୍ୟାଙ୍କ ଅଫ୍ ଇଣ୍ଡିଆ ସମ୍ବଲପୁର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ଶ୍ରୀଜିତ୍ ଶଙ୍କର ବେହେରା, ଉପ ଆଞ୍ଚଳିକ ପ୍ରବନ୍ଧକ ନିବେଦିତା ମିଶ୍ର, ବଲାଙ୍ଗୀର ବ୍ୟାଙ୍କ ଶାଖା ପ୍ରବନ୍ଧକ ଅଶୋକ ମେହେର, ସୋନପୁର ଶାଖା ପ୍ରବନ୍ଧକ ସୁଜିତ୍ ମିଶ୍ର ଏବଂ ପାଟଣାଗଡ଼ ଶାଖା ପ୍ରବନ୍ଧକ ହିମାଂଶୁ ପ୍ରଧାନ ପ୍ରମୁଖ ଯୋଗଦେଇ ଗ୍ରାହକଙ୍କୁ ସମ୍ମିଳନୀର ଆଭିମୁଖ୍ୟ ଓ ଯୋଜାନଗୁଡ଼ିକର ସଫଳ ରୂପାନ୍ତରିତ କରିଥିଲେ।

## ଜେକେ ଗ୍ରୁପ୍‌ର ବାର୍ଷିକ ଅଭିଯାନ

ଭୁବନେଶ୍ୱର,୧୪।୭(ଅଭୟ ଦାଶ)

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଜେକେ ଅର୍ଗାନାଇଜେଶନ ବା ଜେକେ ଗ୍ରୁପ୍‌ର ବାର୍ଷିକ ଅଭିଯାନ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏପରିକି ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଜେକେ ଗ୍ରୁପ୍ ଅଫ କମ୍ପାନୀଜଗୁଡ଼ିକ ପକ୍ଷରୁ ସାରା ଦେଶରେ (ଭାରତବ୍ୟାପୀ) ଏକ ମେଗା ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ଅପରପକ୍ଷରେ ଏହି ୪ବିଲିୟନ ଡଲାର ଗ୍ରୁପ୍‌ର ଅନ୍ୟତମ ପ୍ରମୁଖ ସ୍ଥପତି ଓ ପୂର୍ବତନ ଅଧ୍ୟକ୍ଷ ସ୍ୱର୍ଗତ ହରିଶଙ୍କର ସିଂଘାଣିଆଙ୍କ ୯୧ ତମ ଜନ୍ମବାର୍ଷିକୀ ପାଇଁ ଏଭଳି ଏକ ମହତ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ସେହିଭଳି ଗ୍ରୁପ୍‌ର ବିଭିନ୍ନ ପ୍ଲାଣ୍ଟ ଓ ସେଲ୍‌ସ ଅଫିସ୍‌ଗୁଡିକରେ ମଧ୍ୟ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲାବେଳେ ୭୫୦୦ରୁ ଅଧିକ କର୍ମଚାରୀ ଏହି ଶିବିରରେ ଅଂଶଗ୍ରହଣ କରିଥିଲେ। ଏପରିକି ସାମାଜିକ ସେବା କ୍ଷେତ୍ରରେ ନିଜର ସକ୍ରିୟ ଯୋଗଦାନ ପାଇଁ ପରିଚିତ ଜେକେ ଅର୍ଗାନାଇଜେଶନ ସ୍ୱର୍ଗତ ହରିଶଙ୍କର ସିଂଘାଣିଆଙ୍କୁ ସ୍ୱତନ୍ତ୍ର ଶ୍ରଦ୍ଧାଞ୍ଜଳି ଦେବା ପାଇଁ ବାର୍ଷିକ ରୂପେ ଗ୍ରୁପ୍‌ର କମ୍ପାନୀଗୁଡ଼ିକ ଦ୍ୱାରା ରକ୍ତଦାନ ଶିବିରର ଆୟୋଜନ କରୁଛି।

ସେହିପରି 'ପଦ୍ମ ଭୂଷଣ' ସମ୍ମାନପ୍ରାପ୍ତ ହରିଶଙ୍କର ସିଂଘାଣିଆ ଜେକେ ଅର୍ଗାନାଇଜେଶନର ଅଭିବୃଦ୍ଧି ଓ ଗଠନରେ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ଏପରିକି ଅନେକ ନୂଆ ଉଦ୍ୟୋଗ ସ୍ଥାପନ କରିବା ସହିତ ଗ୍ରୁପ୍‌ରେ ଏକାଧିକ କମ୍ପାନୀଗୁଡ଼ିକୁ ମଧ୍ୟ ଏକତ୍ରିତ କରିଛନ୍ତି।

ଏ ସମ୍ପର୍କରେ ଜେକେ ଅର୍ଗାନାଇଜେଶନର ଅଧ୍ୟକ୍ଷ ଭାରତ ହରି ସିଂଘାଣିଆ କହିଛନ୍ତି, ଜେକେ ଅର୍ଗାନାଇଜେଶନ ପରିସରରେ ସାମାଜିକ ଯୋଗଦାନ ଆମର ମୂଳ ମୂଲ୍ୟବୋଧ ସହ ଗଭୀର ଭାବେ ଜଡିତ ରହିଛି। ଏହି ବାର୍ଷିକ ଅଭିଯାନ ମାଧ୍ୟମରେ ଆମେ ହରିଶଙ୍କରଙ୍କ ବିରାସତକୁ ସମ୍ମାନିତ କରିବା ଏବଂ ଅଣସଂରକ୍ଷିତ ଲୋକମାନଙ୍କର ଜୀବନକୁ ଉନ୍ନତ କରିବା ପାଇଁ ଲକ୍ଷ୍ୟ ରଖିଛୁ।

ଏପରିକି ଆମେ ଏହି ରକ୍ତଦାନ ଶିବିର କାର୍ଯ୍ୟକ୍ରମ ଜରିଆରେ ଆମର କର୍ମଚାରୀମାନଙ୍କର ଉତ୍ସାହଜନକ ଅଂଶଗ୍ରହଣକୁ ନେଇ ମଧ୍ୟ ଖୁବ୍ ଗର୍ବିତ ଅଛୁ, ଯାହା ଏକ ସକାରାତ୍ମକ ପ୍ରଭାବ ସୃଷ୍ଟିକରିବା ପ୍ରତି ଆମର ସାମଗ୍ରିକ ପ୍ରତିବଦ୍ଧତାକୁ ପ୍ରତିଫଳନ କରୁଛି। ଉଲ୍ଲେଖଯୋଗ୍ୟ, ଏହି କାର୍ଯ୍ୟକ୍ରମ ଜେକେ ଟାୟାର, ଜେକେ ପେପର, ଜେକେ ଲକ୍ଷ୍ମୀ ସିମେଣ୍ଟ, ଜେକେ ଆଗ୍ରି ଜେନେଟିକ୍ସ, ଜେକେ ଫେନର, ଜେକେ ଫୁଡ୍‌ସ, ଜେକେ ଇନ୍‌ସ୍ୟୁରାନ୍ସ, ପିଏସ୍‌ଆର୍‌ଆଇ ହସ୍ପିଟାଲ, ଜେକେ ଲକ୍ଷ୍ମୀପତ ୟୁନିଭର୍ସିଟି ସମେତ ବିଭିନ୍ନ ଜେକେ ଗ୍ରୁପ୍ କମ୍ପାନୀରୁ ଉତ୍ସାହଜନକ ଅଂଶଗ୍ରହଣର ସାକ୍ଷୀ ହୋଇଥିଲା।

## ଓଇଜିର ନୂଆ ମାଇଲଷ୍ଟୋନ୍

ଭୁବନେଶ୍ୱର,୧୪।୭(ଅଭୟ ଦାଶ)



ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ଓଡିଏମ୍ ଏଜୁକେଶନାଲ ଗ୍ରୁପ୍ (ଓଇଜି) ନିକଟରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ସହ ନୂଆ ମାଇଲଷ୍ଟୋନ୍ ହାସଲ କରିଛି। ଉଲ୍ଲେଖଯୋଗ୍ୟ, କେନ୍ଦ୍ର ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଓଇଜିର ୧୪୨ଜଣ ଶିକ୍ଷକଙ୍କୁ ସ୍କୁଲ ଇନୋଭେଶନ ଆମ୍ବାସାଡର ଭାବେ ପ୍ରମାଣିତ କରାଯାଇଛି। ବିଶେଷକରି ଶିକ୍ଷକମାନଙ୍କ ମଧ୍ୟରେ ଅଭିନବ ଚିନ୍ତାଧାରା ଏବଂ ଉଦ୍ୟୋଗୀ ଦକ୍ଷତାକୁ ପ୍ରୋତ୍ସାହିତ କରିବା ପାଇଁ ଡିଜାଇନ୍ କରାଯାଇଥିବା କଠୋର ସ୍କୁଲ ଇନୋଭେଶନ ଆମ୍ବାସାଡର ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଏହି ଶିକ୍ଷକମାନେ ସଫଳତାର ସହ ଶେଷ କରିଛନ୍ତି।

ସେହିଭଳି ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ପ୍ରସ୍ତୁତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ୫ଟି ବିସ୍ତୃତ ମଡ୍ୟୁଲ୍ ଯଥା ଡିଜାଇନ୍ ଥିଙ୍କିଙ୍ଗ ଏବଂ ନୂତନତା, ଭାବନା ଉତ୍ପନ୍ନ ଏବଂ ହ୍ୟାଣ୍ଡହୋଲ୍ଡିଂ, ଉଦ୍ୟମିତା ଏବଂ ପ୍ରୋଟୋଟାଇପ୍ ବିକାଶ, ବୌଦ୍ଧିକ ସମ୍ପତ୍ତି ଅଧିକାର ଏବଂ ଅର୍ଥ, ବିକ୍ରି, ଏବଂ ଏଚ୍‌ଆର ଆଦି ସାମିଲ ରହିଛି।

ଏ ସମ୍ପର୍କରେ ଓଡିଏମ୍ ଏଜୁକେଶନାଲ ଗ୍ରୁପ(ଓଇଜି)ର ସଂସ୍ଥାପକ ଡା. ସତ୍ୟବ୍ରତ ମିନକେତନ କହିଛନ୍ତି,ଏହି ପ୍ରମାଣପତ୍ର ଆମ ଶିକ୍ଷକମାନଙ୍କର ନିଷ୍ଠା ଏବଂ ପ୍ରତିବଦ୍ଧତାର ପ୍ରତୀକ ହୋଇଥିଲାବେଳେ ଏହା ଏକ ନୂତନତା ଓ ଉଦ୍ୟମିତା ସଂସ୍କୃତିକୁ ଆଗକୁ ନେଇଛି। ଏପରିକି ଇନୋଭେଶନ ଆମ୍ବାସାଡର ହୋଇ ସେମାନେ ବର୍ତ୍ତମାନ ଆମ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉଦ୍ଭାବନ ଓ ଉଦ୍ୟୋଗର ସଂସ୍କୃତି ସୃଷ୍ଟି କରିବାକୁ ସକ୍ଷମ ହୋଇ ଭବିଷ୍ୟତର ଆହ୍ୱାନ ପାଇଁ ସେମାନଙ୍କୁ ପ୍ରସ୍ତୁତ କରୁଛନ୍ତି।

ସେହିଭଳି ନୂତନ ସାର୍ଟିଫାଏଡ ଇନୋଭେଶନ ଆମ୍ବାସାଡର ଓ ଓଡିଏମ ସାଫାୟର୍ ଗ୍ଲୋବାଲ୍ ସ୍କୁଲର ପ୍ରିନ୍ସିପାଲ ଅମିତ ସିଂହ କହିଛନ୍ତି, ପ୍ରଶିକ୍ଷଣ ପରିବର୍ତ୍ତନଶୀଳ ହୋଇଛି,ଏହା ଆମକୁ କେବଳ ଉଦ୍ଭାବନ ଶିଖାଇବା ପାଇଁ ନୁହେଁ ବରଂ ଆମର ଦୈନନ୍ଦିନ ଶିକ୍ଷାଦାନ ଅଭ୍ୟାସରେ ଏହି ନୀତିଗୁଡ଼ିକୁ ଅନ୍ତର୍ଭୁକ୍ତ କରିବାର ଉପକରଣ ପ୍ରଦାନ କରିଛି। ଏପରିକି ଆମେ ବର୍ତ୍ତମାନ ଭବିଷ୍ୟତର ଉଦ୍ଭାବକ ହେବା ଦିଗରେ ଆମର ଛାତ୍ରୀଛାତ୍ରମାନଙ୍କୁ ପୋଷଣ ଏବଂ ମାର୍ଗଦର୍ଶନ କରିବାକୁ ଅଧିକ ସୁସଜ୍ଜିତ ହୋଇଛୁ।

ଅପରପକ୍ଷରେ ଏହି ୧୪୨ ଜଣ ଶିକ୍ଷକଙ୍କୁ ଇନୋଭେଶନ ଆମ୍ବାସାଡର ଭାବେ ସାର୍ଟିଫିକେଟ୍ ମିଳିବା ଓଡିଏମ୍ ଏଜୁକେଶନାଲ ଗ୍ରୁପ୍ ପାଇଁ ଏକ ନୂଆ ମାଇଲଷ୍ଟୋନ୍ ପାଲଟିଛି, ଯାହା ଶିକ୍ଷାଗତ ଉତ୍କର୍ଷତା ଏବଂ ନବସୃଜନ ପ୍ରତି ଓଇଜିର ପ୍ରତିବଦ୍ଧତାକୁ ସୁଦୃଢ଼ କରୁଛି। ଏହି ପଦକ୍ଷେପ ଶିକ୍ଷକମାନଙ୍କ ପାଇଁ ନିରନ୍ତର ବୃତ୍ତିଗତ ବିକାଶର ଗୁରୁତ୍ୱ ଉପରେ ଆଲୋକପାତ କରୁଛି ଏବଂ ଶିକ୍ଷାର ଭବିଷ୍ୟତ ଗଠନରେ ଅଭିନବ ଚିନ୍ତାଧାରାର ଭୂମିକା ଉପରେ ବିସ୍ତୃତ ଭାବେ ଆଲୋକପାତ କରୁଛି।

## ଏସ୍‌ବିଆଇ ଡିଜିଟାଲ୍ ଇନ୍‌ଭଏସ୍ ପ୍ଲାଟ୍‌ଫର୍ମ

ଭୁବନେଶ୍ୱର,୧୪।୭(ଅଭୟ ଦାଶ)

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ବା ଏସ୍‌ବିଆଇ)ର ନୂତନ ସେବା 'ଡିଜିଟାଲ୍ ଇନ୍‌ଭଏସ୍ ପ୍ଲାଟଫର୍ମ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ)ର ଇନ୍‌ଭଏସ୍ ଫାଇନାନ୍ସ ପାଇଁ ୱେବ୍ ଭିତ୍ତିକ ଡିଜିଟାଲ ବ୍ୟବସାୟ ଋଣ ସମାଧାନ 'ଏମ୍‌ଏସ୍‌ଏମ୍‌ଇ ସହଜ'କୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରାଯାଇଛି।

ଏହି ଉତ୍ପାଦ ମେଶିନ୍ ଲର୍ନିଂ ମଡେଲ୍ ଉପରେ ଆଧାରିତ, ଯାହା ଜିଏସ୍‌ଟିଆଇଏନ୍, ଗ୍ରାହକଙ୍କ ବ୍ୟାଙ୍କ ଷ୍ଟେଟ୍‌ମେଣ୍ଟ ଓ ସିଆଇସି ତଥ୍ୟ ବ୍ୟବହାର କରୁଛି।

ଏ ସମ୍ପର୍କରେ ଏସ୍‌ବିଆଇର ଅଧ୍ୟକ୍ଷ ଦିନେଶ ଖାରା କହିଛନ୍ତି,ଏସ୍‌ବିଆଇ ଏସ୍‌ଏମ୍‌ଇ ବ୍ୟବସାୟ ଋଣରେ ଡିଜିଟାଲ ସମାଧାନ ଆରମ୍ଭ କରି ନୂତନ ଶିଳ୍ପ ମାନଦଣ୍ଡ ସ୍ଥାପନ କରିବାକୁ ପ୍ରତିଶ୍ରୁତିବଦ୍ଧ। ଏମ୍‌ଏସ୍‌ଏମ୍‌ଇ ଋଣରେ ଅଭିନବତାକୁ ପ୍ରୋତ୍ସାହିତ କରିବା ପାଇଁ ଆମର ନିରନ୍ତର ପ୍ରୟାସ ଉପରେ ଗୁରୁତ୍ୱାରୋପ କରୁଛି। ଡିଜିଟାଲ ମାଧ୍ୟମରେ ଏମ୍‌ଏସ୍‌ଏମ୍‌ଇ ୟୁନିଟଗୁଡ଼ିକୁ ଦ୍ରୁତ ଏବଂ ସହଜ ଆର୍ଥିକ ସହାୟତା ପ୍ରଦାନ କରିବାର ଲକ୍ଷ୍ୟ ନେଇ ଏମ୍‌ଏସ୍‌ଏମ୍‌ଇ ସହଜ ପ୍ରସ୍ତୁତ କରାଯାଇଛି।

ଏମ୍‌ଏସ୍‌ଏମ୍‌ଇ ସହଜ ହେଉଛି ଏମ୍‌ଏସ୍‌ଏମ୍‌ଇ ଋଣ ଜଗତରେ ବୈପ୍ଲବିକ ପରିବର୍ତ୍ତନ ଆଣିବା,ମାନବ ହସ୍ତକ୍ଷେପ ହ୍ରାସ କରିବା ଏବଂ ବ୍ୟବସାୟ କରିବାର ସହଜତା ବୃଦ୍ଧି କରିବା ପାଇଁ ଅଭିନବତା ଏବଂ ଗ୍ରାହକକୈନ୍ଦ୍ରିକ ଆଭିମୁଖ୍ୟକୁ ସମନ୍ୱିତ କରିବା ଦିଗରେ ଆମର ପ୍ରୟାସର ଫଳ।

ଏମ୍‌ଏସଏମ୍‌ଇ ସହଜ ଶୁଭାରମ୍ଭର ଉଦ୍ଦେଶ୍ୟ ହେଉଛି ଦ୍ରୁତ ଏବଂ ସବୁଠାରୁ ସହଜ ଋଣ ସମାଧାନ ପ୍ରଦାନ କରିବା ଏବଂ ଦେଶର ଅଗ୍ରଣୀ ଏମ୍‌ଏସ୍‌ଏମ୍‌ଇ ଋଣଦାତା ଭାବେ ଆମର ସ୍ଥିତିକୁ ଆହୁରି ସୁଦୃଢ଼ କରିବା।

ସେହିଭଳି ଏସ୍‌ବିଆଇ ରିଟେଲ ବ୍ୟାଙ୍କିଙ୍ଗ ଆଣ୍ଡ ଅପରେଶନର ଏମଡି ବିନୟ ଟନ୍‌ସେ କହିଛନ୍ତି, ଏମ୍‌ଏସ୍‌ଏମଇ କ୍ଷେତ୍ରର ଅଭିବୃଦ୍ଧିକୁ ପୂରଣ କରିବା ପାଇଁ ବ୍ୟାଙ୍କ ଡିଜିଟାଲ ଉଦ୍ଭାବନ ସହିତ ଅର୍ଥନୀତିର ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରର ମିଳିତ ସମ୍ଭାବନାରେ ଅଗ୍ରଣୀ ଭୂମିକା ଗ୍ରହଣ କରୁଛି। ଏମ୍‌ଏସ୍‌ଏମ୍‌ଇ ସହଜ–ଇନଭଏସ୍ ଫାଇନାନ୍ସିଂ ପାଇଁ ଡିଜିଟାଲ ବିଜନେସ୍ ଲୋନ୍ ଆମର ବର୍ତ୍ତମାନର ଅଣୁ ଏସ୍‌ଏମ୍‌ଇ ୟୁନିଟଗୁଡିକୁ ଏକ ଅନନ୍ୟ ପ୍ରସ୍ତାବ ପ୍ରଦାନ କରିବ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଣଖୁଆ କାହିଁ ଆଖୁ ହୋଇବ କି**
**ବଣଭୁଆ ହେବ ବାଘ?**
**କଣ ଭୁଆସୁଣୀ ସଭାରେ ବସିବ**
**ଛଣଗୁଣ୍ଡି ହେବ ଶାଗ?**

ଯେପରି ଅଣଖୁଆ କେବେ ଆଖୁ ହୁଏ ନାହିଁ କି ବିଲେଇ ମଧ୍ୟ ବାଘ ଭଳି ହୁଏ ନାହିଁ, ଠିକ୍ ସେହିପରି ଭାବେ ଛଣ ବିଡ଼ା ମଧ୍ୟ ଶାଗର ସମକକ୍ଷ ହୋଇପାରେ ନାହିଁ। ତେଣୁ ମଣିଷ ନିଜ ଜୀବନରେ କେବଳ ଯୋଗ୍ୟତା ଅନୁସାରେ ହିଁ ପଦମର୍ଯ୍ୟାଦା ଲାଭ କରିଥାଏ। ଯିଏ ଅଯୋଗ୍ୟ ସିଏ ଉପଯୁକ୍ତ ଆସନର ଅଧିକାରୀ ହୋଇପାରନ୍ତିନାହିଁ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଅଳ୍ପ କଥାରେ ଟଳମଳ**
**ବହୁତ କଥାରେ ଦିହ ପଥର।**

ସଂସାରରେ ଏଭଳି ଲୋକ ଅଛନ୍ତି, ଯେଉଁମାନେ କି ସାମାନ୍ୟ କଥାରେ ବ୍ୟତିବ୍ୟସ୍ତ ହୋଇପଡ଼ନ୍ତି। ପରନ୍ତୁ ଏହାଠାରୁ ବହୁ ବଡ଼ ବଡ଼ ଟାଣ ଏବଂ ତୀକ୍ଷ୍ଣ କଥା ଅଛି, ଯାହାକୁ ସେମାନେ ଶୁଣି ପଥର ଭଳି ଦେହକୁ ଟାଣ କରି ସହି ନେଇଥାନ୍ତି ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ–ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:




ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ୨୦୩୦ ସୁଦ୍ଧା ୨ଗୁଣ ହେବ ଡିଜିଟାଲ ପେମେଣ୍ଟ

ଭୁବନେଶ୍ୱର,୧୪।୭
(ଅନୁରାଧା ମହାରଣା)

ଡିଜିଟାଲ କାରବାର ଦ୍ରୁତଗତିରେ ବଢୁଛି। ଏହି କ୍ରମରେ ୨୦୩୦ ସୁଦ୍ଧା ଭାରତରେ ଖୁଚୁରା ଡିଜିଟାଲ ଦେୟ ବର୍ତ୍ତମାନର ସ୍ତରରୁ ୨ଗୁଣ ହୋଇ ୭ ଟ୍ରିଲିୟନ ଡଲାରରେ ପହଞ୍ଚିବ ବୋଲି ଆଶା କରାଯାଉଛି। କିର୍ନେ ଏବଂ ଆମାଜନ୍ ପେ ସେମାନଙ୍କର ଗୋଟିଏ ଅଧ୍ୟୟନରେ ଏହି ତଥ୍ୟ ପ୍ରକାଶ କରିଛନ୍ତି। ଦେଶରେ ସହରାଞ୍ଚଳରେ ବାସ କରୁଥିବା ଲୋକ କିପରି ଦେୟ ଦିଅନ୍ତି ସେ ନେଇ ପ୍ରକାଶିତ ଏହି ରିପୋର୍ଟରେ ଦର୍ଶାଯାଇଛି ଯେ, ଅନ୍‌ଲାଇନ ଶପିଂ ଡିଜିଟାଲ ପେମେଣ୍ଟ ଗ୍ରାହକଙ୍କ ମଧ୍ୟରେ ଦୃଢ଼ ପରିବର୍ତ୍ତନ ଆଣିପାରେ। ଅନ୍‌ଲାଇନ ଶପିଂ କରିବା ସମୟରେ ୯୦ ପ୍ରତିଶତ ଲୋକ ଡିଜିଟାଲ ପେମେଣ୍ଟକୁ ପସନ୍ଦ କରିଥା'ନ୍ତି। ମାତ୍ର ଧନୀ ଗ୍ରାହକମାନେ ସର୍ବାଧିକ ଡିଜିଟାଲ ପେମେଣ୍ଟ ବ୍ୟବହାର (ଡିଡିପିୟୁ) କରୁଛନ୍ତି। ଏହିପରି ଗ୍ରାହକମାନେ ସେମାନଙ୍କ କାରବାରର ୮୦ ପ୍ରତିଶତ ପାଇଁ ଡିଜିଟାଲ ଦେୟର ବିଭିନ୍ନ ପଦ୍ଧତି ବ୍ୟବହାରକରନ୍ତି। ରିପୋର୍ଟରେ କୁହାଯାଇଛି, ଯୁବପିଢ଼ି ସମସ୍ତ ପ୍ରକାର ଡିଜିଟାଲ ପେମେଣ୍ଟ ଟୁଲ୍ ଗ୍ରହଣ କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ଉଭୟ ପୁରୁଷ ଏବଂ ମହିଳା ସେମାନଙ୍କ କାରବାରର ପ୍ରାୟ ୭୨ ପ୍ରତିଶତରେ ଡିଜିଟାଲ ପେମେଣ୍ଟ ଟୁଲ୍ ବ୍ୟବହାର କରନ୍ତି, ଯାହା ଲିଙ୍ଗଗତ ସମାନତାକୁ ପ୍ରତିଫଳିତ କରିଥାଏ। ଉଭୟ ଅଫ୍‌ଲାଇନ ଏବଂ ଅନ୍‌ଲାଇନରେ ୧୨୦ ସହରରେ ୬,୦୦୦ରୁ ଅଧିକ ଗ୍ରାହକ ଏବଂ ୧୦୦୦ରୁ ଅଧିକ ବ୍ୟବସାୟୀଙ୍କ ମଧ୍ୟରେ କରାଯାଇଥିବା ଏକ ଅନ୍‌ଲାଇନ ସର୍ଭେ ଉପରେ ଏହି ଗବେଷଣା ଆଧାରିତ। ଏଥିରେ ବିଭିନ୍ନ ଅଞ୍ଚଳ, ଆୟ ଗୋଷ୍ଠୀ, ସହର ବର୍ଗ, ବୟସ ବର୍ଗରୁ ପ୍ରତିନିଧିତ୍ୱ ଅଛି। ୨୦୨୨ ମସିହାରେ ଭାରତରେ ବଜାର ମୂଲ୍ୟ ୭୫ ବିଲିୟନରୁ ୮୦ ବିଲିୟନ ଡଲାର ମଧ୍ୟରେ ଥିବା ଇ–ବାଣିଜ୍ୟ କ୍ଷେତ୍ରରେ ବୃଦ୍ଧି ପାଇଛି।

## ଗ୍ରୀନ୍ ହାଇଡ୍ରୋଜେନ୍ ବିପ୍ଳବରେ ଓଡ଼ିଶାର ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର,୧୪।୭
(ଅନୁରାଧା ମହାରଣା)

ଅକ୍ଷୟ ଶକ୍ତି କ୍ଷେତ୍ରରେ ଉଲ୍ଲେଖନୀୟ ଅଭିବୃଦ୍ଧି ପାଇଁ ଓଡ଼ିଶା ପ୍ରସ୍ତୁତ ରହିଛି। ସବୁଜ ଶକ୍ତି ମାଧ୍ୟମରେ ଇସ୍ପାତ ଓ ଆଲୁମିନିୟମ ଭଳି ପାରମ୍ପରିକ କ୍ଷେତ୍ରର ମୂଲ୍ୟ ବୃଦ୍ଧି ପାଇଁ ପ୍ରତିଶ୍ରୁତି ଦେଇଥିବା ଗ୍ରୀନ୍ ହାଇଡ୍ରୋଜେନ୍ ବିପ୍ଳବରେ ଓଡ଼ିଶା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଶନିବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଭାରତୀୟ ଅକ୍ଷୟ ଶକ୍ତି ବିକାଶ ଏଜେନ୍ସି (ଆଇଆର୍‌ଇଡିଏ) ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ କୁମାର ଦାସ ଏପରି ମତ ରଖିଛନ୍ତି। ଏମ୍‌ଏନ୍‌ଆର୍‌ଇ ତଥ୍ୟ ଉପସ୍ଥାପନକରି ଦାସ କହିଛନ୍ତି, ୨୦୨୪ ଜୁନ୍ ସୁଦ୍ଧା ଓଡ଼ିଶାର ସ୍ଥାପିତ ଅକ୍ଷୟ ଶକ୍ତି କ୍ଷମତା ପ୍ରାୟ ୨.୮ ଗିଗାୱାଟ୍ ରହିଛି, ଯେଉଁଥିରେ ପ୍ରାୟ ୨.୧ ଗିଗାୱାଟ୍ ବୃହତ୍ ଜଳ ପ୍ରକଳ୍ପ ଏବଂ ଅନ୍ୟାନ୍ୟ ଅକ୍ଷୟ ଉତ୍ସ ଯଥା ସୌର, କ୍ଷୁଦ୍ର ଜଳ ଏବଂ ପବନ ଅନ୍ତର୍ଭୁକ୍ତ। ସୌର, ପବନ ଓ ଜଳବିଦ୍ୟୁତ୍ କ୍ଷମତା କ୍ଷେତ୍ରରେ ଓଡ଼ିଶା ଶ୍ରେଷ୍ଠ ୧୦ ଏବଂ ବାୟୋମାସ୍ ସମ୍ଭାବନାରେ ୧୪ତମ ସ୍ଥାନରେ ରହିବା ସହ ଓଡ଼ିଶାରେ ଅକ୍ଷୟ ଶକ୍ତି ସମ୍ଭାବନା ଯଥେଷ୍ଟ ରହିଛି। ରାଜ୍ୟରେ ପ୍ରାୟ ୩.୮ ଗିଗାୱାଟ ଅକ୍ଷୟ ଶକ୍ତି ଚୁକ୍ତି କ୍ଷମତା ଏବଂ ଓଡ଼ିଶା ଭିତରେ ଓ ବାହାରେ ଥିବା କାରଖାନାଗୁଡ଼ିକରୁ ୪.୨ ଗିଗାୱାଟ୍ ତାପଜ ଚୁକ୍ତିଭିତ୍ତିକ କ୍ଷମତା ରହିଛି ଯାହା ଏହାର ଉତ୍ପାଦନ ମିଶ୍ରଣରେ ୨୯% ସବୁଜ ଶକ୍ତି ଯୋଗଦାନ ଦେଉଛି। ଦାସଙ୍କ ସୂଚନା ଅନୁଯାୟୀ, ୨୦୨୪ ଜୁନ୍ ଶେଷ ସୁଦ୍ଧା ଏହା ୩,୦୬୦ କୋଟି ଟଙ୍କାର ଋଣ ମଞ୍ଜୁର କରିଛି ଏବଂ ୧,୯୩୪ କୋଟି ଟଙ୍କା ଆବଣ୍ଟନ କରିଛି। ଓଡ଼ିଶା ପାଇଁ ବର୍ତ୍ତମାନ ଲୋନ୍ ବୁକ୍ ୧୪୫୬ କୋଟି ଟଙ୍କା ରହିଛି। ଓଡ଼ିଶାର ଅକ୍ଷୟ ଶକ୍ତି ବିକାଶକୁ ତ୍ୱରାନ୍ୱିତ କରିବା ଏବଂ ଏହାର ସମ୍ପୂର୍ଣ୍ଣ ସମ୍ଭାବନାକୁ ଉପଲବ୍ଧ କରିବା ପାଇଁ ଆଇଆର୍‌ଇଡିଏ ଉତ୍ସର୍ଗୀକୃତ ବୋଲି ଦାସ କହିଛନ୍ତି। ସୂଚନା ଥାଉକି, ନିକଟରେ ଆଇଆର୍‌ଇଡିଏ ପରିଚାଳନା ନିର୍ଦ୍ଦେଶକ ଦାସ ଓ ନିର୍ଦ୍ଦେଶକ (ଅର୍ଥ) ଡ. ବିଜୟ କୁମାର ମହାନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କୁ ଭେଟିଥିଲେ। ଏହି ବୈଠକରେ ଦାସ ସମଗ୍ର ଦେଶରେ ଅକ୍ଷୟ ଶକ୍ତି ପ୍ରକଳ୍ପ ଆର୍ଥିକ ସହାୟତା କ୍ଷେତ୍ରରେ ଆଇଆର୍‌ଇଡିଏ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ।

**ଅନ୍ୟାନ୍ୟ ଖବର**

## ୱିମ୍ବେଲଡନ୍ ଫାଇନାଲ ଦେଖିଲେ କେଟ୍ ମିଡିଲଟନ୍

ଲଣ୍ଡନ,୧୪।୭

ବ୍ରିଟେନ୍ ଯୁବରାଣୀ କେଟ୍ ମିଡିଲଟନ୍ କ୍ୟାନ୍‌ସରରୁ ଆରୋଗ୍ୟ ହେଉଥିବାବେଳେ ରବିବାର ଲଣ୍ଡନରେ ଅନୁଷ୍ଠିତ ୱିମ୍ବଲଡନ୍ ପୁରୁଷ ଫାଇନାଲ୍ ମ୍ୟାଚ୍ ଦେଖିବାକୁ ଆସିଥିଲେ। ସେ ରୟାଲ ବକ୍ସରେ ଆସନ ଗ୍ରହଣ କଲାବେଳେ ଉତ୍ସାହିତ ଦର୍ଶକମାନଙ୍କୁ ହାତ ହଲାଇ ଅଭିନନ୍ଦନ ଜଣାଉଥିବା ଦେଖାଯାଇଥିଲା। ତାଙ୍କ ପାଖରେ ଅଭିନେତା ଟମ୍ କ୍ରୁଜ୍, ଜେଣ୍ଡାୟା ଏବଂ ହଗ୍ ଜାକ୍‌ମାନ ବସିଥିଲେ। ୪୨ ବର୍ଷୀୟା ପ୍ରିନ୍ସେସ୍ ଅଫ୍ ୱେଲ୍ସଙ୍କ ସହ ତାଙ୍କର ୯ ବର୍ଷର ଝିଅ ଚାର୍ଲୋଟେ ଥିଲେ। ମ୍ୟାଚ୍ ପୂର୍ବରୁ ମିଡିଲଟନ୍ ଖେଳାଳିଙ୍କ ସହ କଥା ହେଉଥିବା ଦେଖାଯାଇଥିଲା। ମେନ୍ସ ସିଙ୍ଗଲ ଫାଇନାଲରେ ସର୍ବିୟାର ନୋଭାକ୍



ଜୋକୋଭିକ୍ ଏବଂ ସ୍ପେନ୍‌ର କାର୍ଲୋସ୍ ଅଲ୍‌କାରାଜ ପରସ୍ପରକୁ ଭେଟିଥିଲେ।

## ପୁଅ ମୃତ୍ୟୁ ଖବର ଶୁଣି ଆଖି ବୁଜିଲେ ବାପା

ନୀଳଗିରି,୧୪।୭(ପ୍ରଶାନ୍ତ ବିଶ୍ୱାଳ)

**ଋଣ ଚିନ୍ତାରେ ଗଲା ୩ ଜୀବନ**

ବାଲେଶ୍ୱର ଜିଲା ନୀଳଗିରି ଥାନା କେପି ଲାଖରାଜ ପଞ୍ଚାୟତର ଚଣ୍ଡୀପୁର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଋଣ ଚିନ୍ତାରେ ଗୋଟିଏ ପରିବାରର ୩ ଜୀବନ ଯାଇଛି। ଋଣ ଭାରାକ୍ରାନ୍ତ ଏକ ଦମ୍ପତି ବିଷ ପିଇ ଆତ୍ମହତ୍ୟା କରିଥିବା ବେଳେ ପୁଅ ମୃତ୍ୟୁ ଖବର ଶୁଣି ବାପା ଆଖି ବୁଜିବା ଆଲୋଡ଼ନ ସୃଷ୍ଟି କରିଛି।

ସୂଚନା ଅନୁଯାୟୀ, ଚଣ୍ଡୀପୁର ଗ୍ରାମର ସ୍ୱରୁପାନନ୍ଦ ଗୋସ୍ୱାମୀ ଏବଂ ତାଙ୍କ ସ୍ତ୍ରୀ ସୁଶ୍ରୀ ସଂଗୀତା ଦେବଗୋସ୍ୱାମୀ କିଛି ଅର୍ଥ ଲଗାଣକାରୀ ସଂସ୍ଥା ସମେତ ସ୍ୱୟଂସହାୟିକା ଗୋଷ୍ଠୀରୁ ଲକ୍ଷାଧିକ ଟଙ୍କା ଋଣ ଆଣି ହଲର୍ ମେଶିନ, ମୁଢ଼ି ମିଲ୍, ହଳଦୀ ପ୍ୟାକିଂ ମେଶିନ ବସାଇ ପରିବାର ପ୍ରତିପୋଷଣ କରିଆସୁଥିଲେ। ମାତ୍ର ଉକ୍ତ ସଂସ୍ଥାଗୁଡ଼ିକ କ୍ଷତିରେ ଚାଲିବା ଫଳରେ ଠିକ୍ ସମୟରେ ଋଣ ପରିଶୋଧ କରିପାରି ନ ଥିଲେ। ଋଣ ଲଗାଣକାରୀ ସଂସ୍ଥାର ବାରମ୍ବାର ତାଗିଦା ଏବଂ ଜୁଲମ ଯୋଗୁ ଗତ ବୁଧବାର ବିଳମ୍ବିତ ରାତିରେ ଉକ୍ତ ଦମ୍ପତି ବିଷ ପିଇ ଦେଇଥିଲେ। ଚିକିତ୍ସା ପାଇଁ ସେମାନଙ୍କୁ ପ୍ରଥମେ ନୀଳଗିରି ହସ୍ପିଟାଲ ଓ ପରେ ରେମୁଣାସ୍ଥିତ ଫକୀର ମୋହନ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ଉତ୍ତମ ଚିକିତ୍ସା ପାଇଁ ପରିବାର ଲୋକ ଉଭୟଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲକୁ ନେଇ ଯାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ରାତିରେ ସଂଗୀତାଙ୍କ ମୃତ୍ୟୁ ଘଟିଥିଲା। ଶନିବାର ରାତି ପ୍ରାୟ ୨ଟା ୧୫ ମିନିଟ୍‌ରେ ସ୍ୱରୁପାନନ୍ଦଙ୍କ ମଧ୍ୟ ମୃତ୍ୟୁ ହୋଇଥିଲା। ପରିବାର ଲୋକେ ପୁରୀ ସ୍ୱର୍ଗଦ୍ୱାର ନେଇ ଶେଷକୃତ୍ୟ ସମ୍ପନ୍ନ କରାଇଥିଲେ। ତେବେ ରବିବାର ସକାଳେ ପୁଅ ମୃତ୍ୟୁ ଖବର ଜାଣିବା ପରେ ସ୍ୱରୁପାନନ୍ଦଙ୍କ ବାପା ଜୟକୃଷ୍ଣ ନନ୍ଦଦେବ ଗୋସ୍ୱାମୀଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ମୃତ ଦମ୍ପତିଙ୍କ ଗୋଟିଏ ପୁଅ ଓ ଗୋଟିଏ ନାବାଳିକା ଝିଅ ମା'ବାପାଙ୍କୁ ହରାଇ ବେସାହାରା ହୋଇପଡ଼ିଛନ୍ତି।

# ଅଲକାରାଜଙ୍କୁ ଦ୍ୱିତୀୟ ଟାଇଟଲ

**ଲଣ୍ଡନ,୧୪।୭(ପି.ଟି.)**

ସର୍ବପୁରାତନ ଟେନିସ୍ ଗ୍ରାଣ୍ଡସ୍ଲାମ ୱିମ୍ବେଲଡନ୍‌ର ପୁରୁଷ ସିଙ୍ଗଲ୍ସ ଇଭେଣ୍ଟରେ ବିଜୟୀ ହୋଇଛନ୍ତି ସ୍ପେନ୍‌ର କାର୍ଲୋସ୍ ଅଲକାରାଜ। ଡିଫେଣ୍ଡିଂ ଚାମ୍ପିୟନ ଅଲକାରାଜ ଫାଇନାଲରେ ସର୍ବିୟାର ନୋଭାକ୍ ଜୋକୋଭିଚ୍‌ଙ୍କୁ ୬-୨, ୬-୨ ଓ ୭-୬(୭/୪)ରେ ପରାସ୍ତ କରିଥିଲେ। ଏହା ସହ କ୍ୟାରିୟରର ଚତୁର୍ଥ ଗ୍ରାଣ୍ଡସ୍ଲାମ ଟ୍ରଫି ଜିତିବାରେ ସମର୍ଥ ହୋଇଛନ୍ତି ଅଲକାରାଜ। ପ୍ରଥମ ଦୁଇ ସେଟ୍‌ରେ ଅଲକାରାଜ ଚମତ୍କାର ପ୍ରଦର୍ଶନ କରିଥିଲେ। ତାଙ୍କର ଦ୍ରୁତ ସର୍ଭିସର କୌଣସି ଉତ୍ତର ଜୋକୋଭିଚ୍‌ଙ୍କ ନିକଟରେ ନ ଥିଲା। ତୃତୀୟ ସେଟ୍‌ରେ ଉଭୟ ଖେଳାଳି ପରସ୍ପରକୁ ଛାଡି ନ ଥିବା ବେଳେ ମ୍ୟାଚ୍ ଟାଇବ୍ରେକରକୁ ଯାଇଥିଲା। ଏହାକୁ ୭-୪ରେ ଜିତିବା ସହ କ୍ୟାରିୟରର ଦ୍ୱିତୀୟ ତଥା ଓଭରଅଲ ଚତୁର୍ଥ ଗ୍ରାଣ୍ଡସ୍ଲାମ ଜିତିଥିଲେ ଅଲକାରାଜ।

## ସିନିଆକୋଭା-ଟାଉନସେଣ୍ଡଙ୍କୁ ମହିଳା ଡବଲ୍ସ ଟାଇଟଲ

ମହିଳା ଡବଲ୍ସ ଟାଇଟଲ ବିଜୟୀ ହୋଇଛନ୍ତି ଚେକ୍‌ରିପବ୍ଲିକ୍‌ର କାଟେରିନା ସିନିଆକୋଭା ଓ ଆମେରିକାର ଟେଲର ଟାଉନସେଣ୍ଡ। ବିଶ୍ୱ ମାନ୍ୟତାର ଦ୍ୱିତୀୟ ସ୍ଥାନରେ ଥିବା କାନାଡାର ଗାବ୍ରିଏଲା ଡାବ୍ରୋସ୍କି ଓ ନ୍ୟୁଜିଲାଣ୍ଡର ଏରିନ୍ ରୁଟଲିଫେଙ୍କୁ ୭-୬(୭/୫) ଓ ୭-୬(୭/୧) ସେଟ୍‌ରେ ପରାସ୍ତ କରିଥିଲେ ସିନିଆକୋଭା-ଟାଉନସେଣ୍ଡ। ଫାଇନାଲ ମ୍ୟାଚ୍‌ଟି ବେଶ୍ ସଂଘର୍ଷପୂର୍ଣ୍ଣ ରହିଥିଲା। ସିନିଆକୋଭା-ଟାଉନସେଣ୍ଡ ସିଧାସଳଖ ସେଟ୍‌ରେ ଫାଇନାଲ ଜିତିଥିଲେ ମଧ୍ୟ ଉଭୟ ସେଟ୍ ଟାଇବ୍ରେକରରେ ଫଇସଲା ହୋଇଥିଲା। ପ୍ରଥମ ସେଟ୍‌ଟି ୬-୬ରେ ଥିବାବେଳେ ୭-୫ ଟାଇବ୍ରେକରରେ

**ୱିମ୍ବେଲଡନ୍ ଗ୍ରାଣ୍ଡସ୍ଲାମ**

ଏହାର ଫଳାଫଳ ମିଳିଥିଲା। ଅନ୍ୟ ପକ୍ଷରେ ଦ୍ୱିତୀୟ ସେଟ ଟାଇବ୍ରେକରକୁ ସମ୍ପୂର୍ଣ୍ଣ ଏକପାଖିଆ ଜିତି ନେଇଥିଲେ ସିନିଆକୋଭା-ଟାଉନସେଣ୍ଡ।

## ହେଲିଓଭେରା-ପାଟ୍ଟେନ ଚାମ୍ପିୟନ

ପୁରୁଷ ଡବଲ୍ସ ଫାଇନାଲରେ ଅଣସିଡେଡ୍ ହ୍ୟାରୀ ହେଲିଓଭେରା ଓ ହେନରୀ ପାଟ୍ଟେନଙ୍କ ଯୋଡି ବିଶ୍ୱ ମାନ୍ୟତାର ୧୫ ତମ ସ୍ଥାନରେ ଥିବା ଅଷ୍ଟ୍ରେଲିଆର ମାକ୍ସ ପର୍ସେଲ ଓ ଜୋର୍ଡାନ୍ ଥମ୍ପସନଙ୍କୁ ୬-୭(୭/୯), ୭-୬(୧୦/୮), ୭-୬(୧୧/୯) ହରାଇଥିଲେ। ପର୍ସେଲ ଓ ଥମ୍ପସନ ପ୍ରଥମ ସେଟ୍‌ରେ ବିଜୟୀ ହୋଇଥିଲେ ମଧ୍ୟ ହେଲିଓଭେରା-ପାଟ୍ଟେନ ପରବର୍ତ୍ତୀ ୨ ସେଟ୍‌ରେ ବିଜୟୀ ହୋଇଥିଲେ।



ଟ୍ରଫି ସହ କାର୍ଲୋସ୍ ଅଲକାରାଜ।

# ଏମିତି ବି ହୋଇପାରେ

**ପ୍ୟାରିସ୍ ଅଲିମ୍ପିକ୍ସ**

PARiS 2024

**ଆଉ ୧୧ ଦିନ**

ଦୁଇବର୍ଷ ପୂର୍ବେ ହସ୍ପିଟାଲ ବେଡ୍‌ରେ ଥିଲେ ମହିଳା ଡଚ୍ (ନେଦରଲାଣ୍ଡ୍ସ) ନୌଚାଳକ (ରୋୟର) ମାର୍ଲସ ଓଲ୍ଡେନବର୍ଗ। ସେତେବେଳେ ଡାକ୍ତରମାନେ ତାଙ୍କୁ ପଚାରିଥିଲେ, ଅସ୍ତ୍ରୋପଚାରରେ ରିସ୍କ ଅଛି, କିଛି ବି ଘଟିପାରେ। ତୁମେ ଯଦି ଚାହଁ ତେବେ ତୁମ ଅଙ୍ଗଦାନ କରିପାରିବ। ଓଲ୍ଡେନବର୍ଗ ବିଶ୍ୱ ଚାମ୍ପିୟନଶିପ୍‌ରେ ଏକ ରୌପ୍ୟ ଜିତିଥିଲେ। ଏଥିଲାଗି ଏକ ବିଜୟ ଉତ୍ସବ ଟ୍ରିପ୍‌ରେ ବାହାରିଥିବା ବେଳେ ଏକ ମର୍ମନ୍ତୁଦ ବାଇସାଇକେଲ ଦୁର୍ଘଟଣାରେ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କ ପିଠିରେ ଏକାଧିକ ହାଡ଼ ଭାଙ୍ଗିଯାଇଥିଲା। ତାଙ୍କୁ ତୁରନ୍ତ ଏକ ହସ୍ପିଟାଲକୁ ଏୟାରଲିଫ୍ଟ କରାଯାଇଥିଲା। ସେତେବେଳେ ଓଲ୍ଡେନବର୍ଗ ବଞ୍ଚିବେ କି ନା କିମ୍ବା ଆଉ ଚାଲିବାରେ ସମର୍ଥ ହେବେ ସେ ନେଇ କିଛି ଠଉରେଇ ପାରି ନ ଥିଲେ। ପୁନର୍ବାର ସେ ରୋଇଂ କରିବାରେ ସମର୍ଥ ହେବେ କି ନା ତାହା ତାଙ୍କ ଭାବନା ବାହାରେ ଥିଲା। କିନ୍ତୁ ସମସ୍ତ କଳ୍ପନା ଜଳ୍ପନା ଓଲଟ ପାଲଟ ହୋଇଯାଇଥିଲା। ୧୨ ସପ୍ତାହ ପରେ ଓଲ୍ଡେନବର୍ଗ ଟ୍ରେନିଂକୁ ଫେରିଥିଲେ। ପ୍ୟାରିସ ଅଲିମ୍ପିକ୍ସ ନିକଟେଇ ଆସିଲାଣି। ସେ ରୋଇଂ ପ୍ରତିଯୋଗିତାରେ ଭାଗ ନେବା ଲାଗି ପ୍ରସ୍ତୁତି ଚଳାଇଛନ୍ତି। ଅସ୍ତ୍ରୋପଚାର ତାଙ୍କ ଜୀବନ ରକ୍ଷା କରିଛି। ଏବେ ସୁଦ୍ଧା ତାଙ୍କ ବେକ ପଛ ଭାଗରେ ଚର୍ମ ତଳେ ପିନ୍‌ମାନ ଲାଗି ରହିଛି। ସେ ବର୍ତ୍ତମାନ ଗୋଟିଏ ପାର୍ଶ୍ୱକୁ ତାଙ୍କ ବେକ ବୁଲାଇପାରୁ ନାହାନ୍ତି। ତଥାପି ସେ ଅଲିମ୍ପିକ୍ସରେ ଭାଗ ନେବା ଲାଗି ଦୃଢ଼ ଆଶାବାଦୀ ଅଛନ୍ତି। ବୋଟ୍‌ରେ ଚଢ଼ିବା ପୂର୍ବରୁ କିପରି ପହଁରିବାକୁ ପଡ଼ିବ ତାଙ୍କୁ ଆଉଥରେ ଶିଖିବାକୁ ହୋଇଥିଲା। ସେ ଶୀଘ୍ର ଏଥିରେ ପାରଙ୍ଗମ ହୋଇପଡ଼ିଲେ। ଆଉ କିଛି ଦିନ ପରେ ସେ ଅନ୍ୟତମ ପଦକ ଫେଭରିଟ୍ ଭାବେ ଫ୍ରାନ୍ସ ଅଭିମୁଖେ ଯାତ୍ରା କରିବେ। କକ୍ସଲେସ ଫୋର୍ ଇଭେଣ୍ଟ ପାଇଁ ଡଚ୍ ଦଳରେ ପ୍ରତିନିଧିତ୍ୱ କରିବେ।

# ନଜରରେ ରହିବେ ଶା'କାରି, ଡୁପ୍ଲାଣ୍ଟିସ

ଆସନ୍ତା ପ୍ୟାରିସ ଅଲିମ୍ପିକ୍ସରେ ଯେଉଁସବୁ ଆଥ୍‌ଲେଟମାନେ ନଜର ରହିବେ ସେମାନଙ୍କ ମଧ୍ୟରେ ରହିଛନ୍ତି ଆମେରିକାର ଶା'କାରି ରିଚାର୍ଡସନ। ସେ ହେଉଛନ୍ତି ମହିଳା ୧୦୦ମିଟର ଦୌଡ଼ର ବିଶ୍ୱ ଚାମ୍ପିୟନ। ଅଲିମ୍ପିକ୍ସରେ ସେ ତାଙ୍କର ପ୍ରଥମ ପଦାର୍ପଣ କରିବେ। ଡ୍ରଗ୍ ଟେଷ୍ଟରେ ବିଫଳ ହେବାରୁ ସେ ୩ବର୍ଷ ପୂର୍ବେ ଟୋକିଓ ଗେମ୍ସରେ ଅଂଶଗ୍ରହଣରୁ ବଞ୍ଚିତ ହୋଇଥିଲେ। ଅନ୍ୟ ଜଣେ ହେଲେ ଗତଥରର ଚାମ୍ପିୟନ ତଥା ୪୦୦ ମିଟର ହର୍ଡଲ୍ସରେ ବିଶ୍ୱ ରେକର୍ଡ ହାସଲକାରୀ ଆମେରିକାର ସିଡ୍‌ନୀ ମ୍ୟାକ୍‌ଲାଫିନ୍-ଲେଭରୋନ୍। ଆମେରିକାର ପୁରୁଷ ୧୦୦ ଓ ୨୦୦ ମିଟର ଧାବକ ନୋଆ ଲିଲେସ୍। ଗତବର୍ଷ ବିଶ୍ୱ ଚାମ୍ପିୟନଶିପ୍‌ରେ ସେ ଉଭୟ ଇଭେଣ୍ଟରେ ଟାଇଟଲ ବିଜୟୀ ଥିଲେ। ପୋଲଭଲ୍ଟରେ ସୁଇଡେନର ମୋଣ୍ଡୋ ଡୁପ୍ଲାଣ୍ଟିସ ନଜରରେ ରହିବେ। ୧୯୫୬ ପରଠାରୁ ସେ ପ୍ରଥମ ପୁରୁଷ ଆଥ୍‌ଲେଟ ଭାବେ ଅଲିମ୍ପିକ୍ସରେ କ୍ରମାଗତ ଟାଇଟଲ ଜିତିପାରିଛନ୍ତି। ଗତ ୪ ବର୍ଷ ମଧ୍ୟରେ ସେ ପ୍ରତିଥର ୧ ସେଣ୍ଟିମିଟର ହିସାବରେ ୮ଥର ବିଶ୍ୱ ରେକର୍ଡ ଭଙ୍ଗ କରିଛନ୍ତି। ବର୍ତ୍ତମାନ ତାଙ୍କ ରେକର୍ଡ ୬.୨୪ ମିଟର ରହିଛି। କ୍ରମାଗତ ୫ମ ଥର ଅଲିମ୍ପିକ୍ସରେ ଭାଗ ନେବାକୁ ଯାଉଛନ୍ତି ଜାମାଇକାନ ସ୍ପ୍ରିଣ୍ଟର ଶେଲି ଆନ୍ ଫ୍ରେଜର ପ୍ରାଇସ୍। ସେ ତାଙ୍କର ପଦକ ସଂଖ୍ୟା ୮ରେ ପହଞ୍ଚାଇବା ଲାଗି ଚେଷ୍ଟା କରିବେ। ସେ ତିନୋଟି ପଦକ ୧୦୦ ମିଟରରେ ହାସଲ କରିଛନ୍ତି। ଜଣେ ମହିଳା ଆଥ୍‌ଲେଟ ହିସାବରେ ଏହା ସର୍ବାଧିକ। ଯୁଦ୍ଧଗ୍ରସ୍ତ ୟୁକ୍ରେନର ବିଶ୍ୱ ଚାମ୍ପିୟନ ୟାରୋସ୍ଲାଭା ମାହୁଚିଖ୍ ହାଇଜମ୍ପରେ ନିଜ ଦେଶ ପାଇଁ ସ୍ୱର୍ଣ୍ଣ ଜିତିବା ଲକ୍ଷ୍ୟରେ ରହିଛନ୍ତି। ଗତଥରର ପୁରୁଷ ୧୦୦ ମିଟର ଚାମ୍ପିୟନ ଇଟାଲୀର ମାର୍ସେଲ ଜାକବ୍ସ ଏଥର ତାଙ୍କ ଟାଇଟଲ ବଜାୟ ରଖିବା ଲାଗି ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ।





ଜିମ୍ବାୱେ ବିପକ୍ଷରେ ଟି୨୦ ସିରିଜ୍ ବିଜୟୀ ଭାରତୀୟ ଦଳ।

# ୪-୧ରେ ସିରିଜ୍ ଜିତିଲା ଭାରତ

**ହରାରେ,୧୪।୭**

ଜିମ୍ବାୱେ ବିପକ୍ଷ ୫ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ୍‌ର ଅନ୍ତିମ ମ୍ୟାଚକୁ ୪୨ ରନ୍‌ରେ ଜିତିବା ସହିତ ୪-୧ରେ ସିରିଜ ଜିତି ନେଇଛି। ଭାରତ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୬ ଉଇକେଟ ହରାଇ ୧୬୭ ରନ୍ କରିଥିଲା। ଜବାବରେ ଜିମ୍ବାୱେ ୧୮.୩ ଓଭରରେ ୧୨୫ ରନରେ ଅଲଆଉଟ ହୋଇଥିଲା। ଏହି ମ୍ୟାଚ୍ ଆଗରୁ ଭାରତ ସିରିଜ ଜିତି ସାରିଥିବା ବେଳେ ଅନ୍ତିମ ମ୍ୟାଚ୍‌ରେ ରିୟାନ ପରାଗ ଓ ମୁକେଶ କୁମାରଙ୍କୁ ଖେଳାଇଥିଲା ଭାରତ।

ଜିମ୍ବାୱେ ଟସ୍ ଜିତି ଭାରତକୁ ବ୍ୟାଟିଂ ଆମନ୍ତ୍ରଣ ଦେଇଥିଲା। ଯଶସ୍ୱୀ ଜୟସ୍ୱାଲ(୧୨), ଶୁବମାନ ଗିଲ୍(୧୩) ଓ ଅଭିଷେକ ଶର୍ମା(୧୪) ରନ୍ କରିଥିଲେ। ଦଳୀୟ ସ୍କୋର ୧୩ ରନ୍‌ରେ ଜୟସ୍ୱାଲ ଆଉଟ ହୋଇଥିଲେ। ଗିଲ୍ ଓ ଅଭିଷେକ ୨୫ ରନ୍ ଯୋଡିବା ପରେ ମାତ୍ର ୨ ରନ୍ ବ୍ୟବଧାନରେ ଉଭୟ ଖେଳାଳି ଆଉଟ ହୋଇଥିଲେ। ପରେ ସଞ୍ଜୁ ସାମସନ୍ (୫୮) ଓ ରିୟାନ୍ ପରାଗ(୨୨) ଚତୁର୍ଥ ଉଇକେଟରେ ୬୫ ରନ୍ ଯୋଡିଥିଲେ। ଉଭୟ ଖେଳାଳି ସତର୍କତାର ସହ ବ୍ୟାଟିଂ କରି ସ୍କୋରକୁ ଆଗକୁ ବଢାଇଥିଲେ। ପରାଗ ୨୪ ବଲ୍ ଖେଳି ୧ ଛକା ସହ ୨୨ ରନ୍ କରିଥିଲେ। ଅନ୍ୟ ପକ୍ଷରେ ଇନିଂସର ଟପ୍ ସ୍କୋରର ଥିବା ସାମସନ୍ ୪୫ ବଲ୍ ଖେଳି ୧ ଚୌକା ଓ ୪ ଛକା ମାରିଥିଲେ। ଶେଷଭାଗରେ ଶିବମ ଦୁବେ ଦ୍ରୁତ ୨୬ ରନ୍ କରିବାରୁ ଭାରତ ୧୬୭ ରନ୍‌ରେ ପହଞ୍ଚିଥିଲା। ୧୨ ବଲ୍ ଖେଳିଥିବା ଦୁବେ ୨ଟି ଲେଖାଏ ଛକା ଓ ଚୌକା ମାରିଥିଲେ। ଜିମ୍ବାୱେ ପକ୍ଷରୁ ବ୍ଲେସିଙ୍ଗ ମୁଜାରବାନି ୨, ବ୍ରେଣ୍ଡନ ମାଭୁଭା, ରିଚାର୍ଡ ଏନ୍‌ଗାରଭା ଓ ସିକନ୍ଦର ରାଜା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

୧୬୮ ରନ୍ ଲକ୍ଷ୍ୟର ପିଛା କରୁଥିବା ଜିମ୍ବାୱେକୁ ଆରମ୍ଭରୁ ଝଟ୍‌କା ଦେଇଥିଲେ ମୁକେଶ କୁମାର। ମୁକେଶ ପ୍ରଥମ ୩ ଓଭରରେ ଜିମ୍ବାୱେର ୨ ବ୍ୟାଟରଙ୍କୁ ପ୍ୟାଭିଲିୟନ ଫେରାଇଥିଲେ। ଟାଡିୱାନାଶେ ମାରୁମନି(୨୭) ଓ ଡିୟନ ମାୟର୍ସ(୩୪) ତୃତୀୟ ଉଇକେଟରେ ୪୪ ରନ୍ ଯୋଡିଥିଲେ। ମାରୁମନିଙ୍କୁ ଆଉଟ କରି ମୁକେଶ ଏହି ଯୋଡି ଭାଙ୍ଗିଥିଲେ। ତେବେ ଏହି ଦୁଇ ଖେଳାଳି ଆଉଟ ହେବା ପରେ ଜିମ୍ବାୱେ ନିୟମିତ ବ୍ୟବଧାନରେ ଉଇକେଟ ହରାଇ ୧୨୫ରେ ଅଲଆଉଟ ହୋଇଥିଲା। ଶେଷ ଭାଗରେ ଫରାଜ ଆକ୍ରମ ୧୩ ବଲ୍‌ରୁ ୨ଟି ଲେଖାଏ ଛକା ଓ ଚୌକା ମାରି ୨୭ ରନ୍ କରିଥିଲେ। ଭାରତ ପକ୍ଷରୁ ମୁକେଶ କୁମାର ୪, ଶିବମ ଦୁବେ ୨, ଅଭିଷେକ ଶର୍ମା, ୱାଶିଂଟନ୍ ସୁନ୍ଦର ଓ ତୁଷାର ଦେଶପାଣ୍ଡେ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଶିବମ ଦୁବେଙ୍କୁ ପ୍ଲେୟର ଅଫ ଦ ମ୍ୟାଚ୍ ଓ ୱାଶିଂଟନ୍ ସୁନ୍ଦରଙ୍କୁ ପ୍ଲେୟର ଅଫ୍ ଦ ସିରିଜ୍ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୧୬୭/୬ (ସଞ୍ଜୁ ସାମସନ୍-୫୮, ଶିବମ ଦୁବେ-୨୬, ରିୟାନ ପରାଗ-୨୨, ବ୍ଲେସିଙ୍ଗ ମୁଜାରବାନି-୨/୧୯, ବ୍ରେଣ୍ଡନ ମାଭୁଭା-୧/୩୯, ରିଚାର୍ଡ ଏନ୍‌ଗାରଭା-୧/୨୯)। ଜିମ୍ବାୱେ ୧୮.୩ ଓଭରରେ ୧୨୫/୧୦(ଡିଓନ୍ ମାୟର୍ସ-୩୪, ଫରାଜ ଆକ୍ରମ-୨୭, ଟାଡିୱାନାଶେ ମାରୁମନି-୨୭, ମୁକେଶ କୁମାର-୪/୨୨, ଶିବମ ଦୁବେ-୨/୨୫, ୱାଶିଂଟନ ସୁନ୍ଦର-୧/୭)।

# କାନାଡାକୁ ହରାଇ ଉରୁଗୁଏ ତୃତୀୟ

**ଚାର୍ଲୋଟ, ୧୪।୭ (ଏପି):** କୋପା ଆମେରିକା ଫୁଟ୍‌ବଲ ଟୁର୍ନାମେଣ୍ଟର ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚରେ କାନାଡାକୁ ୪-୩ ଶୁଟ୍‌ଆଉଟରେ ହରାଇ ଦେଇଛି ଉରୁଗୁଏ। ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚର ନିର୍ଦ୍ଧାରିତ ସମୟ ଖେଳ ୨-୨ରେ ଅମୀମାଂସିତ ରହିବାରୁ ପେନାଲ୍ଟି ଶୁଟ୍‌ଆଉଟର ସହାୟତା ନିଆଯାଇଥିଲା। ମ୍ୟାଚରେ ରୋଡ୍ରିଗୋ ବେନାଟାନ୍‌କର ୮ମ ମିନିଟରେ ଗୋଲ ସ୍କୋର କରି ଉରୁଗୁଏକୁ ପ୍ରଥମେ ଅଗ୍ରଣୀ କରାଇଥିଲେ। ପରେ କାନାଡା ତରଫରୁ ଇସ୍‌ମାଇଲ କୋନ୍ (୨୨ତମ ମିନିଟ୍) ଓ ଜୋନାଥନ ଡେଭିଡ (୮୦ତମ ମିନିଟ) ଗୋଟିଏ ଲେଖାଏ ଗୋଲ୍ ସ୍କୋର କରି ତାଙ୍କ ଦଳକୁ ୨-୧ଗୋଲରେ ଅଗ୍ରଣୀ କରାଇଥିଲେ। ଏହି ପରିସ୍ଥିତିରେ ଉରୁଗୁଏର ୩୭ ବର୍ଷୀୟ ଷ୍ଟାର ଖେଳାଳି ତାଙ୍କର କମାଲ ଦେଖାଇଥିଲେ। ତାଙ୍କ (୯୦+୨ ମିନିଟ) ଷ୍ଟପେଜ ଟାଇମ୍ ଗୋଲ ବଳରେ ଉରୁଗୁଏ ନିର୍ଦ୍ଧାରିତ ସମୟ ଖେଳକୁ ୨-୨ରେ ଅମୀମାଂସିତ ରଖିପାରିଥିଲା। ଶୁଟଆଉଟରେ ଉରୁଗୁଏ ତରଫରୁ ଫେଡ୍ରିକୋ ଭାଲଭର୍ଡେ, ରୋଡ୍ରିଗୋ ବେଣ୍ଟନକର, ଜର୍ଜିଆନ ଡି' ଆରାସ୍କେଟା ଏବଂ ସୁଆରେଜ ଗୋଟିଏ ଲେଖାଏ ଗୋଲ୍ ଦେବାରେ ସମର୍ଥ ହୋଇଥିଲେ।

# ଦୁଲାଲ ଭାରତୀୟ ଦଳ ମ୍ୟାନେଜର

**ସମ୍ବଲପୁର, ୧୪।୭**
**(ପ୍ରମୋଦ ବହିଦାର)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଓଡ଼ିଶା ଅଲିମ୍ପିକ ଆସୋସିଏଶନର ଉପସଭାପତି ତଥା ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର ଅନ୍ୟତମ ସଦସ୍ୟ ଦୁଲାଲ ଚନ୍ଦ୍ର ପ୍ରଧାନଙ୍କୁ ମହିଳା ଟି୨୦ ଏସିଆ କପ୍ ୨୦୨୪ ପାଇଁ ଜାତୀୟ ମହିଳା କ୍ରିକେଟ୍ ଦଳର ମ୍ୟାନେଜର ଭାବେ ନିଯୁକ୍ତି ଦେଇଛି। ଏହି ଟୁର୍ନାମେଣ୍ଟ ଶ୍ରୀଲଙ୍କାରେ ଜୁଲାଇ ୧୯ରୁ ୨୮ ପର୍ଯ୍ୟନ୍ତ ହେବ।



ଦୁଲାଲ ଚନ୍ଦ୍ର ପ୍ରଧାନ

ଏହି ଗୁରୁଦାୟିତ୍ୱ ପାଇଁ ସେ ଓସିଏ ସମ୍ପାଦକ ସଞ୍ଜୟ ବେହେରା ଓ ବିସିସିଆଇ ସମ୍ପାଦକ ଜୟ ଶାହାଙ୍କ ପ୍ରତି ତାଙ୍କର କୃତଜ୍ଞତା ଜଣାଇଛନ୍ତି। ସେ ନିଷ୍ଠାର ସହିତ ଦାୟିତ୍ୱ ସମ୍ପାଦନ କରିବାକୁ ପ୍ରୟାସ କରିବେ ବୋଲି ଦୁଲାଲ କହିଛନ୍ତି। ଟି୨୦ ଏସିଆ କପ୍‌ରେ ଭାରତୀୟ ମହିଳା ଦଳ ବିଜୟୀ ହେବ ବୋଲି ସେ ଆଶାପ୍ରକାଶ କରିଛନ୍ତି। ଭାରତୀୟ ଦଳ ଜୁଲାଇ

**ମହିଳା ଟି୨୦ ଏସିଆ କପ୍**

୧୬ରେ ଚେନ୍ନାଇର ବିମାନ ଯୋଗେ ଶ୍ରୀଲଙ୍କା ଅଭିମୁଖେ ଯାତ୍ରା କରିବ। ଜୁଲାଇ ୧୯ରେ ଶ୍ରୀଲଙ୍କାର ରାଙ୍ଗିରୀ ଦମ୍ବୁଲା ଅନ୍ତର୍ଜାତୀୟ ଷ୍ଟାଡିୟମରେ ଭାରତୀୟ ଦଳ ପାକିସ୍ତାନ ବିପକ୍ଷରେ ଏହାର ପ୍ରଥମ ମ୍ୟାଚ ଖେଳିବ। ଟି୨୦ ଏସିଆ କପ୍‌ରେ ମୋଟ୍ ୮ଟି ଦଳ ଭାଗ ନେଇଛନ୍ତି। ସମସ୍ତ ଦଳକୁ ଦୁଇଟି ଗ୍ରୁପ୍‌ରେ ଭାଗ କରାଯାଇଛି। ଭାରତ ସମେତ ପାକିସ୍ତାନ, ନେପାଳ ଓ ସଂଯୁକ୍ତ ଆରବ ଏମିରେଟ୍ସ(ୟୁଏଇ)କୁ ମିଶାଇ ମୋଟ ୪ଟି ଦଳ ଗ୍ରୁପ୍ 'ଏ'ରେ ସ୍ଥାନ ପାଇଛନ୍ତି। ଭାରତୀୟ ମହିଳା କ୍ରିକେଟ ଦଳର ମ୍ୟାନେଜର ଭାବେ ନିଯୁକ୍ତି ପାଇଥିବାରୁ ଦୁଲାଲଙ୍କୁ ଓସିଏ ସଭାପତି, ସମ୍ପାଦକ ଏବଂ ଅନ୍ୟ କର୍ମକର୍ତ୍ତା ଅଭିନନ୍ଦ ଜଣାଇଛନ୍ତି।

# ଓଡ଼ିଶାରୁ ପ୍ରଥମଥର ୮ ଭାଗନେବେ

**ଭୁବନେଶ୍ୱର, ୧୪।୭ (ତପନ ସ୍ୱାଇଁ)**

ଭୁଟାନର ଥିମ୍ପୁଠାରେ ଦକ୍ଷିଣ ଏସୀୟ କରାଟେ ପ୍ରତିଯୋଗିତା ରବିବାରଠାରୁ ଆରମ୍ଭ ହୋଇଛି। ଏହା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଓଡ଼ିଶାରୁ ୮ କରାଟେକା ଅଂଶଗ୍ରହଣ କରିବେ। ରାଜ୍ୟରୁ ଏତେସଂଖ୍ୟକ ପ୍ରତିଯୋଗୀ ଏକାବେଳକେ ଭାଗନେବା ଏହା ପ୍ରଥମ। ପୂର୍ବରୁ ଗତବର୍ଷ ସର୍ବାଧିକ ୫ ଜଣ କରାଟେକା ଏଥିରେ ଅଂଶଗ୍ରହଣ କରିଥିଲେ। ଗତ

**ଦକ୍ଷିଣ ଏସୀୟ କରାଟେ ପ୍ରତିଯୋଗିତା**

ଜାତୀୟ ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରିଥିବା ପ୍ରତିଯୋଗୀଙ୍କୁ ନେଇ ରାଜ୍ୟ କରାଟେ ଡୋ ସଂଘ ପକ୍ଷରୁ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ଏଥିରେ ଉକ୍ତ ୮ ଜଣ ମନୋନୀତ ହୋଇଥିଲେ। ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ କରାଟେକା ଭାଲେଣ୍ଟିନା ୨ଟି ଇଭେଣ୍ଟ ବ୍ୟକ୍ତିଗତ କାଟା ଓ ଟିମ୍ କାଟାରେ ଅଂଶଗ୍ରହଣ କରିବେ। ଅନ୍ୟମାନଙ୍କ ମଧ୍ୟରେ ଅନୁପମା ସ୍ୱାଇଁ, ଶୁଭକାନ୍ତ ବିଶ୍ୱାଳ, ଓମ୍ ଶୁଭମ୍ ମହାନ୍ତି, ଅଂଶୁମାନ ଆଚାର୍ଯ୍ୟ, ଲୋମା ସ୍ୱାଇଁ (ସମସ୍ତେ ବ୍ୟକ୍ତିଗତ ଫାଇଟ୍), ସୁରମିତା ସିହ୍ନା ଟିମ୍ କାଟା, ଆଲିସା ସୁବୁଦ୍ଧି ବ୍ୟକ୍ତିଗତ କାଟାରେ ଭାଗନେବେ। ଏମାନଙ୍କ ମଧ୍ୟରୁ ଅନୁପମା, ଆଲିସା, ଓମ୍ ଶୁଭମ୍ ଓ ଅଂଶୁମାନ ପ୍ରଥମଥର ପାଇଁ ଦକ୍ଷିଣ ଏସୀୟ କରାଟେରେ ଭାଗ୍ୟପରୀକ୍ଷା କରିବେ। ପ୍ରତିଯୋଗିତାରେ ଭାଗ ନେବାକୁ ଯାଉଥିବା ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇବା ପାଇଁ ଉତ୍କଳ କରାଟେ ସ୍କୁଲରେ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ କରାଟେ ସଂଘ ସଭାପତି ହରିପ୍ରସାଦ ପଟ୍ଟନାୟକ, ସମ୍ପାଦକ ଗୌରୀ ମହାନ୍ତି, ପ୍ରଶାନ୍ତ ଧଳ, ପ୍ରଦୀପ ସରକାର, ସଞ୍ଜୟ ଦାସ, ସନତ୍ ନାୟକ, କାଳିପ୍ରସାଦ ନନ୍ଦ, ଖାରବେଳ ମଲିକ, ସନ୍ତୋଷ ମହାରଣା, ଅରବିନ୍ଦ ପଟ୍ଟନାୟକ, ଦୀପକ କୁମାର ସାମନ୍ତରାୟ, ଏସ୍.ଆର୍. ସାସମଲ ଓ ଅନ୍ୟ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର କ୍ରୀଡ଼ାବିତ୍ ଉପସ୍ଥିତ ଥିଲେ। ପ୍ରତିଯୋଗୀଙ୍କର ସମସ୍ତ ଗସ୍ତ ଖର୍ଚ୍ଚ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ବହନ କରିଛି। ଏଥିପାଇଁ ରାଜ୍ୟ କରାଟେ ଡୋ ସଂଘ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି।



ଦକ୍ଷିଣ ଏସୀୟ କରାଟେରେ ଭାଗନେବାକୁ ଯାଉଥିବା ଓଡ଼ିଶା କରାଟେକାମାନେ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ।

## ଏସିଆନ କରାଟେ ପୂର୍ବରୁ ଭଲ ଅଭ୍ୟାସ

ଓଡ଼ିଶାର ଅନ୍ୟତମ ଦକ୍ଷ ଏବଂ ପ୍ରତିଷ୍ଠିତ କରାଟେକା ହେଉଛନ୍ତି ଭାଲେନା ଭାଲେଣ୍ଟିନା। ଦକ୍ଷିଣ ଏସୀୟ ପ୍ରତିଯୋଗିତାରେ ଏହା ପୂର୍ବରୁ ସେ ୬ ଥର ଭାଗ ନେଇ ସାରିଛନ୍ତି। ୭ମ ଥର ଅଂଶଗ୍ରହଣ କରିବାକୁ ଯାଉଥିବା ଭାଲେଣ୍ଟିନା ୪ ସ୍ୱର୍ଣ୍ଣ ଏବଂ ଗୋଟିଏ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତି ସାରିଛନ୍ତି। ''ଏହା ଏକ ସମ୍ମାନଜନକ ପ୍ରତିଯୋଗିତା। ଏଥିରେ ସବୁବେଳେ ଭାରତୀୟ ପ୍ରତିଯୋଗୀମାନେ ହିଁ ଆଧିପତ୍ୟ ବିସ୍ତାର କରିଥାନ୍ତି। ଏଥର ମଧ୍ୟ ମୁଁ ସ୍ୱର୍ଣ୍ଣ ପଦକ ଜିତିବାନେଇ ଆଶାବାଦୀ ଅଛି। ସବୁଠାରୁ ବଡ଼ କଥା ହେଲା ଆସନ୍ତା ସେପ୍ଟେମ୍ବର ଏସିଆନ କରାଟେ ଚାମ୍ପିୟନଶିପ୍ ଚାଇନାର ହାଙ୍ଗଝୋରେ ହେବ। ଏହି ମେଗା ପ୍ରତିଯୋଗିତା ପୂର୍ବରୁ ଦକ୍ଷିଣ ଏସୀୟ ପ୍ରତିଯୋଗିତାରେ ଭଲ ଅଭ୍ୟାସ ହୋଇପାରିବ। ନିଜ ଦକ୍ଷତା ସମ୍ପର୍କରେ ମଧ୍ୟ ଜାଣିହେବ। ଫଳରେ ସେହି ଅନୁସାରେ ମୁଁ ଏସିଆନ ଚାମ୍ପିୟନଶିପ୍ ପାଇଁ ପ୍ରସ୍ତୁତ ହୋଇପାରିବି'' ବୋଲି ଭାଲେଣ୍ଟିନା ପ୍ରକାଶ କରିଛନ୍ତି।

# ଚିତାସ-ଲାୟନ୍ସ, ପାନ୍ଥର୍ସ-ଟାଇଗର୍ସ ସେମିଫାଇନାଲ

**ଓସିଏଲ୍ ଲିଗ୍ ପର୍ଯ୍ୟାୟ ଶେଷ**

**ଭୁବନେଶ୍ୱର, ୧୪।୭ (ତପନ ସ୍ୱାଇଁ)**

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ କଟକର ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା କ୍ରିକେଟ ଲିଗ୍ (ଓସିଏଲ୍)ର ଲିଗ୍ ପର୍ଯ୍ୟାୟ ଶେଷ ହୋଇଛି। ଏହି ପର୍ଯ୍ୟାୟରେ ମୋଟ ୩୦ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ପ୍ରଦର୍ଶନ ଭିତ୍ତିରେ ଓଡ଼ିଶା ଚିତାସ୍, ଓଡ଼ିଶା ପାନ୍ଥର୍ସ, ଓଡ଼ିଶା ଟାଇଗର୍ସ ଓ ଓଡ଼ିଶା ଲାୟନ୍ସ ସେମିଫାଇନାଲରେ ପ୍ରବେଶ କରିଛି। ସୋମବାର ପ୍ରଥମ ସେମିଫାଇନାଲରେ ଚିତାସ୍ ଓ ଲାୟନ୍ସ ମଧ୍ୟରେ ମୁକାବିଲା ହେବ। ମଙ୍ଗଳବାର ପାନ୍ଥର୍ସ ଓ ଟାଇଗର୍ସ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ। ମ୍ୟାଚ ପୂର୍ବାହ୍ନ ୯ଟା ୩୦ରେ ଆରମ୍ଭ ହେବ। ପରାଜିତ ସେମିଫାଇନାଲିଷ୍ଟଙ୍କୁ ନେଇ ୩ୟ ସ୍ଥାନ ପାଇଁ ମ୍ୟାଚ ୧୭ ତାରିଖରେ ଅନୁଷ୍ଠିତ ହେବ। ବର୍ଷା ଯୋଗୁ ସ୍ଥଗିତ ରହିଥିବା ଓଡ଼ିଶା ଚିତାସ ଓ ଟାଇଗର୍ସ ମ୍ୟାଚ ରବିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଟାଇଗର୍ସ ଦଳ ୭ ଉଇକେଟରେ ବିଜୟୀ ହୋଇଥିଲା। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଚିତାସ ୧୭.୨ ଓଭରରେ ମାତ୍ର ୭୮ ରନକରି ଅଲ୍‌ଆଉଟ ହୋଇଥିଲା। ବିପକ୍ଷ ଦଳର ସୁନୀଲ ରାଉଳ ୪ ଓଭରରେ ମାତ୍ର ୧୧ ରନଦେଇ ୫ ଉଇକେଟ ସଫଳତା ପାଇଥିଲେ। ତାରିଣୀ ସ'ଙ୍କୁ ୨ଟି ଉଇକେଟ ମିଳିଥିଲା। ଜବାବରେ ଟାଇଗର୍ସ ୮.୨ ଓଭରରେ ୩ ଉଇକେଟ ହରାଇ ୮୦ ରନ ସଂଗ୍ରହ କରି ନେଇଥିଲା। ଟୁକୁନା ସାହୁ ୨୭ ବଲ୍‌ରୁ ୫୦ ରନକରି ଅପରାଜିତ ରହିଥିଲେ। ଓସିଏ ସଦସ୍ୟ ସନ୍ତୋଷ ଦାସ ଅତିଥିଭାବେ ଯୋଗଦେଇ ସୁନୀଲ ରାଉଳଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।





ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି ସୁନୀଲ ରାଉଳ।

# ମ୍ୟାଲେରିଆ-ଡେଙ୍ଗୁ: କାରଣ, ପ୍ରତିକାର



ଡା. ବସନ୍ତ କୁମାର ଷଡ଼ଙ୍ଗୀ

"ମାଈ ଏନୋଫିଲିସ ମଶା ମ୍ୟାଲେରିଆ ଆକ୍ରାନ୍ତ ରୋଗୀକୁ କାମୁଡ଼ିବା ଦ୍ୱାରା ମଶା ଦେହକୁ ମ୍ୟାଲେରିଆ ପରଜୀବୀ ପ୍ରବେଶ କରିଥାଏ। ତା' ପରେ ପରଜୀବୀ ମଶାର ଖାଦ୍ୟନଳୀରେ ପହଞ୍ଚି ମଶାକୁ ସଂକ୍ରମିତ କରାଏ। ଏହି ସଂକ୍ରମିତ ମଶା ଯେତେବେଳେ ସୁସ୍ଥ ବ୍ୟକ୍ତିକୁ କାମୁଡ଼େ, ସେତେବେଳେ ମ୍ୟାଲେରିଆ ପରଜୀବୀ ମନୁଷ୍ୟର ରକ୍ତ ଭିତରକୁ ପ୍ରବେଶ କରେ। ସୁସ୍ଥ ବ୍ୟକ୍ତିକୁ ସଂକ୍ରମିତ ମଶା କାମୁଡ଼ିବାର ୧୪ ରୁ ୨୧ ଦିନ ଭିତରେ ଲକ୍ଷଣ ପ୍ରକାଶ ପାଇଥାଏ।"





ବର୍ଷର ବାରମାସ ମଧ୍ୟରୁ ସାଧାରଣତଃ ବର୍ଷା ଚାରିମାସରେ ମ୍ୟାଲେରିଆ, ଡେଙ୍ଗୁ, ଝାଡ଼ାବାନ୍ତି ରୋଗର ପ୍ରାଦୁର୍ଭାବ ଦେଖା ଯାଇଥାଏ। ଏହି ରୋଗଗୁଡିକୁ ନିୟନ୍ତ୍ରଣ, ନିରାକରଣ ଓ ପ୍ରତିରୋଧ ପାଇଁ ଯଥା ସମୟରେ ଉଚିତ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ଯେହେତୁ ବର୍ତ୍ତମାନ ବର୍ଷାଦିନ, ତେଣୁ ଏସବୁ ସ୍ୱାସ୍ଥ୍ୟ ସମସ୍ୟା ପ୍ରତି ଆମେ ସର୍ତକତା ଅବଲମ୍ବନ କରିବା ନିହାତି ଜରୁରୀ। ଆମ ରାଜ୍ୟରେ ଏବେ କେତେକ ସ୍ଥାନରେ ଡେଙ୍ଗୁ ତାହାର କାୟା ବିସ୍ତାର କରିବା ଆରମ୍ଭ କଲାଣି। ତେଣୁ ଡେଙ୍ଗୁ ଏବଂ ମ୍ୟାଲେରିଆ ବିଷୟରେ ନିମ୍ନରେ ସୂଚନା ଦିଆଯାଉଛି।

## ମ୍ୟାଲେରିଆ

ସମଗ୍ର ପୃଥିବୀରେ ସାଧାରଣତଃ ଚାରି ପ୍ରକାର ମ୍ୟାଲେରିଆ ପାରାସାଇଟ ଦେଖାଯାଇଥାଏ। ସେଗୁଡ଼ିକ ହେଲା-୧. ପ୍ଲାଜମୋ ଫଲସି ଫରମ, ୨.ପ୍ଲାଜମୋ ୟମ୍ ଭାଇବେକ୍ସ, ୩.ପି. ଓଭେଲା ଏବଂ ୪. ପି. ମେଲେରିୟା। ଏହି ୪ଟି ମଧ୍ୟରୁ ଆମ ଭାରତରେ ପ୍ରଥମ ୨ ଟି -ପ୍ଲାଜମୋ ଫଲସି ଫରମ ଓ ପ୍ଲାଜମୋ ୟମ୍ ମ୍ୟାଲେରିଆ ପାରାସାଇଟ ହିଁ ଦେଖାଯାଇଥାଏ। ତନ୍ମଧ୍ୟରୁ ପ୍ଲାଜମୋ ଫଲସି ଫରମ ମ୍ୟାଲେରିଆ ଜୀବାଣୁ ଅତି ମାରାତ୍ମକ। ଏଥିରେ ସାରା ବିଶ୍ୱରେ ବହୁ ଲୋକ ସଂକ୍ରମିତ ହୋଇ ମୃତ୍ୟୁବରଣ କରିଥାନ୍ତି।

**ଲକ୍ଷଣ :** ଜଣେ ସୁସ୍ଥ ବ୍ୟକ୍ତି ମ୍ୟାଲେରିୟା ପାରାସାଇଟ (ମ୍ୟାଲେରିଆ ପରଜୀବୀ) ସଂକ୍ରମଣରୁ ହିଁ ମ୍ୟାଲେରିଆ ଜ୍ୱର ଆକ୍ରାନ୍ତ ହୋଇଥାଏ। ମାଈ ଏନୋଫିଲିସ ନାମକ ଏକ ମଶାର ଲାଳଗ୍ରନ୍ଥିରେ ମ୍ୟାଲେରିଆ ଜୀବାଣୁ ରହିଥାଏ। ଏହି ମ୍ୟାଲେରିଆ ଜୀବାଣୁଧାରୀ ମଶା ଜଣେ ସୁସ୍ଥ ବ୍ୟକ୍ତିକୁ କାମୁଡ଼ିଲେ ସମ୍ପୃକ୍ତ ବ୍ୟକ୍ତି ମ୍ୟାଲେରିଆ ଜ୍ୱରରେ ଆକ୍ରାନ୍ତ ହୋଇଥାନ୍ତି। ଏହି ପରଜୀବୀ ନିଜ ଜୀବନ ଚକ୍ରରେ କିଛି ଅଂଶ ମଣିଷ ଦେହରେ ଏବଂ ବାକି ଅଂଶ ମଶା ଦେହରେ ବିତାଇ ଥାଏ। ମାଈ ଏନୋଫିଲିସ ମଶା ମ୍ୟାଲେରିଆ ଆକ୍ରାନ୍ତ ରୋଗୀକୁ କାମୁଡ଼ିବା ଦ୍ୱାରା ମଶା ଦେହକୁ ମ୍ୟାଲେରିଆ ପରଜୀବୀ ପ୍ରବେଶ କରିଥାଏ। ତା' ପରେ ପରଜୀବୀ ମଶାର ଖାଦ୍ୟ ନଳୀରେ ପହଞ୍ଚି ମଶାକୁ ସଂକ୍ରମିତ କରାଏ। ଏହି ସଂକ୍ରମିତ ମଶା ଯେତେବେଳେ ସୁସ୍ଥ ବ୍ୟକ୍ତିକୁ କାମୁଡ଼େ, ସେତେବେଳେ ମ୍ୟାଲେରିଆ ପରଜୀବୀ ମନୁଷ୍ୟର ରକ୍ତ ଭିତରକୁ ପ୍ରବେଶ କରେ। ସୁସ୍ଥ ବ୍ୟକ୍ତିକୁ ସଂକ୍ରମିତ ମଶା କାମୁଡିବାର ୧୪ ରୁ ୨୧ ଦିନ ଭିତରେ ଲକ୍ଷଣ ପ୍ରକାଶ ପାଇଥାଏ। ତା'ପରେ ଜ୍ୱର ହେବା ସହ ଶରୀରରେ କମ୍ପ ଓ ପ୍ରବଳ ଶୀତ ଅନୁଭୂତ ହୁଏ। ମୁଣ୍ଡବ୍ୟଥା ସହ ରୋଗୀ ବାଉଳି ଚାଉଳି ହୋଇଥାଏ। ହାତର ଆଙ୍ଗୁଠି, ଓଠ ଆଦି ନୀଳ ବର୍ଣ୍ଣ ଦିଶିବା ସହ ଲୋମ ଠିଆ ହେବା ଲକ୍ଷଣ ଦେଖାଯାଇଥାଏ।

**ପ୍ରତିକାର :** ଜଣେ ସୁସ୍ଥବ୍ୟକ୍ତି ମଶା କାମୁଡିବାଠାରୁ ଦୂରେଇ ରହିବା ଉଚିତ। ମ୍ୟାଲେରିଆ ଜ୍ୱର ସାଧାରଣତଃ ବର୍ଷା ଋତୁରେ ବହୁଳ ଭାବେ ଦେଖାଦେଇଥାଏ। ମ୍ୟାଲେରିଆ ଜ୍ୱରର ବାହକ ହେଉଛି ମାଈ ଏନୋଫିଲିସ ମଶା । ଏହି ମଶା ମନୁଷ୍ୟକୁ ରାତିରେ କାମୁଡ଼ିଥାଏ। ଉକ୍ତ ମଶା ସ୍ଥିର, ସ୍ୱଚ୍ଛ ଜଳରେ ବଂଶ ବିସ୍ତାର କରିଥାଏ। ମାଈ ଏନୋଫିଲିସ ମଶା ୧-୨କି.ମି. ପରିସୀମା ଭିତରେ ଉଡି ସୁସ୍ଥ ବ୍ୟକ୍ତିଙ୍କୁ କାମୁଡ଼ିଥାଏ। ଏହାର ପ୍ରତିରୋଧ ନିମନ୍ତେ ଔଷଧବୁଡ଼ା ମଶାରୀ ଟାଙ୍ଗି ଶୋଇବା ସହ ଘରେ ଝୁଣା ଧୂପ ଦେବା ଆବଶ୍ୟକ। ମ୍ୟାଲେରିଆ ଜ୍ୱରରେ ପୀଡିତ ବ୍ୟକ୍ତି ଲକ୍ଷଣ ଦେଖା ଦେବା ମାତ୍ରେ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଔଷଧ ସେବନ କରିବା ଉଚିତ। ବର୍ଷା ଋତୁରେ ବିଭିନ୍ନ ପ୍ରକାର ମଶାଠାରୁ ଦୂରେଇବା ନିମନ୍ତେ ବାସଗୃହର ଚାରିପାଖ ପରିଷ୍କାର ପରିଚ୍ଛନ ରଖିବା ସହ କୌଣସି ସ୍ଥାନରେ ପାଣି ଜମି ଜମିବାକୁ ଦେବା ଉଚିତ ନୁହେଁ, ଜଳାଶୟ ଏବଂ ଅନ୍ୟାନ୍ୟ ସ୍ଥାନ ଗୁଡିକରେ ବ୍ଲିଚିଙ୍ଗ ପାଉଡର ପକାଇବା ସହ ସିଞ୍ଚନ କରାଇବା ଉଚିତ।

**ଆୟୁର୍ବେଦୀୟ ଚିକିତ୍ସା ପଦ୍ଧତି :** ମ୍ୟାଲେରିଆ ଜ୍ୱରରେ ପୀଡ଼ିତ ରୋଗୀ ସୁଦର୍ଶନ ଘନ ବଟିକା ଗୋଟିଏ କରି ଦୁଇବେଳା ଖାଦ୍ୟପରେ ଗରମ ପାଣି ଥଣ୍ଡା କରି ତା ସହ ଖାଇବା ଉଚିତ। ଅମୃତାରିଷ୍ଟ ୧୦ ରୁ ୧୫ ଏମ୍.ଏଲ୍. ଦିନରେ ଦୁଇବେଳା ଖାଦ୍ୟପରେ ଗରମ ପାଣି ଥଣ୍ଡାକରି ମିଶାଇ ସେବନ କରିବା ଉଚିତ। ଗଙ୍ଗଶିଉଳି ପତ୍ରର ରସ ଦୁଇ ଚାମଚ ଲେଖାଏଁ ଖାଲି ପେଟରେ ଦୁଇବେଳା ସେବନ କରିବା ଉଚିତ।

## ଡେଙ୍ଗୁ

ଡେଙ୍ଗୁ ଜ୍ୱର ସାଧାରଣତଃ ଏଡିସ ମଶା କାମୁଡିବା ଦ୍ୱାରା ହୋଇଥାଏ। ଏହା ସବୁ ବର୍ଗର ସୁସ୍ଥବ୍ୟକ୍ତିଙ୍କୁ ସଂକ୍ରମିତ ହେବାର ଆଶଙ୍କା ରହିଥାଏ। ୧୭୮୦ ମସିହାରେ ମାଡ୍ରାସ ସହର (ଚେନ୍ନାଇ)ରେ ସର୍ବପ୍ରଥମେ ଡେଙ୍ଗୁକୁ ଚିହ୍ନଟ କରାଯାଇଥିଲା। ଡେଙ୍ଗୁ ଏପରି ଏକ ଜଟିଳ ରୋଗ ଯାହା ଠିକଣା ସମୟରେ ଉପଯୁକ୍ତ ଚିକିତ୍ସା କରାନ ଗଲେ ରୋଗୀ ମୃତ୍ୟୁମୁଖରେ ପଡ଼ିବାର ଆଶଙ୍କା ଥାଏ। ତେଣୁ ଲକ୍ଷଣ ଦେଖାଦେବା ମାତ୍ରେ ଡାକ୍ତରଙ୍କ ସହ ପରାମର୍ଶ କରି ରକ୍ତ ନମୁନା ପରୀକ୍ଷା କରାଇ ଡେଙ୍ଗୁ ଜ୍ୱର ଚିହ୍ନଟ ହେବା ପରେ ଔଷଧ ଖାଇବା ଦ୍ୱାରା ଉକ୍ତ ରୋଗରୁ ଉପଶମ ମିଳିଥାଏ। ମାଈ 'ଏଡିସ' ମଶା ହିଁ ଡେଙ୍ଗୁ ରୋଗର ବାହକ ଅଟେ। ଏଡିସ ମଶା ସାଧାରଣତଃ ଦିନବେଳା ଏବଂ ମନୁଷ୍ୟର ଆଣ୍ଠୁ ତଳକୁ ହିଁ କାମୁଡ଼ିଥାଏ। ଡେଙ୍ଗୁ ଜ୍ୱର ପ୍ରଭାବ ବର୍ଷା ଋତୁରେ ଅଧିକ ଥାଏ। ଏଡିସ୍ ମଶା ମାଟି ସହ ସଂଲଗ୍ନ ହୋଇନଥିବା ଭଙ୍ଗା ମାଠିଆ, ରଖାଯାଇଥିବା ପୁରୁଣା ଟାୟାର, ପଇଡ଼ ଖୋଳ, ଥଣ୍ଡା ପାନୀୟ ଓ ଚା ଖାଇବା ପରେ ପଡ଼ିରହିଥିବା ପ୍ଲାଷ୍ଟିକ କପ୍, ଭଙ୍ଗା ରେଫ୍ରିଜରେଟର, ପାଣି କୁଲର, ଖାଲି ପିଜୁ ଡବା, ବ୍ୟବହୃତ ନ ହୋଇ ରହିଥିବା ପାଣି ଟ୍ୟାଙ୍କ ଆଦି ବିଭିନ୍ନ ଅବ୍ୟବହୃତ ପାତ୍ରରେ ସଞ୍ଚିତ ହୋଇ ରହିଥିବା ପାଣିରେ ଏଡିସ ମଶା ବଂଶ ବିସ୍ତାର କରିଥାନ୍ତି। ତେଣୁ ନିଜର ବାସଗୃହ ଓ ପରିବେଶକୁ ସଫା ରଖିବା ସହିତ ଉକ୍ତ ଅବ୍ୟବହୃତ ଜିନିଷଗୁଡିକରେ ଜଳ ସଞ୍ଚିତ ନ ରହିବାକୁ ଦୂରେଇ ରଖିବା ଉଚିତ। ଅଳ୍ପ କିଛିଦିନ ବ୍ୟବଧାନରେ ବାସଗୃହର ଚାରିପଟେ ବ୍ଲିଚିଙ୍ଗ ପାଉଡର ସିଞ୍ଚନ କରିବା ଉଚିତ।

**ଲକ୍ଷଣ:** ଜଣେ ସୁସ୍ଥ ବ୍ୟକ୍ତି ଡେଙ୍ଗୁ ଜ୍ୱରରେ ଆକ୍ରାନ୍ତ ହେଲେ ରୋଗୀକୁ ଜ୍ୱର ହେବା ସହ ଶରୀରର ସମସ୍ତ ଖଞ୍ଜାରେ ପୀଡା, ମାଂସପେଶୀ ଯନ୍ତ୍ରଣା, ମୁଣ୍ଡ ବ୍ୟଥା ସହ ଶରୀରରେ ତାପମାତ୍ରା ୧୦୪ ଫାରେନାଇଟ୍ ପର୍ଯ୍ୟନ୍ତ ବୃଦ୍ଧି ପାଇଥାଏ। ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀର ରକ୍ତ ନମୁନା ପରୀକ୍ଷା କରିବା ପରେ ହିଁ ଡେଙ୍ଗୁ ଜ୍ୱର ହୋଇ ଥିବାର ଜଣା ପଡ଼ିଥାଏ। ଏଡିସ ମଶା କାମୁଡ଼ିବାର ୪ ରୁ ୧୦ ଦିନ ଭିତରେ ଲକ୍ଷଣ ପ୍ରକାଶ ପାଇଥାଏ। ତେଣୁ ଲକ୍ଷଣ ପ୍ରକାଶ ପାଇବା ପରେ ପରେ ହିଁ ରକ୍ତ ନମୁନା ପରୀକ୍ଷା କରାଇ ଡାକ୍ତରଙ୍କ ପରାମର୍ଶରେ ଔଷଧ ସେବନ କରିବା ଉଚିତ।

**ଆୟୁର୍ବେଦୀୟ ଚିକିତ୍ସା:** ଆମ ଭାରତୀୟ ପାରମ୍ପରିକ ଆୟୁର୍ବେଦ ଚିକିତ୍ସା ମତରେ ଡେଙ୍ଗୁ ଜ୍ୱର ଉପଶମ ତଥା ପ୍ରତିରୋଧ ନିମନ୍ତେ କୃଷ୍ଣ ତୁଳସୀପତ୍ର, ଜଷ୍ଟିମଧୁ, କଞ୍ଚା ହଳଦୀ, ଖାଇବା ଦ୍ୱାରା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ। ତା' ସହ ଡେଙ୍ଗୁ ଜ୍ୱରରେ ଆକ୍ରାନ୍ତ ହେବା ଆଶଙ୍କା କମ୍ ଥାଏ। ଡେଙ୍ଗୁରେ ଆକ୍ରାନ୍ତ ବ୍ୟକ୍ତି ଆମିଷ, ଅଧିକ ମସଲାଯୁକ୍ତ ଖାଦ୍ୟ, ତେଲଛଣା ଖାଦ୍ୟଠାରୁ ଦୂରେଇ ରହିବା ଉଚିତ। ଏହା ଏକ ଜଟିଳ ତଥା ମାରାତ୍ମକ ରୋଗ ହୋଇଥିବାରୁ ଅଧିକ ସତର୍କତା ଅବଲମ୍ବନ କରିବା ଜରୁରୀ ଅଟେ। ଏହି ରୋଗଦ୍ୱୟର ଲକ୍ଷଣ ଜାଣିବା ମାତ୍ରେ ବିଳମ୍ବ ନ କରି ଚିକିତ୍ସିତ ହେବା ଦରକାର।

-ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର,
ଚନ୍ଦାହାଣ୍ଡି, ନବରଙ୍ଗପୁର
ମୋ: ୭୮୯୪୧୧୨୪୮୭

## ସୁସ୍ଥ ରହିବ ହାର୍ଟ



ହୃତ୍‌ପିଣ୍ଡ ବା ହାର୍ଟ ଆମ ଶରୀରର ଅନ୍ୟତମ ପ୍ରମୁଖ ଅଙ୍ଗ। ଏହାର କାର୍ଯ୍ୟ ବାଧାପ୍ରାପ୍ତ ହେଲେ ତାହା ହୃଦ୍‌ଜନିତ ସମସ୍ୟା ସୃଷ୍ଟି କରିଥାଏ। ଠିକ୍ ସମୟରେ ଏହାର ଚିକିତ୍ସା କରା ନ ଗଲେ ତାହା ମୃତ୍ୟୁର କାରଣ ସାଜିବାର ଯଥେଷ୍ଟ ଆଶଙ୍କା ରହିଛି। ତେବେ ହାର୍ଟ କିପରି ସୁସ୍ଥ ରହିବ ସେ ବିଷୟରେ ଆମେ ସଚେତନ ହେବା ନିହାତି ଜରୁରୀ। ଏ ନେଇ ଏକ ସରଳ ତଥା ସହଜ ଉପାୟ ରହିଛି। ଏ ନେଇ ଆମକୁ ଖାଦ୍ୟପେୟ ପ୍ରତି ସତର୍କତା ଅବଲମ୍ବନ କରିବା ସହ ନିୟମିତ ବ୍ୟାୟାମ କରିବାକୁ ପଡିବ। ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ମତ ଦେଇଛନ୍ତି ଯେ, ଯଦି ଜଣେ ବ୍ୟକ୍ତି ନିଜର ମାନସିକତାକୁ ଅଧିକାଂଶ ସମୟ ସକାରାତ୍ମକ ରଖନ୍ତି, ତେବେ ତାଙ୍କର ହାର୍ଟ ଆହୁରି ସକ୍ରିୟ ଭାବେ କାର୍ଯ୍ୟ କରିବ। ଏଭଳି ସିଦ୍ଧାନ୍ତରେ ଉପନୀତ ହେବା ପୂର୍ବରୁ ସେମାନେ ଏକ ସର୍ଭେ କରିଥିଲେ। ଏହାର ଅନ୍ତର୍ଭୁକ୍ତ ବ୍ୟକ୍ତିମାନଙ୍କର ମାନସିକତାକୁ ତନ୍ନ ତନ୍ନ କରି ତର୍ଜମା କରାଯାଇଥିଲା। ଏଥିରୁ ଜଣାପଡ଼ିଥିଲା ଯେ, ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ସକାରାତ୍ମକ ମାନସିକତା ଥିବା ବ୍ୟକ୍ତିମାନଙ୍କର ହାର୍ଟ ଠିକ୍ କାର୍ଯ୍ୟ କରୁଥିଲା। କିନ୍ତୁ ଏହା ସହ ଖାଦ୍ୟପେୟ ଏବଂ ବ୍ୟାୟାମର ଭୂମିକା ରହିଛି ବୋଲି ସେମାନେ କହିଛନ୍ତି।

## ଏଭଳି ଅଭ୍ୟାସ ଥିଲେ...



ସୁସ୍ଥ ରହିବାକୁ କିଏ ବା ନ ଚାହେଁ? ବର୍ତ୍ତମାନର ବ୍ୟସ୍ତବହୁଳ ଜୀବନରେ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ୍ ହେବା ନିହାତି ଦରକାର। କେତେକ ଅଭ୍ୟାସ ରୋଗକୁ ପରୋକ୍ଷରେ ଆମନ୍ତ୍ରଣ କରିଥାଏ। ସବୁବେଳେ ସୁଷମ ଖାଦ୍ୟ ଖାଆନ୍ତୁ। ତା'ସହ ଆବଶ୍ୟକ ମୁତାବକ ପାଣି ପିଅନ୍ତୁ। ଯଦି ନ ପିଅନ୍ତି ତେବେ ଶରୀରରେ ଜଳୀୟ ଶୁଷ୍କତା (ଡିହାଇଡ୍ରେଶନ) ଦେଖାଦେବ। ଖାଇବାର ଠିକ୍ ପରେ ପରେ ପାଣି ପିଅନ୍ତୁ ନାହିଁ। ଯଦି ଏଭଳି ଅଭ୍ୟାସ ଅଛି ତେବେ ତାହାକୁ ବଦଳାନ୍ତୁ। ଖାଇବା ପରେ ପରେ ପାଣି ପିଇଲେ ତାହା ପାଚନ କ୍ରିୟାକୁ ପ୍ରଭାବିତ କରିଥାଏ। ଖାଇବା ପରେ ପରେ ଅନେକେ ଶୋଇ ପଡ଼ନ୍ତି। ଖାଇବା ଏବଂ ଶୋଇବା ମଧ୍ୟରେ କିଛି ସମୟ ବ୍ୟବଧାନ ରହିବା ଦରକାର। ବିଶେଷଭାବରେ ରାତ୍ର ଭୋଜନ ଶୋଇବାର ଅତିକମ୍‌ରେ ଦୁଇ ଘଣ୍ଟା ପୂର୍ବରୁ କରନ୍ତୁ। ଏହାଦ୍ୱାରା ରାତିରେ ଖାଇଥିବା ଖାଦ୍ୟ ସହଜରେ ହଜମ ହୋଇଥାଏ ଏବଂ ଭଲ ନିଦ ମଧ୍ୟ ହୁଏ। ଶୋଇବା ପୂର୍ବରୁ ଭଲ ଭାବରେ ହାତଗୋଡ଼ ଧୁଅନ୍ତୁ। ଖାଇବା ପରେ ପରେ ତଟକା ଫଳମୂଳ ଖାଆନ୍ତୁ ନାହିଁ। ତା'ସହ ଏହା ପରେ ପରେ କୋଲ୍ଡ଼ଡ୍ରିଙ୍କସ ଆଦୌ ପିଅନ୍ତୁ ନାହିଁ। କାରଣ ଏହାଦ୍ୱାରା ପେଟରେ ଏସିଡିଟି ସୃଷ୍ଟି ହୋଇଥାଏ। ଅଧିକ ମସଲାଯୁକ୍ତ ଖାଦ୍ୟ ଖାଇବାର ଅଭ୍ୟାସ ଥିଲେ ତାହାକୁ ନିୟନ୍ତ୍ରଣରେ ରଖନ୍ତୁ। ଖାଇବା ସମୟରେ ସବୁବେଳେ ଶାନ୍ତ ମନରେ ଖାଆନ୍ତୁ।

## ଜାଣି ରଖନ୍ତୁ



ବର୍ତ୍ତମାନ ବର୍ଷାଦିନ। ତେଣୁ ଏବେ ଡେଙ୍ଗୁ, ମ୍ୟାଲେରିଆ ଆଦି ସ୍ୱାସ୍ଥ୍ୟ ସମସ୍ୟା ଦେଖାଯିବାର ଯଥେଷ୍ଟ ଆଶଙ୍କା ରହିଛି। ତେଣୁ ପ୍ରାରମ୍ଭରୁ ଏ ନେଇ ସତର୍କ ରହିବା ନିହାତି ଦରକାର। ଏହି ଦୁଇଟି ରୋଗର ବାହକ ହେଉଛନ୍ତି ମଶା। ବିଶେଷଭାବରେ ବର୍ଷାଦିନେ ମଶାମାନେ ତାଙ୍କର ବଂଶ ବିସ୍ତାର ସହଜରେ କରିଥାଆନ୍ତି। ଅଳିଆ ଆବର୍ଜନା ଜାଗା, ପାଣି ଜମି ରହୁଥିଲେ- ଏଭଳି ସ୍ଥାନରେ ସେମାନେ ନିଜର ବଂଶ ବୃଦ୍ଧି କରିଥାଆନ୍ତି। ତେଣୁ ଘର ଚାରିପାଖକୁ ପରିଷ୍କାର ପରିଚ୍ଛନ ରଖନ୍ତୁ। ଘର ଭିତର ମଧ୍ୟ ପରିଷ୍କାର ପରିଚ୍ଛନ ରଖନ୍ତୁ। ମାଈ ଏନୋଫିଲିସ ମଶା କାମୁଡିଲେ ମ୍ୟାଲେରିଆ ଏବଂ ଏଡିସ ମଶା ଦ୍ୱାରା ଡେଙ୍ଗୁ ବ୍ୟାପିଥାଏ। ଯଦି ଏହି ସମସ୍ୟାଦ୍ୱୟର ଲକ୍ଷଣ ବିଷୟରେ ଅବଗତ ହେଲେ ତେବେ ବିଳମ୍ବ ନ କରି ନିକଟସ୍ଥ ହସପିଟାଲ ଯାଇ ଚିକିତ୍ସିତ ହୁଅନ୍ତୁ। ଶୋଇବା ବେଳେ ମଶାରି ଟାଙ୍ଗି ଶୁଅନ୍ତୁ। ଘର ଭିତରେ ଯେପରି ମଶାମାନେ ପ୍ରବେଶ କରିପାରିବେ ନାହିଁ ସେଥିଲାଗି ଝରକା ଏବଂ କବାଟରେ ମଶା ଜାଲି ଲଗାନ୍ତୁ। ଘର ଚାରିପଟରେ ଯଦି ଅଦରକାରୀ ଜିନିଷ ପଡିଛି ତେବେ ସେଗୁଡିକୁ ତୁରନ୍ତ ନଷ୍ଟ କରିଦିଅନ୍ତୁ। ମ୍ୟାଲେରିଆ ହେଉ ଅବା ଡେଙ୍ଗୁ-ଜ୍ୱର ହେବା ଏହାର ପ୍ରାରମ୍ଭିକ ଲକ୍ଷଣ। ତେଣୁ ଏଭଳି ଲକ୍ଷଣ ବିଷୟରେ ଅବଗତ ହେବା ମାତ୍ରେ ଚିକିତ୍ସା ଆରମ୍ଭ କରିଦିଅନ୍ତୁ। କାରଣ ଯଦି ସମସ୍ୟା ଜଟିଳ ହେଲା ତେବେ ଏହାର ଚିକିତ୍ସା ପାଇଁ ଅଯଥାରେ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼ିଥାଏ।

## ଜିନିଷ ଏକ: ଉପକାର ଅନେକ କଲରା

କଲରାରେ ଅନେକ ଉପକାରୀ ଗୁଣ ଭରି ରହିଛି। ସେ ସମ୍ପର୍କରେ ସୂଚନା..



- କଲରାରେ ଭିଟାମିନ୍-ସି ପ୍ରଚୁର ପରିମାଣରେ ରହିଛି।
- ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ କଲରା ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଏହା ବାହାର ଜୀବାଣୁକୁ ଶରୀର ଭିତରକୁ ଯିବାକୁ ଦିଏ ନାହିଁ। ପ୍ରତିଦିନ କଲରା ଖାଇଲେ ତାହା ଦୃଷ୍ଟିଶକ୍ତି ପାଇଁ ଉପକାରୀ ସାବ୍ୟସ୍ତ ହୋଇଥାଏ।
- କଲରା ଜୁସ୍ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ଏଥିରେ ଏଭଳି ତତ୍ତ୍ୱ ରହିଛି, ଯାହା ରକ୍ତ ସଞ୍ଚାଳନକୁ ଠିକ୍ ରଖିଥାଏ।
- ନୟମିତ କଲରା ଖାଇଲେ ଓଜନ ସନ୍ତୁଳିତ ରହେ। କଲରା ଶରୀରରେ ଆଲର୍ଜି ହେବାକୁ ଦିଏନାହିଁ।

## ଯକ୍ଷ୍ମା : କିଛି କଥା



ଯକ୍ଷ୍ମା ରୋଗ ବା ଟ୍ୟୁବରକ୍ୟୁଲୋସିସ (ଟିବି) ଗୋଟିଏ ଅତି ସଂକ୍ରାମକ ରୋଗ। ଏକ 'ମାଇକୋବ୍ୟାକ୍ଟେରିୟସ' ଜୀବାଣୁ ଦ୍ୱାରା ଏହି ରୋଗ ହୋଇଥାଏ। ଯକ୍ଷ୍ମା ହେଉଛି ବାୟୁବାହିତ। ସଂକ୍ରମିତ ରୋଗୀର କାଶ ଓ ଛିଙ୍କ ଦ୍ୱାରା ଜୀବାଣୁ ବାୟୁରେ ମିଶି ସୁସ୍ଥ ଲୋକର ଶରୀରରେ ପ୍ରବେଶ କରେ ଓ ରୋଗ ସୃଷ୍ଟି କରିଥାଏ। ଶରୀରର ପ୍ରାୟ ସବୁ ଅଙ୍ଗକୁ ଯକ୍ଷ୍ମା ଆକ୍ରାନ୍ତ କରିଥାଏ। କିନ୍ତୁ ପାଖାପାଖି ୮୦ ଶତାଂଶ କ୍ଷେତ୍ରରେ ଏହି ରୋଗ ଫୁସଫୁସରେ ହୋଇଥାଏ। ଜୀବାଣୁଗୁଡିକ ବାୟୁବାହିକ ହୋଇଥିବାରୁ ରୋଗ ମୁଖ୍ୟତଃ ଫୁସଫୁସକୁ ସଂକ୍ରମିତ କରିଥାଏ। ଯକ୍ଷ୍ମା ରୋଗର ପ୍ରଧାନ ଲକ୍ଷଣ ବିଷୟରେ ଜାଣି ରଖିବା ନିହାତି ଦରକାର। ଲକ୍ଷଣଗୁଡିକ ମଧ୍ୟରେ ପ୍ରଧାନ ହେଲା ସାମାନ୍ୟ ଜ୍ୱର ଓ କାଶ। ଏହି ଲକ୍ଷଣ ତିନି ସପ୍ତାହରୁ ବେଶି ଦିନ ଲାଗି ରହିପାରେ। ଯକ୍ଷ୍ମାର ଫଳପ୍ରଦ ଚିକିତ୍ସା ପାଇଁ ଅନେକ ଔଷଧ ଉପଲବ୍ଧ। ନିୟମିତ ତଥା ଯଥାର୍ଥ ଚିକିତ୍ସାରେ ରହିଲେ ରୋଗର ସମ୍ପୂର୍ଣ୍ଣ ଆରୋଗ୍ୟ ସମ୍ଭବ।

## ସ୍ୱାସ୍ଥ୍ୟ ସୂଚନା

- ➢ପ୍ରତିଦିନ ସକାଳୁ କିଛି କିଛି ଷ୍ଟ୍ରେଚିଙ୍ଗ୍ ଏକ୍ସରସାଇଜ୍ କରନ୍ତୁ। ଏହା ଅଣ୍ଟାଜନିତ ବ୍ୟଥାରୁ କେତେକାଂଶରେ ଉପଶମ ମିଳିଥାଏ।
- ➢ଦିନତମାମ ଖାଉଥିବା ଖାଦ୍ୟ ମଧ୍ୟରେ ଅଧିକ ବ୍ୟବଧାନ ରଖିବା ଠିକ୍ ନୁହେଁ। ଏକାଥରେ ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ନ ଖାଇବା ଭଲ। ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଅଳ୍ପ ଅଳ୍ପ କରି ଖାଦ୍ୟ ଖାଆନ୍ତୁ।
- ➢ଲୁଣ କିମ୍ବା ଚର୍ବି ଜତୀୟ ଖାଦ୍ୟ ଅଧିକ ନ ଖାଇବା ଭଲ। ଏହା ଶରୀରରେ କୋଲେଷ୍ଟରଲ୍‌ର ସ୍ତରକୁ ବଢ଼ାଇଥାଏ।
- ➢ବୟସ୍କ ବ୍ୟକ୍ତିମାନେ ସବୁବେଳେ ଚିନ୍ତାଠାରୁ ନିଜକୁ ଦୂରେଇ ରଖନ୍ତୁ। ସବୁବେଳେ ଏଭଳି ପରିବେଶରେ ନିଜକୁ ରଖନ୍ତୁ, ଯାହାଦ୍ୱାରା ଆପଣଙ୍କୁ ମାନସିକ ଶାନ୍ତି ପ୍ରଦାନ କରିବ।
- ➢ପ୍ରତିଦିନ ଶିଡ଼ି ଚଢ଼ିବା ଏକ ଭଲ ବ୍ୟାୟାମ। ହେଲେ, ଆପଣଙ୍କର ଯଦି କିଛି ଆଣ୍ଠୁଗଣ୍ଠିଜନିତ ସମସ୍ୟା ରହିଛି, ତେବେ ଶିଡ଼ି ଯେତେ କମ୍ ଚଢ଼ିବେ ସେତେ ଭଲ।
- ➢ଦୈନନ୍ଦିନ ବ୍ରେକ୍‌ଫାଷ୍ଟ ତାଲିକାରେ ତଟକା ଫଳମୂଳ ଜୁସ୍ ସାମିଲ କରନ୍ତୁ।
- ➢ରାତିରେ ଖାଇବା ସମୟରେ ଆଦୌ ଗରିଷ୍ଠ ଖାଦ୍ୟ ଖାଆନ୍ତୁ ନାହିଁ। ସବୁବେଳେ ହାଲୁକା ଖାଦ୍ୟ ଖାଆନ୍ତୁ।



## ଅତ୍ୟଧିକ ମିଠା ଓ ମେଦବହୁଳତା

ଅତ୍ୟଧିକ ପରିମାଣରେ ମିଠାଜାତୀୟ ଖାଦ୍ୟ ଖାଇଲେ ତାହା ମେଦବହୁଳତାକୁ ବୃଦ୍ଧି କରିବାରେ ସହାୟକ ହୋଇଥାଏ ବୋଲି ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି। ଆବଶ୍ୟକତାଠାରୁ ଅଧିକ ମିଠା ଖାଉଥିବା କେତେକ ବ୍ୟକ୍ତିଙ୍କୁ ସେମାନେ ସର୍ଭେ ପରିସରଭୁକ୍ତ କରିଥିଲେ। ଏଭଳି ଅଭ୍ୟାସ ଯୋଗୁ ସେମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ବ୍ୟକ୍ତିଙ୍କଠାରେ ମେଦବହୁଳତା ବୃଦ୍ଧି ପାଉଥିବାର ଜଣାପଡିଥିଲା ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତା'ସହ ଏଭଳି ଅଭ୍ୟାସକୁ ନିୟନ୍ତ୍ରଣରେ ରଖିବାକୁ ସେମାନେ ମଧ୍ୟ ପରାମର୍ଶ ଦେଇଛନ୍ତି।



## ରକ୍ତଚାପକୁ ନିୟନ୍ତ୍ରଣ କରେ ଅଙ୍ଗୁର

ଅଙ୍ଗୁରରେ ଅନେକ ପ୍ରକାର ସ୍ୱାସ୍ଥ୍ୟ ଉପକାରୀ ଗୁଣ ଭରି ରହିଛି। ସବୁଠାରୁ ଖାସ୍ କଥା ହେଲା, ଯଦି ଆପଣଙ୍କର ରକ୍ତଚାପଜନିତ ସମସ୍ୟା ରହିଛି ତେବେ ଅଙ୍ଗୁର ତାହାକୁ କେତେକାଂଶରେ ନିୟନ୍ତ୍ରଣରେ ରଖିଥାଏ। କେବଳ ସେତିକି ନୁହେଁ, ଏହାକୁ ନିୟମିତ ଖାଇଲେ ତାହା ରୋଗ ପ୍ରତିରୋଧକ ଶକ୍ତିକୁ ଆହୁରି ଦୃଢ଼ କରିଥାଏ। କାରଣ ଏଥିରେ ଭିଟାମିନ୍-ସି ଭରି ରହିଛି। କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞଙ୍କ ଦ୍ୱାରା ହୋଇଥିବା ଏକ ସଦ୍ୟତମ ସର୍ଭେରୁ ଜଣାପଡିଛି ଯେ, ନିୟମିତ ଅଙ୍ଗୁର ଖାଇଲେ ସେଥିରେ ଥିବା ଆଣ୍ଟି-ଅକ୍ସିଡାଣ୍ଟ ଗୁଣ କ୍ୟାନ୍‌ସର ଆଶଙ୍କାକୁ କେତେକାଂଶରେ ଦୂର କରିଥାଏ। ଅଙ୍ଗୁରରେ ଫାଇବର୍ ମଧ୍ୟ ରହିଛି, ଯାହା କୋଲେଷ୍ଟରଲ୍‌ର ପରିମାଣକୁ ସନ୍ତୁଳିତ ରଖିବାରେ ସାହାଯ୍ୟ କରିଥାଏ। ଏହା ମସ୍ତିଷ୍କ ପାଇଁ ମଧ୍ୟ ଉପକାରୀ ସାବ୍ୟସ୍ତ ହୋଇଥାଏ। ଏଥିରେ ଥିବା କ୍ୟାଲସିୟମ ତତ୍ତ୍ୱ ଅସ୍ଥିକୁ ଦୃଢ଼ ରଖେ। ସୁନିଦ୍ରାରେ ଏହା ମଧ୍ୟ ସାହାଯ୍ୟ କରିଥାଏ।



# ୨୭ ପଦକ ସହ ଓଡ଼ିଶା ଚାମ୍ପିୟନ



ଓଭରଅଲ୍ ଚାମ୍ପିୟନ ଓଡ଼ିଶା ଦଳର ଭାରୋତ୍ତୋଳିକାମାନେ ଅତିଥିଙ୍କ ଗହଣରେ।

## ଅସ୍ମିତା ଖେଲୋ ଇଣ୍ଡିଆ ମହିଳା ଭାରୋତ୍ତୋଳନ ଉଦ୍‌ଯାପିତ

### ୟୁଥ୍‌ରେ ଜ୍ୟୋତ୍ସ୍ନା, ଜୁନିୟରରେ ମୀନା ସାନ୍ତା, ସିନିୟରରେ ଜ୍ଞାନେଶ୍ୱରୀ ଶ୍ରେଷ୍ଠ ଭାରୋତ୍ତୋଳିକା

**ଭୁବନେଶ୍ୱର, ୧୪।୭ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡ଼ିୟମର ବିଜୁ ପଟ୍ଟନାୟକ ଭାରୋତ୍ତୋଳନ କେନ୍ଦ୍ରରେ ଅସ୍ମିତା ଖେଲୋ ଇଣ୍ଡିଆ ମହିଳା ଭାରୋତ୍ତୋଳନ ପ୍ରତିଯୋଗିତା (ଜୋନ୍-ଏ) ରବିବାର ଶେଷ ହୋଇଛି। ଏହାର ୟୁଥ୍, ଜୁନିୟର ଓ ସିନିୟର ବର୍ଗରେ ଓଡ଼ିଶା ପ୍ରତିଯୋଗୀମାନେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ଫଳରେ ଓଡ଼ିଶା ଓଭରଅଲ୍ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି। ଏଥିରେ ଓଡ଼ିଶା ଭାରୋତ୍ତୋଳିକାମାନେ ମୋଟ ୨୭ଟି ପଦକ ଜିତିଛନ୍ତି। ୟୁଥ୍ ବର୍ଗରେ ଓଡ଼ିଶା ୬ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୩ଟି ବ୍ରୋଞ୍ଜ ପଦକ ପାଇଥିବାବେଳେ ଜୁନିୟର ବର୍ଗରେ ୩ ସ୍ୱର୍ଣ୍ଣ, ୩ ରୌପ୍ୟ ଏବଂ ୧ ବ୍ରୋଞ୍ଜ ଏବଂ ସିନିୟର ବର୍ଗରେ ୪ ସ୍ୱର୍ଣ୍ଣ, ୨ ରୌପ୍ୟ ଏବଂ ୪ ବ୍ରୋଞ୍ଜ ପଦକ ହାସଲ କରିଛି। ୟୁଥ୍ ବର୍ଗରେ ଝାଡ଼ଖଣ୍ଡ, ଜୁନିୟର ବର୍ଗରେ ବିହାର ଏବଂ ସିନିୟର ବର୍ଗରେ ଛତିଶଗଡ଼ ରନରଅପ୍ ହୋଇଛି। ୟୁଥ୍ ବର୍ଗରେ ଓଡ଼ିଶାର ଜ୍ୟୋତ୍ସ୍ନା ଶବର (୪୦ କେଜି-୮୧୬.୩୩ ପଏଣ୍ଟ), ଜୁନିୟର ବର୍ଗରେ ଓଡ଼ିଶାର ମୀନା ସାନ୍ତା (୫୫ କେଜି-୫୫୦.୮୩ ପଏଣ୍ଟ) ଏବଂ ସିନିୟର ବର୍ଗରେ ଛତିଶଗଡ଼ର ଜ୍ଞାନେଶ୍ୱରୀ ଯାଦବ (୪୯ କେଜି-୫୪୪.୦୭ ପଏଣ୍ଟ) ଶ୍ରେଷ୍ଠ ଭାରୋତ୍ତୋଳିକା ବିବେଚିତ ହୋଇଛନ୍ତି।

ଉଦ୍‌ଯାପନୀ ସମାରୋହରେ କ୍ରୀଡ଼ା ଏବଂ ଯୁବସେବା ବିଭାଗର ଯୁଗ୍ମ ଶାସନ ସଚିବ ଶୈଳେନ୍ଦ୍ର ଜେନା ମୁଖ୍ୟଅତିଥିଭାବେ ଯୋଗଦେଇ କୃତୀ କ୍ରୀଡ଼ାବିତ୍‌ମାନଙ୍କୁ ପୁରସ୍କୃତ କରିଥିଲେ। ପ୍ରତିଯୋଗିତାରେ ରାଜ୍ୟର ଭାରୋତ୍ତୋଳିକାମାନେ ପ୍ରତ୍ୟେକ ବର୍ଗରେ ଚମତ୍କାର ପ୍ରଦର୍ଶନ କରି ଓଡ଼ିଶାକୁ ଗର୍ବିତ କରିଛନ୍ତି ଏବଂ ଆଗାମୀ ଦିନରେ ଆହୁରି ଭଲ ପ୍ରଦର୍ଶନ କରିବେ ବୋଲି ଶୈଳେନ୍ଦ୍ର ଆଶାବ୍ୟକ୍ତ କରିଥିଲେ। ''ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଓଡ଼ିଶା ଭାରୋତ୍ତୋଳନ ସଂଘର ସହଯୋଗ ଫଳରେ ଏହି ପ୍ରତିଯୋଗିତା ସଫଳତାର ସହିତ ଆୟୋଜନ ହୋଇଛି। ତେଣୁ ମୁଁ ଭାରତୀୟ ଭାରୋତ୍ତୋଳନ ଫେଡେରେଶନ୍ ପକ୍ଷରୁ ଧନ୍ୟବାଦ ଜଣାଉଛି। ଓଡ଼ିଶା ସରକାର ଭାରୋତ୍ତୋଳନର ଉନ୍ନତି ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି, ଯାହାର ସୁଫଳ ଏହି ପ୍ରତିଯୋଗିତାରେ ପ୍ରତିଫଳିତ ହୋଇଛି। ଅନ୍ୟ ରାଜ୍ୟମାନେ ମଧ୍ୟ କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ବିକାଶ ପାଇଁ ଓଡ଼ିଶାର ପଦାଙ୍କ ଅନୁସରଣ କରନ୍ତୁ'' ବୋଲି ଭାରତୀୟ ଭାରୋତ୍ତୋଳନ ଫେଡେରେଶନର ସାଧାରଣ ସମ୍ପାଦକ ଆନନ୍ଦ ଗୌଡ଼ା ପ୍ରକାଶ କରିଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ଭାରୋତ୍ତୋଳନ ସଂଘର ସଭାପତି ଚିତ୍ତ ରଞ୍ଜନ ସ୍ୱାଇଁ, ସାଧାରଣ ସମ୍ପାଦକ ଅଲିମ୍ପିଆନ୍ କେ. ରବି କୁମାର ଏବଂ ଅନ୍ୟ ଅତିଥିମାନେ ଉପସ୍ଥିତ ଥିଲେ।



ପୁରସ୍କାର ସହ ମୀନା ସାନ୍ତା, ଜ୍ୟୋତ୍ସ୍ନା ଶବର ଓ ଜ୍ଞାନେଶ୍ୱରୀ ଯାଦବ।

# ସ୍କୁଲ୍ସ ଓପନ ଚେସ୍: ଆୟୁଷ ଚାମ୍ପିୟନ

**ଭୁବନେଶ୍ୱର, ୧୪।୭ (ତପନ ସ୍ୱାଇଁ)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲରେ ରବିବାର ଅନୁଷ୍ଠିତ ୫ମ ନିଶିତ ମହାନ୍ତି ସ୍ମାରକୀ ସ୍କୁଲ୍ସ ଓପନ ଚେସ୍‌ରେ କଟକ ଓଲ୍ଡ ଷ୍ଟିୱାର୍ଟ ସ୍କୁଲର ଆୟୁଷ ଆର୍ଯ୍ୟନ ମହାପାତ୍ର ଚାମ୍ପିୟନ ହୋଇଛନ୍ତି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ସେ ପୂରା ୫ ପଏଣ୍ଟ ପାଇଛନ୍ତି। ପ୍ରଭୁଜୀ ଇ.ଏମ. ସ୍କୁଲର ମନୀଷ ରଞ୍ଜନ ଦାସ ଓ ମଦର୍ସ ପବ୍ଲିକ୍ ସ୍କୁଲର ଅବିନାଶ ଆଚାର୍ଯ୍ୟ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ଉଭୟ ଖେଳାଳିଙ୍କ ବ୍ୟତୀତ ଆରିଶ ନନ୍ଦ ଗୋସ୍ୱାମୀ, ଆୟାଭନ୍ଶ ମହାନ୍ତି ଓ ଶ୍ରୀୟାଂଶ ମହାପାତ୍ର ୪ ପଏଣ୍ଟ ଲେଖାଏ ପାଇ ପଛକୁପଛ ରହିଛନ୍ତି। ୮, ୧୦, ୧୨, ୧୪ ବର୍ଷରୁ କମ୍ ଏବଂ ବାଳିକା ବିଭାଗର ଶ୍ରେଷ୍ଠ ଖେଳାଳିଙ୍କୁ ଏଜ୍ ଗ୍ରୁପ୍ ଏବଂ ୭ ପ୍ରତିଭା ସମ୍ପନ୍ନ ଖେଳାଳିଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ଖଣ୍ଡଗିରି ମଦର୍ସ ପବ୍ଲିକ୍‌ର ଆଦିତ୍ୟ ଯୁଭନ ସାହୁ (୫ ବର୍ଷ ୩ ମାସ) ସର୍ବକନିଷ୍ଠ ଖେଳାଳିଭାବେ ପ୍ରତିଯୋଗିତାରେ ଭାଗ ନେଇଥିଲେ। କେଶୁରା ପବ୍ଲିକ୍ ସ୍କୁଲର ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଭାଇସ-ପ୍ରିନ୍ସିପାଲ ପ୍ରଜ୍ଞା ପାରମିତା ସାହୁ ଓ ରାଜ୍ୟ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।



ଅତିଥିଙ୍କ ସହ କୃତୀ ପ୍ରତିଯୋଗୀମାନେ।

# ବିଶ୍ୱ ଜୁନିୟର ସ୍କ୍ୱାଶ: ଅନାହତ, ସୌର୍ଯ୍ୟ ଚତୁର୍ଥ ରାଉଣ୍ଡରେ

**ନୂଆଦିଲ୍ଲୀ, ୧୪।୭ (ପି.ଟି.):** ଭାରତର ଅନାହତ ସିଂ ଓ ସୌର୍ଯ୍ୟ ବାୱା ହ୍ୟୁଷ୍ଟନରେ ଚାଲିଥିବା ବିଶ୍ୱ ଜୁନିୟର ସ୍କ୍ୱାଶ ଚାମ୍ପିୟନଶିପ୍‌ର ଯଥାକ୍ରମେ ବାଳିକା ଓ ବାଳକ ବିଭାଗରେ ଚତୁର୍ଥ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ବର୍ତ୍ତମାନର ଜାତୀୟ ଚାମ୍ପିୟନ ଅନାହତ ତୃତୀୟ ରାଉଣ୍ଡରେ ଆମେରିକାର ସମନ୍ଥା ଜେଫିଙ୍କୁ ୧୧-୭, ୧୨-୧୦, ୧୧-୬ରେ ହରାଇ ଦେଇଛନ୍ତି। କ୍ୱାର୍ଟରଫାଇନାଲରେ ସ୍ଥାନ ପାଇଁ ସେ ଜାପାନର ଅକାରି ମିଦୋରିକାୱାଙ୍କ ସହ ମୁକାବିଲା କରିବେ।







Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ